

# ଉତ୍କଳ ପ୍ରସଙ୍ଗ

ଉତ୍କଳ ଦିବସ ବିଶେଷାଙ୍କ



Vol. XLVII No. 8 UTKAL PRASANGA Regd. No. 0-05/91
Licence No. C.R.N.P. 5—Licensed to post without Pre-payment




ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଭାରତ ସ୍ଥପତି ପରିଷଦର ବୈଠକ ଉଦ୍‌ଘାଟନ ।




ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପିପିଲି ସମୀପସ୍ଥ ଗୋବିନ୍ଦପୁର ଉଚ୍ଚ ଇଂରାଜୀ ବିଦ୍ୟାଳୟର ରୌପ୍ୟ ଜୟନ୍ତୀରେ ଭାଷଣ ଦେଉଛନ୍ତି । (୧୯-୨-୧୯୯୧)



[illegible] ଦ୍ୱାରା ଆୟୋଜିତ [illegible]
ଶ୍ରୀ [illegible]



[illegible] ସମାଜ ସଂସ୍କୃତି ସଂସ୍ଥାନ ଦ୍ୱାରା ଆୟୋଜିତ [illegible]
ଆଲୋଚନା ଚକ୍ରରେ [illegible] ଶ୍ରୀ [illegible]

# ଉତ୍କଳ ପ୍ରସଙ୍ଗ

ଚୈତ୍ର ୧୯୧୧ ଶକାବ୍ଦ ୪୭ ଭାଗ ୯ମ ସଂଖ୍ୟା ଏପ୍ରିଲ୍ ୧୯୯୧


## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର

ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ମୁଖ୍ୟ ସମ୍ପାଦକ : ଶ୍ରୀ ସତୀଶ ପାତ୍ର

ପ୍ରଚ୍ଛଦପଟ୍ଟ ..... ଶ୍ରୀ ପ୍ରଦ୍ୟୁମ୍ନ ଦାଶ



ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର ।

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଯୋଜନା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| ଉତ୍କଳ ପ୍ରଦେଶ ଗଠନରେ ଗଞ୍ଜାମର ଅବଦାନ | ଶ୍ରୀ ପ୍ରମୋଦ କୁମାର ପଣ୍ଡା | ୧ |
| ଜାତୀୟ ସ୍ୱାଭିମାନର ଅମ୍ଳାନ ଭାବମୂର୍ତ୍ତି | ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ | ୫ |
| ସର୍ବଭାରତୀୟ ସ୍ତରରେ ଓଡ଼ିଶା ଛାତ୍ରଙ୍କ ଫଳାଫଳ | ଶ୍ରୀ ସହଦେବ ସାହୁ | ୮ |
| କଳିଙ୍ଗର ପ୍ରାଚୀନ କୀର୍ତ୍ତି : ମୁଖଲିଙ୍ଗେଶ୍ୱର | ଡକ୍ଟର ହରିହର କାନୁନ୍‌ଗୋ | ୧୧ |
| ସ୍ୱତନ୍ତ୍ର ଓଡ଼ିଶାର ନିର୍ମାତା : ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି | ଡକ୍ଟର ଜଗନ୍ନାଥ ମହାନ୍ତି | ୧୬ |
| ଓଡ଼ିଶା : ଓଡ଼ିଆ : ଓଡ଼ିଆତ୍ୱ | ଶ୍ରୀ ରାଜକିଶୋର ରାୟ | ୨୦ |
| କଳାହାଣ୍ଡିର ଅର୍ଥନୈତିକ ଓ ସାମାଜିକ ଜୀବନ | ଶ୍ରୀ ମୋହିତ ମୋହନ ମହାପାତ୍ର | ୨୨ |
| ଭାରତୀୟ ରାଜନୀତିରେ ଡଃ ଆମ୍ବେଦକରଙ୍କ ଭୂମିକା | ଡକ୍ଟର ଅତୁଲଚନ୍ଦ୍ର ପ୍ରଧାନ | ୨୫ |
| ଉତ୍କଳ ଗୌରବ ମଧୁସୂଦନ ଓ ଓଡ଼ିଶା | ଶ୍ରୀ ଉପେନ୍ଦ୍ରନାଥ ହୋତା | ୨୬ |
| କଳିଙ୍ଗର ଗୌରବମୟ ଐତିହ୍ୟ | ଅଧ୍ୟାପକ ବସନ୍ତ କୁମାର ମଲ୍ଲିକ | ୩୦ |
| ଉତ୍କଳ ଲକ୍ଷ୍ମୀରେ ଜାତୀୟ ଭାବଧାରାର ସାର୍ଥକ ଦିଗ୍‌ଦର୍ଶନ | ଶ୍ରୀ ରାଜାରାମ ମେହେର | ୩୨ |
| ସକାଳ ଗାଡ଼ିରୁ ତୁମେ ଓହ୍ଲାଇବା ପରେ | ପ୍ରହରାଜ ସତ୍ୟନାରାୟଣ ନନ୍ଦ | ୩୪ |
| ଉତ୍କଳମଣି | ଜୀବନକୃଷ୍ଣ ପାଢ଼ୀ | ୩୬ |
| ନୂଆ ସରକାର – ନୂଆ ଯୋଜନା | ଶୁଭଲକ୍ଷ୍ମୀ ମହାନ୍ତି | ୩୮ |
| ଓଡ଼ିଶା | ବିଜୟିନୀ ଦାସ | ୪୧ |
| ମୋ ବେଳର କଟକ ଓ ମୁଁ | ପ୍ରଫେସର ଡକ୍ଟର ଗୌରାଙ୍ଗ ଚରଣ ନାୟକ | ୪୩ |
| ସାର୍ଥକ ସ୍ୱପ୍ନ | .. | ୪୯ |
| ସମ୍ବାଦ ପରିକ୍ରମା | .. | ୫୨ |
| ଜିଲ୍ଲା ପରିକ୍ରମା | .. | ୫୮ |
| ଉତ୍କଳୀୟ ଲୋକନାଟ୍ୟ ପରମ୍ପରାରେ ଶ୍ରୀରାମ ଲୀଳା | ଶ୍ରୀ ରାଧାନାଥ ଦାସ | ୬୧ |



# ଉତ୍କଳ ଦିବସ ଉପଲକ୍ଷେ ରାଜ୍ୟପାଳଙ୍କ ବାର୍ତ୍ତା

୧୯୩୬ ମସିହା ଅପ୍ରେଲ ୧ ତାରିଖରେ, ଭାରତ ବିଦେଶୀ ଶାସନାଧୀନ ଥିବା ସମୟରେ, ଓଡ଼ିଶା ରାଜନୈତିକ ଓ ପ୍ରଶାସନିକ ଦୃଷ୍ଟିରୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ପାଇଲା ।

ଏହା ଏକ ଐତିହାସିକ ଘଟଣା ଏବଂ ଏହି ଘଟଣାର ସଂସ୍ମରଣ ପ୍ରତିବର୍ଷ ଆମ ମନରେ ଆନନ୍ଦ ଭରିଦିଏ ।


ଓଡ଼ିଶା କେବଳ ଏକ ରାଜନୈତିକ ପ୍ରଦେଶ ନୁହେଁ, ଏହାର ଏକ ସଂସ୍କୃତିକ ସତ୍ତା ରହିଛି । ସଂସ୍କୃତିକ ଓଡ଼ିଶାର ଇତିହାସ ଶତାବ୍ଦୀ ଶତାବ୍ଦୀ ଧରି ପରିବ୍ୟାପ୍ତ । ସାରଳା ଦାସ, ଜଗନ୍ନାଥ ଦାସ, ଜୟଦେବ, ବିଶ୍ୱନାଥ କବିରାଜ, ଉପେନ୍ଦ୍ର ଭଞ୍ଜ, ବଳଦେବ ରଥ, ଭୀମ ଭୋଇ ଏବଂ ଅନ୍ୟାନ୍ୟ ଅନେକ, ସଂସ୍କୃତିକ ଓଡ଼ିଶାର ନିର୍ମାତା । ସାହିତ୍ୟ ଓ କଳା, ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟ, ନୃତ୍ୟ ଓ ସଙ୍ଗୀତ, ଆଧ୍ୟାତ୍ମିକତା ଏବଂ ସାମୁହିକ ଦୃଷ୍ଟିରେ ଓଡ଼ିଶାର ଐତିହ୍ୟ ସମୁନ୍ନତ ।

୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ଗଠନର ପ୍ରଶାସନିକ ସ୍ୱାତନ୍ତ୍ର୍ୟ ଆଜିର ଉତ୍ସବରେ ସ୍ମରଣ କରିବା ବେଳେ ଆମେ ଉତ୍କଳୀୟ ଭାବବୃତ୍ତିର ଅବ୍ୟାହତ ସଂସ୍କୃତିକ ପ୍ରବାହ ସମ୍ପର୍କରେ ସଚେତନ ହେବା ଆବଶ୍ୟକ । ସୁରେନ୍ଦ୍ର ସାଏ, ବକ୍ସିଜଗବନ୍ଧୁ, ସୁଭାଷ ବୋଷ, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଏବଂ ତାଙ୍କର ସ୍ମୃତି ସଖାଙ୍କର ଓଡ଼ିଶା ଗଠନ ନିମନ୍ତେ ଅବଦାନ ତଥା ସେମାନଙ୍କର ସାହସ ଓ ଉତ୍ସର୍ଗୀକୃତ ମନୋଭାବ ଆମେ ସ୍ମରଣ କରିବା ଉଚିତ୍ । ଇତିହାସରେ ଯେଉଁସବୁ ମୁକ୍ତି ସଂଗ୍ରାମୀଙ୍କର ନାମ ଲିପିବଦ୍ଧ ହୋଇପାରି ନାହିଁ ଅଥଚ ଯେଉଁମାନେ ଆତ୍ମୋତ୍ସର୍ଗ ଓ ତ୍ୟାଗ ଦ୍ୱାରା ଜାତି ଗଠନ କ୍ଷେତ୍ରରେ ଭାସ୍ୱର ଭୂମିକା ଗ୍ରହଣ କରିଛନ୍ତି, ସେମାନଙ୍କୁ ଆମେ ନିଶ୍ଚିତ ଭାବେ ଆଜି ସ୍ମରଣ କରିବା ।

ଅନ୍ୱେଷଣ ଓ ନବୀକରଣ, ଦୁଃସାହସ ଏବଂ ଉଦ୍ଧରଣ, ସୃଜନଶୀଳତା ଓ ସମୁନ୍ନତିର ମନୋବୃତ୍ତି ସୁସଂଚଳିତ, ଅବ୍ୟାହତ ଏବଂ ବ୍ୟାପକ ହେବା ଉଚିତ ।

ଏହି ସ୍ମରଣୀୟ ଦିବସରେ ମୁଁ ପ୍ରତ୍ୟେକ ନରନାରୀ, ପ୍ରତ୍ୟେକ ଶିଶୁ, ଓଡ଼ିଶାର ପ୍ରତ୍ୟେକ ପ୍ରଶଂସକଙ୍କୁ ମୋର ଅଭିନନ୍ଦନ ଜଣାଉଛି ।

**ଯଜ୍ଞଦତ୍ତ ଶର୍ମା**



# ଓଡ଼ିଶା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଅପ୍ରେଲ ପହିଲା ଦିନ ପାଳିତ ହେଉଥିବା ଓଡ଼ିଶା ଦିବସ ଉପଲକ୍ଷେ ରାଜ୍ୟବାସୀ ପ୍ରିୟ ଭାଇ ଭଉଣୀମାନଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଓଡ଼ିଶା ଇତିହାସରେ ଅପ୍ରେଲ ପହିଲା ଏକ ମହାନ୍ ଓ ପବିତ୍ର ଦିବସ । ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକରେ ବହୁକାଳ ଧରି ବିଭିନ୍ନ ରାଜ୍ୟର ଶାସନାଧୀନ ରହିଲା ପରେ ୧୯୩୬ ମସିହା ଅପ୍ରେଲ ପହିଲା ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆତ୍ମପ୍ରକାଶ କରିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆମର ଯେଉଁ ପୂର୍ବ ସୂରୀମାନେ ଅସୀମ ତ୍ୟାଗ ସ୍ୱୀକାର କରିଛନ୍ତି, ସେମାନେ ଓଡ଼ିଆ ଜାତିର ଚିର ନମସ୍ୟ । ମୁଁ ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, କଳା, ଭାସ୍କର୍ଯ୍ୟ ଓ ଜ୍ଞାନ ବିଜ୍ଞାନକୁ ସମୃଦ୍ଧ କରିବାରେ ଯେଉଁମାନେ ବହୁମୂଲ୍ୟ ଅବଦାନ ଦେଇଛନ୍ତି, ସେମାନଙ୍କ ପ୍ରତି ମଧ୍ୟ ଶ୍ରଦ୍ଧାଞ୍ଜଳୀ ଜଣାଉଛି ।

ଇତିହାସର ପୃଷ୍ଠାରୁ ଜଣାପଡ଼େ ଯେ ଓଡ଼ିଆ ଜାତି ଏକ ଦୁର୍ଦ୍ଧର୍ଷ ଓ ବୀର ଜାତି ଥିଲା । ଓଡ଼ିଶାର ବୀର ପାଇକ ବାହିନୀ ରାଜ୍ୟ ଜୟ କରି ଓଡ଼ିଶାର ସୀମାକୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ କରିଥିଲେ । ଓଡ଼ିଆ ସାଧବ ପୁଅ ସାତ ସମୁଦ୍ର ତେର ନଈ ପାରି ହୋଇ ସୁଦୂର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ପ୍ରଭୃତି ଦେଶରେ ବେପାର ବଣିଜ କରି ଓଡ଼ିଶା ରାଜ୍ୟକୁ ବିଭବଶାଳୀ ଓ ସମୃଦ୍ଧ କରି ପାରିଥିଲେ ଏବଂ କଳିଙ୍ଗ ସାମ୍ରାଜ୍ୟ ବିସ୍ତାର କରି ଏହାର ସଂସ୍କୃତିର ପ୍ରସାର କରିଥିଲେ । ଓଡ଼ିଶାର ବହୁ ପ୍ରାଚୀନ କୀର୍ତ୍ତି ସେ ସମୟର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ମୂକସାକ୍ଷୀ ହୋଇ ଏବେ ମଧ୍ୟ ରହିଛି । ଏହି ଓଡ଼ିଶା ମାଟିରେ ପ୍ରବଳ

ପ୍ରତାପୀ ଅଶୋକ ତରବାରୀ ତ୍ୟାଗ କରି ଶାନ୍ତି ଓ ଅହିଂସା ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ ଏବଂ ପୃଥିବୀର ବହୁ ଅଞ୍ଚଳରେ ଶାନ୍ତି ଓ ଅହିଂସାର ମନ୍ତ୍ର ପ୍ରଚାର କରିଥିଲେ । ଆମର ଜଗନ୍ନାଥ ସଂସ୍କୃତି ଏବେ ମଧ୍ୟ ସାରା ବିଶ୍ୱକୁ ବିଶ୍ୱ ଭ୍ରାତୃତ୍ୱ ଓ ସମତାର ବାଣୀରେ ଉଦ୍‌ବୁଦ୍ଧ କରୁଛି । କିନ୍ତୁ ଦୁଃଖର କଥା, ବିପୁଳ ପ୍ରାକୃତିକ ସମ୍ପଦରେ ଭରପୂର ଥାଇ ମଧ୍ୟ ଓଡ଼ିଶା ଆଜି ଭାରତର ଅନ୍ୟତମ ଅନଗ୍ରସର ଓ ଦରିଦ୍ର ରାଜ୍ୟ ରୂପେ ପରିଚିତ । ଆମକୁ ଏହି ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଓଡ଼ିଆ ଜାତିର ପୂର୍ବ ଗର୍ବ ଓ ଗୌରବକୁ ପୁଣି ଥରେ ପ୍ରତିଷ୍ଠା କରିବାକୁ ହେବ ।

ଇତିହାସରୁ ପ୍ରମାଣ ମିଳେ ଯେ ବିଗତ ଦ୍ୱିତୀୟ ମହାଯୁଦ୍ଧର ବିଭୀଷିକା ମଧ୍ୟରୁ ଜାପାନ ଓ ଜର୍ମାନୀ ଭଳି ରାଷ୍ଟ୍ର ଆତ୍ମପ୍ରକାଶ କରି ପୃଥିବୀର ଅନ୍ୟତମ ଶ୍ରେଷ୍ଠ ଓ ଶକ୍ତିଶାଳୀ ରାଷ୍ଟ୍ର ରୂପେ ମୁଣ୍ଡ ଟେକି ପାରିଛନ୍ତି । ଏହା ସମ୍ଭବ ହୋଇଛି କଠୋର ପରିଶ୍ରମ ଓ ପ୍ରଗାଢ଼ ଅଧ୍ୟବସାୟ ଯୋଗୁଁ । ଆମର ପୂର୍ବ ପୁରୁଷମାନେ ଖୁବ୍ ସାହସୀ, ବୁଦ୍ଧିମାନ ଓ ପରିଶ୍ରମୀ ଥିଲେ । ଆଜି ଆମକୁ ନିଜ ଭିତରେ ଥିବା ସଂକୀର୍ଣ୍ଣ ସ୍ୱାର୍ଥ ଓ ମତଭେଦକୁ ପରିହାର କରି ସମଗ୍ର ରାଜ୍ୟର ଶକ୍ତିକୁ ଏକଜୁଟ କରିବାକୁ ହେବ । ସୁତରାଂ ଆଜିର ଏହି ପବିତ୍ର ଦିବସରେ ମୁଁ ପୁଣି ଥରେ ଆହ୍ୱାନ ଦେବାକୁ ଚାହେଁ ଯେ ସମସ୍ତେ ଏକ ମନ, ଏକ ପ୍ରାଣ ହୋଇ ପ୍ରାଚୀନ ଓଡ଼ିଶାର ଗର୍ବ, ଗୌରବ ଓ ସ୍ୱାଭିମାନ ପ୍ରତିଷ୍ଠା କରିବାକୁ ଅଣ୍ଟାଭିଡ଼ି ବାହାରି ପଡ଼ନ୍ତୁ । ଓଡ଼ିଶା ଦିବସ ପାଳନ ଅବସରରେ ରାଜ୍ୟବାସୀ ଏହି ସଂକଳ୍ପ ଗ୍ରହଣ କରନ୍ତୁ ।

## ସମ୍ପାଦକୀୟ

### ।। ଓଡ଼ିଶା ଦିବସ ଏବଂ ଓଡ଼ିଆ ନବବର୍ଷର ଅନୁଚିନ୍ତା ।।

ଅପ୍ରେଲ ପହିଲା ଦିବସଟି ଓଡ଼ିଶାବାସୀଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ୧୯୩୬ ମସିହାର ଏହି ପବିତ୍ର ଦିବସରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ।

ପ୍ରତ୍ୟେକ ଓଡ଼ିଶାବାସୀଙ୍କ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରି ମାତୃଭୂମିର ସ୍ୱାତନ୍ତ୍ର୍ୟ ଆଣିବାରେ ଯେଉଁମାନେ ମୁଖ୍ୟ ଭୂମିକା ନେଇଥିଲେ ସେହି ପୂର୍ବ ସୁରୀମାନଙ୍କୁ ସ୍ମରଣ କରି, ସେମାନଙ୍କ ସ୍ମୃତିଚାରଣ ଅବସରରେ ମାତୃଭୂମି ଓ ମାତୃଭାଷା ପ୍ରତି ମମତା ଜାଗ୍ରତ କରିବା ହିଁ ଆଜିର ଅନୁଚିନ୍ତା ।

ଆମର ଅତୀତ ଗୌରବମୟ ଇତିହାସ । ସାତ ସମୁଦ୍ର ପାରହୋଇ ଓଡ଼ିଆ ପୁଅ ବାଣିଜ୍ୟ କ୍ଷେତ୍ରରେ ଦେଶ ବିଦେଶରେ ସୁନାମ ଅର୍ଜନ କରି ଧନ ରତ୍ନ ବୋହି ଆଣୁଥିଲା ।ଚଣ୍ଡାଶୋକ ଏହି ପବିତ୍ର ମାଟିରେ ଧର୍ମାଶୋକରେ ପରିଣତ ହୋଇ ଅହିଂସା ମନ୍ତ୍ରର ବୀଜ ବପନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ଜାତି ସବୁବେଳେ ପଥ ପ୍ରଦର୍ଶକ ହୋଇ ଗୌରବ ଅର୍ଜନ କରିପାରିଛି । ସେ ଅବସ୍ଥା ଆଜି ବଦଳି ଯାଇଛି । ଭାରତବର୍ଷର ଅଗ୍ରଗାମୀ ରାଜ୍ୟ କଳିଙ୍ଗ ଆଜି ଦେଶର ଅନ୍ୟତମ ଦରିଦ୍ର ରାଜ୍ୟ । ଏହି ଅବସ୍ଥାର ପରିବର୍ତ୍ତନ କରି ଓଡ଼ିଶାବାସୀଙ୍କ ମନରେ ସ୍ୱାଭିମାନ ଜାଗ୍ରତ କରିବା ପାଇଁ ଆମର ବରେଣ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଆମର ବିପୁଳ ପ୍ରାକୃତିକ ସମ୍ପଦ ଓ ଜନଶକ୍ତିର ଉପଯୁକ୍ତ ବିନିଯୋଗ କରି ଓଡ଼ିଶାକୁ ଭାରତର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ବର୍ତ୍ତମାନର ସରକାର ପ୍ରତିଜ୍ଞାବଦ୍ଧ । ଏଥିପାଇଁ ଆବଶ୍ୟକ, ଅକୁଣ୍ଠ ଜନ ସହଯୋଗ ଓ ନିଃସ୍ୱାର୍ଥପର, ନିଷ୍ପାପର ଉଦ୍ୟମ ।

ପଣା ସଂକ୍ରାନ୍ତି ବା ଓଡ଼ିଆ ନବବର୍ଷ ମଧ୍ୟ ଏହି ଅପ୍ରେଲ ମାସରେ ପଡ଼ୁଛି । ଅତଏବ୍ ପବିତ୍ର ଉତ୍କଳ ଦିବସ ଏବଂ ନବବର୍ଷରେ ମାତୃଭୂମି ଓ ମାତୃଭାଷାର ମମତା ଜାଗ୍ରତ କରି ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେବା ଆମର ପ୍ରଧାନ କର୍ତ୍ତବ୍ୟ ।

[illegible signature]









# ଉତ୍କଳ ପ୍ରଦେଶ ଗଠନରେ ଗଞ୍ଜାମର ଅବଦାନ

● ଶ୍ରୀ ପ୍ରମୋଦ କୁମାର ପଣ୍ଡା

ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ଦିଗରେ ଗଞ୍ଜାମର ଅଗ୍ରଣୀ ଭୂମିକା ଉଲ୍ଲେଖଯୋଗ୍ୟ ।

ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ପାରଳାଖେମୁଣ୍ଡି, ବ୍ରହ୍ମପୁର, ରମ୍ଭା ଆଦି ଅଞ୍ଚଳରେ ଓଡ଼ିଆ ଆନ୍ଦୋଳନର ଭିତ୍ତିଭୂମି ପ୍ରସ୍ତୁତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ଦୃଢ଼ ନେତୃତ୍ୱ ବିନା ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଘୋଷଣା ହୁଏତ ସମ୍ଭବ ହୋଇନଥାନ୍ତା । ନବ ଉତ୍କଳ ନିର୍ମାଣ ପଛରେ ଗଞ୍ଜାମବାସୀଙ୍କ ସ୍ମରଣୀୟ ଅବଦାନ ଯୁଗେ ଯୁଗେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ ଏବଂ ଭାବୀ ପିଢ଼ିଙ୍କ ପାଇଁ ଆଦର୍ଶର ପ୍ରେରଣା ନିଶ୍ଚିତ ଭାବେ ଯୋଗାଉଥିବ । ଛିନ୍ନ ବିଚ୍ଛିନ୍ନ ହୋଇ ରହିଥିବା ଦଶ ଲକ୍ଷ ଓଡ଼ିଆ ଭାଷୀଙ୍କ ଏକତ୍ରୀକରଣ ଯେତେବେଳେ କଳ୍ପନା ସୁଦ୍ଧା କରାଯାଇ ପାରୁନଥିଲା ସେତେବେଳେ ପ୍ରଥମତଃ ଭଞ୍ଜନଗର ଅଞ୍ଚଳରୁ ଅଖଣ୍ଡ ଓଡ଼ିଆ ଭାଷାଭାଷୀଙ୍କ ଏକତ୍ରୀକରଣର ସ୍ୱର ଉତ୍ତୋଳନ ହୋଇଥିଲା । ଅକ୍ଟୋବର ୧୮୭୦ରେ ସେ ଅଞ୍ଚଳ ପ୍ରଥମ ଥର ପାଇଁ ଏହି ଆନ୍ଦୋଳନକୁ ତୀବ୍ରତର କରିବାକୁ ଗଠନ କରିଥିଲା ଦଣ୍ଡପାଶ ଦେବସଭା କମିଟି ।

ଋଷିକୁଲ୍ୟା ଉତ୍ତର ପାର୍ଶ୍ୱସ୍ଥିତ ପାଲୁରୁ, ହୁମ୍ମା, ରମ୍ଭା, ବିରୁଳୀ, ପୂର୍ବଗଡ଼, ଖଲ୍ଲିକୋଟ, ଆଠଗଡ଼, ଘୁମୁସର, ଧରାକୋଟ, ସୋରଡ଼ା, ଭଗବା, କରିଡ଼ା, କଟିଙ୍ଗା, ଗଦାପୁର ଏବଂ ଋଷିକୁଲ୍ୟାର ଦକ୍ଷିଣରେ ଥିବା ବଡ଼ଗଡ଼, ଶେରଗଡ଼, ସାନଖେମୁଣ୍ଡି, ବଡ଼ଖେମୁଣ୍ଡି, ଚିକିଟି, ମହୁରୀ, ଦରତା, ସୁରଙ୍ଗୀ, ବୁଡ଼ାରସିଂ, ଜଳନ୍ତର, ମଞ୍ଜୁଷା, ତରଳା, ପାରଳା, ଟେକିଲି ପ୍ରଭୃତି ଗଡ଼ଜାତ ଅଞ୍ଚଳରେ ତେଲେଙ୍ଗୀ ଓ ପଠାଣମାନେ ସରକାରୀ ଓ ବେସରକାରୀ ସ୍ତରରେ ଆଧିପତ୍ୟ ବିସ୍ତାର କରି ଚାଲିଥିବା ଫଳରେ ସଂଖ୍ୟାଧିକ ଓଡ଼ିଆ ଦଳିତ ଓ ନିଷ୍ପେଷିତ ହୋଇ ପଡ଼ି ରହିଥିବା ଅନୁଭବ କରାଯାଇଥିଲା । ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ତଥା ଗଞ୍ଜାମ ବାସରେ ରହିଥିବା ଲୋକଙ୍କ ଅବଗତି ନିମନ୍ତେ ଉକ୍ତ କମିଟି ସଦସ୍ୟ ଶ୍ରୀ ଜନାର୍ଦ୍ଦନ ଦାସେନ ସେତେବେଳେ ଓଡ଼ିଶାରୁ ପ୍ରକାଶ ପାଉଥିବା ସାପ୍ତାହିକୀ "ଉତ୍କଳ ଦୀପିକା" ସମ୍ପାଦକଙ୍କୁ ପତ୍ର ଲେଖି ସମସ୍ତ ବିଷୟ ପ୍ରକାଶ କରିବାକୁ ନିବେଦନ କରିଥିଲେ । ସେହିଭଳି କାଟିଙ୍ଗୀ ଅଞ୍ଚଳରେ ୧୮୭୩ ମସିହା ସେପ୍ଟେମ୍ବରରେ "ଉତ୍କଳ ହିତବାଦିନୀ ସଭା" କରାଯାଇଥିଲା । କାଟିଙ୍ଗୀ ରାଜା ଶ୍ରୀ ବେଙ୍କଟେଶବେଣ୍ଡ ସଭାର ସମ୍ପାଦକ ଭାବେ ବ୍ରହ୍ମପୁରରୁ "ଉତ୍କଳ ଦୀପୀକା" ସମ୍ପାଦକଙ୍କୁ ପତ୍ର ଲେଖି ମାତୃଭାଷାରେ ସରକାରୀ କାଗଜପତ୍ର କରିବା ଓ ଉତ୍କଳ ପ୍ରଦେଶକୁ ଏକତ୍ରୀକରଣ କରି ଦଳିତ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ନିଜ ହୃଦୟର ଆବେଗକୁ ପତ୍ରିକାରେ ପ୍ରକାଶ କରିବା ପାଇଁ ପଠାଇଥିଲେ । ସେତେବେଳେ ଶ୍ରୀ କାଳୀପଦ ବନ୍ଦୋପାଧ୍ୟାୟ ବିଲାତ ଯାଇ ବ୍ରିଟିଶ୍ ସରକାରଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ଥାଏ । ଇତି ମଧ୍ୟରେ ଓଡ଼ିଆଙ୍କ ଦୁଃଖ ଦୁର୍ଦ୍ଦଶା ବର୍ଣ୍ଣନା କରି ସ୍ୱଜାତି ଲୋକଙ୍କ ଉପକାର କରିବା ପାଇଁ ଶ୍ରୀ ବନ୍ଦୋପାଧ୍ୟାୟଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ କାଟିଙ୍ଗୀ ରାଜା ଏ ପତ୍ର ଲେଖିଥିଲେ ।

ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ପରେ ପରେ ୧୫୬୮ରୁ ଓଡ଼ିଶା ଆଫଗାନ୍‌ଙ୍କ ଶାସନାଧୀନ ହୋଇ ଖଣ୍ଡ ବିଖଣ୍ଡିତ ହେବାକୁ ଲାଗିଲା । ତା' ସହିତ ଗଞ୍ଜାମ ଜିଲ୍ଲା ୧୫୭୧ରେ ପ୍ରଥମ ଗୋଲକୁଣ୍ଡା ଇବ୍ରାହିମ୍‌ଙ୍କ କରାୟତ୍ତ ହେଲା । ପ୍ରାୟ ୩୬୫ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ବିଛିନ୍ନ ହୋଇ ରହିଲା । ୧୮୦୩ରେ ମରହଟ୍ଟାଙ୍କଠାରୁ ଓଡ଼ିଶାକୁ ବ୍ରିଟିଶ୍‌ମାନେ ଛଡ଼ାଇ ନେଲେ । ସେତେବେଳେ ଓଡ଼ିଶାର ସୀମା ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଛତିଶଗଡ଼, ଉତ୍ତରରେ ମେଦିନପୁର–ବୀରଭୂମି ଏବଂ ଦକ୍ଷିଣରେ ଚିଲିକା ଓ ଗଞ୍ଜାମ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା । ଓଡ଼ିଆ ଭାଷୀ ଭୂଖଣ୍ଡକୁ ବ୍ରିଟିଶ୍ ଶାସକମାନେ ରାଜନୈତିକ ବିଭାଜନ କରି ବିହାର, ବଙ୍ଗଳା, ମାନ୍ଦ୍ରାଜ୍ ଓ ମଧ୍ୟପ୍ରଦେଶରେ ସାମିଲ କରିଦେଲେ । ଫଳରେ ପ୍ରବଳ ପରାକ୍ରମୀ ଓଡ଼ିଆ ଜାତିର ଐକ୍ୟ ବିପନ୍ନ ହେଲା । ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜ୍ ପ୍ରେସିଡେନ୍‌ସିରେ ରହିଲା । ନ'ଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଆ ଭାଷା ଆନ୍ଦୋଳନ ଚାଲିଥିଲା ବେଳେ ବିଚ୍ଛିନ୍ନ ଗଞ୍ଜାମ ଜିଲ୍ଲାର ତେଲେଙ୍ଗୀ ବିରୋଧୀ ଜାଗରଣ ମୁଣ୍ଡ ଟେକିଥିଲା । ଗଞ୍ଜାମ ଜିଲ୍ଲାରୁ ବାରମ୍ବାର ମାନ୍ଦ୍ରାଜ୍ ସରକାରଙ୍କୁ ଚେତାଇ ଦିଆଯାଉଥିଲା ଯେ, ଏଠାରେ ୩ ଭାଗ ଓଡ଼ିଆ ଭାଷୀ ରହିଥିଲେ

ମଧ୍ୟ, ତେଲୁଗୁ ଭାଷା ଓ ଶିକ୍ଷାକୁ ସରକାରୀ ଭାବେ ଗ୍ରହଣ କରାଯାଉଛି । ୧୯୦୩ରେ ପାରଳାକିମିଡ଼ି ଠାରେ ଉତ୍କଳ ହିତୈଷିଣୀ ସମାଜ ସ୍ଥାପନ କରାଯାଇଥିଲା । ଏହା ମାଧ୍ୟମରେ ଓଡ଼ିଆଙ୍କ ସମସ୍ୟାକୁ ମାନ୍ଦ୍ରାଜ ସରକାରଙ୍କଠାରେ ଉପସ୍ଥାପନ କରାଯାଇଥିଲା । ମାନ୍ଦ୍ରାଜ ସରକାର ବାଧ୍ୟ ହୋଇ ଗଞ୍ଜାମରେ ଥିବା କୋର୍ଟ କଚେରୀରେ ତେଲୁଗୁ ସହିତ ଓଡ଼ିଆ ଭାଷା ମଧ୍ୟ ପ୍ରଚଳିତ କରିବାକୁ ଘୋଷଣା କଲେ । କିନ୍ତୁ ସମ୍ବଲପୁରରେ ଓଡ଼ିଆ ପରିବର୍ତ୍ତେ ହିନ୍ଦି ଭାଷା ପ୍ରଚଳନ ନିର୍ଦ୍ଦେଶ ଗଞ୍ଜାମବାସୀଙ୍କୁ ବିଶେଷ ମର୍ମାହତ କରିଥିଲା । ୧୯୦୦ ମସିହା ବେଳକୁ ଓଡ଼ିଆ ଆନ୍ଦୋଳନ ଭାଇଜାଗପଟମ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା । ଜୟପୁର ରାଜା ବିକ୍ରମ ଦେବ ବର୍ମା ଓଡ଼ିଆ ସମାଜ (**Oriya Society**) ନାମରେ ଏକ ସାଂସ୍କୃତିକ ସଙ୍ଗଠନ ପ୍ରତିଷ୍ଠା କରି ଓଡ଼ିଆଙ୍କ ସମସ୍ୟା ସମାଧାନ ଦିଗରେ ଚେଷ୍ଟିତ ଥିଲେ । ସେ ନିଜେ ଓଡ଼ିଆ ନାଟକ ମଞ୍ଚସ୍ଥ କରାଇ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କରିଥିଲେ ।

୧୯୦୨ରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ସହିତ ସ୍ୱତନ୍ତ୍ର ଉତ୍କଳ ରାଜ୍ୟ ଗଠନ ତଥା ଓଡ଼ିଆ ଭାଷାର ପ୍ରଚଳନ ଲକ୍ଷ୍ୟ ନେଇ ବ୍ରହ୍ମପୁରଠାରେ "ଓଡ଼ିଆ ଜାତୀୟ ସମିତି" ଗଠନ କରିଥିଲେ । ୧୯୦୩ ମସିହା ଜାନୁଆରୀ ମାସରେ ଏହାର ପ୍ରଥମ ଅଧିବେଶନ ରମ୍ଭାଠାରେ ଖଲ୍ଲିକୋଟ ରାଜା ସାହେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମଧୁସୂଦନ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରମୁଖ ଯୋଗ ଦେଇଥିଲେ । ଏହା ଥିଲା ଓଡ଼ିଆ ଆନ୍ଦୋଳନର ଭିତ୍ତିଭୂମି । ସେ ସମ୍ମିଳନୀରୁ ଫେରିବା ପରେ ମଧୁବାବୁ କାର୍ଯ୍ୟକ୍ରମ ବ୍ୟାପକ କରିବା ନେଇ ୧୯୦୩ ଡିସେମ୍ବର ୩୦ ଓ ୩୧ ତାରିଖରେ କଟକଠାରେ ଯେଉଁ ଉତ୍କଳ ସମ୍ମିଳନୀ ସଭା ବସାଇଥିଲେ, ତାହା ହେଉଛି ଗଞ୍ଜାମ ଜାତୀୟ ସମିତିର ସମ୍ପ୍ରସାରିତ ରୂପ ମାତ୍ର (ଉତ୍କଳ ସଭା) । ଏଥିରେ ବଙ୍ଗଳା, ମାନ୍ଦ୍ରାଜ, ବିହାର ଓ ମଧ୍ୟପ୍ରଦେଶର ୩୩୬ ଜଣ ଓଡ଼ିଆ ପ୍ରତିନିଧି ଯୋଗ ଦେଇଥିଲେ । ଉତ୍କଳ ଗୌରବ ମଧୁସୂଦନଙ୍କ ସାଙ୍ଗଠନିକ ଦକ୍ଷତା ବଳରେ ଉତ୍କଳ ସମ୍ମିଳନୀର ୩୮ଟି ଶାଖା ଓ ନିର୍ବାଚନୀୟ ଶାଖା ଗଠିତ ହୋଇଥିଲା । କେନ୍ଦ୍ରୀୟ କମିଟି ଆନୁକୂଲ୍ୟରେ ୧୯୨୦ ସୁଦ୍ଧା ୧୬ଟି ଅଧିବେଶନ ଓ ତୋଟିଏ ବିଶେଷ ଅଧିବେଶନ ହୋଇଥିଲା । ଅଧିବେଶନଗୁଡ଼ିକରେ ଗଞ୍ଜାମ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ୧୯୦୫ ଦ୍ୱିତୀୟ ଅଧିବେଶନ ଖଲ୍ଲିକୋଟ ରାଜାଙ୍କ ସଭାପତିତ୍ୱରେ, ୧୯୦୭ରେ ଚତୁର୍ଥ ଅଧିବେଶନ ବଡ଼ଖେମୁଣ୍ଡି ରାଜା ସାହେବଙ୍କ ପୃଷ୍ଠପୋଷକତାରେ ବ୍ରହ୍ମପୁରଠାରେ, ୧୯୦୮ ମସିହାରେ ପଞ୍ଚମ ଅଧିବେଶନ ସୁରଙ୍ଗୀ ରାଜାଙ୍କ ସଭାପତିତ୍ୱରେ, ୧୯୧୨ ମସିହାରେ ଅଷ୍ଟମ ଅଧିବେଶନ (ବ୍ରହ୍ମପୁର) ସୁରଙ୍ଗୀ ରାଜାଙ୍କ ସଭାପତିତ୍ୱରେ, ୧୯୧୪ ମସିହାରେ ୧୦ମ ଅଧିବେଶନ (ପାରଳାଖେମୁଣ୍ଡି) ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ସଭାପତିତ୍ୱରେ ହୋଇଥିଲା । ଏ ସବୁ ସମ୍ମିଳନୀରେ ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ଫଳପ୍ରଦ ଆଲୋଚନା ହୋଇଥିଲା । ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପ୍ରାୟ ୫୦ ହଜାର ଟଙ୍କା ଖର୍ଚ୍ଚ କରି ୧୦ମ ଅଧିବେଶନ କରାଇଥିଲେ । ୧୯୧୭ ବିଶେଷ ଅଧିବେଶନରେ ଓଡ଼ିଆ ସାହିତ୍ୟର ଅନ୍ୟତମ ସ୍ରଷ୍ଟା ଫକୀର ମୋହନଙ୍କ ସଭାପତିତ୍ୱ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଥିଲା । ଓଡ଼ିଆ ଭାଷା ସପକ୍ଷରେ ଫକୀର ମୋହନଙ୍କ ଓଜସ୍ୱିନୀ ବକ୍ତୃତା ଉତ୍କଳବାସୀଙ୍କୁ ବିଶେଷ ଉତ୍ସାହିତ କରିଥିଲା । ୧୯୧୮ ବିଶେଷ ଅଧିବେଶନରେ ମଧୁସୂଦନ ସଭାପତିତ୍ୱ କରିବା ପରେ ଭୁଲ ବୁଝାମଣା ଯୋଗୁଁ ସେ ଏକ ପ୍ରକାର ଓଡ଼ିଆ ଆନ୍ଦୋଳନରୁ ଓହରି ଯାଇଥିଲେ । ୧୯୧୯ ଚତୁର୍ଦ୍ଦଶ ଅଧିବେଶନରୁ ଉତ୍କଳମଣି ଗୋପବନ୍ଧୁ ଉତ୍କଳ ସମ୍ମିଳନୀ କାର୍ଯ୍ୟଭାର ଆଗେଇ ନେଇଥିଲେ । ଏହି ସମୟରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନକ୍ରମେ ଗୋପବନ୍ଧୁ ବ୍ରିଟିଶ୍ ସରକାର ବିରୁଦ୍ଧରେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ପାଇଁ ନେତୃତ୍ୱ ନେଇଥାନ୍ତି । ୧୯୨୨ରେ ସେ ଏହି ଆନ୍ଦୋଳନରେ ଜେଲ୍ ଗଲେ । ଫଳରେ ଉତ୍କଳ ସମ୍ମିଳନୀର କାର୍ଯ୍ୟକ୍ରମ ଶିଥିଳ ପଡ଼ିଗଲା । ଏଥିରେ ବିଶେଷ ମର୍ମାହତ ହୋଇ ଶଶିଭୂଷଣ ରଥ ୧୯୨୩ ଫେବୃଆରୀରେ "ଆଶା" ସମ୍ବାଦପତ୍ର କାର୍ଯ୍ୟାଳୟରେ ଏକ ବୈଠକ ଡକାଇଥିଲେ । ଉତ୍କଳ ସମ୍ମିଳନୀ ଅଧିବେଶନ ଶୀଘ୍ର କରିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହେଲା । ୧୯୨୪ରେ ଉତ୍କଳ ସମ୍ମିଳନୀର ସ୍ଥାୟୀ କମିଟି ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଗୋପବନ୍ଧୁ ସମ୍ମିଳନୀରୁ ଇସ୍ତଫା ଦେଇ କଂଗ୍ରେସ କାର୍ଯ୍ୟକ୍ରମରେ ସାମିଲ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଲେ ।

୧୯୧୩ ମସିହାରେ ଗାଦି ହାସଲ କରିବା ପରେ ମହାନ୍ ଦେଶ ଭକ୍ତ ଓଡ଼ିଆ ପ୍ରେମୀ ତଥା ଲୋକପ୍ରିୟ ନେତା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱରେ ୧୯୧୪ ମସିହାରେ ପାରଳାଠାରେ ଉତ୍କଳ ସମ୍ମିଳନୀ ଅଧିବେଶନ ହୋଇଥିଲା । ପିତା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ କକା ପଦ୍ମନାଭ ଦେବ ପୂର୍ବରୁ ଉତ୍କଳ ସମ୍ମିଳନୀ ତଥା ଓଡ଼ିଆ ଆନ୍ଦୋଳନ ସହିତ ବିଶେଷ ଭାବେ ସମ୍ପୃକ୍ତ ଥିଲେ । ଉଭୟଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କୃଷ୍ଣଚନ୍ଦ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସକଳ ତ୍ୟାଗ ସ୍ୱୀକାର ପାଇଁ ସଙ୍କଳ୍ପ ନେଲେ । ଏଥିପାଇଁ ସେ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ଲକ୍ଷ୍ୟ ରଖିଥିଲେ । ୧୯୨୦ରେ ଗଞ୍ଜାମ ଜିଲ୍ଲାର ଓଡ଼ିଆ ପ୍ରମୁଖ ଆନୁକୂଲ୍ୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ କାର୍ଯ୍ୟପନ୍ଥା ସ୍ଥିର ହୋଇଥିଲା । ୧୯୨୪ରେ ଯେତେବେଳେ "ଫିଲିପ୍ ଡଫ୍ କମିଟି" ଜନମତ ସଂଗ୍ରହ ଉଦ୍ଦେଶ୍ୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କଲେ କୃଷ୍ଣଚନ୍ଦ୍ର ସେତେବେଳେ ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ବନ୍ଧୀୟ ବିଭିନ୍ନ ଯୁକ୍ତି ଅକାଟ୍ୟ ପ୍ରମାଣ ସହ ପାରଳାଠାରେ ବର୍ଣ୍ଣନା କଲେ । ଏଥିରେ କମିଟି ପ୍ରଭାବିତ ହୋଇ ଓଡ଼ିଆଙ୍କ ପ୍ରକୃତରେ ଅବିଚାର କରାଯାଉଥିବା ହୃଦୟଙ୍ଗମ କରି ଓଡ଼ିଆଙ୍କ ସପକ୍ଷରେ ମତ ପୋଷଣ କରିଥିଲେ । ପରବର୍ତ୍ତୀ କାଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ଏହା ବିଶେଷ ସହାୟକ ହୋଇଥିଲା ।

ସାଇମନ୍ କମିଶନଙ୍କ ଭାରତ ଗସ୍ତ କାଳରେ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସାଇମନଙ୍କୁ ବର୍ଜନ କରାଯାଇ ସର୍ବ

ସଂଯୋଗ କରାଯିବାକୁ ନିଷ୍ପତ୍ତି ନିଆଗଲା । କିନ୍ତୁ କୃଷ୍ଣଚନ୍ଦ୍ର ଏହି ନିଷ୍ପତ୍ତିକୁ ଅବମାନନା କରି ଓଡ଼ିଆଙ୍କ ସପକ୍ଷରେ କମିଶନଙ୍କ ଆଗରେ ସାକ୍ଷ୍ୟ ପ୍ରମାଣ ଦେଲେ । ଶଶିଭୂଷଣ ରଥ ମଧ୍ୟ ସାକ୍ଷ୍ୟ ଦେଇ ଓଡ଼ିଆ ଭାଷୀ ଏକତ୍ରୀକରଣ ପାଇଁ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ ।

ଭାରତରେ ଆଇନ ଅମାନ୍ୟ ଆନ୍ଦୋଳନ ଯୋଗୁଁ ଏହାର ସବୁ ସମାଧାନ ପନ୍ଥା ବାହାର କରିବା ନେଇ ବ୍ରିଟିଶ୍ ସରକାର ୧୯୩୦ ନଭେମ୍ବର ୧୨ରେ ଗୋଲ୍‌ଟେବୁଲ୍ ବୈଠକ ଡକାଇଥିଲେ । ଏହା ଜାନୁଆରୀ ୧୯, ୧୯୩୧ ଯାଏଁ ଚାଲିଥିଲା । ବିହାର-ଓଡ଼ିଶା ସରକାର ମହାରାଜାଙ୍କୁ ପ୍ରତିନିଧି ଭାବେ ଲଣ୍ଡନ ପଠାଇବାରୁ ଓଡ଼ିଆମାନେ ଆନନ୍ଦିତ ହୋଇଥିଲେ । କିନ୍ତୁ ମହାରାଜା ଲଣ୍ଡନରେ ପହଞ୍ଚିଲା ବେଳେ ସଭାର କାର୍ଯ୍ୟସୂଚୀ ପ୍ରସ୍ତୁତି ସରିଥାଏ । ଓଡ଼ିଶା ବିଷୟ ଆଲୋଚନା କାର୍ଯ୍ୟସୂଚୀରେ ସ୍ଥାନ ପାଇନଥାଏ । ତତ୍‌କ୍ଷଣାତ୍ ମହାରାଜା ବ୍ରିଟିଶ୍ ପ୍ରଧାନମନ୍ତ୍ରୀଙ୍କୁ ଓ ଗୋଲ୍‌ଟେବୁଲ୍ ବୈଠକ ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ଓଡ଼ିଶା ବିଷୟରେ କହିବାକୁ ସୁଯୋଗ ଦେବା ଲାଗି ଅନୁମତି ଲୋଡ଼ିଥିଲେ । ଗୋଲ୍‌ଟେବୁଲ୍ ବୈଠକ ଅଧ୍ୟକ୍ଷ ସ୍ୱୀକୃତି ଦେଲେ ଯେ ସିନ୍ଧୁପ୍ରଦେଶ ସମ୍ପର୍କରେ ଆଲୋଚନା ବେଳେ ମହାରାଜା ଓଡ଼ିଶା ବିଷୟ ଉତ୍ଥାପନ କରିପାରନ୍ତି । ମହାରାଜା ଏହି ସମୟରେ ସଂକ୍ଷିପ୍ତରେ ହୃଦୟସ୍ପର୍ଶୀ ଭାଷଣ ପ୍ରସଙ୍ଗରେ କହିଲେ, ''The formation of a separate province for the Oriyas' is a life and death problem to them. They feel fortuned with all the disabilities and disadvantages of one being a distant adjunct lying at the tail and of every province wherever they are far away from the seat of Government of the respective province and always in an uniquie minority, completely lost sight of, being merged in the million of populations of these provinces. ଏତିକିରେ ବ୍ରିଟିଶ୍ ସରକାରଙ୍କ କୃପା ଦୃଷ୍ଟି ପଡ଼ିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରକ୍ରିୟା ଭିନ୍ନ ରୂପ ନେଲା । ମହାରାଜା କୃଷ୍ଣଚନ୍ଦ୍ରଙ୍କ ଏଭଳି ବଳିଷ୍ଠ ପଦକ୍ଷେପକୁ ବିହାରୀ ନେତା ଏସ୍: ଏନ୍: ସିହ୍ନା ପ୍ରଶଂସା କରିଥିଲେ । ସେ ଏଥିପାଇଁ ଏକ ପତ୍ର ମଧୁବାବୁଙ୍କ ପାଖକୁ ଲେଖି କୃଷ୍ଣଚନ୍ଦ୍ରଙ୍କ ବ୍ୟକ୍ତିତ୍ୱର ଭୂରି ଭୂରି ପ୍ରଶଂସା କରିଥିଲେ ।

ଦୁଃଖର ବିଷୟ ଓଡ଼ିଶାରେ କଂଗ୍ରେସ ନେତୃବର୍ଗ କୃଷ୍ଣଚନ୍ଦ୍ରଙ୍କୁ ପ୍ରଶଂସା କଲେ ନାହିଁ । ପରନ୍ତୁ ସମାଲୋଚନା କଲେ । ଗୋଲ୍‌ଟେବୁଲ୍ ବୈଠକରେ ଯୋଗ ଦେବା ଭୁଲ୍ ବୋଲି ସେମାନେ କହିଲେ । କିନ୍ତୁ ଓଡ଼ିଆଙ୍କ ପାଇଁ ଏଇ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଜୀବନକୁ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ କୃଷ୍ଣଚନ୍ଦ୍ର ସମାଲୋଚନାର ଶରରେ ତିଳେମାତ୍ର ବିବ୍ରତ ହେଲେ ନାହିଁ ।

୧୯୩୦ ମସିହା ତୃତୀୟ ଗୋଲ୍‌ଟେବୁଲ୍ ବୈଠକରେ ରାମଚନ୍ଦ୍ର ମର୍ଦ୍ଦରାଜ୍ ଓ ଲିଙ୍ଗରାଜ ପାଣିଗ୍ରାହୀ ଯୋଗ ଦେଇଥିଲେ । ଏହି ବୈଠକରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଏକ ପ୍ରସ୍ତାବ ଗୃହୀତ ହେଲା । କିନ୍ତୁ ଜୟପୁର ଓ ପାରଳାଖେମୁଣ୍ଡି ଜମିଦାରୀ ପ୍ରସ୍ତାବିତ ଓଡ଼ିଶା ଭିତରେ ସ୍ଥାନ ପାଇନଥିଲା । ଏଥିରେ ମର୍ମାହତ ହୋଇ ପାରଳା ରାଜା ତାଙ୍କ ଇଷ୍ଟ ଦେବୀ ମାଣିକେଶ୍ୱରୀଙ୍କ ଆଶୀର୍ବାଦରେ ପୁଣି ଥରେ ଲଣ୍ଡନ ଅଭିମୁଖେ ଯାତ୍ରା କଲେ । ସେଠାରେ ସେ ଦକ୍ଷତାର ସହ ଯୁକ୍ତି ବାଢ଼ି, ଜୟପୁର ଓ ପାରଳାକୁ ପ୍ରସ୍ତାବିତ ଓଡ଼ିଶାର ମାନଚିତ୍ରରେ ସାମିଲ କରିବା ପାଇଁ ସଫଳ ହୋଇଥିଲେ ।

ମହାରାଜା କୃଷ୍ଣଚନ୍ଦ୍ର ବହୁ ପ୍ରତିବନ୍ଧକ ସତ୍ତ୍ୱେ ୧୯୩୮ ମସିହା ମାର୍ଚ୍ଚ ୩ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବାର୍ତ୍ତା ପାଇଲେ । ବ୍ରିଟିଶ୍ ସରକାରୀ ହୁକୁମନାମାନୁସାରେ ଗଭର୍ଣ୍ଣର ଜେନେରାଲ୍ ନିଯୁକ୍ତି ପାଇବା ପରେ ସେହି ବର୍ଷ ଏପ୍ରିଲ୍ ପହିଲାରୁ ଯଥାରୀତି ଉତ୍କଳ ପ୍ରଦେଶ ଗଠିତ ହେଲା । ନବ ଉତ୍କଳର ପ୍ରଥମ ପ୍ରଧାନମନ୍ତ୍ରୀ ରୂପେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅଧିଷ୍ଠିତ ହେବାର ସୌଭାଗ୍ୟ ପାଇଲେ ।

୧୯୩୬ ଏପ୍ରିଲ୍ ପହିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୂର୍ଯ୍ୟୋଦୟ ହେଲା । ବହୁ ଦିନର ଓଡ଼ିଆ ଭାଷୀଙ୍କ ଆନ୍ଦୋଳନ ଚରିତାର୍ଥ ହେଲା । ସେହି ଦିନ "ଦୈନିକ ଆଶା" ସମ୍ପାଦକୀୟରେ ଶଶିଭୂଷଣ ରଥ ଲେଖିଲେ, "୧୯୧୩ ସାଲରେ ଆଶାର ଶୁଭାରମ୍ଭ ବେଳେ ଆମ୍ଭେମାନେ ଯେଉଁ ଆଶା ପୋଷଣ କରିଥିଲୁ ଏତେଦିନେ ତାହା ଚରିତାର୍ଥ ହେଲା । ବିହାରରେ ରହିଯାଇଥିବା ଓଡ଼ିଆମାନଙ୍କ ସଙ୍ଗେ ରହିବାକୁ ଗଞ୍ଜାମ ଓଡ଼ିଆମାନେ ସେ ସମୟରେ ଆନ୍ଦୋଳନ ଆରମ୍ଭ କରିଥିଲେ । ତା'ପରେ ପ୍ରଦେଶ ଗଠନ ଆରମ୍ଭ ହୋଇ ଯେଉଁ ଓଡ଼ିଶା ପ୍ରଦେଶ ଗଠିତ ହେଲା ଏହା ଯେଉଁମାନେ ଦେଖିଲେ, ସେମାନେ ନିଶ୍ଚୟ ଭାଗ୍ୟବାନ । ଆଜି ଯେଉଁ ନବ ଉତ୍କଳ ଗଠିତ ହେଲା, ସେଥିରେ ଦକ୍ଷିଣରେ ପାରଳାରୁ ଖଣ୍ଡେ, ଟିକାଲି, ଜଳନ୍ତର, ବୁଡ଼ାରସିଂ, ଉଦ୍ୟାନ ଓ ଇଚ୍ଛାପୁର ଇତ୍ୟାଦି ଖଣ୍ଡରେ ଓଡ଼ିଆମାନେ ରହିଗଲେ । ସେମାନଙ୍କୁ କେବେ ପୁଣି ଓଡ଼ିଶାରେ ସ୍ଥାନ ମିଳିବ କିଏ କହିପାରେ ? କିନ୍ତୁ ସେହି ସବୁ ଅଞ୍ଚଳର ଓଡ଼ିଆମାନଙ୍କୁ କହି ରଖୁଛି – ନିରାଶ ହୁଅନାହିଁ । ଓଡ଼ିଆ ବୋଲି ନିଜ ଭାଷାକୁ ଜୀବିତ ରଖିପାରିଲେ, ଓଡ଼ିଶାରେ ନମିଶିଲେ ମଧ୍ୟ କ୍ଷତି ନାହିଁ । ଓଡ଼ିଶାର ଓଡ଼ିଆମାନେ ମନେ ରଖନ୍ତୁ ଆଜି ଯେଉଁ ଭାଇମାନେ ଦକ୍ଷିଣରେ ରହିଗଲେ, ସେମାନଙ୍କୁ ଓଡ଼ିଶାର କୋଳକୁ ଆଣିବା ପାଇଁ ସେମାନେ ମୁଖ୍ୟତଃ ଦାୟୀ । ବର୍ତ୍ତମାନ ସରକାର ଯାହା ଦେଲେ ତାକୁ ଗ୍ରହଣ କରି ଆଉ ଅଧିକ ଅଞ୍ଚଳ ପାଇଁ ଦାବୀ କରାଯାଇ ପାରେ । ସେଥିପାଇଁ ଆମେ କହିଥିଲୁ କାନ୍ଦୁଥିବା, ଯାହା ମିଳିଲେ ବାନ୍ଧୁଥିବା । ସେହି ଦିଗ ପ୍ରତି ଓଡ଼ିଆମାନେ ଦୃଷ୍ଟି ଦେଇଥିବେ ବୋଲି ଆମର ଆଶା ।

ବାସ୍ତବରେ ଦୈନିକ ଆଶା ସେତେବେଳେ ଓଡ଼ିଆ ଆନ୍ଦୋଳନର ମୁଖପତ୍ର ହୋଇଥିଲା । ଶଶିଭୂଷଣ ରଥ ଆନୁଷ୍ଠାନିକ ଉଦ୍ୟମ କରିବା ସହିତ ବ୍ୟକ୍ତିଗତ ଭାବେ ୧୯୧୮ରେ ଦୈନିକ ଆଶା ଓ ୧୯୩୩ରେ ନିଉ ଓଡ଼ିଶା ପତ୍ରିକା ପ୍ରକାଶ ପୂର୍ବକ ଦୀର୍ଘ ୨୫ ବର୍ଷ କାଳ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସଂଗ୍ରାମ ଚଳାଇଥିଲେ ।

୧୯୩୧ରେ ଦୈନିକ ଆଶା ପତ୍ରିକାର ଦୃଢ଼ ଦାବୀ ଯୋଗୁଁ ସମସ୍ତ ତଥ୍ୟ ପଣ୍ଡ କରି ଦେଲୁରୁ, ଓଡ଼ିଆ ଜନ ଗଣନା ଠିକ୍ ଭାବେ ପ୍ରକାଶ ପାଉଥିଲା । ଏହିପରି ଭାବେ ଗଞ୍ଜାମ ଜିଲ୍ଲା ତଥା ଏ ମାଟିର ବହୁ ନେତା ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ନିଷ୍ଠାପର ସହ ନେତୃତ୍ୱ ନେଇ ଆସିଥିଲେ । ସେମାନଙ୍କର ନିରବଚ୍ଛିନ୍ନ ମଦ୍ୟମ କାର୍ଯ୍ୟ କ୍ଷେତ୍ରରେ ସଫଳତା ଆଣି ଦେଇଥିଲା ।

ଓଡ଼ିଆ ଆନ୍ଦୋଳନରେ ପାରଳା ମହାରାଜାଙ୍କ ଦେୱାନ ତଥା ବର୍ତ୍ତମାନର ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ପିତା ସ୍ୱର୍ଗତ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅବଦାନ ମଧ୍ୟ କମ୍ ନୁହେଁ । ମହାରାଜାଙ୍କ ଏକାନ୍ତ ବିଶ୍ୱସ୍ତ ଭାବେ ସେ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପ୍ରସ୍ତୁତ କରୁଥିଲେ । ଆନ୍ଦୋଳନ ସମ୍ପର୍କୀୟ ରେକର୍ଡ଼ପତ୍ର ସେତେବେଳେ ଲକ୍ଷ୍ମୀନାରାୟଣ ବାବୁଙ୍କ ହେପାଜତରେ ରହୁଥିଲା ।

ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପଟ୍ଟନାୟକ, ଶ୍ରୀବଚ୍ଛ ପଣ୍ଡା, ନୀଳମଣି ବିଦ୍ୟାରତ୍ନ, ହରିହର ପଣ୍ଡା, ଚକ୍ରପାଣି ପ୍ରଧାନ, ଲିଙ୍ଗରାଜ ପାଣିଗ୍ରାହୀ, ଭୁବନାନନ୍ଦ ଦାସ, ଲକ୍ଷ୍ମୀନାରାୟଣ ସାହୁ, ବ୍ରଜବନ୍ଧୁ ଦାସ, ଶ୍ୟାମସୁନ୍ଦର ରାଜଗୁରୁ, ମାନ୍ଧାତା ଗୋରାଶ୍ଚନ୍ଦ ପଟ୍ଟନାୟକ ପ୍ରମୁଖ ନେତାଗଣ ଏବଂ ଗଞ୍ଜାମ ଜିଲ୍ଲାର ରାଜା–ମହାରାଜାମାନେ ଓଡ଼ିଆ ଜାତି ପାଇଁ କାର୍ଯ୍ୟ କରି ଆଜି ପ୍ରତ୍ୟେକ ଓଡ଼ିଆ ହୃଦୟରେ ସ୍ମରଣୀୟ ହୋଇ ରହିଛନ୍ତି ।

ସମ୍ପାଦକ,
ଦୈନିକ ଆଶା,
ବ୍ରହ୍ମପୁର (ଗଞ୍ଜାମ) ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାଜ୍ୟ ସୂଚନା ଭବନଠାରେ ପ୍ରଦୀପ ଜାଳି ମହିଳା ବିକାଶ ନିଗମ ଉଦ୍‌ଘାଟନ କରୁଛନ୍ତି ।

# ଜାତୀୟ ସ୍ୱାଭିମାନର ଅମ୍ଳାନ ଭାବମୂର୍ତ୍ତି

● ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ

ଉତ୍କଳୀୟ କଳା, ସଂସ୍କୃତି ଓ ରାଜନୈତିକ ପୃଷ୍ଠଭୂମିର ପୁଣ୍ୟ ତୀର୍ଥସ୍ଥଳୀ ଗଞ୍ଜାମ। ବହୁ ବର୍ଷ ପୂର୍ବେ ଏହି ପୁଣ୍ୟଭୂମି ଗୁମୁସର ମାଟି ଭାରତର ଜଣେ ଶ୍ରେଷ୍ଠ କବି ଓ କାବ୍ୟ ଶିଳ୍ପୀ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ଜନ୍ମ ଦେଇଥିବା ବେଳେ, ତାହାର ଅନେକ ବର୍ଷ ପରେ ଏହି ପୁଣ୍ୟ ତୀର୍ଥ ମାଟିରେ ଜନ୍ମ ନେଇଥିଲେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ରାଜନୀତିଜ୍ଞ, ଭାରତୀୟ ରାଜନୀତିର ଭୀଷ୍ମ ପିତାମହ, ନବ ଉତ୍କଳର ନିର୍ମାତା, ଓଡ଼ିଆ ସ୍ୱାଭିମାନର ପ୍ରତୀକ, ସମ୍ବେଦନଶୀଳ ଜନନେତା, ଐତିହାସିକ "କଳିଙ୍ଗ"ର ବରପୁତ୍ର, ଓଡ଼ିଶାର ସର୍ବାଙ୍ଗୀନ ଓ ସାମୂହିକ ବିକାଶର ପ୍ରବୀଣ କର୍ଣ୍ଣଧାର, ବିଶ୍ୱର ଜଣେ ଦୁଃସାହସିକ, ବିଚକ୍ଷଣ ଓ ପ୍ରତ୍ୟୁତ୍ପନ୍ନମତି ବୈମାନିକ, ଭାରତୀୟ ରାଜନୈତିକ ଆକାଶର ସୁପ୍ରସିଦ୍ଧ "Merger Specialist," ସ୍ୱପ୍ନଦ୍ରଷ୍ଟା ଓଡ଼ିଶାର ନିର୍ମାତା, ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ "କଳିଙ୍ଗ ପୁରସ୍କାର"ର ସ୍ରଷ୍ଟା, ଇଣ୍ଡୋନେସିଆର ଯଥାର୍ଥ "ଭୂମିପୁତ୍ର" (Son of the Soil), ଓଡ଼ିଶାର ପ୍ରଥିତଯଶା ଶିଳ୍ପପତି, ଶିଳ୍ପ ମାଧ୍ୟମରେ ଓଡ଼ିଶାର ଅର୍ଥନୈତିକ ପ୍ରଗତିର କର୍ଣ୍ଣଧାର, ଏସିଆ ମହାଦେଶୀୟ ବୃହତ୍ତମ ଓ ଗଭୀରତମ ପାରାଦ୍ୱୀପ ବନ୍ଦର, ରାଉରକେଲା ଇସ୍ପାତ କାରଖାନା, ସୁନାବେଡ଼ା ମିଗ୍ ବିମାନ କାରଖାନା, ବୁର୍ଲା ଇଞ୍ଜିନିୟରିଂ କଲେଜ ଓ ପାରାଦ୍ୱୀପ ଦୈତାରି ଏକ୍ସପ୍ରେସ୍ ରାସ୍ତାର ନିର୍ମାତା, ତତ୍ ସଙ୍ଗେ ସଙ୍ଗେ ସାମାଜିକତା, ମାନବିକତା, ଉଦାରତା ଓ ମହାନୁଭବତାର ମୂର୍ତ୍ତିମନ୍ତ ପ୍ରତୀକ, ଭାରତର ତଦାନୀନ୍ତନ ଖଣି ଓ ଇସ୍ପାତ ମନ୍ତ୍ରୀ ଏବଂ ସାମ୍ପ୍ରତିକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ।

ତାଙ୍କ ଜୀବନ ଖୁବ୍ ବିଚିତ୍ର, ପରିବ୍ୟାପ୍ତ ଓ ମନୋଜ୍ଞ। ନିରଳସ କର୍ମଯୋଗୀ ସେ। ଆବାଳବୃଦ୍ଧବନିତା ସମସ୍ତଙ୍କ ନିକଟରେ ସେ ଯେମିତି ଏକାନ୍ତ ଆପଣାର। ଓଡ଼ିଆ ଭାଷା, ଓଡ଼ିଶାର କଳା, ସଂସ୍କୃତି ଓ ଅର୍ଥନୀତିକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ଜୀବନ ସାରା ସେ ସଂଗ୍ରାମ କରିଆସିଛନ୍ତି।

ଜଣେ ବିଶିଷ୍ଟ ଶିଳ୍ପପତି ଭାବେ ଓଡ଼ିଶାକୁ ଭାରତ ଓ ବିଶ୍ୱର ଶିଳ୍ପ ମାନଚିତ୍ରରେ ସ୍ଥାନ ପ୍ରଦାନ କରିଛନ୍ତି। ସେ ଆଶାବାଦୀ। ପ୍ରଗତିପନ୍ଥୀ ଓ ଦୁଃସାହସିକ ପଦକ୍ଷେପ ନେବାରେ ସେ ଅପ୍ରତିଦ୍ୱନ୍ଦ୍ୱୀ।

୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନୂଆଗାଁର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ସେ। ରେଭେନ୍ସା କଲେଜିଏଟ୍ ସ୍କୁଲରୁ ଶିକ୍ଷାର ପରିସମାପ୍ତି କରି ରେଭେନ୍ସା କଲେଜରେ ଶିକ୍ଷାରମ୍ଭ କରିଥିଲେ।

## ଦୁଃସାହସର ଆଦ୍ୟପର୍ବ :

ବାଲ୍ୟକାଳରୁ ସେ ଜଣେ ଦକ୍ଷ ଫୁଟ୍‌ବଲ, ହକି ଓ କ୍ରିକେଟ ଖେଳାଳୀ ଭାବେ ଖ୍ୟାତି ଅର୍ଜନ କରିଥିଲେ। କଲେଜରେ ପଢୁଥିବା ସମୟରେ ସେ ଥିଲେ ହକି, ଫୁଟବଲ ଓ କ୍ରିକେଟ ଟିମ୍‌ର କ୍ୟାପ୍‌ଟେନ୍ ଏବଂ କଲେଜ ଆଥଲେଟିକ୍ସର ଚମ୍ପିଆନ୍। "ଦୁଃସାହସ" ଥିଲା ତାଙ୍କ ଜୀବନର ମୂଳମନ୍ତ୍ର ଓ ଯୌବନର ସୁବିକାଠି। କ୍ରିକେଟ୍ ପିଚ୍ ଠାରୁ ଆରମ୍ଭ କରି ବ୍ୟୋମଯାନର କକ୍‌ପିଟ୍, କାରଖାନାର କଠିନ ପରିସର ଏବଂ ରାଜନୀତିର ପିଚ୍ଛିଳ ରାସ୍ତାରେ ସାହସ ହିଁ ଥିଲା ତାଙ୍କ ଜୀବନର ଏକମାତ୍ର ବୈଶିଷ୍ଟ୍ୟ।

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ପରିଦର୍ଶନ ସମୟରେ ଅଭିନନ୍ଦନ ଜଣାଇବାକୁ ଯାଇ, ପୋଲିସ ଠାରୁ ଲାଠି ମାଡ଼ ଖାଇ ଫେରିବାରୁ ବାପା ତତ୍କାଳୀନ ସବ୍ ଜଜ୍ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ କହିଥିଲେ, "ତୁ ଖାଲି ମାଡ଼ ଖାଇବା ଜାଣୁ। ତା'ର ପ୍ରତିରୋଧ କରିବାର ଜାଣୁନା।" ବାପାଙ୍କ ଏହି ଗାଳି ଟିକକ ଚିର ଦିନ ପାଇଁ ତାଙ୍କୁ ସାହସୀ କରି ଗଢ଼ି ଥିଲା। କଟକ ମିଶନ ସ୍କୁଲର ଅଷ୍ଟମ ଶ୍ରେଣୀର ସେ ଛାତ୍ର ଥିବା ବେଳେ କଟକ ବାଲିଯାତ୍ରା ପଡ଼ିଆରେ ଅବତରଣ କରିଥିବା ଉଡ଼ାଜାହାଜରେ ହାତ ମାରିବାର ସଂକଳ୍ପ ନେଇ ବ୍ରିଟିଶ୍ ପୋଲିସର ଷ୍ଟୁବୁକ୍ ମାଡ଼ ସତ୍ତ୍ୱେ ସେ ନିଜର ଲକ୍ଷ୍ୟ ପୂର୍ଣ୍ଣ କରି, ସେହି ଦିନ ହିଁ ସେ ଜଣେ ବିମାନ ଚାଳକ ହେବାର ଦୃଢ଼ ସଂକଳ୍ପ ନେଇଥିଲେ। ପିତାଙ୍କର ବି ଇଚ୍ଛା ଥିଲା, ପୁଅ ଜଣେ ବୈମାନିକ ହେଉ। ପରବର୍ତ୍ତୀ ସମୟରେ ବ୍ରିଟିଶ ସରକାରଙ୍କ ଗୋଟିଏ ବିମାନ ବାହିନୀର ସେ ଅଧ୍ୟକ୍ଷ ପଦ ଅଳଙ୍କୃତ କରି ପାରିଥିଲେ।ତାଙ୍କ ବୟସ ଯେତେବେଳେ ମାତ୍ର ୧୬ ବର୍ଷ ସେ

କଟକଠାରୁ ପେଶୱାର ପର୍ଯ୍ୟନ୍ତ ସାଇକେଲରେ ଯାତ୍ରା କରି ନିଜ ସାହସିକତାର ପରିଚୟ ପ୍ରଦାନ କରିଥିଲେ। ରେଭେନ୍‌ସା କଲେଜର ବି: ଏସ୍: ସି:ର ଛାତ୍ର ବେଳେ ସେ ବିମାନ ଚାଳକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିଲେ। ଅଧ୍ୟୟନତାରେ ସେ "Aeronutical Training Institute of India" ଏବଂ "Delhi Flying Club" ରେ ଯୋଗ ଦେଇ ବିମାନ ଚାଳନାରେ ଖୁବ୍ ଦକ୍ଷତା ଅର୍ଜନ କରିଥିଲେ। ସେ ଜଣେ ସାଧାରଣ ପାଇଲଟ ନଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ "International Airways" ଯଗେଇ ବିମାନ ସଂସ୍ଥାରେ ନିଯୁକ୍ତି ପାଇ ଫ୍ଲାଇଟ୍ ଗୁଡ଼ିକର ଦାୟିତ୍ୱରେ ରହିଥିଲେ। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ସେ ହିମାଳୟ ଉପର ଦେଇ ଚୀନ୍‌କୁ ଯିବା, ବର୍ମାରେ ରହୁଥିବା ବ୍ରିଟିଶ ପରିବାରଙ୍କୁ ଲଣ୍ଡନ ନେବା ତଥା ରୁଷର ଷ୍ଟାଲିନ୍‌ଗ୍ରାଡ୍‌କୁ ଯୁଦ୍ଧକାଳୀନ ଗୁପ୍ତ ତଥ୍ୟ ଯୋଗାଇବା କାର୍ଯ୍ୟରେ ସଂପୃକ୍ତ ଥିଲେ। ଜଣେ ଦକ୍ଷ ଓ ସ୍ୱନାମଧନ୍ୟ ପାଇଲଟ ଭାବେ ସେ ଏଭଳି ଖ୍ୟାତି ଅର୍ଜନ କରିଥିଲେ ଯେ, ତାଙ୍କ ପରିଚାଳିତ ବିମାନରେ ବଡ଼ଲାଟ ୱାଭେଲ ବି ଯିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

## ସ୍ୱାଧୀନତା ସଂଗ୍ରାମର ସୈନିକ :

ଦେଶର ସ୍ୱାଧୀନତା ପାଇଁ ତାଙ୍କୁ ଚାରି ବର୍ଷ କାଳ ଜେଲ୍ ବରଣ କରିବାକୁ ପଡ଼ିଥିଲା। ୧୯୪୨ ମସିହା ଅଗଷ୍ଟ ବିପ୍ଳବ ସମୟରେ ହଜାରିବାଗ ଜେଲରୁ ଜୟ ପ୍ରକାଶ ନାରାୟଣଙ୍କୁ ଉଦ୍ଧାର କରି କୌଶଳକ୍ରମେ ଉଡ଼ାଜାହାଜରେ ତାଙ୍କୁ ଉଡ଼ାଇ ଆଣିଥିଲେ। ପରିଣାମ ସ୍ୱରୂପ ତାଙ୍କୁ ଗିରଫ କରାଯାଇ ଫିରୋଜପୁର ଜେଲରେ ବନ୍ଦୀ ଭାବେ ରଖା ଯାଇଥିଲା। ବିମାନ କମ୍ପାନୀର କମାଣ୍ଡାଣ୍ଟ ଥିବା ସମୟରେ ପଣ୍ଡିତ ନେହେରୁଙ୍କ ଆଦେଶ ମତେ, ନିଜ ଜୀବନକୁ ବିପନ୍ନ କରି ଇଣ୍ଡୋନେସିଆର ଜାତୀୟବାଦୀ ନେତା ଡକ୍ଟର ସୁଲତାନ ସାରିଆରଙ୍କୁ ଡଚ୍ ଶାସକଙ୍କ କବଳରୁ ମୁକ୍ତ କରି ଉଡ଼ାଜାହାଜରେ ଭାରତ ଆଣି ତାଙ୍କର ଅମୂଲ୍ୟ ଜୀବନ ରକ୍ଷା କରିଥିଲେ ଏବଂ ରାଷ୍ଟ୍ରପତି ସୁକର୍ଣ୍ଣଙ୍କୁ ଏ ଭଳି ଭାବେ ଉଡ଼ାଇ ଆଣିଥିଲେ ଯେ ଶତ୍ରୁ ପକ୍ଷ ତା'ର ପତ୍ତା ପାଇ ପାରି ନଥିଲେ। ଏଥି ପାଇଁ ସେ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ "ଭୂମି ପୁତ୍ର" (Son of the Soil) ରେ ବିଭୂଷିତ ହୋଇଛନ୍ତି। ଏହା ପାଇବାରେ ସେ ହେଉଛନ୍ତି ସର୍ବ ପ୍ରଥମ ଭାରତୀୟ।

୧୯୪୭ ମସିହାରେ "Air Transport Commander" ମୁଖ୍ୟ ଭାବେ କାଶ୍ମୀର ଘାଟିରେ ପ୍ରଥମ ବିମାନ ଅବତରଣ କରାଇ ଆକ୍ରମଣକାରୀ ପାକିସ୍ଥାନୀ ସୈନ୍ୟଙ୍କୁ ବିସ୍ମିତ କରି ଦେଇଥିଲେ। ପୁନର୍ବାର ଭାରତ–ପାକ୍ ଯୁଦ୍ଧ ବେଳେ ବିମାନରେ ଖାଦ୍ୟ ସାମଗ୍ରୀ ନେଇ ହିମାଳୟର ବରଫାବୃତ ଅଞ୍ଚଳରେ ଅବତରଣ କରାଇ ଦେଶ ପ୍ରେମର ଶ୍ରେଷ୍ଠ ନିଦର୍ଶନ ପ୍ରଦାନ କରିଥିଲେ।

ଜଣେ ବିଶିଷ୍ଟ ଶିଳ୍ପପତି ଭାବରେ ଓଡ଼ିଶାକୁ ଭାରତ ତଥା ବିଶ୍ୱର ଶିଳ୍ପ ମାନଚିତ୍ରରେ ସ୍ଥାନ ପ୍ରଦାନ କରିବାରେ ତାଙ୍କର ଅବଦାନ ଥିଲା ଅତୁଳନୀୟ। ଶିଳ୍ପ ମାଧ୍ୟମରେ ଓଡ଼ିଶା ଓ ଭାରତର ଅର୍ଥନୀତିକୁ ସୁଦୃଢ଼ ଓ ସମୃଦ୍ଧ କରିବା ତାଙ୍କର ପ୍ରଥମ ବ୍ୟବସାୟିକ ପ୍ରଚେଷ୍ଟା ଥିଲା। "Kalinga Air Ways" ଏହା ପ୍ରତିଷ୍ଠା ହେବାର ୧୦ ବର୍ଷ ପରେ ଭାରତୀୟ ଶିଳ୍ପୋଦ୍ୟୋଗୀମାନଙ୍କ ମଧ୍ୟରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

## ଶିଳ୍ପାୟନର ସ୍ୱପ୍ନ :

୧୯୪୬ ମସିହାରେ ଚୌଦ୍ୱାର ଠାରେ ସେ ପ୍ରତିଷ୍ଠା କରିଥିଲେ ଓଡ଼ିଶାର ପ୍ରଥମ ଆଧୁନିକ ଲୁଗାକଳ (ଓ: ଟି: ଏମ୍:) ଏବଂ ପରେ ତାଙ୍କ ଦ୍ୱାରା ସେଠାରେ ସ୍ଥାପିତ ହୋଇଥିଲା ଭାରତର ସର୍ବ ପ୍ରଥମ ଟ୍ୟୁବ୍ କାରଖାନା "Kalinga Tubes" ଓ "Kalinga Refrigiration Corporation" ଏବଂ ବଡ଼ବିଲ ଠାରେ"Kalinga Iron Work" ଲୌହ କାରଖାନା।

## କଳିଙ୍ଗ ପୁରସ୍କାର ପ୍ରତିଷ୍ଠାତା :

"କଳିଙ୍ଗ" ଶବ୍ଦଟିକୁ ସେ ଅତ୍ୟନ୍ତ ଭଲ ପାଉଥିଲେ। ସେଥି ପାଇଁ ତାଙ୍କ ଦ୍ୱାରା ଏକଦା ପ୍ରକାଶିତ ଦୈନିକ ସମ୍ବାଦ ପତ୍ରର ନାମ ରଖିଥିଲେ "କଳିଙ୍ଗ"। ଏହା "ଆନନ୍ଦ ଭବନ"ରୁ ପ୍ରକାଶ ପାଉଥିଲା। ତାଙ୍କ ଦ୍ୱାରା ପ୍ରତିଷ୍ଠିତ କାରଖାନା "Kalinga Tubes," Kalinga Refrigiration Corporation ଓ Kalinga Iron Works" ରେ "କଳିଙ୍ଗ" ଶବ୍ଦ ବିଦ୍ୟମାନ। ଜାତିସଂଘର "UNESCO" ସଂସ୍ଥା ଦ୍ୱାରା ପରିଚାଳିତ "କଳିଙ୍ଗ ପୁରସ୍କାର" ସେ ନିଜେ ପ୍ରଦାନ କରୁଛନ୍ତି। ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ପ୍ରଦତ୍ତ ଅର୍ଥରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ବିଜୁ ପଟ୍ଟନାୟକ ନିଜ ପ୍ରଦତ୍ତ ଅର୍ଥରେ "ପଟ୍ଟନାୟକ ପୁରସ୍କାର" ପ୍ରଚଳନ କରି ପାରିଥାନ୍ତେ। କିନ୍ତୁ ସେ ତା'ର ନାମ "କଳିଙ୍ଗ ପୁରସ୍କାର ରଖି ଜାତି ପ୍ରତି ସମ୍ମାନ ଓ ସ୍ୱାଭିମାନର ପରିଚୟ ପ୍ରଦାନ କରିଛନ୍ତି। "କଳିଙ୍ଗ ପୁରସ୍କାର" ଆନ୍ତର୍ଜାତୀୟ କ୍ଷେତ୍ରରେ ପ୍ରଚଳନ କରିବାରେ ବିଜୁ ବାବୁ ସର୍ବ ପ୍ରଥମ ଭାରତୀୟ। "କଳିଙ୍ଗ ଟ୍ରଷ୍ଟ" ପ୍ରତିଷ୍ଠା କରି ବହୁ ମେଧାବୀ ଛାତ୍ର, ଛାତ୍ରୀଙ୍କୁ ଅଧ୍ୟୟନ ପାଇଁ ସେ ସୁଯୋଗ ଦେଇ ଆସିଛନ୍ତି। ତାଙ୍କରି ବ୍ୟକ୍ତିଗତ ଉଦ୍ୟମ ଯୋଗୁଁ ରାଉରକେଲା ଇସ୍ପାତ କାରଖାନା, ପାରାଦ୍ୱୀପ ବନ୍ଦର, ମିଗ୍ ବିମାନ କାରଖାନା, ବୁର୍ଲା ଇଞ୍ଜିନିୟରିଂ କଲେଜ, ଏକ୍ସପ୍ରେସ୍ ରାସ୍ତା ପ୍ରତିଷ୍ଠା କରା ଯାଇଛି।

୧୯୪୬ ମସିହାରେ ସେ ପ୍ରଥମ କରି ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୬୧ ମସିହାରେ "ଉତ୍କଳ ପ୍ରଦେଶ" କଂଗ୍ରେସ କମିଟିର ସଭାପତି ଭାବେ ନେତୃତ୍ୱ ନେଇ ୧୪୦ଟି ଆସନରୁ କଂଗ୍ରେସ ପାଇଁ ୮୨ଟି ଆସନ ଆଣି ଦେଇଥିଲେ। ଯାହାଥିଲା ତତ୍କାଳୀନ ସମୟର ସର୍ବାଧିକ ସଂଖ୍ୟା ଗରିଷ୍ଠତା। ଚଳିତ ନିର୍ବାଚନ ଭଳି ଦିଲ୍ଲୀରୁ ଭୁବନେଶ୍ୱର ଫେରିଆଦେ ତାଙ୍କ ବିଜୟମାଳା ଉଡ଼ି ଚାଲିଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୬୩ ମସିହାରେ କାମରାଜ ଯୋଜନାନୁଯାୟୀ ସ୍ୱତଃ ପ୍ରବୃତ୍ତ ଭାବେ ମୁଖ୍ୟମନ୍ତ୍ରୀ ପଦରୁ ସେ

ପ୍ରଖ୍ୟାତି ନେଇ କଂଗ୍ରେସ ସାଙ୍ଗଠନିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ। ୧୯୬୩ ରୁ ୧୯୬୫ ପର୍ଯ୍ୟନ୍ତ ସେ ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷ ଥିଲେ।

୧୯୭୧ ମସିହା ନିର୍ବାଚନରେ ପ୍ରତିଷ୍ଠିତ 'ଉତ୍କଳ କଂଗ୍ରେସ' ଦଳ ୩୩ଟି ସ୍ଥାନରେ ବିଜୟୀ ହୋଇଥିଲା। ଅବଶ୍ୟ ସେ ପରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୪ ମସିହାରେ ଚରଣ ସିଂ ଭାରତୀୟ ଲୋକଦଳ ଗଠନ କରିବା ପରେ ବିଜୁ ବାବୁ ଉତ୍କଳ କଂଗ୍ରେସ'କୁ ସେହି ଦଳରେ ସାମିଲ କରିନେଇ ଭାରତୀୟ ଲୋକ ଦଳ ଓଡ଼ିଶା ଶାଖାର ଅଧକ୍ଷ ହୋଇଥିଲେ। ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତ ସମୟରେ କଂଗ୍ରେସ ଶାସନର ସ୍ୱୈରାଚାର ବିରୋଧରେ ସଂଗ୍ରାମ କରି ସେ ଅଠର ମାସ ଜେଲ ବରଣ କରିଥିଲେ। ୧୯୭୪ ମସିହା ଠାରୁ ବିରୋଧୀ ଦଳର ଏ ଭଳି କୌଣସି ବୈଠକ ନାହିଁ ଯେଉଁଥିରେ ସେ ମୁଖ୍ୟ ଭୂମିକା ଗ୍ରହଣ କରି ନାହାନ୍ତି। ୧୯୭୬ ମସିହାରେ ଜନତା ପାର୍ଟି ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରି ୧୯୭୭ ମସିହାରେ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଥିଲେ। ୧୯୮୦ ଓ ୧୯୮୫ ମସିହାରେ ପ୍ରବଳ କଂଗ୍ରେସ ହାଓ୍ୱା ସତ୍ତ୍ୱେ ସେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।

ଜନତା ଦଳ ଗଠନ ତଥା ବିରୋଧୀ ଦଳ ଏକତ୍ରୀକରଣରେ ତାଙ୍କର ଭୂମିକା ସର୍ବଜନବିଦିତ। ଦିଲ୍ଲୀ ଆଉରଙ୍ଗଜେବ୍ ରୋଡ୍ ସ୍ଥିତ ତାଙ୍କ ବାସ ଭବନଟି ବିରୋଧୀ ଦଳ ନେତୃବୃନ୍ଦଙ୍କ କେନ୍ଦ୍ରସ୍ଥଳୀ ଥିଲା। ବିରୋଧୀ ଦଳର ଏଭଳି କୌଣସି ନେତା ନାହାନ୍ତି ଯାହାଙ୍କୁ ସେ ନ ଡାକିଛନ୍ତି ଓ ବିରୋଧୀ ଦଳ ମିଶ୍ରଣ ପାଇଁ ପ୍ରସ୍ତାବ ନଦେଇଛନ୍ତି। କେନ୍ଦ୍ରରେ ଏକ ଦକ୍ଷ ଜନତା ସରକାର ପ୍ରତିଷ୍ଠା ତଥା ଭିଃ ପିଃ ସିଂହଙ୍କୁ ପ୍ରଧାନ ମନ୍ତ୍ରୀ କରାଇବାରେ ତାଙ୍କ ଭୂମିକା ମଧ୍ୟ ଅତୀବ ଗୁରୁତ୍ୱପୂର୍ଣ୍ଣ।

ସୁନାମ ଓ ଦୁର୍ନାମ ପ୍ରତି ଦୃଷ୍ଟି ନଦେଇ ସ୍ଥିତପ୍ରଜ୍ଞ ଭଳି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି ସେ। ଜଣେ ନିଷ୍ଠାପର ଜନସେବୀ ଓ ଜନନେତା ଭାବରେ ସେ ଓଡ଼ିଶାର ପ୍ରତି ପଲ୍ଲୀରେ ପରିଚିତ। ଓଡ଼ିଶାର କେଉଁ କେଉଁ କ୍ଷେତ୍ରକୁ ସେ ସ୍ପର୍ଶ କରିଛନ୍ତି, ସେ ସବୁର ମୂଲ୍ୟାଙ୍କନ କରିବା ସମ୍ଭବ ନୁହେଁ। ବାର୍ଦ୍ଧକ୍ୟରେ ମଧ୍ୟ ସେ ଖୁବ୍ ଦୃଢ଼ତା ଓ ଦକ୍ଷତା ସହକାରେ ଓଡ଼ିଶାକୁ ନେତୃତ୍ୱ ଦେଉଛନ୍ତି। ଅଦ୍ୟାବଧି ତାଙ୍କ ଭିତରେ ଯେ ଯୁବକ ସୁଲଭ ଉଦ୍ଦୀପନା, କର୍ମଶକ୍ତି ଏବଂ ଦୃଢ଼ତା ପରିପୂର୍ଣ୍ଣ ଏହା ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିବେ। ଭାରତର ଉତ୍ତର ଦାୟାଦ ଓ ଯୁବ ସମ୍ପ୍ରଦାୟ ଏହି ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱର ବିଶ୍ଳେଷଣ କଲେ ଜାଣି ପାରିବେ, ତାଙ୍କର ମହତ୍ ଗୁଣ ପଛରେ ଅନ୍ତର୍ନିହିତ ରହିଛି, "ନିର୍ଭୀକତା, ସଂକଳ୍ପ, ସାଧନା ଓ ସ୍ୱାଭିମାନ"।

---

ଗ୍ରା/ପୋ: ବେଲଗୁଣ୍ଠା, ପଣ୍ଡାସାହି,
ଜି: ଗଞ୍ଜାମ।



ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ରବୀନ୍ଦ୍ର ମଣ୍ଡପଠାରେ ଗୁଣ୍ଡ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

# ସର୍ବଭାରତୀୟ ସ୍ତରରେ ଓଡ଼ିଶା ଛାତ୍ରଙ୍କ ଫଳାଫଳ

● ସହଦେବ ସାହୁ

ବିଶ୍ୱବିଦ୍ୟାଳୟ ସ୍ତରର ଶିକ୍ଷାର ମୂଲ୍ୟାୟନ କେବଳ ଗୋଟିଏ ମାତ୍ର ଉପାୟରେ କରାଯାଇଥାଏ : ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରମାନେ ଜୀବନରେ କିପରି ପ୍ରତିଷ୍ଠିତ ହୁଅନ୍ତି। ବିଭିନ୍ନ ବୃତ୍ତିରେ ନିଯୁକ୍ତି ପାଇବା ଗୋଟିଏ ଦିଗ ଏବଂ ନିଜ ପାଦରେ ଛିଡ଼ା ହେବା ବା ଆତ୍ମ ନିଯୁକ୍ତିର ମାର୍ଗ ଠିକ୍ କରିନେବା ଆଉ ଗୋଟିଏ ଦିଗ। ନିଜ ପାଦରେ ଠିଆ ହେବା ପାଇଁ କେବଳ ନିଜର ଇଚ୍ଛା ବା ଇନିସିଏଟିଭ୍ ଦରକାର ନାହିଁ। ଏଥିପାଇଁ କିଛି ପୁଞ୍ଜି ମଧ୍ୟ ଦରକାର। ପୈତୃକ ସମ୍ପତ୍ତି ହେଉ ବା ସରକାରୀ ଅନୁଦାନ ହେଉ ଅଥବା ବ୍ୟାଙ୍କର ଋଣ ହେଉ, ପୁଞ୍ଜି ଦରକାର ହୋଇଥାଏ। ତେଣୁ ଇଚ୍ଛା ଓ ପୁଞ୍ଜି ଏ ଦୁଇଟି ଥିଲେ ଆତ୍ମ ନିଯୁକ୍ତି ପାଇବା ସହଜ ହୁଏ। ତେଣୁ ଆତ୍ମ ନିଯୁକ୍ତି ପାଇଁ ବିଶ୍ୱବିଦ୍ୟାଳୟ ଶିକ୍ଷା ଗୌଣ ଭୂମିକା ନେଇଥାଏ। ଅନ୍ୟ ପକ୍ଷରେ ସରକାରୀ ହେଉ ବା ବେସରକାରୀ ହେଉ, ବ୍ୟକ୍ତି ହେଉ ବା କମ୍ପାନୀ ହେଉ ବା ସରକାର ଦ୍ୱାରା ସ୍ଥାପିତ ଅନୁଷ୍ଠାନ ହେଉ, ଯେ କୌଣସିଠାରେ ନିଯୁକ୍ତି ପାଇବାକୁ ହେଲେ ବିଶ୍ୱବିଦ୍ୟାଳୟ ଶିକ୍ଷା ଦରକାର। ବୈଷୟିକ ହେଉ ବା ସାଧାରଣ ହେଉ ଏଭଳି ନିଯୁକ୍ତି ପାଇଁ ଶିକ୍ଷାର ନିମ୍ନତମ ଯୋଗ୍ୟତା ସ୍ନାତକ ବା ଗ୍ରାଜୁଏସନ୍। ବିଭିନ୍ନ ବୈଷୟିକ ନିଯୁକ୍ତିରେ କିମ୍ବା ଗବେଷଣା ଅଭିଜ୍ଞତା ଦରକାର କରୁଥିବା ପଦ ପଦବୀରେ ଉଚ୍ଚତର ବୈଷୟିକ ଜ୍ଞାନ ଦରକାର ହୋଇଥାଏ। ସାଧାରଣ ନିଯୁକ୍ତି ସଂଖ୍ୟା ଅନୁପାତରେ ଏଭଳି ବିଶେଷ ନିଯୁକ୍ତି ସଂଖ୍ୟା ଖୁବ୍ କମ୍। ତେଣୁ ବିଶ୍ୱବିଦ୍ୟାଳୟ ଶିକ୍ଷାର ମାନ ତୁଳନା କଲାବେଳେ ସାଧାରଣ ନିଯୁକ୍ତି କ୍ଷେତ୍ରରେ ଛାତ୍ରମାନେ କିପରି ପାରଦର୍ଶିତା ଦେଖାଉଛନ୍ତି ତାର ଗୋଟିଏ ତୁଳନାତ୍ମକ ସମୀକ୍ଷା କରାଗଲେ ବିଶ୍ୱବିଦ୍ୟାଳୟ ଶିକ୍ଷାର ମାନ ଜାଣିହେବ।

ବିଭିନ୍ନ ନିଯୁକ୍ତି ପରୀକ୍ଷା ଭିତରେ କେନ୍ଦ୍ରୀୟ ସାଧାରଣ ସେବା ଆୟୋଗ ବା ୟୁ: ପି: ଏସ୍: ସି: ସବୁ ବେସାମରିକ ସେବା ପାଇଁ ପ୍ରାର୍ଥୀ ବାଛିବାର ପରୀକ୍ଷା କରନ୍ତି। ୟୁ: ପି: ଏସ୍: ସି: ଦ୍ୱାରା ପରିଚାଳିତ ସିଭିଲ୍ ସର୍ଭିସେସ୍ ପରୀକ୍ଷାର ସ୍ଥାନ ସର୍ବୋଚ୍ଚରେ। ଭାରତୀୟ ପ୍ରଶାସନିକ ସେବା, ଭାରତୀୟ ବୈଦେଶିକ ସେବା, ଭାରତୀୟ ପୋଲିସ୍ ସେବା ଆଦି ସର୍ବଭାରତୀୟ ନିଯୁକ୍ତି ଏବଂ ତାହା ସହିତ ସମ୍ପୃକ୍ତ ଅନ୍ୟାନ୍ୟ କେନ୍ଦ୍ର ସରକାରଙ୍କ ଚାକିରି ପାଇଁ ଯେଉଁ ନିଯୁକ୍ତି ପରୀକ୍ଷା କରାଯାଏ ତାକୁ ସିଭିଲ୍ ସର୍ଭିସେସ୍ ଏଗ୍‌ଜାମିନେସନ୍ କୁହାଯାଏ। ଏହା ଦୁଇ ପର୍ଯ୍ୟାୟରେ ହୁଏ। ପ୍ରଥମ ପର୍ଯ୍ୟାୟଟି ପ୍ରାରମ୍ଭିକ ପରୀକ୍ଷା, ଏହାର ଉଦ୍ଦେଶ୍ୟ ମୁଖ୍ୟ ପରୀକ୍ଷା ପାଇଁ ପ୍ରାର୍ଥୀମାନଙ୍କ ସଂଖ୍ୟାକୁ ସୀମିତ କରିବା। ଦ୍ୱିତୀୟ ପର୍ଯ୍ୟାୟଟି ସିଭିଲ୍ ସର୍ଭିସ୍‌ର ମୁଖ୍ୟ ପରୀକ୍ଷା। ଏଥିରେ ମିଳିଥିବା ସଫଳତା ଉପରେ ବିଶ୍ୱବିଦ୍ୟାଳୟ ଡିଗ୍ରୀର ମୂଲ୍ୟାୟନ କରାଯାଇପାରେ। ୟୁନିୟନ୍ ପବ୍ଲିକ୍ ସର୍ଭିସ୍ କମିଶନ୍‌ର ୩୬ତମ ରିପୋର୍ଟ (୧୯୮୫-୮୬)ରୁ ଜଣାଯାଏ ୧୯୮୪ରେ ୮୧୪ଟି ପଦବୀ ପାଇଁ ୨,୫୦୩ ପାସ୍ ଡିଗ୍ରୀଧାରୀ ଓ ୭,୦୭୭ ଉଚ୍ଚତର ଡିଗ୍ରୀଧାରୀ ପ୍ରାର୍ଥୀମାନେ ପରୀକ୍ଷା ଦେଇଥିଲେ। ପାସ୍ ଡିଗ୍ରୀଧାରୀମାନଙ୍କ ମଧ୍ୟରୁ ୧୯୩ ଜଣ ଅର୍ଥାତ୍ ୭୩·୭୨ ଶତାଂଶ ପାସ୍ କଲେ। ଏମାନଙ୍କ ସଫଳତା ଅନୁପାତ ୧:୧୨·୯୭। ଉଚ୍ଚତର ଡିଗ୍ରୀଧାରୀଙ୍କ ମଧ୍ୟରୁ ୬୨୧ ଜଣ ଅର୍ଥାତ୍ ୭୬·୭୯ ଶତାଂଶ ପାସ୍ କଲେ ଏବଂ ସେମାନଙ୍କ ସଫଳତା ଅନୁପାତ ୧:୧୧·୦୪। ଏଥିରୁ ଜଣାଯାଏ ଯେ ଅଧିକ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀମାନଙ୍କ ତୁଳନାରେ ପାସ୍ ଡିଗ୍ରୀଧାରୀ ପ୍ରାର୍ଥୀମାନେ ବେଶୀ ଖରାପ କରିନାହାନ୍ତି। ତା'ହେଲେ ଉଚ୍ଚତର ଡିଗ୍ରୀର ପାର୍ଥକ୍ୟ କ'ଣ ହୁଥା ? ପ୍ରଥମ ଶ୍ରେଣୀରେ ବା ଫାଷ୍ଟ କ୍ଲାସ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଡିଗ୍ରୀଧାରୀମାନଙ୍କ ସହିତ ନିମ୍ନ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କ ସହିତ ତୁଳନା କଲେ ଚିତ୍ର ଏହି ପ୍ରକାରର ହେବ।

| ପ୍ରଥମ ଶ୍ରେଣୀ | ପ୍ରାର୍ଥୀଙ୍କ ସଂଖ୍ୟା ପରୀକ୍ଷା ଦେଲେ | ସଫଳ ହେଲେ | ସଫଳତା ଅନୁପାତ |
|---|---|---|---|
| ଉଚ୍ଚତର ଡିଗ୍ରୀ ପି: ଏଚ୍: ଡି: | ୩,୭୩୩ | ୪୩୪ | ୮·୬୦ |
| ପାସ୍ ଡିଗ୍ରୀ | ୯୭୭ | ୧୦୭ | ୯·୧୩ |
| ପ୍ରଥମ ଶ୍ରେଣୀ ବ୍ୟତୀତ ଅନ୍ୟାନ୍ୟ | | | |
| ଉଚ୍ଚତର ଡିଗ୍ରୀ | ୩,୩୫୪ | ୯୩ | ୩୫·୮୮ |
| ପାସ୍ ଡିଗ୍ରୀ | ୧,୬୩୨ | ୮୬ | ୧୯·୦୦ |

| ବର୍ଷ | ଯୋଗ୍ୟତା | ପରୀକ୍ଷା ଦେଲେ | ସଫଳ ହେଲେ | ସଫଳତା ଅନୁପାତ | ପରୀକ୍ଷା ଦେଲେ ୧ମ ଶ୍ରେଣୀ | ପରୀକ୍ଷା ଦେଲେ ଅନ୍ୟ ଶ୍ରେଣୀ | ସଫଳ ହେଲେ ୧ମ ଶ୍ରେଣୀ | ସଫଳ ହେଲେ ଅନ୍ୟ ଶ୍ରେଣୀ |
|---|---|---|---|---|---|---|---|---|
| ୧୯୮୦ | ଅନର୍ସ ଡିଗ୍ରୀଧାରୀ | ୫,୦୪୯ | ୫୭୮ | ୧:୮·୭୪ | ୨,୦୬୯ | ୨,୯୮୦ | ୩୦୨(୧୪·୮୪%) | ୨୭୬(୯·୨୫%) |
| | ପାସ୍ ଡିଗ୍ରୀଧାରୀ | ୧,୭୬୬ | ୧୨୨ | ୧:୧୪·୫ | ୫୨୦ | ୧,୨୪୬ | ୫୪(୧୦·୩୮%) | ୬୮(୫·୪୬%) |
| ୧୯୮୧ | ଅନର୍ସ ଡିଗ୍ରୀଧାରୀ | ୫,୯୦୦ | ୭୦୦ | ୧:୮·୪୩ | ୨,୫୪୮ | ୩,୩୫୨ | ୩୧୨(୧୨·୨୫%) | ୩୮୮(୧୧·୫୭%) |
| | ପାସ୍ ଡିଗ୍ରୀଧାରୀ | ୨,୨୮୦ | ୧୭୩ | ୧:୧୩·୧୮ | ୨୧୩ | ୧,୮୬୭ | ୩୫(୧୬%) | ୩୮(୫%) |
| ୧୯୮୨ | ଅନର୍ସ ଡିଗ୍ରୀଧାରୀ | ୬,୨୯୩ | ୭୨୭ | ୧:୮·୭୦ | ୩,୦୨୩ | ୩,୨୭୦ | ୮୪(୮·୫୫%) | ୮୦(୪୧·୦୫%) |
| | ପାସ୍ ଡିଗ୍ରୀଧାରୀ | ୨,୩୧୯ | ୧୯୬ | ୧:୧୨·୨୦ | ୬୭୩ | ୧,୬୪୮ | ୫୮୫(୭୩·୧୦%) | ୨୮୩(୩୬·୯%) |
| ୧୯୮୩ | ଅନର୍ସ ଡିଗ୍ରୀଧାରୀ | ୬,୮୦୩ | ୭୨୨ | ୧:୧୦·୧୪ | ୩,୪୦୨ | ୩,୪୦୧ | ୯୯(୧୦·୧୯%) | ୧୬(୪୯·୪୯%) |
| | ପାସ୍ ଡିଗ୍ରୀଧାରୀ | ୨,୫୫୧ | ୧୭୪ | ୧:୧୪·୬୬ | ୮୮୨ | ୧,୬୬୯ | ୫୬୫(୨୭·୩୨%) | ୨୧୯(୩୨·୭୪%) |
| ୧୯୮୪ | ଅନର୍ସ ଡିଗ୍ରୀଧାରୀ | ୭,୦୭୭ | ୬୬୨ | ୧:୧୧·୪୦ | ୩,୬୩୩ | ୩,୩୪୪ | ୯୦(୧୨·୨୭%) | ୩୪(୮·୯୮%) |
| | ପାସ୍ ଡିଗ୍ରୀଧାରୀ | ୨,୫୦୩ | ୧୯୩ | ୧:୨୨·୭୭ | ୯୭୭ | ୧,୫୩୨ | ୨୦୨(୧୧·୪୪%) | ୮୨(୫୪·୬୬%) |

ପୁଣା ପରୀକ୍ଷାରେ ସଫଳତାର ଅନୁପାତ ୧:୧୧·୭୭ ହୋଇଥିବା ଛଳେ ପ୍ରଥମ ଶ୍ରେଣୀର ଡିଗ୍ରୀଧାରୀମାନଙ୍କ ସଫଳତା ହାର ୧:୮·୭୦। ଅନ୍ୟମାନଙ୍କ ସଫଳତା ହାର ୧:୧୭·୮୬।

ବିଶ୍ୱବିଦ୍ୟାଳୟଦ୍ୱାରି ପ୍ରାର୍ଥୀମାନଙ୍କ ବିଶ୍ଳେଷଣ କଲେ ପ୍ରାର୍ଥୀଙ୍କ ସଂଖ୍ୟା ହିସାବରେ ଦେଶର ଯେଉଁ ପ୍ରଥମ ଦଶଟି ବିଶ୍ୱବିଦ୍ୟାଳୟ ୧୯୮୪ ପରୀକ୍ଷା ତାଲିକାର ଶୀର୍ଷରେ ଅଛନ୍ତି ସେମାନଙ୍କ ସଫଳତାର ହାର ନିମ୍ନ ପ୍ରକାରର :

| କ୍ରମିକ ସଂଖ୍ୟା | ବିଶ୍ୱବିଦ୍ୟାଳୟ ବା ପ୍ରତିଷ୍ଠାନ ନାମ | ପରୀକ୍ଷାର୍ଥୀ ସଂଖ୍ୟା | ସଫଳ ହେଲେ | ସଫଳତା ଅନୁପାତ |
|---|---|---|---|---|
| (୧) | ଦିଲ୍ଲୀ ବିଶ୍ୱବିଦ୍ୟାଳୟ | ୧,୨୦୯ | ୧୩୪ | ୧:୮·୯୫% |
| (୨) | ରାଜସ୍ଥାନ ବିଶ୍ୱବିଦ୍ୟାଳୟ, ଜୟପୁର। | ୭୮୯ | ୫୮ | ୧:୧୩·୬୦% |
| (୩) | ଆହ୍ଲାବାଦ ବିଶ୍ୱବିଦ୍ୟାଳୟ | ୬୩୧ | ୩୭ | ୧:୧୭·୦୫% |
| (୪) | ଆନ୍ଧ୍ର ବିଶ୍ୱବିଦ୍ୟାଳୟ ୱାଲଟିୟର୍। | ୪୪୦ | ୨୯ | ୧:୧୫·୧୭% |
| (୫) | ପାଟ୍ନା ବିଶ୍ୱବିଦ୍ୟାଳୟ | ୩୯୮ | ୨୩ | ୧:୧୭·୩୦% |
| (୬) | ଉତ୍କଳ ବିଶ୍ୱବିଦ୍ୟାଳୟ | ୩୬୫ | ୨୫ | ୧:୧୫·୦୦% |
| (୭) | ପଞ୍ଜାବ ବିଶ୍ୱବିଦ୍ୟାଳୟ ଚଣ୍ଡିଗଡ଼। | ୩୬୬ | ୫୧ | ୧:୭·୧୮% |
| (୮) | ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ, ନିଉଦିଲ୍ଲୀ। | ୩୨୫ | ୪୬ | ୧:୭·୦୩% |
| (୯) | ମାଡ୍ରାସ୍ ବିଶ୍ୱବିଦ୍ୟାଳୟ | ୨୫୮ | ୧୯ | ୧:୧୩·୫୮% |
| (୧୦) | ଓସ୍ମାନିଆ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ୍। | ୨୪୯ | ୧୧ | ୧:୨୨·୬୪% |

ପ୍ରାର୍ଥୀ ସଂଖ୍ୟାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାନ ଷଷ୍ଠ ହୋଇଥିଲେ ହେଁ ତାହାର ସଫଳତା ହାର ନିଖିଳ ଭାରତୀୟ ସଫଳତା ହାର (୧:୧୧·୭୭ ଶତାଂଶ)ଠାରୁ ବହୁତ ତଳେ।

ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ସଫଳତା ହାର ଦେଖିଲେ ଆହୁରି ଖରାପ ଲାଗେ।

| କ୍ରମିକ ସଂଖ୍ୟା | ବିଶ୍ୱବିଦ୍ୟାଳୟ | ପରୀକ୍ଷାର୍ଥୀ ସଂଖ୍ୟା | ସଫଳ ହେଲେ | ସଫଳତା ଅନୁପାତ |
|---|---|---|---|---|
| (୧) | ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର। | ୬ | ୦ | ୦ |
| (୨) | ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ | ୩୮ | ୦ | ୦ |
| (୩) | ସମ୍ବଲପୁର ବିଶ୍ୱବିଦ୍ୟାଳୟ | ୮୨ | ୨ | ୧:୪୧(୨·୪୪%) |
| (୪) | ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର। | ୩୬୫ | ୨୫ | ୧:୧୫(୬·୬୭%) |

ଯେଉଁ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀର ଗୋଟିଏ ହେଲେ ପ୍ରାର୍ଥୀ ମଧ୍ୟ ସଫଳ ହୋଇପାରି ନାହାନ୍ତି, ସେମାନଙ୍କ ମଧ୍ୟରେ ଓଡ଼ିଶାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ କୌଣସି ପ୍ରଥମ ଶ୍ରେଣୀର ଛାତ୍ର ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନଥିଲେ ମଧ୍ୟ ଦ୍ୱିତୀୟ ଶ୍ରେଣୀର ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ମେରିଟ୍‌ର ମାପ ତା'ହେଲେ କ'ଣ ?

ଉତ୍କଳ ବିଶ୍ୱବିଦ୍ୟାଳୟ

| ବର୍ଷ | କେତେ ପ୍ରାର୍ଥୀ | କେତେ ସଫଳ | ସଫଳତାର ଅନୁପାତ | |
|---|---|---|---|---|
| ୧୯୮୪ | ୩୬୫ | ୨୫ | ୧:୧୫ | ମୋଟ ପ୍ରାର୍ଥୀ |
| ୧୯୮୪ | ୨୪୨ | ୨୩ | ୧:୧୦·୫୨ | ପ୍ରଥମ ଶ୍ରେଣୀ |
| ୧୯୮୩ | ୩୮୯ | ୧୭ | ୧:୨୨·୮୮ | ମୋଟ୍ ପ୍ରାର୍ଥୀ |
| ୧୯୮୩ | ୨୨୩ | ୧୦ | ୧:୨୨·୩୦ | ପ୍ରଥମ ଶ୍ରେଣୀ |
| ୧୯୮୨ | ୩୨୯ | ୩୫ | ୧:୯·୪୦ | ମୋଟ୍ ପ୍ରାର୍ଥୀ |
| ୧୯୮୨ | ୯୮ | ୧୬ | ୧:୬·୧୩ | ପ୍ରଥମ ଶ୍ରେଣୀ |
| ୧୯୮୧ | ୨୮୨ | ୨୦ | ୧:୧୪·୧୦ | ମୋଟ୍ ପ୍ରାର୍ଥୀ |
| ୧୯୮୧ | ୧୨୬ | ୧୩ | ୧:୯·୬୯ | ପ୍ରଥମ ଶ୍ରେଣୀ |
| ୧୯୭୯ | ୨୨୭ | ୨୨ | ୧:୧୦·୩୨ | ମୋଟ୍ ପ୍ରାର୍ଥୀ |
| ୧୯୭୯ | ୮୬ | ୧୨ | ୧:୭·୧୭ | ପ୍ରଥମ ଶ୍ରେଣୀ |

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

| ବର୍ଷ | କେତେ ପ୍ରାର୍ଥୀ | କେତେ ସଫଳ | ସଫଳତାର ଅନୁପାତ |
|---|---|---|---|
| ୧୯୮୪ | ୬ | ୦ | |
| ୧୯୮୩ | ୬ | ୦ | |
| ୧୯୮୨ | ୪ | ୦ | |
| ୧୯୮୧ | ୧ | ୦ | |
| ୧୯୮୦ | ୨ | ୦ | |

ସମ୍ବଲପୁର ବିଶ୍ୱବିଦ୍ୟାଳୟ

| ବର୍ଷ | କେତେ ପ୍ରାର୍ଥୀ | କେତେ ସଫଳ | ସଫଳତାର ଅନୁପାତ |
|---|---|---|---|
| ୧୯୮୪ | ୮୨ | ୨ | ୦.୪୧ |
| ୧୯୮୩ | ୯୦ | ୪ | ୦.୨୨-୫୦ |
| ୧୯୮୩ | ୬୦ | ୩ | ୦.୧୬-୬୬ପ୍ରଥମ ଶ୍ରେଣୀ |
| ୧୯୮୨ | ୬୯ | ୫ | ୦.୨୩.୮୦ |
| ୧୯୮୨ | ୫୧ | ୩ | ୦.୧୩-୬୬ପ୍ରଥମ ଶ୍ରେଣୀ |
| ୧୯୮୧ | ୬୬ | ୨ | ୦.୧୧ |
| ୧୯୮୧ | ୩୯ | ୪ | ୦.୧୦-୬୬ପ୍ରଥମ ଶ୍ରେଣୀ |
| ୧୯୮୦ | ୪୦ | ୩ | ୦.୧୩-୩୩ |
| ୧୯୭୯ | ୭୦ | ୩ | ୨୬-୬୬ପ୍ରଥମ ଶ୍ରେଣୀ |

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

| ବର୍ଷ | କେତେ ପ୍ରାର୍ଥୀ | କେତେ ସଫଳ | ସଫଳତାର ଅନୁପାତ |
|---|---|---|---|
| ୧୯୮୪ | ୩୮ | ୦ | |
| ୧୯୮୩ | ୪୮ | ୧ | ୧୬୮ମୋଟ୍ ପ୍ରାର୍ଥୀ |
| ୧୯୮୩ | ୨୪ | ୧ | ୧୬ପ୍ରଥମ ଶ୍ରେଣୀ |
| ୧୯୮୨ | ୨୮ | ୦ | – |
| ୧୯୮୦ | ୧୧ | ୦ | – |

ପିଲାମାନଙ୍କୁ ନମ୍ବର ଦେବାରେ ପ୍ରିୟାପ୍ରୀତି କାମ କରୁଥିବାର ସନ୍ଦେହ ନହେବ କାହିଁକି ?

ଯେଉଁ ବିଶ୍ୱବିଦ୍ୟାଳୟ ବା ଅନୁଷ୍ଠାନଗୁଡ଼ିକରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କ ସଫଳତା ହାର ସର୍ବଭାରତୀୟ ସଫଳତା ହାରଠାରୁ କମ୍, ସେଗୁଡ଼ିକ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଛନ୍ତି । ୧୯୮୪ରେ ୨୪୨ ଜଣ ଫାଷ୍ଟ କ୍ଲାସ୍ ପିଲାଙ୍କ ଭିତରୁ ମାତ୍ର ୨୩ ଜଣ ସଫଳ ହୋଇଛନ୍ତି; ସଫଳତା ହାର ୦.୯୦-୫୨(୯.୫ ଶତାଂଶ) ଏଭଳି ତାଲିକାରେ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ, ଆହ୍ଲାବାଦ୍ ବିଶ୍ୱବିଦ୍ୟାଳୟ, ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ, ପିଲାନିର୍ ବିରଳା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି, କଲିକତା ବିଶ୍ୱବିଦ୍ୟାଳୟ, ମାଡ୍ରାସ ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଅଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୩୩ ଜଣ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀ ପରୀକ୍ଷା ଦେଇ ୨ ଜଣ ସଫଳ ହୋଇଥିଲେ । ଏହି ଅନୁପାତ ୦:୬୬-୫(୧.୫ ଶତାଂଶ) ମଧ୍ୟ ସର୍ବଭାରତୀୟ ଅନୁପାତରୁ କମ୍ ।

ଓଡ଼ିଆ ଭାଷା ସମ୍ବିଧାନରେ ସ୍ୱୀକୃତ ହୋଇଥିଲେ ହେଁ ଓଡ଼ିଆ ମାଧ୍ୟମରେ ପରୀକ୍ଷା ଦେଇଥିବା ପ୍ରାର୍ଥୀଙ୍କ ସଂଖ୍ୟା ପ୍ରାୟ ଶୂନ୍ୟ । ୧୯୮୫ରେ ଜଣେ ଲେଖାଏଁ ପ୍ରାର୍ଥୀ ଭୂତତ୍ତ୍ୱ ବିଜ୍ଞାନ ଓ ମନସ୍ତତ୍ତ୍ୱ ବିଜ୍ଞାନ ପ୍ରଶ୍ନ ପତ୍ରଗୁଡ଼ିକର ଓଡ଼ିଆରେ ଉତ୍ତର ଦେଇଥିଲେ । ଭାରତୀୟ ଭାଷାକୁ ବାଧ୍ୟତାମୂଳକ ପତ୍ର ରୂପେ ନେଇଥିବା ପ୍ରାର୍ଥୀଙ୍କ ସଂଖ୍ୟା ୧୯୮୪ରେ ୬୯୬ ଥିବା ସ୍ଥଳେ ୧୯୮୫ରେ ୬୨୯କୁ କମି ଆସିଥିଲା । ସଂଖ୍ୟା ହିସାବରେ ପ୍ରାର୍ଥୀମାନଙ୍କ ମଧ୍ୟରେ ତେଲୁଗୁ ଓ ହିନ୍ଦି ଭାଷାରେ ଯଥାକ୍ରମେ ସର୍ବାଧିକ ଓ ଦ୍ୱିତୀୟ ବୃହତ୍ ସଂଖ୍ୟାର ପ୍ରାର୍ଥୀ ଭାଷା ପତ୍ର ନେଇଥିଲେ । ଓଡ଼ିଆ ତୃତୀୟ ସ୍ଥାନ ଅଧିକାର କରିଛି । ଅଥଚ ଅନ୍ୟ ପ୍ରଶ୍ନ ପତ୍ରକୁ ନିଜ ମାତୃଭାଷାରେ ଉତ୍ତର ଦେବା ପାଇଁ ଗ୍ରହିଥିବା ପ୍ରାର୍ଥୀଙ୍କ ସଂଖ୍ୟା ପ୍ରାୟ ଅନ୍ୟ ସବୁ ଭାଷାରେ ଅଧିକ ଥିଲା ବେଳେ ଓଡ଼ିଆରେ ଖୁବ୍ କମ୍ । ଜେନେରାଲ୍ ଷ୍ଟଡିଜ୍ ପ୍ରଶ୍ନ ପତ୍ରରେ ୧.୩୦୦ରୁ ଅଧିକ ପିଲା ହିନ୍ଦିରେ, ୧୦୦ରୁ ଅଧିକ ପିଲା ତେଲୁଗୁରେ, ୨୦ରୁ ଅଧିକ ପିଲା ପଞ୍ଜାବୀ, ଗୁଜୁରାଟୀ ଓ ମରାଠୀ, ୭ରୁ ବେଶୀ ବଙ୍ଗଳାରେ, ୨ ବା ୩ ଆସାମୀ ଭାଷାରେ, ୫ ବା ୬ କନ୍ନଡ଼ ଭାଷାରେ, ୨ ବା ୩ ମାଲୟାଲାମ୍ ଭାଷାରେ, ଏପରିକି ଜଣେ ସଂସ୍କୃତରେ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଓଡ଼ିଆରେ ଗୋଟିଏ ହେଲେ ପ୍ରାର୍ଥୀ ନଥିଲେ । ଏହାର କାରଣ କ'ଣ ? ଆମର ପରୀକ୍ଷକମାନେ କ'ଣ ଓଡ଼ିଆରେ ଲେଖା ଥିବା ଉତ୍ତର ପତ୍ରକୁ କମ୍ ନମ୍ବର ଦେବେ ବୋଲି ପଳାଏ ଡରୁଛନ୍ତି ? କିମ୍ବା ଜେନେରାଲ୍ ଷ୍ଟଡିଜ୍ ବିଷୟରେ ବହି ଓଡ଼ିଆରେ ନାହିଁ ? ବେଶୀ ବଡ଼ ସମ୍ଭାବନା ଯେ ଶିକ୍ଷାୟତନମାନଙ୍କରେ ଶିକ୍ଷା ଦେଉଥିବା ବ୍ୟକ୍ତିମାନେ ଉପଯୁକ୍ତ ଓଡ଼ିଆ ଶବ୍ଦ ପାଉନାହାନ୍ତି କିମ୍ବା ଇଂରାଜୀ ଭାଷାର କିଛି ଅନନୁବାଦ୍ୟ ଶବ୍ଦକୁ ନିଜର କରି ନେଉନାହାନ୍ତି ? କାରଣ ଯାହା ହେଉନା କାହିଁକି ସର୍ବଭାରତୀୟ ନିଯୁକ୍ତି ପରୀକ୍ଷାମାନଙ୍କରେ ଓଡ଼ିଆ ଭାଷାର ବ୍ୟବହାର କମି କମି ଯାଉଛି ।

ଓଡ଼ିଆ ଭାଷାର ବିକାଶ ଲାଗି ଏହା ଶୁଭ ସଙ୍କେତ ନୁହେଁ ।

# କଳିଙ୍ଗର ପ୍ରାଚୀନ କୀର୍ତ୍ତି : ମୁଖଲିଙ୍ଗେଶ୍ୱର

● ଡକ୍ଟର ହରିହର କାନୁନ୍‌ଗୋ

ପୁଣ୍ୟତୋୟା ବଂଶଧାରା ନଦୀ ତଟରେ ଅବସ୍ଥିତ ଦକ୍ଷିଣ କଳିଙ୍ଗର ପ୍ରାଚୀନ ରାଜଧାନୀ କଳିଙ୍ଗ ନଗର ମୁଖଲିଙ୍ଗ କ୍ଷେତ୍ରରେ ପ୍ରସିଦ୍ଧ ଶୈବ ପୀଠ ମୁଖଲିଙ୍ଗେଶ୍ୱର ବା ମଧୁକେଶ୍ୱର ମନ୍ଦିରଟି ଗଙ୍ଗ ବଂଶୀ ରାଜା ଦ୍ୱିତୀୟ କାମାର୍ଣ୍ଣବ (ଖ୍ରୀ: ଅ: ୮୦୩–୮୪୩)ଙ୍କ ସମୟରେ ନିର୍ମିତ ହୋଇଥିଲା । ପୁଣି ତାହାଙ୍କ ନାତି ଦ୍ୱିତୀୟ ବଜ୍ରହସ୍ତଦେବ (ଖ୍ରୀ: ଅ: ୮୪୯–୮୭୦) ମଧୁକେଶ ଆକୃତିର ଶୈବ ମନ୍ଦିର ନିର୍ମାଣ କରିଥିବାରୁ(୧) ଏହା ଦ୍ୱିତୀୟ କାମାର୍ଣ୍ଣବଙ୍କ ସମୟରେ ଆରମ୍ଭ ହୋଇ ଦ୍ୱିତୀୟ ବଜ୍ରହସ୍ତଙ୍କ ସମୟରେ ଶେଷ ହୋଇଥିବା ସମ୍ଭବପର ।

ଏହି ପୁରାଣ ପ୍ରସିଦ୍ଧ ଶୈବ କ୍ଷେତ୍ର ମୁଖଲିଙ୍ଗ ମନ୍ଦିରଟି ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା ଅନ୍ତର୍ଗତ ଷ୍ଟଲପେଟାଠାରୁ ୧୫ କି. ମି. ଦୂରରେ କିମ୍ବା ଗଞ୍ଜାମ ଜିଲ୍ଲାସ୍ଥ ପାରଳାଖେମୁଣ୍ଡିର ଦକ୍ଷିଣ ପଶ୍ଚିମ କୋଣରେ ବଂଶଧାରା ନଦୀର ପୂର୍ବ ଦିଗରେ ଏହା ଦଣ୍ଡାୟମାନ । ପ୍ରତିବର୍ଷ ଶିବରାତ୍ରି ଦିନ ଏହି କ୍ଷେତ୍ରରେ ତିନିଦିନ ଧରି ଯାତ୍ରୀ ମହାସମାରୋହରେ ପାଳିତ ହୁଏ । ଏତଦ୍ ବ୍ୟତୀତ ହର-ପାର୍ବତୀ ବିବାହ, କାର୍ତ୍ତିକ ମାସର ଚାରି ସୋମବାର ତଥା ପ୍ରତ୍ୟେକ ପୂର୍ଣ୍ଣମୀ ଓ ଏକାଦଶୀରେ ମହାପ୍ରଭୁଙ୍କର ପୂଜାଭିଷେକ ଉତ୍ସବ ଅତି ନିଷ୍ଠାର ସହ ପାଳନ କରାଯାଏ । ବହୁ ବର୍ଷ ପୂର୍ବେ ସେଠାରେ ଘର ତିଆରି କରିବା ପାଇଁ ମାଟି ଖୋଳିଲା ବେଳେ ବଡ଼ ବଡ଼ ପଥର ବିଗ୍ରହ ଓ ସେଥିରେ ଥିବା ସ୍ଥାପତ୍ୟ ଭାସ୍କର୍ଯ୍ୟ ତଥା ସୁନ୍ଦର ସୁନ୍ଦର ଚିତ୍ର ଫଳକ ସବୁ ମିଳିଥିଲା । କିନ୍ତୁ ଏବେ ସେ ସବୁ ବିସ୍ମୃତି ଗର୍ଭରେ ଲୀନ ପ୍ରାୟ ।

ମୁଖଲିଙ୍ଗ ନଗରର ଉଭୟ ପାର୍ଶ୍ୱରେ ବଂଶଧାରା ନଦୀଟି ପ୍ରବାହିତ । ଏବେ ମଧ୍ୟ ତାର ସ୍ମୃତି ସ୍ୱରୂପ ପଶ୍ଚିମ ଦିଗରେ ଦକ୍ଷିଣ ମୁଖୀ ହୋଇ ସେହି ନଦୀଟି ବହି ଚାଲିଛି । ମୁଖଲିଙ୍ଗର ପୂର୍ବ ଦିଗରେ କଇକବାଲସା ନିକଟରେ ପଦ୍ମନାଭ ପର୍ବତକୁ ଛୁଇଁ ଏହି ନଦୀଟି ପ୍ରବାହିତ ହୋଇ ଚାଲିଛି । କିନ୍ତୁ ସେହି ଜଳଭାଗଗୁଡ଼ିକ ଧୀରେ ଧୀରେ ଶୁଷ୍କ ଜମିରେ ପରିଣତ ହୋଇଗଲାଣି । ସେତେବେଳେ ବଂଶଧାରା ନଦୀଟି ଗଭୀର ଓ ଚିରସ୍ରୋତା ହୋଇଥିବାରୁ କଳିଙ୍ଗର ରାଜକୁମାରମାନେ ନୌଯାତ୍ରା ଶିଖୁଥିଲେ । କାରଣ ଏହାର ସଙ୍କେତ ସ୍ୱରୂପ ଓ୍ୱାଡ଼ାବାଲସା ଓ ଓ୍ୱାଡ଼ାପିଲ୍ଲୀ (ନୌକାପଲ୍ଲୀ) ଗ୍ରାମ ମୁଖଲିଙ୍ଗ କ୍ଷେତ୍ରଠାରୁ ୧୦ କି: ମି: ଦୂରରେ ବଂଶଧାରା ନଦୀ ତଟରେ ରହିଛି । ପ୍ରାଚୀନ ମୁଖଲିଙ୍ଗ ଦୁର୍ଗର ଲମ୍ବ ଥିଲା ପ୍ରାୟ ସାଢ଼େ ତିନି କିଲୋମିଟର ଏବଂ ଓସାର ଥିଲା ଦେଢ଼ କିଲୋମିଟର ।

ଏହି ପ୍ରାଚୀନ କ୍ଷେତ୍ରର ଐତିହ୍ୟ ଓ ପରମ୍ପରା ପୁରାଣ ପ୍ରସିଦ୍ଧ । ଏହାକୁ ଦକ୍ଷିଣ କାଶୀ ପୀଠ ବୋଲି କୁହାଯାଏ । କାରଣ ଗଙ୍ଗା ନଦୀ କୂଳରେ ଥିଲା କାଶୀ କ୍ଷେତ୍ର । ବଂଶଧାରା ନଦୀ ତଟରେ ସେହିଭଳି ରହିଛି ମୁଖଲିଙ୍ଗ କ୍ଷେତ୍ର । କ୍ଷେତ୍ର ମାହାତ୍ମ୍ୟ ଅନୁସାରେ ଗଙ୍ଗା କୂଳରେ ଜଣେ ବ୍ରହ୍ମର୍ଷି ତପସ୍ୟା କରୁଥିବା ସମୟରେ ନଦୀକୁ ପଶ୍ଚିମ ପଟେ ପ୍ରବାହିତ କରାଇ ଦେଇଥିବା ଭଳି ବଂଶଧାରା ନଦୀଟି ମଧ୍ୟ ମୁଖଲିଙ୍ଗ ମନ୍ଦିରର ପଶ୍ଚିମ ପଟେ ଗତି କରୁଛି । କ୍ଷେତ୍ର ପାଳକ ପଦ୍ମନାଭ ପର୍ବତଠାରୁ ବହୁ ଦୂରରେ ନଦୀଟି ଗତିପଥ ବଦଳାଇ ଚାଲିଛି । ଏହି ପୀଠ ସତ୍ୟ ଯୁଗରେ ଗୋବିନ୍ଦ କାନନ, ତ୍ରେତୟାରେ ମଧୁକେଶ୍ୱର, ଦ୍ୱାପରରେ ଜୟନ୍ତୀ କ୍ଷେତ୍ର ବା ଜୟନ୍ତୀପୁର ଓ କଳିଯୁଗରେ ମୁଖଲିଙ୍ଗ କ୍ଷେତ୍ର ଭାବରେ ପରିଚିତ ହୋଇଛି । କିମ୍ବଦନ୍ତୀ ଅଛି ଯେ କୋଟିଏ ଲିଙ୍ଗ ମଧ୍ୟରୁ ଗୋଟିଏ ଲିଙ୍ଗରେ ଶିବଙ୍କ ମୁଖ ପରିଲକ୍ଷିତ ହୋଇଥିବାରୁ ଏହାର ନାମ ହୋଇଛି ଶ୍ରୀମୁଖଲିଙ୍ଗ । ପୁଣି ସେଠାରେ ମଧୁକ ବୃକ୍ଷ ବହୁ ପରିମାଣରେ ଥିବାରୁ ଏବଂ ଶିବଙ୍କର ଉତ୍ପତ୍ତି ହୋଇଥିବାରୁ ଏହାର ନାମ ହୋଇଛି ମଧୁକେଶ୍ୱର । ଏହା ବ୍ୟତୀତ କୋଟିଏ ଲିଙ୍ଗ ଭିତରେ ମୁଖ୍ୟ ହୋଇଥିବାରୁ ଏହା ମୁଖ୍ୟ ଲିଙ୍ଗ ବା ମୁଖଲିଙ୍ଗ ହୋଇଛି । ଅତଏବ୍ ଲିଙ୍ଗମାଳିନୀ ମୁଖଲିଙ୍ଗେଶ୍ୱର ଓଡ଼ିଶାର ଗଙ୍ଗବଂଶୀ ରାଜାମାନଙ୍କ ଦ୍ୱାରା ନିର୍ମିତ ହୋଇ ପ୍ରାଚୀନ ଭାସ୍କର୍ଯ୍ୟ ଓ ସ୍ଥାପତ୍ୟର ମୂକସାକ୍ଷୀ ଭଳି ପଡ଼ିରହିଛି ।

ମଧୁକେଶ୍ୱରଙ୍କୁ ମଧୁକଲିଙ୍ଗ ବୋଲି କହୁଥିବାରୁ ଓଡ୍ର ପ୍ରାକୃତରେ ମହାଲିଙ୍ଗ ହୋଇ ଓଡ଼ିଆ ଭାଷାରେ ମୁଖଲିଙ୍ଗରେ ପରିଣତ ହୋଇଛି(୨) । ଅତଏବ୍ ମଧୁକଲିଙ୍ଗ ହିଁ ମହାଲିଙ୍ଗ ବା ମୁଖ୍ୟଲିଙ୍ଗ ବା ମୁଖଲିଙ୍ଗ ହୋଇଥିବା ସମ୍ଭବପର । "ଶୈବ ଆଗମ"ରେ ଈଶ୍ୱରଙ୍କୁ ମୁଖ୍ୟ ଲିଙ୍ଗ ରୂପେ ଉଲ୍ଲେଖ କରାଯାଇଛି । ପୁଣି "କ୍ଷେତ୍ର

ମାହାତ୍ମ୍ୟ"ରେ ଲିଙ୍ଗଟି ମୁଖାକୃତି ଥିବା କଥା କେଉଁଠାରେ ହେଲେ ଉଲ୍ଲେଖ ନାହିଁ। ଏଣେ ସ୍ଥାନୀୟ ଲୋକେ ଗ୍ରାମର ନାମ ନଗର ବୋଲି କହନ୍ତି କିମ୍ବା ନଗର ଶବ୍ଦର ଅର୍ଥ କଟକ ସଂଯୋଗ କରି ନଗରୀ କଟକ କହନ୍ତି ବରଂ ସେହି ଗ୍ରାମକୁ ମୁଖଲିଙ୍ଗ ବୋଲି କହୁଛନ୍ତି। ସେହି ଲିଙ୍ଗର ସମ୍ମୁଖରେ ଶିଖଟି ଗଢ଼ିଥିବାରୁ ଏହି ମନ୍ଦିରର ନାମ ଅପଭ୍ରଂଶ ହୋଇ ମୁଖଲିଙ୍ଗ ହୋଇଛି। "କ୍ଷେତ୍ର ମାହାତ୍ମ୍ୟ"ରେ ଏହି କ୍ଷେତ୍ରକୁ ଜୟନ୍ତପୁର ଏବଂ ଗୋକର୍ଣ୍ଣ ବୋଲି କହିବା ସଙ୍ଗେ ସଙ୍ଗେ ସେହି ଦେବତାଙ୍କୁ ଜୟନ୍ତୀଶ୍ୱର ଓ ଗୋକର୍ଣ୍ଣେଶ୍ୱର ବୋଲି କହିଥାନ୍ତି। ଗଙ୍ଗ ବଂଶୀୟ ରାଜାଙ୍କ ଦ୍ୱାରା ମହେନ୍ଦ୍ରାଞ୍ଚଳରେ ନିର୍ମିତ ଗୋକର୍ଣ୍ଣେଶ୍ୱରଙ୍କୁ "କୁଳ ଦେବତା" ବୋଲି କହିଥାନ୍ତି। ତେଣୁ ଗଙ୍ଗ ବଂଶୀ ରାଜାମାନେ ତାହାଙ୍କ ରାଜଧାନୀ ନଗରୀ କଟକରେ କୁଳ ଦେବତା ଭାବରେ ଗୋକର୍ଣ୍ଣେଶ୍ୱର ଶିବଙ୍କୁ ପ୍ରତିଷ୍ଠା କରିଥିବା ସମ୍ଭବପର।

କଳିଙ୍ଗର ରାଜଧାନୀ ଦନ୍ତପୁରରେ ମଧ୍ୟ ପୂର୍ବେ ଗୋକର୍ଣ୍ଣେଶ୍ୱର ମନ୍ଦିର ଥିଲା। ମୁଖଲିଙ୍ଗେଶ୍ୱରଙ୍କ ନାମାନୁସାରେ ନଗରର ନାମ ମୁଖଲିଙ୍ଗ ଭଳି ଗୋକର୍ଣ୍ଣଙ୍କ ନାମାନୁସାରେ ଗୋକର୍ଣ୍ଣେଶ୍ୱର ହୋଇଥିବା ସମ୍ଭବପର। ଏହି କ୍ଷେତ୍ରର କ୍ଷେତ୍ରାଧିପତି ଥିଲେ ଜୟନ୍ତୀଶ୍ୱର ବା ଗୋକର୍ଣ୍ଣେଶ୍ୱର। କିନ୍ତୁ ଅଭିଲେଖରେ ଜୟନ୍ତୀପୁର ନାମ ନଥାଇ ଗୋକର୍ଣ୍ଣ ନାମର ଉଲ୍ଲେଖ ଅଛି(୩)। ପ୍ରାଚୀନ କାଳରେ କଳିଙ୍ଗ ନଗରକୁ ଗୋକର୍ଣ୍ଣ ନଗର ବୋଲି କୁହାଯାଉଥିଲା(୪)। ମଧୁକେଶ୍ୱରଙ୍କ ସମ୍ପର୍କରେ ଅଭିଲେଖରେ ଉଲ୍ଲେଖ ଥିବାରୁ କଳିଙ୍ଗ ନଗର ହିଁ ଥିଲା ଗୋକର୍ଣ୍ଣ। ତେଣୁ ଅଭିଲେଖାନୁସାରେ ନଗରୀ କଟକ ମୁଖଲିଙ୍ଗ କଳିଙ୍ଗ ନଗରର ପ୍ରାଚୀନ ବୈଭବ ହୋଇ ରହିଥିଲା। ଶ୍ରୀ ସଂସାରଭିତ ଦେବଙ୍କ ଶିଷ୍ୟ ତ୍ରୈଲୋକ୍ୟଭିତ ଦେବଙ୍କ ନାମ ଏହି ଅଭିଲେଖରେ ଉଲ୍ଲେଖ ଅଛି। ଶ୍ରୀ ସଂସାରଭିତ ଦେବଙ୍କ ଅନ୍ୟ ନାମ ହେଉଛି ମଧୁକେଶ୍ୱର। ଅତଏବ୍ ଏହି ମଧୁକେଶ୍ୱର ଗଙ୍ଗ ବଂଶୀ ପାରଳାର ଗଜପତି ରାଜାଙ୍କ କୁଳ ଦେବତା ଭାବରେ ମୁଖଲିଙ୍ଗ କ୍ଷେତ୍ରରେ ପୂଜା ପାଉଥିଲେ। କାରଣ ତାହାଙ୍କ ପୂର୍ବ ବଂଶଧର ପୃଥ୍ୱୀକର୍ଣ୍ଣ ଭାନୁଦେବ ବା ଲିଙ୍ଗ ଭାନୁଦେବ (୧୨୦୮–୧୨୫୦)ଙ୍କଠାରୁ ମୁକୁନ୍ଦରୁଦ୍ର ଗଜପତି ନାରାୟଣ ଦେବ (୧୬୯୯–୧୭୧୦)ଙ୍କ ପର୍ଯ୍ୟନ୍ତ ଦୀର୍ଘ ଦୁଇଶହ ବର୍ଷ କାଳ ଏହି ନଗରୀ କଟକ ମୁଖଲିଙ୍ଗ କଳିଙ୍ଗର ରାଜଧାନୀ ହୋଇଥିଲା।

ଏହି ମଧୁକେଶ୍ୱର ବା ମୁଖଲିଙ୍ଗେଶ୍ୱର ମନ୍ଦିରର ଉଚ୍ଚତା ଭୂମି ପତନଠାରୁ ୬୦ ଫୁଟ। ସମ୍ମୁଖରେ ବିଶାଳକାୟ ୫୦ ଫୁଟ ଉଚ୍ଚ ଧ୍ୱଜସ୍ତମ୍ଭ ବିଦ୍ୟମାନ। ମନ୍ଦିରର ଚାରି ପଟରେ ପଥର ପାଚେରୀ ବେଢ଼ି ରହିଛି। ପୂର୍ବ ଓ ଦକ୍ଷିଣ ପଟରେ ରହିଛି ଦ୍ୱାର। ପୂର୍ବ ପଟରେ ଦୁଇଟି ପ୍ରବେଶ ଦ୍ୱାର ଅଛି। ଦ୍ୱିତୀୟ ପ୍ରବେଶ ଦ୍ୱାରର ଛାତ ପୀଢ଼ ଦେଉଳ ଆକୃତି ଭଳି ରହିଛି। ଓଡ଼ିଶାର ମନ୍ଦିରଗୁଡ଼ିକର ଛାତ ଏହି ପୀଢ଼ ଦେଉଳ ଆକୃତିର ନିର୍ମିତ। ମହେନ୍ଦ୍ରଗିରିର କୁନ୍ତୀ ଦେଉଳ ମଧ୍ୟ ଏହି ପିଢ଼ାକୃତିରେ ଦଣ୍ଡାୟମାନ। ବର୍ଗାକୃତି ମୂଳ ମନ୍ଦିରଟିର ଲମ୍ବ ୨୭ ଫୁଟ ଏବଂ ଆୟତାକୃତି ଜଗମୋହନ ଲମ୍ବ ୫୦ ଫୁଟ ଏବଂ ଓସାର ୪୦ ଫୁଟ। ରେଖ ଦେଉଳ ପଦ୍ଧତିରେ ନିର୍ମିତ ମୂଳ ମନ୍ଦିରର ଚତୁଃକୋଣରେ ବରୁଣ, ଯମ, ଅଗ୍ନି ଓ ଇନ୍ଦ୍ର ଆଦି ଦେବତାଙ୍କର ମନ୍ଦିର ରହିଛି। ଚାରିକୋଣରେ ଥିବା ଏହି ମନ୍ଦିରଗୁଡ଼ିକର ଉଚ୍ଚତା ୨୨ ଫୁଟ ଏବଂ ବର୍ଗାକାର କ୍ଷେ... ପାର୍ଶ୍ୱଗୁଡ଼ିକର ଲମ୍ବ ଓସାର ପ୍ରାୟ ୯ ଫୁଟ।

ଉତ୍ତର ପଟ ମଝି କାନ୍ଥକୁ ଲାଗି ଗଢ଼ିଥିବା ଛୋଟ ମନ୍ଦିରରେ ପଦ୍ମାସନରେ ସିଂହବାହିନୀ ଅଷ୍ଟଭୁଜା ବାରାହୀ ଦୁର୍ଗା – ଡାହାଣ ହାତରେ ଖଡ୍‌ଗ, ଧନୁ, ଚକ୍ର ଓ' ବରହସ୍ତ, ବାମ ହାତରେ ତ୍ରିଶୂଳ, ଧନୁ, ଢାଲ ଓ ଖଣ୍ଡା ଧାରଣ କରି ଉପବିଷ୍ଟା। ମୁଖ୍ୟ ପ୍ରାସାଦର ତିନିପାର୍ଶ୍ୱ କାନ୍ଥରେ ହଂସବାହିନୀ ବ୍ରାହ୍ମୀ, ବୃଷଭବାହିନୀ ମାହେଶ୍ୱରୀ, ମୟୂରବାହିନୀ କୌମାରୀ, ଗରୁଡ଼ବାହିନୀ ବୈଷ୍ଣବୀ, ମହିଷବାହିନୀ ବାରାହୀ, ଗଜବାହିନୀ ଇନ୍ଦ୍ରାଣୀ ଓ ଶବବାହିନୀ ଚାମୁଣ୍ଡା ଆଦି ସପ୍ତ ମାତୃକା ସୁଶୋଭିତା। ଉପର କାନ୍ଥର ... ପାର୍ଶ୍ୱରେ ଚତୁର୍ଭୁଜା ଗୌରୀ ଦେବୀ ଓ ଉପର ମଥାନରେ ... ଚତୁର୍ଭୁଜା ଗଜଲକ୍ଷ୍ମୀ ଶୋଭା ପାଉଛନ୍ତି। ତଳେ ଦ୍ୱାରପାଳ ଜୟ ବିଜୟ ଜାଗ୍ରତ ପ୍ରହରୀ ସଦୃଶ ଦଣ୍ଡାୟମାନ। ସେହି ଉତ୍ତର ପଟ କାନ୍ଥରେ ବିଷ୍ଣୁ ମୂର୍ତ୍ତି ଚିତ୍ର ଏବଂ ହର–ପାର୍ବତୀଙ୍କ ପଞ୍ଚାଭିଷେକ ଚିତ୍ର ଅତ୍ୟନ୍ତ ଚିତ୍ତାକର୍ଷକ।

ଉତ୍ତର ପଶ୍ଚିମ ପଟ କୋଣରେ ଅଛନ୍ତି ଯମେଶ୍ୱର। ତାହାର ସମ୍ମୁଖରେ ଅଛି ନୈଋତଙ୍କର ମନ୍ଦିରଟିଏ। ପଶ୍ଚିମ ପଟ ମଝି କାନ୍ଥକୁ ଲାଗି ରହିଥିବା ଛୋଟ ମନ୍ଦିର ଭିତରେ ମୟୂର ଉପରେ ଉପବିଷ୍ଟ କୁମାର ସ୍ୱାମୀ କାର୍ତ୍ତିକେୟ। ପଶ୍ଚିମ ଓ ଦକ୍ଷିଣ ପଟ କୋଣରେ ରହିଛି ଅଗ୍ନିଙ୍କ ମନ୍ଦିର। ଏହି ମନ୍ଦିରର ଦକ୍ଷିଣ ପାର୍ଶ୍ୱ କାନ୍ଥରେ ଅଛନ୍ତି ହରିହର ମୂର୍ତ୍ତି — ତାହାଙ୍କ ବାମ ହସ୍ତରେ ଶଙ୍ଖ ଚକ୍ର ଓ ଦକ୍ଷିଣ ହସ୍ତରେ ଜପମାଳା ଓ ମୁଣ୍ଡର ଖପୁରୀ। ତାହାଙ୍କ ପାଖକୁ ଲାଗି ରହିଛନ୍ତି ଅର୍ଦ୍ଧ ନାରୀଶ୍ୱର। ସମ୍ମୁଖ ପଟ କାନ୍ଥର ଡାହାଣକୁ ହର–ପାର୍ବତୀ ଏବଂ ପ୍ରବେଶ ଦ୍ୱାର ମଥାନରେ ନବଗ୍ରହ ମୂର୍ତ୍ତି ବିଦ୍ୟମାନ। ଦକ୍ଷିଣ ଦ୍ୱାର ପ୍ରାଚୀର ସହିତ ଲାଗି ରହିଥିବା ଛୋଟ ଛୋଟ ମନ୍ଦିରରେ ତିନୋଟି ବିନାୟକ ମୂର୍ତ୍ତି ପୂଜା ପାଉଛନ୍ତି। ଦକ୍ଷିଣ ପୂର୍ବ ପଟ କୋଣରେ ଅଛନ୍ତି ଇନ୍ଦ୍ରେଶ୍ୱର। ସମ୍ମୁଖ ଭାଗରେ ଅଛନ୍ତି ଚିନ୍ତାମଣି ଗଣପତି। ଜଗମୋହନ ଉତ୍ତର ପଟ କାନ୍ଥରେ ଧନ୍ୱନ୍ତରୀ, କାଳ ଭୈରବ, ମହିଷାମର୍ଦ୍ଦିନୀ ଚତୁର୍ଭୁଜା ଦୁର୍ଗା ଓ ଚତୁର୍ଭୁଜା କାଳୀ ମୂର୍ତ୍ତି ଦଣ୍ଡାୟମାନା। ମଧୁକେଶ୍ୱର ମନ୍ଦିରର ଉତ୍ତର ପଟ କାନ୍ଥର ତଳକୁ ଲାଗି କରି ସପ୍ତ ଫଣାରେ ଆଚ୍ଛାଦିତ ନାଗରାଜ ମୂର୍ତ୍ତି। ଦୁଇ ହାତରେ ଅଛି କୁମ୍ଭ। ମଧୁକେଶ୍ୱରଙ୍କ ଅଭିଷେକ ଜଳ ଆସି ସର୍ବଦା ତୀର୍ଥ କୁଣ୍ଡରେ ପଡ଼େ। ଏହାକୁ କେତେକ ଗୋମୁଖ ଚଣ୍ଡେଶ୍ୱରଙ୍କ ମୂର୍ତ୍ତି ବୋଲି କହିଥାନ୍ତି। ମୁଖ୍ୟ ଗର୍ଭାଳୟର ପଶ୍ଚିମ ପଟ ଉପର କାନ୍ଥରେ ଖୋଦିତ କାର୍ତ୍ତିକେୟ ମୂର୍ତ୍ତି ଜୀବନ୍ତ ଭଳି ପ୍ରତୀୟମାନ। ଜଗମୋହନର ଦକ୍ଷିଣ ଦ୍ୱାର ବାମ ପାର୍ଶ୍ୱ କାନ୍ଥରେ ନନ୍ଦିକେଶ୍ୱର, ଅର୍ଦ୍ଧ ନାରୀଶ୍ୱର, ଗୌରୀଶଙ୍କର, ସାକ୍ଷୀ ବିନାୟକ, ନୃତ୍ୟରତ ନଟରାଜ ଏବଂ ଦକ୍ଷିଣ ପାର୍ଶ୍ୱ କାନ୍ଥରେ ନୃସିଂ . , ଅପସ୍ମାର ଶିବ, ଦକ୍ଷିଣ ମୂର୍ତ୍ତି ଶିବ, ବରାହ ରୂପ, ଗୌରୀ ଦେବୀ, କାର୍ତ୍ତିକେୟ ଏବଂ ହରପାର୍ବତୀ ମୂର୍ତ୍ତି ଚିତ୍ର ସବୁ ଖୋଦିତ ହୋଇଛି। ଜଗମୋହନର ଉତ୍ତର ପଟ ଭିତର କାନ୍ଥକୁ ଲାଗିକରି ଅଛନ୍ତି ଚତୁର୍ଭୁଜ ବିଷ୍ଣୁ, ଚତୁର୍ଭୁଜ ମହିଷାମର୍ଦ୍ଦିନୀ ଦୁର୍ଗା, ପଦ୍ମାସନରେ ତପସ୍ୟାରତା ଅଷ୍ଟଭୁଜା ପାର୍ବତୀ, ପୂର୍ବ ପଟ ଭିତର କାନ୍ଥରେ ରାମ ଲକ୍ଷ୍ମଣ ଓ ବୀଣାଧାରିଣୀ ସରସ୍ୱତୀ ବିରାଜମାନା। ବେଢ଼ା ଭିତରେ ଦେବାଳୟର

ଚତୁର୍ଦ୍ଦିଗରେ ଅଷ୍ଟ ଦିଗପାଳ ଓ ଲିଙ୍ଗଗୁଡ଼ିଏ ଅଛନ୍ତି । ସିଂହଦ୍ୱାର ସମ୍ମୁଖରେ ଅଛି ଧ୍ୱଜସ୍ତମ୍ଭ । ତାର ପାଖରେ ଥିବା ପଥର ଫଳକ ଉପରେ ଉପବିଷ୍ଟ ହୋଇଛନ୍ତି ଗୋଟିଏ ବିଗ୍ରହ । ରାଜା ଶତ୍ରୁକୁ ପଦ ଦଳିତ କରି ବିଜୟଲାଭ କରିବାର ଚିତ୍ର ଏହି ବିଗ୍ରହରୁ ଜଣାପଡ଼େ । ସିଂହଦ୍ୱାର ମଣ୍ଡପର ଦୁଇଟି ସ୍ତମ୍ଭ ଉପରେ ଦ୍ୱିତୀୟ ଗଙ୍ଗବଂଶୀ ରାଜାଙ୍କର ଅଭିଲେଖଗୁଡ଼ିଏ ଅଛି । ପୁଣି ସିଂହଦ୍ୱାରର ବାମ ପଟେ ଥିବା ଆଉ ଏକ ପଥର ଫଳକ ଉପରେ ଜଣେ ସ୍ତ୍ରୀ ଓ ପୁରୁଷ ଶିବ ଲିଙ୍ଗକୁ ପୂଜା କରୁଛନ୍ତି । ସିଂହଦ୍ୱାର ଅତିକ୍ରମ କରି ଗଲେ ପଡ଼େ ଦ୍ୱିତୀୟ ମୁଖଦ୍ୱାର । ଦ୍ୱାରର କାନ୍ଥ ଉପର ପଟାରେ ନାରୀ ଓ ପୁରୁଷ ନୃତ୍ୟ ଭଙ୍ଗୀରେ ଠିଆ ହୋଇଥିବା ଖୋଦିତ ହୋଇଛି । ଦ୍ୱିତୀୟ ମୁଖଦ୍ୱାରର ଉପରେ ଥିବା ୮ ଫୁଟ ଲମ୍ବ ଓ ୧୬ ଇଞ୍ଚ ଓସାରର ଏକ ପଥର ଫଳକରେ ଚିତ୍ରଗୁଡ଼ିଏ ଅଛି । ଫଳକର ମଝିରେ ପଦ୍ମପୀଠ ନିକଟସ୍ଥ ଗୋଟିଏ ମହୁଲ ବୃକ୍ଷର ପଛକୁ ବାମ ପଟେ ଥିବା ଉଚ୍ଚ ବେଦୀ ଉପରେ ଜଣେ ପୁରୁଷଟିଏ ବସିଛି । ତା' ପଛରେ ପ୍ରାୟ ୦୬ ଜଣ ପୁରୁଷ ଧାଡ଼ି ବାନ୍ଧି ବସିଛନ୍ତି । ସେମାନେ ସତେ ଯେପରି ଅତି ଶାନ୍ତ ଓ ଗମ୍ଭୀର । ସେମାନଙ୍କ ସମ୍ମୁଖରେ ଥିବା ବୃକ୍ଷର ଡାହାଣ ପଟେ ଜଣେ କ୍ରୋଧାନ୍ୱିତ ହୋଇ ଏକ କଟୁରିରେ ସେହି ବୃକ୍ଷକୁ ହାଣୁଛି । ଲୋକଟିର ଏଭଳି ଉଦ୍ୟମକୁ ବେଦୀ ଉପରେ ବସିଥିବା ଲୋକଟି ବାରଣ କରୁଛି । ଗଛ ହାଣୁଥିବା ଲୋକଟିର ପଛପଟେ ଦୁଇଜଣ ସ୍ତ୍ରୀ ଲୋକ – ଜଣେ ଠିଆ ହୋଇଛନ୍ତି ଏବଂ ଆଉ ଜଣେ ବସିଛନ୍ତି । ଉପସ୍ଥିତ ଥିବା ସ୍ତ୍ରୀ ଲୋକ ଦୁଇଟି ବିନମ୍ରର ସହିତ ହାତ ଯୋଡ଼ି ପ୍ରାର୍ଥନା କରୁଛନ୍ତି । ତାହାଙ୍କ ପଛରେ ଖଡ୍‌ଗଧାରୀ କ୍ରୋଧୀ ପୁରୁଷ ଭଳି ପ୍ରାୟ ୨୯ ଜଣ କିରାତ ସେଠାରେ ଠିଆ ହୋଇଛନ୍ତି । ଉପସ୍ଥିତ ଖଡ୍‌ଗଧାରୀ କିରାତମାନଙ୍କର ପୋଷାକରେ କୌଣସି ଭିନ୍ନତା ପରିଲକ୍ଷିତ ହୁଏନାହିଁ । ବେକରେ ସୁଶୋଭିତ ହାର ଏବଂ ବୃକ୍ଷକୁ ହାଣୁଥିବା କିରାତର ହାତରେ ଥିଲା ବଳା (କଙ୍କଣ) ଓ ଛାତିରେ ପିନ୍ଧିଥିଲା ସାଞ୍ଜୁ । ପିନ୍ଧିଥିବା ଭୂଷଣ ଓ ଅଳଙ୍କାର ସାଧାରଣ ଲୋକଙ୍କଠାରୁ ଥିଲା ଭିନ୍ନ । ମଧୁକେଶ୍ୱରଙ୍କ ସମ୍ବନ୍ଧରେ ଯେଉଁ ଚିତ୍ରଗୁଡ଼ିକ ମୁଖଦ୍ୱାର ଉପରେ ରହିଛି, ସେଥିରୁ ଏହି ମୁଖଲିଙ୍ଗେଶ୍ୱର କ୍ଷେତ୍ର ମାହାତ୍ମ୍ୟରେ ମଧୁକେଶ୍ୱରଙ୍କ ଆବିର୍ଭାବ ପ୍ରସଙ୍ଗ ସ୍ପଷ୍ଟ ଜଣାପଡ଼େ ଏବଂ ମୁଖଲିଙ୍ଗ କ୍ଷେତ୍ର ମାହାତ୍ମ୍ୟ ସମ୍ପର୍କରେ ସଂସ୍କୃତ ସ୍କନ୍ଦ ପୁରାଣ ଉତ୍ତର ଖଣ୍ଡର ନବମ ଅଧ୍ୟାୟରେ ଥିବା "ଜୟନ୍ତୀ କ୍ଷେତ୍ର ମାହାତ୍ମ୍ୟ" ଆଖ୍ୟାନରେ ଅଗସ୍ତି ଷଡ଼ାନନ ସମ୍ବାଦରେ ଉଲ୍ଲେଖ ଅଛି ।

ମୁଖଲିଙ୍ଗ ମନ୍ଦିର ଗାତ୍ରରେ ଗୋଟିଏ ବିରାଟକାୟ ପଥର ଫଳକ ଉପରେ ସୁଖାସନରେ ଆସୀନା ଦଶଭୁଜା ଶକ୍ତି ବିଗ୍ରହ । କେହି କେହି ଏହାଙ୍କୁ ଦୁର୍ଗାଙ୍କର ଅଂଶ ଚଣ୍ଡୀ ବା ଚାମୁଣ୍ଡୀ ବୋଲି କହୁଥିବା ବେଳେ ଆଉ କେହି କେହି ଏହାଙ୍କୁ ଜୈନ ଶକ୍ତି ବା ଚକ୍ରେଶ୍ୱରୀ ବୋଲି କହିଥାନ୍ତି । ଦକ୍ଷିଣ ଚାଲୁକ୍ୟ ସମ୍ପ୍ରଦାୟର ଶିଳ୍ପୀମାନଙ୍କର କାରୁକାର୍ଯ୍ୟର ପ୍ରଭାବ କେତେକ ସ୍ଥଳରେ ଏହି ମନ୍ଦିରରେ ପରିଲକ୍ଷିତ ହୁଏ । କାରଣ ଖ୍ରୀଷ୍ଟୀୟ ଦଶମ ଏକାଦଶ ଶତାବ୍ଦୀରେ କଳିଙ୍ଗ ରାଜା ସହିତ ବେଙ୍ଗି ଚାଲୁକ୍ୟ ରାଜ୍ୟର ସମ୍ପର୍କ ଘନିଷ୍ଠ ଥିଲା । ସିଂହଦ୍ୱାରର ଉଭୟ ପାର୍ଶ୍ୱରେ ପଥରରେ ଖୋଦିତ ନାରୀ ପୁରୁଷଙ୍କର ଦଣ୍ଡାୟମାନ ଭଙ୍ଗୀରେ ନୃତ୍ୟ ଓ ପ୍ରେମାଭିନୟରୁ ମୁଖଲିଙ୍ଗ ନଗରର ଐତିହ୍ୟ, ବୈଭବ ଓ ବୈଚିତ୍ର୍ୟର ପ୍ରମାଣ ମିଳେ । ମନ୍ଦିର ଗାତ୍ରରେ ଥିବା ପଥର ମୂର୍ତ୍ତିରେ ପଲ୍ଲବ ଶିଳ୍ପ କଳାର ନୈପୁଣ୍ୟ ପରିଲକ୍ଷିତ ହୁଏ । କାରଣ ସେତେବେଳେ ମଧ୍ୟ ପଲ୍ଲବ ରାଜବଂଶ ସହିତ କଳିଙ୍ଗର ଘନିଷ୍ଠ ସମ୍ପର୍କ ଥିଲା । ପୂର୍ବ ଗଙ୍ଗବଂଶୀୟ ରାଜାମାନଙ୍କ ଅଭିଲେଖରେ ପଲ୍ଲବ ଶିଳ୍ପ କଳାର ରମଣୀୟତା ବେଶ୍ ସୁସ୍ପଷ୍ଟ ।

ପ୍ରଥମ ମୁଖଦ୍ୱାରର ଉପରି ଭାଗରେ ଷୋଡ଼ଶ ଦଳ ପଦ୍ମର ଚିତ୍ର ସହିତ ଜନସାଧାରଣ ଦେଖୁଥିବା କଳିଙ୍ଗ ପାଇକମାନଙ୍କ ମଲ୍ଲ ଯୁଦ୍ଧ ବେଶ୍ ଆକର୍ଷଣୀୟ । ଏହି ଫଳକର ଟିକିଏ ଉପରକୁ ରହିଛି ଜଙ୍ଗଲରେ କଳିଙ୍ଗ ରାଜାଙ୍କ ଦ୍ୱାରା ହାତୀ ଶିକାରର ଚିତ୍ର । କାରଣ ସେତେବେଳେ କଳିଙ୍ଗ ରାଜାମାନଙ୍କର ଗଜ ଶିକାର କରିବା ଥିଲା ଏକ ବିଳାସ । ଦ୍ୱିତୀୟ ଗୋପୁରମ୍ ନିକଟସ୍ଥ ଭିତରେ ମୁଖ ମଣ୍ଡପଟି ୬' ଗଜ ଲମ୍ବ ଓସାର ବିଶିଷ୍ଟ ବର୍ଗାକୃତି ଭଳି ରହିଛି । ଏହି ମୁଖ ଦ୍ୱାରରେ ଅଛି ଅସଂଖ୍ୟ ଅଭିଲେଖ । ମଣ୍ଡପର ପ୍ରବେଶ ଦ୍ୱାରର ଦକ୍ଷିଣ ପଟେ ଅଛନ୍ତି ବାମନାବତାରରେ ବଳୀ ରାଜାଙ୍କୁ ପାତାଳରେ ଚାପିଥିବା ତ୍ରିବିକ୍ରମ ମୂର୍ତ୍ତି । ଏହାର ଦକ୍ଷିଣକୁ ରହିଛି ଚାରିହାତ ବିଶିଷ୍ଟ ବରାହ ମୂର୍ତ୍ତି । ଦୁଇ ହାତରେ ଭୂମି ଓ ଅନ୍ୟ ଦୁଇ ହାତରେ ଶଙ୍ଖ, ଚକ୍ର । ତଳେ ଅଛନ୍ତି ଦୁଇଟି ନାଗ କନ୍ୟା । ସେମାନଙ୍କ ହାତରେ ଥିବା ପଦ୍ମ ଫୁଲ ଉପରେ ବରାହ ରୂପୀ ବିଷ୍ଣୁଙ୍କର ବାମପାଦ ବିଦ୍ୟମାନ । ତାହାଙ୍କ ନିକଟରେ ଥିବା ସମ୍ଭବତଃ ଦେବୀ ସରସ୍ୱତୀଙ୍କୁ ବୌଦ୍ଧ, ବ୍ରାହ୍ମଣ ଓ ତାନ୍ତ୍ରିକମାନେ ପୂଜା କରୁଛନ୍ତି । କେବଳ ସେ ସରସ୍ୱତୀ ନୁହଁନ୍ତି, ବରଂ ପଦ୍ମାସନରେ ଆସୀନା ଭୟଙ୍କର ନାରୀ ମୂର୍ତ୍ତି । ଅବଲକ୍ଷଣା ଯୁକ୍ତ ଶକ୍ତି ଦେବୀ ହୋଇପାରନ୍ତି । କାରଣ ତାହାଙ୍କ ମସ୍ତକରେ ସୁଶୋଭିତା ଜଟା ଓ ମୁକୁଟ – ଜଟାର ବାମ ପଟରେ ରହିଛି ଚନ୍ଦ୍ରକଳା – ହାତରେ ବୀଣା ଏବଂ ପଛ ଦୁଇ ହାତରେ ପୁସ୍ତକ ଓ ପଦ୍ମ । ଦ୍ୱିତୀୟ ମୁଖଦ୍ୱାର ଦକ୍ଷିଣ ପଟେ ଅଛନ୍ତି ସାତୋଟି ବିଗ୍ରହ ଏବଂ ବାମ ପଟରେ ବାର ହାତ ବିଶିଷ୍ଟ ଦେବ ମୂର୍ତ୍ତି ନୃତ୍ୟରତ । ପୂର୍ବ ପଟେ ଥିବା ବିଗ୍ରହଗୁଡ଼ିକ ମଧ୍ୟରୁ ପ୍ରଥମଟି ବାର ହାତଯୁକ୍ତ ନଟରାଜ ମୂର୍ତ୍ତି – ଦୁଇପଟେ ଅଛନ୍ତି ଗଙ୍ଗା ଓ ପାର୍ବତୀ – ନିକଟରେ ଅଛନ୍ତି ଉଗ୍ର ନରସିଂହ । ସିଂହ ଉପରେ ଉପବିଷ୍ଟ ମୂର୍ତ୍ତିର ଦୁଇ କଡ଼ରେ ଅଛନ୍ତି ପାର୍ବତୀ ଓ ଗଙ୍ଗା । ଏହା ଶିବଙ୍କର ଅତି ଭୟଙ୍କର ପାଶୁପତ ରୂପ ହୋଇଥିବା ସମ୍ଭବପର । ସେହି ମୂର୍ତ୍ତି ନିକଟରେ ଅଛନ୍ତି ଭୀମରୂପୀ ନଟରାଜ, ବରାହ, ଦୁର୍ଗା ଓ କାର୍ତ୍ତିକେୟ । ଏକାଦଶ ରୁଦ୍ର ରୂପରେ ଉଭୟ ପାର୍ଶ୍ୱରେ ଅଛନ୍ତି ଲୀଳାମୟ ଅଷ୍ଟ ମୂର୍ତ୍ତି (ହର ପାର୍ବତୀ, ଚନ୍ଦ୍ରଶେଖର, ଅର୍ଦ୍ଧ ନାରୀଶ୍ୱର, ଅଘୋର ମୂର୍ତ୍ତି, ସଦ୍ୟୋଜାତ ମୂର୍ତ୍ତି, ଭୈରବ, କାଳ ଭୈରବ ଓ ପାଶୁପତ) । ହର ପାର୍ବତୀଙ୍କ କ୍ରୀଡ଼ାରେ ମହାଦେବ ହାରିଯିବାରୁ ପାର୍ବତୀ ବାହନ ବୃଷଭକୁ ଧରି ଚାଲି ଯାଉଥିବାର ଚିତ୍ର ମଧ୍ୟ ରହିଛି । ମୁଖ ଦ୍ୱାରର ଉପରେ ସୂର୍ଯ୍ୟଦେବ ରଥାରୂଢ଼ ହୋଇଛନ୍ତି । କାନ୍ଥରେ ଅଙ୍କିତ ଯୋଦ୍ଧା ମୂର୍ତ୍ତିଙ୍କ ଚିତ୍ରଟିରୁ କଳିଙ୍ଗ ବୀରମାନଙ୍କର କିମ୍ବା ରାଜାମାନଙ୍କର ବୀରତ୍ୱର ଚିତ୍ର ଜଣାପଡ଼େ । ମନ୍ଦିର ଗର୍ଭାଳୟର ବାହାର ପଟରେ ମଣିଷ ମୁଖ ବିଶିଷ୍ଟ ଗୋଟିଏ ମଗର ଉପରେ କେତେକ ଯୋଗୀ ବସିଥିବାର ଚିତ୍ର ବୌଦ୍ଧ ଜାତକ ଗଳ୍ପ ଅନୁସାରେ ପରିଲକ୍ଷିତ ହୁଏ । ମୁଖଲିଙ୍ଗ କ୍ଷେତ୍ରରେ ଶୁଷ

ଜମିରୁ ମିଳିଥିବା ବସ୍ତ୍ର ପରିହିତା ଜୈନ ଶକ୍ତି ସମ୍ପନ୍ନା ନାରୀ ମୂର୍ତ୍ତି ଦକ୍ଷିଣ ହସ୍ତ ଅଭୟ ମୁଦ୍ରା ଓ ତ୍ରିଶୂଳ ଏବଂ ବାମ ହାତରେ ଜପା ପାତ୍ରୀ ଓ ନର ମୁଣ୍ଡ ଶୈବ ଶାକ୍ତ ଧର୍ମର ପ୍ରତୀକ ଦେବୀ ମୂର୍ତ୍ତି ଭାବରେ ପରିଗଣିତା। ଏହି ଶୈବ ପୀଠରେ ବୌଦ୍ଧ, ଜୈନ, ଶୈବ ଓ ଶାକ୍ତ ସବୁ ଧର୍ମର ସତେ ଯେପରି ସମନ୍ୱୟ ହୋଇଛି। ମହାଯାନ ବୌଦ୍ଧ ଧର୍ମାବଲମ୍ବୀ ଏହି କ୍ଷେତ୍ରରେ ରହୁଥିଲେ। କାରଣ ଅଦ୍ୟାବଧି ବଂଶଧାରା କୂଳରେ ଥିବା କଳିଙ୍ଗପାଟଣା ଓ ସାଲିହୁଣ୍ଡାମ୍ (ଶୋଭା)ଠାରେ ମହାଯାନ ବୌଦ୍ଧ ସ୍ତୁପ ଦେଖିବାକୁ ମିଳେ। ମନ୍ଦିର ବାହାରେ ଥିବା ବୌଦ୍ଧ ମୂର୍ତ୍ତି ଏବଂ ପାର୍ଶ୍ୱରେ ଥିବା ପଥର ସ୍ତମ୍ଭରେ ଖୋଦିତ ହୋଇଥିବା ଜୈନ ମୂର୍ତ୍ତି ଏବଂ ତାନ୍ତ୍ରିକ ଉପାସନାରୁ ଏଠାରେ ବୌଦ୍ଧ, ଜୈନ ଓ ତନ୍ତ୍ରର ପ୍ରଚୁର ଓ ପ୍ରସାର ଘଟିଥିଲା। ପ୍ରଥମ ସ୍ତମ୍ଭରେ ଚିତ୍ରିତ ହୋଇଛି ବୁଦ୍ଧଦେବଙ୍କ ନିର୍ବାଣପ୍ରାପ୍ତି – ଗଛ ତଳେ ତପସ୍ୟାରତ ବୁଦ୍ଧ – ତାହାଙ୍କ ପାର୍ଶ୍ୱରେ କିଛି ଫଳ ଏବଂ ପକ୍ଷୀଟିଏ। ବୌଦ୍ଧ ଜାତକ ଗଳ୍ପରେ ଏହାର ପ୍ରମାଣ୍ୟ ମିଳେ। ତ୍ରିଶୂଳ ଓ ଫଳକଧାରିଣୀ ଚତୁର୍ଭୁଜା ଶକ୍ତି ସ୍ୱରୂପିଣୀ – ଆଦ୍ୟାଜନନୀ – ଦେବୀ ମୂର୍ତ୍ତି। ଆଉ ଗୋଟିଏ ସ୍ତମ୍ଭରେ ଅଛି ଶକ୍ତି ବିଗ୍ରହ ଓ ନର ବଳିର ଚିହ୍ନ। ଅତଏବ୍ ନର ବଳି, ପଶୁବଳି ଓ ଶକ୍ତି ପୂଜା ଏହି କ୍ଷେତ୍ରରେ ପ୍ରଚଳିତ ଥିବାରୁ ଜୈନ, ବୌଦ୍ଧ, ଶୈବ ଓ ତାନ୍ତ୍ରିକ ଧର୍ମର ପ୍ରଚୁର ପ୍ରସାର ଘଟିଥିଲା।

ମୁଖଲିଙ୍ଗ ଅଭିଲେଖରେ ଏହି କ୍ଷେତ୍ରକୁ ଜୟନ୍ତପୁର ବୋଲି କୁହାଯିବା ଉଲ୍ଲେଖ ନଥିଲେ ମଧ୍ୟ ମଧୁକେଶ୍ୱରଙ୍କ ଉତ୍ସବଗୁଡ଼ିକରେ ପୂଜାରୀମାନେ "ଶ୍ରୀ ଜୟନ୍ତପୁରବାସୀ ମଧୁକେଶ୍ୱର –– ମୁଖଲିଙ୍ଗେଶ୍ୱର" ବୋଲି ଉଚ୍ଚାରଣ କରିଥାନ୍ତି। ପୂର୍ବ ଗଙ୍ଗବଂଶୀ ରାଜାମାନେ ଦୁଇଭାଗ ହୋଇଥିବାରୁ ପ୍ରଥମ ବଂଶ ସହିତ ମୁଖଲିଙ୍ଗ କ୍ଷେତ୍ରର କୌଣସି ସମ୍ପର୍କ ନଥିଲା। କିନ୍ତୁ ଗଙ୍ଗବଂଶୀ ଦ୍ୱିତୀୟ କାମାର୍ଣ୍ଣବ ଏହି ମନ୍ଦିରର ନାମ ଜୟନ୍ତୀପୁର ବୋଲି ଦେଇଥିଲେ(୫)।

ପୂର୍ବ ଗଙ୍ଗବଂଶୀ ରାଜାମାନେ ବନବାସୀ ହୋଇ ବୈଜୟନ୍ତୀ ନଗରରେ ଉପନିବେଶ ସ୍ଥାପନ କରି ରହିଥିଲେ। ଲୁଡର୍ସ ଅଭିଲେଖରେ ଉଲ୍ଲେଖ ଅଛି ଯେ ବୈଜୟନ୍ତୀପୁରରେ ଗୋଟିଏ ମଧୁକେଶ୍ୱର ମନ୍ଦିର ଥିଲା। ଏହି ବୈଜୟନ୍ତୀପୁରବାସୀ ମଧୁକେଶ୍ୱର ଗଙ୍ଗମାନଙ୍କର କୁଳ ଦେବତା ଗୋକର୍ଣ୍ଣେଶ୍ୱର ହୋଇଥିବାରୁ ସେମାନେ ଗମନ କରୁଥିବା ସ୍ଥାନକୁ ସେହି ଗୋକର୍ଣ୍ଣେଶ୍ୱରଙ୍କୁ ନେଉଥିଲେ। "କ୍ଷେତ୍ର ମାହାତ୍ମ୍ୟ"ରେ ମଧୁକେଶ୍ୱରଙ୍କୁ ଗୋକର୍ଣ୍ଣେଶ୍ୱର କୁହାଯାଏ। ଗଙ୍ଗମାନେ ଶୈବ ଥିବାରୁ ବିଭିନ୍ନ ସମୟରେ ବିଭିନ୍ନ ସମୟରେ ଗଢ଼ି ଉଠିଥିବା ରାଜଧାନୀରେ ଗୋକର୍ଣ୍ଣେଶ୍ୱର ଶିବଙ୍କୁ ପ୍ରତିଷ୍ଠା କରି ଆରାଧନା କରୁଥିଲେ। ତେଣୁ ସପ୍ତମ ଶତାବ୍ଦୀଠାରୁ ନବମ ଶତାବ୍ଦୀ ପର୍ଯ୍ୟନ୍ତ ଏହି ନଗରକୁ ଜୟନ୍ତପୁର ବା ଜୟନ୍ତୀପୁର ବୋଲି କୁହାଯାଉଥିଲା। ଦ୍ୱିତୀୟ କମାର୍ଣ୍ଣବଙ୍କ ନାତି ଦ୍ୱିତୀୟ ବ୍ରଜହସ୍ତ ଦେବ(୬) ଅନିଅଙ୍କ ଭୀମ ଉପାଧି ଧାରଣ କରି ରାଜ୍ୟ ଶାସନ କରୁଥିଲେ ବୋଲି ତାହାଙ୍କ ଅଭିଲେଖରେ ଉଲ୍ଲେଖ ଅଛି। ମଧୁକେଶ୍ୱର ମନ୍ଦିରର ଉତ୍ତର ପଟରେ ଭୀମେଶ୍ୱର ମନ୍ଦିରରେ ଥିବା ଅନେକ ବିଗ୍ରହ ମଧ୍ୟରୁ ବଜ୍ରାୟୁଧଧାରୀ ରାଜାଙ୍କର ବିଗ୍ରହ ବିରାଜମାନ। ସେହି ମୂର୍ତ୍ତିଟି ଦ୍ୱିତୀୟ ବଜ୍ରହସ୍ତଙ୍କ ହୋଇଥିବା ସମ୍ଭବପର। ଏହି ରାଜାଙ୍କ ଅନ୍ୟ ନାମ ଅନିଅଙ୍କ ଭୀମେଶ୍ୱର ହୋଇଥିବାରୁ ତାହାଙ୍କ ନାମାନୁସାରେ ଭୀମେଶ୍ୱର ମନ୍ଦିର ନିର୍ମିତ ହୋଇଛି। ଏହା ପୂର୍ବରୁ ଗଙ୍ଗବଂଶୀ ରାଜାଙ୍କର "ଅନିଅଙ୍କ ଭୀମଦେବ" ଉପାଧି ନଥିଲା। ତେଣୁ ଏହି ମଧୁକେଶ୍ୱର ଏବଂ ଭୀମେଶ୍ୱର ମନ୍ଦିର ଜଣେ ରାଜାଙ୍କ ସମୟରେ ନିର୍ମିତ ହୋଇଥିଲେ ମଧ୍ୟ ପଚିଶ ବର୍ଷ ବ୍ୟବଧାନ ରହିଥିବା ସମ୍ଭବପର। ଏହି ମନ୍ଦିର ଦୁଇଟିରେ ପୂର୍ବ ଚାଲୁକ୍ୟ ଶିଳ୍ପ ଶାସ୍ତ୍ରର ପ୍ରଭାବ ପରିଲକ୍ଷିତ ହୋଇଥିବା ସଙ୍ଗେ ସଙ୍ଗେ ମଧୁକେଶ୍ୱରଙ୍କ ଭିତର ବେଢ଼ାରେ ଥିବା ସିଂହଦ୍ୱାର ଉପରେ ଚିତ୍ରିତ ହୋଇଥିବା ଗଛ, ଲତା, ପତ୍ର, ପୁଷ୍ପରୁ ପଲ୍ଲବ ଚାଲୁକ୍ୟ ଶିଳ୍ପ ଶାସ୍ତ୍ରର ପ୍ରଭାବ ଅନୁଭୂତ ହୁଏ। କାରଣ ପୂର୍ବରୁ ପଲ୍ଲବ ଚାଲୁକ୍ୟ ସହିତ କଳିଙ୍ଗର ଗଙ୍ଗମାନଙ୍କ ମଧ୍ୟରେ ସୁସମ୍ପର୍କ ରହିଥିଲା। କାଳକ୍ରମେ ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବ (ଖ୍ରୀ: ଅ: ୧୦୭୭–୧୧୫୦)ଙ୍କ ସମୟରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ମନ୍ଦିର ଦୁଇଟିର ପୁନଃ ନିର୍ମାଣ କରାଯାଇଥିବା ସମ୍ଭବପର। କାରଣ ମଧୁକେଶ୍ୱର ମନ୍ଦିର କାନ୍ଥରେ ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବଙ୍କ ଅସଂଖ୍ୟ ଶିଳାଲେଖରେ ସେବକ, ସାମନ୍ତ ଓ ବନ୍ଧୁ ଇତ୍ୟାଦିଙ୍କ ବିଷୟରେ ଉଲ୍ଲେଖ ଅଛି। ଦୁଇ ତିନିଥର ଏହି ମନ୍ଦିରର ଜୀର୍ଣ୍ଣୋଦ୍ଧାର ହୋଇଥିବାରୁ ଅନନ୍ତ ବର୍ମାଙ୍କ କାଳରେ ଚାଲୁକ୍ୟ, ଚୋଳ ଓ ଗଙ୍ଗମାନଙ୍କର ଐତିହ୍ୟ ଓ ପରମ୍ପରା ସମ୍ବନ୍ଧରେ ଅଭିଲେଖରୁ ପ୍ରମାଣ ମିଳୁଛି। ପୁଣି ଗର୍ଭାଳୟର ଗୋଟିଏ ଅଭିଲେଖ ଅନୁସାରେ ମଧୁକର୍ଣ୍ଣଭାନୁ ଗଜପତି (ଖ୍ରୀ: ଅ: ୧୪୧୮–୧୪୫୧) ଏହି ମନ୍ଦିରର ମଧ୍ୟ ଜୀର୍ଣ୍ଣୋଦ୍ଧାର କରିଥିଲେ। "କ୍ଷେତ୍ର ମହାତ୍ମ୍ୟ" ଅନୁସାରେ ମଧୁକର୍ଣ୍ଣଭାନୁଙ୍କ ରାଜତ୍ୱ ସମୟକୁ ନଗରୀ କଟକ ମୁଖଲିଙ୍ଗ ଆଉ ଗଙ୍ଗ ରାଜାଙ୍କ ରାଜଧାନୀ ହୋଇ ରହିନଥିଲା। ଗାଙ୍ଗେୟ ବଂଶାବଳୀ ଅନୁସାରେ ନଗରୀ କଟକ ମୁଖଲିଙ୍ଗ ମଧୁକର୍ଣ୍ଣଭାନୁ ଦେବଙ୍କ ସମୟରୁ ଆରମ୍ଭ ହୋଇ ମୁକୁନ୍ଦରୁଦ୍ର ଗଜପତି ନାରାୟଣ ଦେବ (ଖ୍ରୀ: ଅ: ୧୫୯୯–୧୬୧୧)ଙ୍କ ପର୍ଯ୍ୟନ୍ତ ପ୍ରାୟ ଦୁଇଶହ ବର୍ଷ ରାଜଧାନୀ ହୋଇ ରହିଥିଲା।

ମଧୁକେଶ୍ୱର ମନ୍ଦିର ଗାତ୍ରରେ ଥିବା ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବଙ୍କ ଅଭିଲେଖକୁ ଭିତ୍ତି କରି କଳିଙ୍ଗର ଐତିହ୍ୟ, ପରମ୍ପରା, ସାମାଜିକ ଓ ସାଂସ୍କୃତିକ ଜୀବନ ଚିତ୍ର ଉପରେ ଆଲୋଚନା କରାଯାଇଛି (୭)। ଏହି ଅଭିଲେଖରେ ଅନନ୍ତ ବର୍ମାଙ୍କ ରାଣୀ, ବନ୍ଧୁ ଓ ମଣ୍ଡଳାଧିପତି ନାମୋଲ୍ଲେଖ ଅଛି। ତାହାଙ୍କ ବହୁ ରାଣୀଙ୍କ ମଧ୍ୟରୁ କଳିଙ୍ଗ ମହାଦେବୀ ଥିଲେ ତାଙ୍କର ପାଟ ମହିଷୀ(୮)। ଏତଦ୍ ବ୍ୟତୀତ ଲୀଳା ଦେବୀ, ଲାବଣ୍ୟ ଦେବୀ, କଲ୍ୟାଣୀ ଦେବୀ, ଚୋଡ଼ ମହାଦେବୀ, ପଦ୍ମମାଳା ଦେବୀ ଓ ରାଜ ଦେବୀ ପ୍ରଭୃତି ତେରଜଣ ତାଙ୍କର ରାଣୀ ଥିଲେ। ତାହାଙ୍କ ଆଉ ଏକ ପାଟ ମହିଷୀ କସ୍ତୁରୀ କାମୋଦିନୀଙ୍କ ଗର୍ଭ ଜାତ ସନ୍ତାନ କାମାର୍ଣ୍ଣବ ଦଶ ବର୍ଷ ରାଜତ୍ୱ କରିଥିଲେ। ଅନ୍ୟ ଏକ ରାଣୀ ଚନ୍ଦ୍ରଲେଖାଙ୍କ ଗର୍ଭରୁ ଜାତ ହୋଇଥିଲେ ରାଜରାଜ ଦେବ ଓ ଅନିଅଙ୍କ ଭୀମଦେବ। ଏମାନେ ଆତ୍ରେୟ ଗୋତ୍ର ହେତୁ ଥିଲେ ଚନ୍ଦ୍ରବଂଶୀ। ମୁଖଲିଙ୍ଗ ମନ୍ଦିର ଅଭିଲେଖରେ କଳିଙ୍ଗର ରାଜଧାନୀ ସିଂହପୁର, ଦ୍ରାକ୍ଷାରାମ ଓ ଦନ୍ତପୁର ବିଷୟରେ ଉଲ୍ଲେଖ ଅଛି।

ମୁଖଲିଙ୍ଗ ଅଭିଲେଖ ଅନୁସାରେ କଳିଙ୍ଗର ରାଜଧାନୀ କଳିଙ୍ଗ ନଗର ମୁଖଲିଙ୍ଗ ଉପରେ ଆଲୋଚନା କରାଯାଉଛି। ମୁଖଲିଙ୍ଗରେ ଥିବା ଲିଙ୍ଗକୁ ଭିତ୍ତିକରି ମୁଖଲିଙ୍ଗ ନାମ ହେବା

ପ୍ରସଙ୍ଗ ଅଭିଲେଖରେ ନାହିଁ। କିନ୍ତୁ ଏହି ଅଭିଲେଖରେ ନଗରମ୍(୯), କଳିଙ୍ଗ ଦେଶ ନଗର(୧୦), କଳିଙ୍ଗାବନି ନଗର(୧୧), କଳିଙ୍ଗ ନଗର(୧୨) ନାମଗୁଡ଼ିକର ଉଲ୍ଲେଖ ଅଛି। କ୍ଷେତ୍ର ମାହାତ୍ମ୍ୟରେ ମୁଖଲିଙ୍ଗର ନାମ ମିଳୁଛି। ନଗରୀ କଟକଠାରୁ ମୁଖଲିଙ୍ଗ ଭିତରେ ବହୁତ ଭଗ୍ନାବଶେଷ ମୂର୍ତ୍ତି ଦେଖିବାକୁ ମିଳୁଛି। ମଧୁକେଶ୍ୱର ଓ ଭୀମେଶ୍ୱର ମନ୍ଦିର ସମ୍ପର୍କରେ ମୁଖଲିଙ୍ଗ ଅଭିଲେଖରେ ଉଲ୍ଲେଖ ଅଛି। ନଗରେ ମଧୁକେଶ୍ୱରାୟ ପ୍ରଣାୟ(୧୩), କଳିଙ୍ଗାବନିନଗରେ ଶ୍ରୀମନ୍ ମଧୁକେଶ୍ୱରାୟ ପ୍ରଣାୟ(୧୪), ଗୋକର୍ଣ୍ଣେ ଶ୍ରୀମନ୍ ମଧୁକେଶ୍ୱରାୟ(୧୫), କଳିଙ୍ଗ ଦେଶ ନଗରେ ଶ୍ରୀମନ୍ ମଧୁକେଶ୍ୱରାୟ ଦେବାୟ(୧୬), କଳିଙ୍ଗାବନି ନଗରେ ଶ୍ରୀମନ୍ ମଧୁକେଶ୍ୱରାୟ(୧୭), ନଗରେ କଳିଙ୍ଗ ଦେଶେ ସ୍ୱୟମ୍ଭୁବେ ମଧୁକେଶ୍ୱରାୟ ଦେବାୟ(୧୮) ପ୍ରଭୃତି ଭାବରେ ମଧୁକେଶ୍ୱରଙ୍କୁ ସ୍ତୁତି କରାଯାଇଛି। ମୁଖଲିଙ୍ଗ କ୍ଷେତ୍ରରେ ଗୋକର୍ଣ୍ଣ ନାମରେ ନଗରଟି ଥିବାରୁ ଏବଂ ଅଭିଲେଖରେ "ଗୋକର୍ଣ୍ଣେ ମଧୁକେଶ୍ୱର" ପଦଟି ରହିଥିବାରୁ ଏହି ନଗରୀ କଟକରେ ଗୋ କର୍ଣ୍ଣେଶ୍ୱର ବା ମଧୁକେଶ୍ୱର ମନ୍ଦିର ବୋଲି ନାମିତ ହୋଇଛି।

ଖ୍ରୀଷ୍ଟୀୟ ୧୧୧୮ରେ ଅନନ୍ତ ବର୍ମାଙ୍କ ବିଶାଖାପାଟଣା ଅଭିଲେଖରେ ଇନ୍ଦ୍ରାଡ଼ି କାମାର୍ଣ୍ଣବ ବିଷୟରେ(୧୯) ୬୧ ଓ ୬୨ ଧାଡ଼ିରେ ଉଲ୍ଲେଖ ଅଛି — "(କାମାର୍ଣ୍ଣବସ୍ୟ) ତସ୍ୟଶୁପହାସିତ ସୁରେନ୍ଦ୍ରପୁରମ୍ (ଓ) ଦନ୍ତପୁର ନାମ ନଗରୀ ରାଜଧାନ୍ୟାସୀତ୍ .... ତତ୍ ସୁନୋର୍ଦ୍ୱିତୀୟଃ କାମାର୍ଣ୍ଣବଃ ପଞ୍ଚାଶତବର୍ଷାନ୍ ମହୀମଣ୍ଡଳ ମରକ୍ଷତ୍। ତସ୍ୟ ଚିରନ୍ତିତ ବିଜ୍ଞପମ୍ ନଗର ନାମପୁରମ୍ ଆସୀତ୍। ତସ୍ମିନ୍ ସୋଽପି ମଧୁକ ବୃକ୍ଷ ଜଗନାଦିସ୍ୟ — ଲିଙ୍ଗାକୃତେଃ। ତୁଙ୍ଗାଶ୍ୟମ୍ ମଧୁକେଶ ଇତ୍ୟର୍କସ୍ୱତ ପ୍ରାସାଦ୍ ଭ୍ରମ ବସମ୍। ଯଦ୍ୱାରୋଧନଃ ବିଚିତ୍ର ପତ୍ରଲତିକାଗ୍ରପାଣି — ଶ୍ରୀପ୍ରୟାତାମ୍।" ଉପରୋକ୍ତ ଅଭିଲେଖ ଅନୁସାରେ ରାଜା ବାଲାଦିତ୍ୟଙ୍କୁ ତଡ଼ିଦେଇଥିବା କଳିଙ୍ଗର ରାଜା ପ୍ରଥମ କାମାର୍ଣ୍ଣବଙ୍କର ରାଜଧାନୀ ସୁରେନ୍ଦ୍ରପୁର ଅପେକ୍ଷା ଦନ୍ତପୁର ଅଧିକ ମହତ୍ତ୍ୱପୂର୍ଣ୍ଣ ଥିଲା। ତାହାଙ୍କ ନାତି ଇନ୍ଦ୍ରାଡ଼ି କାମାର୍ଣ୍ଣବ କୌଣସି ଏକ କାରଣରୁ ଦନ୍ତପୁର ଛାଡ଼ି ଆଉ ଏକ ବିଖ୍ୟାତ ନଗରୀରେ ତାହାଙ୍କ ରାଜଧାନୀ ପ୍ରତିଷ୍ଠା କରିଥିଲେ। ମଧୁକ ବୃକ୍ଷରେ ଲିଙ୍ଗ ଭଳି ଆବିର୍ଭୂତ ହୋଇଥିବା ମଧୁକେଶ୍ୱରଙ୍କ ନାମରେ ଏହି ନଗରଟି ନାମିତ ହୋଇଥିଲା। ପ୍ରଥମ କାମାର୍ଣ୍ଣବ ଓ ଇନ୍ଦ୍ରାଡ଼ି କାମାର୍ଣ୍ଣବ ଏହି ଦୁଇ ରାଜାଙ୍କର ନିକଟବର୍ତ୍ତୀ ଥିଲେ ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ। ସେତେବେଳେ ପ୍ରଥମ କାମାର୍ଣ୍ଣବଙ୍କ ରାଜଧାନୀ ଥିଲା ଦନ୍ତପୁର। କିନ୍ତୁ ଦନ୍ତପୁର ବଦଳରେ ଜନ୍ତାପୁର ବା ଜୟନ୍ତପୁର ହୋଇଥିବା ସମ୍ଭବପର(୨୦)। କିନ୍ତୁ ଅନନ୍ତ ବର୍ମାଙ୍କ ଅଭିଲେଖରେ ଉଲ୍ଲିଖିତ ଦନ୍ତପୁର ବିଷୟରେ ଡଃ. ଫ୍ଲିଟ୍ ଭୁଲବଶତଃ ଜନ୍ତାପୁର ବୋଲି ପଢ଼ିଛନ୍ତି। ତେଣୁ "ଦ" ବଦଳରେ "ଜ" ପଢ଼ିଛନ୍ତି କିନ୍ତୁ ଜନ୍ତାପୁର ଓ ଜୟନ୍ତପୁର ଏକା ସ୍ଥାନ ନୁହେଁ — ଦୁଇଟି ସ୍ୱତନ୍ତ୍ର ସ୍ଥାନ ଭାବରେ ବର୍ଣ୍ଣିତ। ତେବେ ପ୍ରଥମ କାମାର୍ଣ୍ଣବଙ୍କ ରାଜଧାନୀ ଥିଲା ଦନ୍ତପୁର। ପରବର୍ତ୍ତୀ ସମୟରେ ଦ୍ୱିତୀୟ କାମାର୍ଣ୍ଣବ ନିର୍ମାଣ କରିଥିବା ରାଜଧାନୀକୁ "ନଗର" ବୋଲି କୁହାଯାଉଥିଲା। ଏହି ଦନ୍ତପୁର ବିଷୟରେ ମୁଖଲିଙ୍ଗ ଅଭିଲେଖରେ ଉଲ୍ଲେଖ ଅଛି(୨୧)।

ଏହାପରେ ପ୍ରଥମ କାମାର୍ଣ୍ଣବଙ୍କ ରାଜଧାନୀ ଦନ୍ତପୁରହୋଇଥିବା ସମ୍ଭବପର। ମୁଖଲିଙ୍ଗ ଅଭିଲେଖରେ ବର୍ଣ୍ଣିତ ଦନ୍ତପୁର ହିଁ ଏହାର ଏକ ନିକଟବର୍ତ୍ତୀ ସ୍ଥାନରେ ପ୍ରତିଷ୍ଠିତ ହୋଇଥିଲା। ଶ୍ରୀକାକୁଲମ୍‌ଠାରୁ ଆମ୍‌ଦାଲ୍‌ଦାଲ୍‌ସା ରାସ୍ତାରେ ଆମ୍‌ଦାଲ୍‌ଦାଲ୍‌ସାଠାରୁ ୩/୪ କି: ମି: ଦୂରରେ ଏକ ମାଇଲ ବ୍ୟାପୀ ଗୋଟିଏ ମାଟି କାନ୍ଥର ଢିପ ଦେଖିବାକୁ ମିଳୁଛି। ତା'ର ନାମ ହେଉଛି ଦନ୍ତବରପୁନୋଟା ବା ଦନ୍ତବୃନ୍ତନିକୋଟା (ଦନ୍ତ ରଖିବା ଗଡ଼ ବା ରାଜ ପ୍ରାସାଦ)। ମାଟି କାନ୍ଥର ଗୋଟିଏ ସ୍ଥାନରେ ଥିଲା ସିଂହଦ୍ୱାର। ଏବେ ସେହି ସ୍ଥାନରେ ଆଉ ଜନବସତି ନାହିଁ। କେବଳ ବୌଦ୍ଧ ଓ ଶୈବ ଭଗ୍ନ ମୂର୍ତ୍ତିଗୁଡ଼ିଏ ଏଣେତେଣେ ପଡ଼ିରହିଛି। ଗଡ଼ର ଚାରିପଟେ ଦ୍ୱାର ଥିଲା ବୋଲି ବିରାଟକାୟ ମାଟି ଗଦାରୁ ଜଣାପଡ଼େ। ଏହି ଅଞ୍ଚଳଟି ପ୍ରାଚୀନ କଳିଙ୍ଗର ରାଜଧାନୀ ଦନ୍ତପୁର ହୋଇଥିବା ସମ୍ଭବପର। ଦ୍ୱିତୀୟ ଗଙ୍ଗବଂଶୀ ରାଜାଙ୍କ ରାଜଧାନୀ ଥିଲା ଏହି ଦନ୍ତପୁର। ପରବର୍ତ୍ତୀ କାଳରେ ସେହି ସ୍ଥାନ ତ୍ୟାଗ କରି ଗଙ୍ଗବଂଶୀ ଦ୍ୱିତୀୟ କାମାର୍ଣ୍ଣବ "ନଗର" ନିର୍ମାଣ କରିଥିଲେ। ଅନନ୍ତବର୍ମାଙ୍କ ଅଭିଲେଖରେ ଥିବା "ନଗର" ନିର୍ମାଣର ବୃତ୍ତାନ୍ତ ଓ ମୁଖଲିଙ୍ଗ ଅଭିଲେଖରେ "ନଗର"ର ନାମୋଲ୍ଲେଖରୁ ଜଣାଯାଏ ଯେ ଅନନ୍ତ ବର୍ମାଙ୍କ ସମୟରେ ମୁଖଲିଙ୍ଗ ହିଁ ନଗର ହୋଇଥିବା ସମ୍ଭବପର। ଅତଏବ୍ ମୁଖଲିଙ୍ଗ ହିଁ ଥିଲା ନଗରୀ କଟକ। ମୁଖଲିଙ୍ଗ କ୍ଷେତ୍ରର ମଧୁକେଶ୍ୱର ଏହି ନଗର କଟକର ଅଂଶ ହୋଇ ଏବେ ପୂଜା ପାଉଛନ୍ତି। ସେତେବେଳେ ନିର୍ମିତ ହୋଇଥିବା ରାଜ ପ୍ରାସାଦ ଓ ସୌଧ କାଳକ୍ରମେ ଧ୍ୱଂସ ହୋଇ ସେଠାରେ ଦୁଇଟି ଗ୍ରାମ ଗଢ଼ିଉଠିଲା। ସେହି ଗ୍ରାମ ଦୁଇଟି ମୁଖଲିଙ୍ଗ ଓ ନଗରୀ କଟକ ଭିତରେ ତିନି କି: ମି: ବ୍ୟବଧାନ ରହିଛି। ପ୍ରଥମ କାମାର୍ଣ୍ଣବ ରାଜଧାନୀ ଥିଲା ନଗର। ତାପରେ କଳିଙ୍ଗ ନଗର ମୁଖଲିଙ୍ଗର ରାଜଧାନୀ ହେଲା। ମୁଖଲିଙ୍ଗର କେତେକ ଅଭିଲେଖରେ "କଳିଙ୍ଗ ନଗର"ର ନାମୋଲ୍ଲେଖ ଦେଖାଯାଏ। କଳିଙ୍ଗ ନଗରରୁ ପ୍ରାପ୍ତ ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବଙ୍କ ନାଗରୀ ଲିପିରେ ଖୋଦିତ ଅଭିଲେଖରୁ ଜଣାଯାଏ ଯେ :

"ସ୍ୱସ୍ତି ଶ୍ରୀମଦ୍ କଳିଙ୍ଗ ନଗରାତ୍ ପରମ ମହେଶ୍ୱର
ପରମ ଭଟ୍ଟାରକ
ମହାରାଜାଧିରାଜ ତ୍ରିକଳିଙ୍ଗାଧିପତିଃ ଶ୍ରୀମଦ୍ ଅନନ୍ତବର୍ମା
ମହାରାଜ
ଚୋଡ଼ଗଙ୍ଗ ଦେବଃ କୁଶଳି ସମସ୍ତ ଅମାତ୍ୟ ପ୍ରମୁଖ
ଜାନପଦାନାହୂୟ
ସମାଜ୍ଞାପୟତିଃ ବିଦିତମ୍ ଅସ୍ତୁ ଭବତାମ.....
କୋଟି ସ୍ଥାନ ନିବାସୀ
ଯାଜ୍ୟକୁଳ ସମୁଦ୍‌ଭୂତ କରିବାଳ ନାୟକ ପୁତ୍ରୌ
ଗୁଣ୍ଡ୍ୟନା ପୋତନ୍ୟେ ନାମାନୌ
ତାଭ୍ୟାମ୍ ତୟୋଃବାର୍ଦ୍ଧନ୍ୟୁନ ସମାଖ୍ୟାୟ ଭୋଗାୟ
ତ୍ରିକଳିଙ୍ଗ ଦେବ
ଭୋଗ ନିବର୍ତ୍ତନର୍ଣ୍ଣଙ୍ଦେବ ଗଣିକାୟା ଗୁଣ୍ଡ୍ୟନ ଭାର୍ଯ୍ୟା
ଉର୍ଣ୍ଣେ କୋଟିନର୍ଭାଂଗୁରୋପି ପୁତ୍ରିଭ୍ୟାନ୍ଧ, ଭ୍ରାତୃଭ୍ୟାମ୍
ବାଦ୍ୟକାର ଗାୟକା
ନାମାଧିପତ୍ୟମ୍ୟାବତ୍ ଚନ୍ଦ୍ର ତାରକା ଅସ୍ମାଭିଦତ୍ତମ୍
ଇତି।"(୨୨)

ଏହି ଅଭିଲେଖରେ ତ୍ରିକଳିଙ୍ଗ ଦେବ ମଧୁକେଶ୍ୱରଙ୍କ ଦେବଭୋଗ ବିଷୟରେ ଉଲ୍ଲେଖ ଅଛି । ତେଣୁ କଳିଙ୍ଗ ନଗରକୁ ହିଁ ମଧୁକେଶ୍ୱର ମହାଲିଙ୍ଗ ବୋଲି କୁହାଯାଏ । "କ୍ଷେତ୍ର ମାହାତ୍ମ୍ୟ"ରେ ଏହି ପ୍ରଖ୍ୟାତ, ପ୍ରାଚୀନ ତ୍ରିକଳିଙ୍ଗ ଦେବ ମଧୁକେଶ୍ୱରଙ୍କ ନାମୋଲ୍ଲେଖ ଅଛି । ଏହି ମଧୁକେଶ୍ୱର ନାମରେ ମୁଖଲିଙ୍ଗ କ୍ଷେତ୍ର ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରି ନାହାନ୍ତି । ଓଡ୍ର ପ୍ରାକୃତ ଭାଷାରୁ ଉଚ୍ଚାରଣଗତ ସୁବିଧା ଦୃଷ୍ଟିରୁ ମଧୁକଲିଙ୍ଗ ମହାଲିଙ୍ଗ ମୁଖଲିଙ୍ଗରେ ପରିଣତ ହୋଇଛି । ଏହି ମୁଖଲିଙ୍ଗ କ୍ଷେତ୍ରରେ ମଧୁକ ବୃକ୍ଷରେ ମଧୁକେଶ୍ୱର ହୋଇ ପୂଜା ପାଇବା ସଙ୍ଗେ ସଙ୍ଗେ କଳିଙ୍ଗର ପ୍ରାଚୀନ କୀର୍ତ୍ତିକୁ ଉଦ୍‌ଘୋଷିତ କରୁଛି ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ
ପାରଳାଖେମୁଣ୍ଡି–୭୬୧ ୨୦୦ ।



ଭଞ୍ଜ କଳା ମଣ୍ଡପଠାରେ ରୁଷ ପର୍ଯ୍ୟଟକମାନେ ଓଡ଼ିଶୀ ନୃତ୍ୟ ଉପଭୋଗ କରୁଛନ୍ତି ।

# ସ୍ୱତନ୍ତ୍ର ଓଡ଼ିଶାର ନିର୍ମାତା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି

■ ଡକ୍ଟର ଜଗନ୍ନାଥ ମହାନ୍ତି

ଗୋଟିଏ ଶୀତଳ ସ୍ନିଗ୍ଧ ପ୍ରଭାତ । ଭକ୍ତି ପରାୟଣା ରାଣୀ ବିଷ୍ଣୁପ୍ରିୟା ନିଷ୍ଠାର ସହିତ ଦେବପୂଜା ଓ ପ୍ରାର୍ଥନାରେ ରତ । ପ୍ରତିଦିନ ପରି ଭାଗବତ ଓ ମହାଭାରତ ପାଠ କରି ଅନ୍ତଃପୁରର ସେବିକା ଓ ସହଚରିଣୀମାନଙ୍କୁ ମହାନ୍ ଚରିତ୍ରଗୁଡ଼ିକର ବିଶେଷତ୍ୱ ଓ ନୀତି ଆଦର୍ଶମାନ ବୁଝାଇ ଦେଉଛନ୍ତି । ଏହି ସମୟରେ ଶିଶୁ ପୁତ୍ର କୃଷ୍ଣଚନ୍ଦ୍ର ପଚାରିଲେ – "ମହାଭାରତରେ ଶ୍ରେଷ୍ଠ ବ୍ୟକ୍ତି କିଏ ?"

ମାଆ ଉତ୍ତର ଦେଲେ – "ଭୀଷ୍ମ । ସେ ଆମର ପିତୃପୁରୁଷ । ଗଙ୍ଗା ଦେବୀଙ୍କଠାରୁ ଆମ ବଂଶ ଉଦ୍ଭୂତ ହେବା ପରି ମଧ ଜନ୍ମଲାଭ କରିଥିଲେ । ନିଜର ପିତା ଓ ବଂଶର ଗୌରବ ପାଇଁ ସେ ଯେଉଁ ବଜ୍ର ଶପଥ ନେଇଥିଲେ, ତା' ଫଳରେ ସେ ଆଜୀବନ ଅବିବାହିତ ରହିଥିଲେ । ତାଙ୍କ ପରି ବୀର, ଭକ୍ତ, ତ୍ୟାଗୀ ଓ ଦୃଢମନା ବ୍ୟକ୍ତି ବିଶ୍ୱ ଇତିହାସରେ ବିରଳ ।

ବାଲ୍ୟ କାଳରୁ କୃଷ୍ଣଚନ୍ଦ୍ରଙ୍କ ମନରେ ଭୀଷ୍ମଙ୍କ ଆଦର୍ଶ ଓ ଚରିତ୍ରବତ୍ତା ଗଭୀର ରେଖାପାତ କରିଥିଲା । ତାଙ୍କର ସମଗ୍ର ଜୀବନ ସତେ ଯେମିତି ଏହି ପିତୃପୁରୁଷଙ୍କ ଉଚ୍ଚ ଆଦର୍ଶ, ଉଦାତ୍ତ ନୀତି ଓ ସଚ୍ଚରିତ୍ର ଦ୍ୱାରା ଅଭିମନ୍ତ୍ରିତ ହୋଇଥିଲା । ଏହି ସବୁ ସଦ୍‌ଗୁଣଗୁଡ଼ିକ ତାଙ୍କର ଜୀବନ ଦର୍ଶନ ଓ କାର୍ଯ୍ୟକଳାପରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥିଲା ।

୧୮୯୨ ମସିହା ଏପ୍ରିଲ୍ ମାସ ୨୬ ତାରିଖରେ ପାରଳାଖେମୁଣ୍ଡିର ମହାରାଣୀ ବିଷ୍ଣୁପ୍ରିୟା ଦେବୀଙ୍କ ଗର୍ଭରୁ ସେ ଜାତ ହୋଇଥିଲେ । ସେ ଦିନର ଅମାବାସ୍ୟା ରାତିରେ ତାଙ୍କର ଶୁଭ ଜନ୍ମ ଯୋଗୁଁ ରାଜ ପ୍ରାସାଦଟି ଆନନ୍ଦ ଓ ଆଲୋକରେ ଉଜ୍ଜ୍ୱଳ ହୋଇ ଉଠିଥିଲା । ତାଙ୍କର ମାତ୍ର ୧୩ ବର୍ଷ ବୟସରେ ପିତା ଗୌରଚନ୍ଦ୍ର ଗଜପତି ଦେବଙ୍କର ମୃତ୍ୟୁ ଘଟିଥିଲା । କୃଷ୍ଣଚନ୍ଦ୍ର ନାବାଳକ ଥିବାରୁ ଇଂରେଜ ସରକାର ପାରଳାଖେମୁଣ୍ଡିର ଶାସନ ଭାର ଗ୍ରହଣ କରିଥିଲେ । ମାତା ବିଷ୍ଣୁପ୍ରିୟା ଅତ୍ୟନ୍ତ ସ୍ନେହଶୀଳା, କର୍ତ୍ତବ୍ୟପରାୟଣା ଓ ସଚ୍ଚରିତ୍ରା ଥିଲେ । କୃଷ୍ଣଚନ୍ଦ୍ରଙ୍କର ଲାଳନ ପାଳନରେ ସେ ସାରା ଜୀବନ ଅତିବାହିତ କରିଥିଲେ ।

ପାରଳା ରାଜ ପ୍ରାସାଦ ମଧ୍ଧରେ ବାଲ୍ୟଶିକ୍ଷା ଲାଭକରି ସେ ପଣ୍ଡିତ ଶ୍ୟାମସୁନ୍ଦର ରାଜଗୁରୁଙ୍କ ତତ୍ତ୍ୱାବଧାନରେ ଇଂରାଜୀ, ଓଡ଼ିଆ, ଇତିହାସ, ଭୂଗୋଳ, ଗଣିତ ଆଦି ବିଷୟରେ ଜ୍ଞାନ ଲାଭ କରିଥିଲେ । ତାପରେ ମାନ୍ଦ୍ରାଜ ସହରର ରାଜକୁମାର କଲେଜରେ ଅଧ୍ୟୟନ କରିଥିଲେ ଏବଂ ଇଂରେଜ ଅଧ୍ୟାପକ କାମେରାନ୍ ମୋରିସନ୍ ଓ ଡାଲେହେ'ଙ୍କ ବିଦ୍‌ବତ୍ତା ଓ ସଦାଚାର ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ ।

## ଅଭିନୟ ନୈପୁଣ୍ୟ

ରାଜକୁମାର କଲେଜରେ ଅଭିନୀତ "ହରିଶ୍ଚନ୍ଦ୍ର" ନାଟକରେ ସେ ବିଶ୍ୱାମିତ୍ର ଭୂମିକାରେ ଅଭିନୟ କରି ଉଚ୍ଚ ପ୍ରଶଂସା ଲାଭ କରିଥିଲେ । ସେଥିପାଇଁ ସେ ନିଜେ ଯେତିକି ପ୍ରଶଂସିତ ହୋଇଥିଲେ, ନାଟକର ଉଚ୍ଚ ମୂଲ୍ୟବୋଧ ଦ୍ୱାରା ସେତିକି ମୁଗ୍ଧ ହୋଇଥିଲେ । ହରିଶ୍ଚନ୍ଦ୍ରଙ୍କ ସତ୍ୟରକ୍ଷା ଓ ଦାନଶୀଳତାକୁ ସେ ନିଜ ଜୀବନରେ ପ୍ରୟୋଗ କରିଥିଲେ । ରାଜ ବଂଶରେ ଜନ୍ମ ହୋଇ ସୁଦ୍ଧା ସେ ଅତି ସରଳ ଓ ନିରାଡ଼ମ୍ବର ଜୀବନ ଯାପନ କରିଥିଲେ । ପ୍ରଜାମାନଙ୍କ ମଙ୍ଗଳ ପାଇଁ ସେ ପିତାଙ୍କ ସଞ୍ଚିତ ଧନ ଓ ନିଜର ଆୟକୁ ମୁକ୍ତ ହସ୍ତରେ ବ୍ୟୟ କରୁଥିଲେ । ବହୁ ଦରିଦ୍ର ପରିବାର ତାଙ୍କ ସାହାଯ୍ୟରେ ପ୍ରତିପାଳିତ ହୋଇଥିଲେ ଏବଂ ଅନେକ ଦରିଦ୍ର ଛାତ୍ର ତାଙ୍କ ଅର୍ଥ ଦାନରେ ଶିକ୍ଷା ଲାଭ କରିଥିଲେ ।

୧୯୧୩ ମସିହାରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ପାରଳାର ଶାସନ ଭାର ଗ୍ରହଣ କରିଥିଲେ ଏବଂ ବିବାହ ମଧ କରିଥିଲେ । ତାଙ୍କର ମଧୁର ଦାମ୍ପତ୍ୟ ଜୀବନରେ ଦୁଇଟି ପୁତ୍ର ଓ ଦୁଇଟି କନ୍ୟା ଭୂମିଷ୍ଠ ହୋଇଥିଲେ । ମାତ୍ର କୃଷ୍ଣଚନ୍ଦ୍ରଙ୍କର ତେଇଶ ବର୍ଷ ବୟସରେ ରାଣୀଙ୍କର ଅକାଳ ବିୟୋଗ ଘଟିଥିଲା ଏବଂ ସେଥିଯୋଗୁଁ ସେ ଗଭୀର ଦୁଃଖରେ ଅଭିଭୂତ ହୋଇପଡ଼ିଲେ । କୁଳ ପୁରୋହିତ ଓ ହିତାକାଂକ୍ଷୀ ବନ୍ଧୁମାନଙ୍କର ଶତ ପରାମର୍ଶ ସତ୍ତ୍ୱେ ସେ ଆଉ ବିବାହ କରିନଥିଲେ ଏବଂ ଯୌବନାବସ୍ଥାରେ ପତ୍ନୀବିଚ୍ଛେଦର ଯନ୍ତ୍ରଣା ସହ୍ୟ କରିଥିଲେ ।

## ବହୁମୁଖୀ ବିକାଶ

ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଶାସନ କାଳରେ ରାଜ୍ୟର ବହୁମୁଖୀ ବିକାଶ ଘଟିଥିଲା ଏବଂ ତାଙ୍କ ଶାସନକୁ "ରାମ ରାଜ୍ୟ" କୁହାଯାଉଥିଲା । ବିଳାସବ୍ୟସନଠାରୁ ବହୁ ଦୂରରେ ରହି ସେ ପ୍ରଜାମାନଙ୍କର ସର୍ବବିଧ କଲ୍ୟାଣରେ ନିଜକୁ ଉତ୍ସର୍ଗ କରିଥିଲେ । ଦରିଦ୍ର ହରିଜନ, ଆଦିବାସୀ ଓ ଓଡ଼ିଆମାନଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରିବାକୁ ସେ ନିରନ୍ତର ଚିନ୍ତିତ ଓ ଚେଷ୍ଟିତ ହେଉଥିଲେ । ନିଜ ରାଜ୍ୟରେ ଜଳସେଚନର ସୁବିଧା ଦୃଷ୍ଟିରୁ ସେ ସୀତାସାଗର, ରାମସାଗର, କୃଷ୍ଣସାଗର ଆଦି ଜଳାଧାରମାନ ଖନନ କରିଥିଲେ । ରାଜପଥ ଓ ରେଳ ରାସ୍ତାର ସମ୍ପ୍ରସାରଣ ଘଟାଇ ନିଜ ରାଜ୍ୟରେ ଗମନାଗମନର ସୁବିଧା କରିଥିଲେ ।

ସେ ନିଜେ କୃଷି ଓ ଗୋ ପାଳନରେ ବିଶେଷ ଆଗ୍ରହୀ ଥିଲେ ଏବଂ ବହୁ ଧନ ବ୍ୟୟ କରି ବିରାଟ କୃଷି ଫାର୍ମ ଓ ଗୋ ପାଳନ କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ରଙ୍ଗମଞ୍ଚ ନିର୍ମାଣ କରି ସେ ନୃତ୍ୟ ସଙ୍ଗୀତ ଓ ନାଟ୍ୟାଭିନୟକୁ ପ୍ରୋତ୍ସାହିତ କରିଥିଲେ । ବହୁ ଦୁଃସ୍ଥ କଳାକାରଙ୍କୁ ସାହାଯ୍ୟ କରିଥିଲେ । ଅନେକ ଅଭାବଗ୍ରସ୍ତ ଲେଖକମାନଙ୍କ ରଚନା ପ୍ରକାଶନ ପାଇଁ ଆର୍ଥିକ ସାହାଯ୍ୟ ଦେଇଥିଲେ ।

କେହି ତାଙ୍କର ଗୁଣଗାନ କଲେ ସେ ବିରକ୍ତ ହେଉଥିଲେ ଏବଂ କାହାର ମିଥ୍ୟା ଓ ଛଳନାକୁ ସେ ଖୁବ୍ ଘୃଣା କରୁଥିଲେ । ମାତ୍ର ସେ କ୍ଷଣକୋପୀ ଥିବାରୁ ହଠାତ୍ ରାଗି ଯାଉଥିଲେ । ବିଶେଷ ଭାବରେ କୌଣସି ମିଥ୍ୟାଚାର ଓ ବିଶ୍ୱାସଘାତକତାରେ ସେ ଖୁବ୍ କ୍ରୁଦ୍ଧ ହେଉଥିଲେ ଏବଂ କେବେ କେହି ନିରୀହ ବ୍ୟକ୍ତି ଦଣ୍ଡ ପାଉଥିଲେ ନିଜର ଭୁଲ ବୁଝି ତାକୁ ସବୁମତେ ସାହାଯ୍ୟ କରୁଥିଲେ । ନିୟମିତ ଭାବରେ ସେ କର୍ମଚାରୀଙ୍କ ସାହାଯ୍ୟରେ ରାଜକାର୍ଯ୍ୟ ଦକ୍ଷତାର ସହିତ ସମ୍ପାଦନ କରୁଥିଲେ ।

ଅଶ୍ୱାରୋହଣ ଓ କ୍ରିକେଟ୍ ଖେଳ ତାଙ୍କର ଥିଲା ଅତି ପ୍ରିୟ । ପ୍ରତିଦିନ ସେ ମଧ୍ୟ ଗୋ ସେବା ଓ ଦେବାର୍ଚ୍ଚନା କରୁଥିଲେ । ପୁସ୍ତକ ପଠନ, ଜଙ୍ଗଲ ଭ୍ରମଣ, ବୃକ୍ଷ ରୋପଣ, ପ୍ରାତଃ ପରିଭ୍ରମଣ ଆଦି ଥିଲା ତାଙ୍କର ନିତ୍ୟନୈମିତ୍ତିକ କାର୍ଯ୍ୟ । ଦୁଇଥର ସେ ଦୁର୍ଘଟଣାରେ ପଡ଼ି ମୃତ୍ୟୁର ସମ୍ମୁଖୀନ ହୋଇଥିଲେ । ମାତ୍ର ସୌଭାଗ୍ୟବଶତଃ ତାଙ୍କର ପ୍ରାଣରକ୍ଷା ହୋଇଥିଲା ଏବଂ ସେ ଏଥିରେ ତାଙ୍କର ସହାୟକ ହୋଇଥିବା ବ୍ୟକ୍ତିମାନଙ୍କୁ ପ୍ରଚୁର ପୁରସ୍କାର ପ୍ରଦାନ କରିଥିଲେ ।

## କୃଷି ଆୟୋଗର ସଦସ୍ୟ

ଦେଶରେ କୃଷିର ବିକାଶ ପାଇଁ ଭାରତ ସରକାର ୧୯୨୯ ମସିହାରେ ଏକ ଆୟୋଗ (Commission) ଗଠନ କରିଥିଲେ ଏବଂ ଏଥିରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଜଣେ ସଭ୍ୟ ଭାବରେ ମନୋନୀତ ହୋଇଥିଲେ । ଏହି ଅବସରରେ ସେ ବିଭିନ୍ନ ରାଜ୍ୟ ଓ ବିଦେଶ ପରିଭ୍ରମଣ କରି ଉତ୍କୃଷ୍ଟ ବିହନ ଓ କୃଷି ପ୍ରଣାଳୀର ସୁବ୍ୟବସ୍ଥା କରିଥିଲେ । ଆୟୋଗର ସଭ୍ୟ ଭାବରେ ସେ ଯେଉଁ ଲକ୍ଷାଧିକ ଟଙ୍କା ଶସ୍ତ ଖର୍ଚ୍ଚ ପାଉଥିଲେ, ତାକୁ ସେ ନିଜେ ବ୍ୟୟ କରିନଥିଲେ । ବରଂ ସେହି ଅର୍ଥରେ ମିଶନ ସେ କୁନୁରଠାରେ "ପୁଷ୍ଟମ ଖାଦ୍ୟ ଗବେଷଣା କେନ୍ଦ୍ର" ସ୍ଥାପନ ପାଇଁ ସାହାଯ୍ୟ କରିଥିଲେ ।

ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କର ସର୍ବାଧିକ ଅବିସ୍ମରଣୀୟ ଅବଦାନ ହେଲା ସ୍ୱତନ୍ତ୍ର ଉତ୍କଳ ଗଠନରେ ତାଙ୍କର ଅବିଶ୍ରାନ୍ତ ଓ ସାହସିକ ପ୍ରଚେଷ୍ଟା । ସେତେବେଳେ ଓଡ଼ିଶାର ଉତ୍ତର-ପୂର୍ବ ଅଞ୍ଚଳ ବଙ୍ଗଳା ସହିତ, ପଶ୍ଚିମ ଭାଗ ମଧ୍ୟପ୍ରଦେଶ ସହିତ ଓ ଦକ୍ଷିଣାଂଶ ମାନ୍ଦ୍ରାଜ ସହିତ ମିଶି ରହିଥିଲା । ଓଡ଼ିଆ ଜାତି ଭାଗ ଭାଗ ହୋଇ ବିଚ୍ଛିନ୍ନାଞ୍ଚଳରେ ରହି ନାନା ଦୁଃଖ କଷ୍ଟ, ଅତ୍ୟାଚାର ଓ ପରାଧୀନତାର ଶିକାର ହୋଇଥିଲା । ତେଣୁ ସବୁ ଓଡ଼ିଆ ଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରି ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଉଦ୍ୟମ ହେଉଥିଲା । ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏଥିପାଇଁ ଆନ୍ଦୋଳନ ହେଉଥିଲା ଏବଂ କୁଳବୃଦ୍ଧ ମଧୁସୂଦନ ଏଥିରେ ପ୍ରଧାନ ଭୂମିକା ଗ୍ରହଣ କରିଥିଲେ ।

୧୯୨୭ ମସିହାରେ ଭାରତର ଶାସନ ସଂସ୍କାର ପାଇଁ ସୁପାରିଶ କରିବାକୁ ସାଇମନ୍ କମିଶନ୍ ଗଠିତ ହୋଇଥିଲା ଏବଂ କୌଣସି ଭାରତୀୟ ସଭ୍ୟ ଏଥିରେ ନଥିବାରୁ ଜାତୀୟ କଂଗ୍ରେସ ଏହାକୁ ବର୍ଜନ କରିଥିଲେ । ମାତ୍ର ପାରଳା ମହାରାଜା ଏକ ପ୍ରାଣରୂପୀ ଉତ୍କଳ ସମ୍ମିଳନୀ ତରଫରୁ କମିଶନଙ୍କଠାରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ । ମାତ୍ର ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ପାଇଁ ମେଜର୍ ଆଟଲିଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା । ଏହି କମିଟି ମଧ୍ୟ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସୁପାରିଶ କରିଥିଲେ ।

ମାତ୍ର ଭାରତର ଶାସନତାନ୍ତ୍ରିକ ସମସ୍ୟାଗୁଡ଼ିକରେ ବିସ୍ତୃତ ଆଲୋଚନା କରିବା ପାଇଁ ଲଣ୍ଡନଠାରେ ୧୯୩୦ ମସିହାରେ ପ୍ରଥମ ଗୋଲ୍‌ଟେବୁଲ୍ ବୈଠକ ବସିଥିଲା । ସେଥିରେ ଯୋଗଦେଇ ପାରଳା ମହାରାଜା ଇଂରେଜ ସରକାରଙ୍କ ନିକଟରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ । ଇଂରେଜ ସରକାର ମଧ୍ୟ ଏହି ଗୋଲ୍‌ଟେବୁଲ୍ ବୈଠକରେ ଯୋଗଦେବାକୁ ଶ୍ରୀ କୃଷ୍ଣଚନ୍ଦ୍ରଙ୍କୁ ସୁଯୋଗ ଦେଇଥିଲେ । ସେ ବିଲାତ ସରକାରଙ୍କ ସ୍ୱତନ୍ତ୍ର ଅନୁମତି ପାଇ ବଜ୍ରନାଦରେ ଘୋଷଣା କରିଥିଲେ – "କୋଟିଏ ଓଡ଼ିଆ ଲୋକଙ୍କ ପକ୍ଷରୁ ମୁଁ ସେମାନଙ୍କର ବହୁ ଦିନର ଦାବୀ ଶୁଣାଇବାକୁ ଠିଆ ହୋଇଛି । ଯେଉଁ ସ୍ମାରକପତ୍ର ଆପଣମାନଙ୍କୁ ଦେଇଛି, ସେଥିରୁ ଓଡ଼ିଆମାନଙ୍କ ସମସ୍ୟା ସମ୍ପର୍କରେ ସ୍ପଷ୍ଟ ଧାରଣା ପାଇପାରିବେ । ଓଡ଼ିଆମାନେ ବର୍ତ୍ତମାନ ଚାରୋଟି ରାଜ୍ୟରେ ରାଜଧାନୀଠାରୁ ବହୁ ଦୂରରେ ବିଚ୍ଛିନ୍ନ ହୋଇପଡ଼ିଛନ୍ତି । ୨୫ ବର୍ଷରୁ ଅଧିକ କାଳ ହେଲା ସେମାନେ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦାବୀ କରି ଆସିଛନ୍ତି । ଏହା ସେମାନଙ୍କର ଜୀବନ ମରଣ ସମସ୍ୟା । ଏହା ବ୍ୟତୀତ ଭାରତରେ ନୂତନ ଶାସନ ସଂସ୍କାର ସମ୍ଭବ ହୋଇ ପାରିବ ନାହିଁ ।

# ଓଡ୍‌ନେଲ୍ କମିଟି

୧୯୩୧ ମସିହାରେ ମଧ୍ୟ ଆଉ ଏକ ଗୋଲ୍‌ଟେବୁଲ୍ ବୈଠକ ବସିଥିଲା ଏବଂ ସେଥିରେ ଏହି ସମସ୍ୟାକୁ ସମର୍ଥନ କରି ଆଲୋଚନା କରିବାକୁ ମହାତ୍ମା ଗାନ୍ଧୀଙ୍କୁ ଅନୁରୋଧ କରାଯାଇଥିଲା । ସେହି ବର୍ଷ ଓଡ୍‌ନେଲ୍ କମିଟି ଗଠିତ ହେଲା ଏବଂ ଏହି ବିଷୟ ବିଚାରକୁ ନିଆଗଲା । ସେମାନଙ୍କୁ ପାରଳା ମହାରାଜାଙ୍କ ମହାର୍ଘ ବ୍ୟକ୍ତିତ୍ୱ ଓ ଯୁକ୍ତିଯୁକ୍ତ ଦାବୀ ଖୁବ୍ ପ୍ରଭାବିତ କରିଥିଲା । ଏହି କମିଟି ସ୍ୱତନ୍ତ୍ର ଓଡ଼ିଶା ଗଠନର ଦାବୀ ଗ୍ରହଣ କରିଥିଲେ । ମାତ୍ର ଏଥିରେ ସିଂହଭୂମ୍, ମେଦିନୀପୁର, ମଞ୍ଜୁଷା, ଫୁଲଝର୍ ଆଦି ଓଡ଼ିଆଭାଷୀ ଅଞ୍ଚଳ ଅନ୍ତର୍ଭୁକ୍ତ ହୋଇନଥିଲା । ତେଣୁ ପାରଳା ମହାରାଜାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଯାଇ ବଡ଼ ଲାଟଙ୍କୁ ଭେଟି ଏଥିପାଇଁ ଦାବି କରିଥିଲେ । ୧୯୩୨ରେ ଲଣ୍ଡନଠାରେ ଅନୁଷ୍ଠିତ ତୃତୀୟ ଗୋଲ୍‌ଟେବୁଲ୍ ବୈଠକରେ ପାରଳା ମହାରାଜା ପୂର୍ଣ୍ଣାଙ୍ଗ ଓଡ଼ିଶା ପ୍ରଦେଶ ଗଠନ ପାଇଁ ପୁଣି ଦାବୀ କରିଥିଲେ ଏବଂ ଏହି ଦାବୀ ବିଲାତ ତଥା ଭାରତ ସରକାର ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ତେବେ ଓଡ଼ିଶାର ବାସ୍ତବ ସୀମା ନିର୍ଦ୍ଧାରଣରେ ଓଡ଼ିଆମାନଙ୍କର ଖୁବ୍ ଅସନ୍ତୋଷ ପ୍ରକାଶ ପାଇଥିଲା । କାରଣ ବହୁ ଓଡ଼ିଆଭାଷୀ ଅଞ୍ଚଳ ପ୍ରସ୍ତାବିତ ଓଡ଼ିଶା ରାଜ୍ୟ ବାହାରେ ରହିଗଲା ।

୧୯୩୩ ମସିହା ଫେବୃୟାରୀ ୧୨ ତାରିଖରେ କଟକ ଟାଉନ୍ ହଲ୍‌ଠାରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ତାଙ୍କର ଅସୀମ ସାହସ ଓ ବିଜ୍ଞ ପ୍ରଚେଷ୍ଟା ପାଇଁ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ମଧୁବାବୁ ଏଥିରେ ନେତୃତ୍ୱ ନେଇଥିଲେ ଏବଂ ସଭାରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇ କହିଥିଲେ — "ଆମେ ବହୁ କାଳ ହେଲା ଦରଖାସ୍ତ, ସ୍ମାରକପତ୍ର, ପ୍ରସ୍ତାବ ଓ ପ୍ରତିନିଧିତ୍ୱ ମାଧ୍ୟମରେ ଆମର ଦାବୀ କରି ଆସୁଥିଲୁ । କିନ୍ତୁ ଇଂରେଜ ସରକାରଙ୍କ ସଚିବ ସାର୍ ସାମୁଏଲ୍ ହୋର୍ ଓ ଗୋଲ୍‌ଟେବୁଲ୍ ବୈଠକରେ ଅନ୍ୟ ସଭ୍ୟମାନଙ୍କ ଉପରେ ପାରଳା ମହାରାଜାଙ୍କ ବ୍ୟକ୍ତିଗତ ପ୍ରଭାବ ଯୋଗୁଁ ଆଶ୍ଚର୍ଯ୍ୟଜନକ ଫଳ ଫଳିଥିଲା । ଆମେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ଘୋଷଣା ଏବେ ପାଇପାରିଲୁ ।

ଶେଷରେ ୧୯୩୬ ଏପ୍ରିଲ୍ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଗଲା । ସାର୍ ଜନ୍ ଅଷ୍ଟିନ୍ ହବାକ୍ ଏହାର ପ୍ରଥମ ଲାଟ ହେଲେ । ଓଡ଼ିଆମାନଙ୍କର ବହୁ ଦିନର ସ୍ୱପ୍ନ ସାର୍ଥକ ହୋଇଥିଲା । ୧୯୩୭ ମସିହାରେ ଲୋକ ପ୍ରତିନିଧିମୂଳକ ସରକାର ଗଠିତ ହେଲା । ପାରଳା ମହାରାଜା ପ୍ରଥମ ପ୍ରଧାନମନ୍ତ୍ରୀ (ସେତେବେଳେ ପ୍ରଦେଶର ମୁଖ୍ୟମନ୍ତ୍ରୀ) ଭାବରେ ମନ୍ତ୍ରୀ ପରିଷଦ ଗଠନ କରିଥିଲେ । ବିଖ୍ୟାତ ଆଇନଜ୍ଞ ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ, ପଣ୍ଡିତ ଗୋଦାବରୀଶ ମିଶ୍ର, ମୌଲାନା ମହମ୍ମଦ ଲତିଫୁର୍ ରହମନ୍ ପ୍ରମୁଖ ତାଙ୍କ ନେତୃତ୍ୱରେ କାର୍ଯ୍ୟ କରିଥିଲେ । ନୂତନ ଓଡ଼ିଶା ପ୍ରଦେଶ ଗଠନ ସମୟରେ ଏହାର ଆର୍ଥିକ ଅବସ୍ଥା ଖୁବ୍ ଶୋଚନୀୟ ହୋଇ ପଡ଼ିଥିଲା । ତା' ସତ୍ତ୍ୱେ ପାରଳା ମହାରାଜା ଅତି ଦକ୍ଷତାର ସହିତ ଶାସନ ପରିଚାଳନା କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଆଦି କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକର ସମାଧାନ କରିଥିଲେ । ତାଙ୍କ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ଧାନ୍ୟ ଗବେଷଣା କେନ୍ଦ୍ର, କଟକ ମେଡିକାଲ୍ କଲେଜ ଆଦି ବିଶିଷ୍ଟ ଅନୁଷ୍ଠାନମାନ ଗଢ଼ି ଉଠିଥିଲା ।

ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନିଜର ନାନା ପାରିବାରିକ ଦୁଃଖ କଷ୍ଟ ମଧ୍ୟରେ ଓଡ଼ିଆ ଜାତି ପାଇଁ ଯାହା କରିଯାଇଛନ୍ତି, ତାହା ଅତ୍ୟନ୍ତ ଅବିସ୍ମରଣୀୟ । ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟର ନିର୍ମାତା ଭାବରେ ତାଙ୍କର କୀର୍ତ୍ତି ଚିର ଜାଜ୍ୱଲ୍ୟମାନ । ସେ ଯେଉଁ ନିର୍ମଳ ଓ ନୀତିମୂଳକ ପ୍ରଶାସନର କଳ୍ପନା କରିଥିଲେ, ତାହା ସମ୍ଭବ ହୋଇପାରି ନଥିଲା । ସେଥିଯୋଗୁଁ ସେ ପଙ୍କିଳ ରାଜନୀତିଠାରୁ ନିଜକୁ ଦୂରେଇ ନେଇଥିଲେ । ତାଙ୍କର ପରମ ପିତୃପୁରୁଷ ଭୀଷ୍ମଦେବଙ୍କ ପରି ସଂସାରର ଶର ଶଯ୍ୟାରେ ପଡ଼ି ରହି ସେ ମହାଭାରତ ଯୁଦ୍ଧର ମୂକ ଦର୍ଶକ ହୋଇଥିଲେ । ମାତ୍ର ସେ ଭୀଷ୍ମ ଶପଥ ନେଇ ସଂଗ୍ରାମ କରିଥିଲେ ଓଡ଼ିଆ ଜାତିକୁ ଏକ ସ୍ୱତନ୍ତ୍ର ରାଜ୍ୟ ଦେବା ପାଇଁ ଏବଂ ତାହା ସେ ପୂରଣ କରିଥିଲେ । ସେ ଉଚ୍ଚକୋଟୀର ନୈତିକ ମୂଲ୍ୟବୋଧ ଓ ନିର୍ମଳ ଆଦର୍ଶ ନେଇ ସେ ସାରା ଜୀବନ ଅତିବାହିତ କରିଥିଲେ । ୧୯୭୨ ମସିହାରେ ୮୨ ବର୍ଷ ବୟସରେ ସେ ଇହଲୀଳା ସାଙ୍ଗ କରିଥିଲେ । ମାତ୍ର ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ଦୃଢ଼ ଚରିତ୍ରବତ୍ତା ଓ ଅନାବିଳ ସ୍ୱଜାତି ପ୍ରେମ ଚିର ଭାସ୍ୱର ଓ ଚିର ଅମ୍ଳାନ ହୋଇ ରହିବ ।

୨୯୩୫,' ଗୌରୀନଗର,
ପୁରୀ ଲୁଇସ୍ ରୋଡ
ଭୁବନେଶ୍ୱର–୭୫୧ ୦୦୨ ।

>>>>>>>>>>>>>>>>>>>>>>>

'ମୋର-ମୋର ଏକା କାହିଁକି, ଆମ ସମସ୍ତଙ୍କ ସ୍ୱପ୍ନର ସ୍ୱରାଜରେ ଜାତ କିମ୍ବା ଧର୍ମଗତ ଭେଦଭାବ ରହିବ ନାହିଁ । ଏହା ଶିକ୍ଷିତ କିମ୍ବା ଧନୀ ବ୍ୟକ୍ତିମାନଙ୍କ ଏକଚାଟିଆ ଅଧିକାର ହୋଇ ରହିବ ନାହିଁ । ସ୍ୱରାଜ ସମସ୍ତଙ୍କର । ଏଥିରେ କୃଷକ, ଧନୀ, ନିର୍ଦ୍ଧନ, ଅନ୍ଧ ଓ କୋଟି କୋଟି ଭୋକିଲା ଲୋକଙ୍କ ସ୍ଥାନ ରହିଛି ।'

—ଗାନ୍ଧୀ

# ଓଡ଼ିଶା : ଓଡ଼ିଆ : ଓଡ଼ିଆତ୍ୱ

● ଶ୍ରୀ ରାଜକିଶୋର ରାୟ

ପ୍ରଥମ ନାମ ଉଡ୍ର, ପରେ ଓଡ଼ିଶା । ଓଡ଼ିଶା ଭାରତବର୍ଷର ପୂର୍ବ ଉପକୂଳରେ ଅବସ୍ଥିତ ଏକ ପ୍ରଦେଶ । ଏହା ୧୮° (ଉତ୍ତରରୁ) ୨୩° (ଉତ୍ତର) ଅକ୍ଷାଂଶ ଓ ୮୧° (ପୂର୍ବରୁ) ୮୮° (ପୂର୍ବ) ଦ୍ରାଘିମା ମଧ୍ୟରେ ରହିଛି । ତେବେ ପ୍ରକୃତି କିଛି ନିଜର ଦାନ କରିବାରେ ଏ ପ୍ରଦେଶକୁ କାର୍ପଣ୍ୟ କରି ନାହିଁ ।

ଓଡ଼ିଶାରେ ରହିଛି ସୁନାବ୍ୟା ନଦୀ, ପାହାଡ଼ ପର୍ବତ, ଜଙ୍ଗଲ ଖଣିଜ ପଦାର୍ଥ ତଥା ବୃହତ୍ ଆଦିବାସୀ ଜନ ସମାଜ । ଏମାନଙ୍କୁ ରାଜ୍ୟର ମଙ୍ଗଳ ପାଇଁ ବିନିଯୋଗ କରିପାରିଲେ ଏ ରାଜ୍ୟ ଭାରତବର୍ଷର ଏକ ଲଲାମଭୂତ ରାଜ୍ୟ ହୋଇପାରନ୍ତା, ତା' ହୋଇପାରୁ ନାହିଁ ନାନା କାରଣରୁ ।

୧୮୦୩ ମସିହା ଅକ୍ଟୋବର ମାସ ୧୪ ତାରିଖ ଦିନ ବ୍ରିଟିଶ୍ ସୈନ୍ୟ କଟକ ଦଖଲ କରି ଓଡ଼ିଶାରେ ସାମ୍ରାଜ୍ୟ ପ୍ରତିଷ୍ଠା କଲେ । ୧୮୦୪ ମସିହାରେ ଦେଓଗାଁ ଚୁକ୍ତି ଓ ୧୮୦୭ ମସିହାରେ ପେଶ୍ୱାର ଚୁକ୍ତି ଏ ସଂପର୍କରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦଲିଲ । ଐତିହାସିକମାନେ ମଧ୍ୟ ଏ କଥା ଜାଣନ୍ତି ।

ଯେଉଁ ସହରରେ ବସି ଏ ଆଲେଖ୍ୟ ମୁଁ ଲେଖୁଛି, ସେହି ପୁରୀ ସହରରୁ ୧୮୦୭ ମସିହାରେ ରାଜଧାନୀ ସ୍ଥାନାନ୍ତରିତ ହୋଇ କଟକରେ ସ୍ଥାପନ କରାଗଲା । ସେତେବେଳେ ଓଡ଼ିଶା କହିଲେ ପୁରୀ, କଟକ ଓ ବାଲେଶ୍ୱର ବୁଝାଯାଉଥିଲା ।

ଓଡ଼ିଶାର ମାତୃଭାଷା ଓଡ଼ିଆ ଅଞ୍ଚଳ ସେତେବେଳେ ବିହାର, ବଙ୍ଗଳା, ମାନ୍ଦ୍ରାଜ ଓ ନାଗପୁର ଅଧୀନରେ ରହିଥିଲା । ୧୯୦୫ ମସିହାରେ ସମ୍ବଲପୁରକୁ ଓଡ଼ିଶାରେ ମିଶାଇ ଦିଆଗଲା । ୧୯୧୨ ମସିହାରେ ଓଡ଼ିଶାକୁ ବଙ୍ଗ ଅଧୀନରୁ କାଢ଼ି ନିଆଯାଇ ବିହାର ଓଡ଼ିଶା ପ୍ରଦେଶ ଗଠନ କରାଗଲା । ପରିଶେଷରେ ୧୩୩ ବର୍ଷ ବ୍ରିଟିଶ୍ ଶାସନ ପରେ ୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଦିନ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲା । ପୂର୍ବରୁ ୪ ଗୋଟି ଜିଲ୍ଲା ସହ ମାନ୍ଦ୍ରାଜରୁ ଗଞ୍ଜାମ ଓ କୋରାପୁଟ ମିଶି ଏହି ନୂତନ ପ୍ରଦେଶ ସ୍ଥାପନ କରାଯାଇଥିଲା । ସେତେବେଳେ ଓଡ଼ିଶା ଅଞ୍ଚଳରେ ୨୬ ଗୋଟି ଦେଶୀୟ ରାଜ୍ୟ ଥିଲା । ଦେଶ ସ୍ୱାଧୀନ ପରେ ଷଢ଼େଇକଳା ଓ ଖରସୁଆଁକୁ ବାଦ୍ ଦେଇ ୨୪ ଗୋଟି ଦେଶୀୟ ରାଜ୍ୟ ଓଡ଼ିଶାରେ ମିଶିଯାଇ ବୃହତ୍ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା ।

ଏ ଚିନ୍ତନରେ ଦୁଃଖ ରହିଛି । ଦୁଃଖ ଏଥିପାଇଁ ଯେ ଓଡ଼ିଶାର କ୍ରମାଗତ ଭାବେ କିଛି ଅସଙ୍ଗତି ଓ ଦୂରଦୃଷ୍ଟିର ଅଭାବ, ଏ ରାଜ୍ୟକୁ ଏବେ ବି ଅନୁନ୍ନତ କରି ରଖିଛି ।

ବୀର୍ଯ୍ୟବତ୍ତା ପ୍ରକାଶ କରିବାରେ ଓଡ଼ିଆ ପଶ୍ଚାତ୍‌ପଦ ହୋଇନାହିଁ । ଓଡ଼ିଶା ବ୍ରିଟିଶ୍ ଶାସନାଧୀନ ହେବା ପରେ ବିଭିନ୍ନ ସ୍ଥାନରେ ଘଟିଯାଇଥିବା ଶାସନ ବିରୋଧୀ ଆନ୍ଦୋଳନ ମଧ୍ୟରେ ଖୋରଧାର ପାଇକ ବିଦ୍ରୋହ, ଘୁମୁସର କନ୍ଧ ଆନ୍ଦୋଳନ ଓ ସିପାହୀ ବିଦ୍ରୋହ ସମୟର ସମ୍ବଲପୁର ଅଞ୍ଚଳର ଆନ୍ଦୋଳନ ଇତିହାସ ପୃଷ୍ଠାରେ ସଂଜୀବିତ ରହିଛି । ବକ୍ସି ଜଗବନ୍ଧୁ, ଦୋରା ବିଶୋଇ ଓ ବୀର ସୁରେନ୍ଦ୍ର ସାଏ ପ୍ରଭୃତି ରାଜନୈତିକ ସଚେତନତା ସୃଷ୍ଟି କରିବାରେ ଅଗ୍ରଣୀ ଥିଲେ ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଇଂରାଜୀ ଭାଷାର ପ୍ରସାର, ଗମନାଗମନ ବ୍ୟବସ୍ଥାର ବିସ୍ତାର, ଛାପାଖାନା ସୃଷ୍ଟି ଓ ସମ୍ବାଦପତ୍ର ଦ୍ୱାରା ଏକ ନୂତନ ଯୁଗର ଅଭ୍ୟୁତ୍ଥାନ ହୋଇଥିଲା । ଗୌରୀଶଙ୍କରଙ୍କର "ଉତ୍କଳ ଦୀପିକା", ସମ୍ବଲପୁରରୁ ପ୍ରକାଶିତ "ହିତୈଷିଣୀ", ବାଲେଶ୍ୱରର "ସମ୍ବାଦ ବାହିକା" ପ୍ରଭୃତି ଓଡ଼ିଆର ଚେତନାକୁ ସାର୍ଥକତା ପ୍ରଦାନ କରିବାରେ ସହାୟକ ହୋଇଥିଲେ ।

ଏ ସବୁ ଅତୀତର ରୋମନ୍ଥନ । ଓଡ଼ିଶାର ସମୃଦ୍ଧ ଐତିହ୍ୟକୁ ଇତିହାସ ପୃଷ୍ଠାରେ ସଂଜୀବିତ ରଖିବା ଗୋଟାଏ କଥା, ଏହାକୁ ପୁନର୍ବିନ୍ୟାସ ଦେଇ ଆସଯୁକ୍ତ କରିବା ଅନ୍ୟ ଏକ କଥା ।

ସମଗ୍ର ଭାରତବର୍ଷରେ ଓଡ଼ିଶା ଏକ ଅନଗ୍ରସର ରାଜ୍ୟ ଭାବରେ କାହିଁକି ଅପନିନ୍ଦିତ ? ତାର ପ୍ରଧାନ କାରଣ ଏହାର ଅଧିବାସୀ ଏବେ ବି କୁସଂସ୍କାରଛନ୍ନ, ନିରକ୍ଷର ଓ ଦାରିଦ୍ର୍ୟର

ଝଞ୍ଜାଘାତରେ ପୀଡ଼ିତ । ପ୍ରତି ରାଜ୍ୟରେ ଉଣା ଅଧିକେ ଏହା ହିଁ ମୂଳ ଭିତ୍ତି ଥାଏ । ବନ୍ୟରୁ ସହରାଭିମୁଖୀ ହୁଏ ଜନତା, ସଭ୍ୟତାର କାଉଁରୀ କାଠି ସ୍ପର୍ଶରେ । ଓଡ଼ିଶାରେ ହେଲା ନାହିଁ କାହିଁକି ? ନେତୃତ୍ୱ ସେତେ ଉଦ୍ୟମଶୀଳ ହୋଇ ପାରିଲା ନାହିଁ । ଯୋଜନା ହୋଇଛି । ସବୁ ଫଳପ୍ରଦ ହୋଇ ପାରିଲା କି ?

ଏହାର ପୂର୍ବ ସୁରୀମାନଙ୍କର ତ୍ୟାଗ, ମୈତ୍ରୀର ଦୀକ୍ଷା ଅନୁସୃତ ହେଲା ନାହିଁ । ଦେଶ ଆଗ, ଜନତା ଜନାର୍ଦ୍ଦନ ସେବା ପ୍ରଥମ କର୍ତ୍ତବ୍ୟ । ଏହାକୁ କେବଳ ଆତ୍ମ ସ୍ୱାର୍ଥ ପରବଶ ହୋଇ ସମସ୍ତେ ଭୁଲିଗଲେ । ରାଜନୀତି ଚର୍ଚ୍ଚା ଯେତେ ପ୍ରଖର ହେଲା ତାହାରି ମାଧ୍ୟମରେ ସ୍ୱାର୍ଥ ଯେତେ ରସାଣିତ ହେଲା, ଦେଶ ପାଇଁ ଜାତି ପାଇଁ ଉତ୍ସର୍ଗୀକୃତ ଆତ୍ମ ଚିନ୍ତନ ସେତେ ଶାଣିତ ହେଲା ନାହିଁ ।

ଓଡ଼ିଆ ପୁଅ ଝିଅ ଆଜି ଅନ୍ୟ ରାଜ୍ୟରେ ସାମାନ୍ୟ ଜୀବନ ଧାରଣ ପାଇଁ ରାଜ୍ୟ ଛାଡ଼ି ଚାଲିଯାଉଛନ୍ତି ଆଉ ନିଯୁକ୍ତି ମଧ୍ୟ ସହଜ ନୁହେଁ । ସାଧୁତା, ନ୍ୟାୟ ଓ ନିରପେକ୍ଷତା ତଥା ସମଦୃଷ୍ଟି ଶାସକମାନଙ୍କର ନଥିବାରୁ ଲୋକେ ସାମାଜିକ ନ୍ୟାୟ ପ୍ରାପ୍ତିରୁ ବଞ୍ଚିତ ହେଉଛନ୍ତି । ନାନା ପ୍ରକାର ଧର୍ମାନ୍ଧତା ବ୍ୟାପୀ ରହିଛି ।

ଯୁବକମାନେ ନିଜ ସଂସ୍କୃତି, ନିଜସ୍ୱ ଚାଲିଚଳଣ ନିଜ ଐତିହ୍ୟର ଜୟଗାନ କରିବାକୁ ଆବେଗିତ ହେଉନାହାନ୍ତି । ସବୁ ଯେପରି ବିଦେଶୀ; କଥାବାର୍ତ୍ତା, ପଠନ, ପାଠନ, ଆସ୍ତୁରା ବିସ୍ତର । ପରିଚୟ ମିଳେନାହିଁ କିଏ ଯଥାର୍ଥ ଓଡ଼ିଆ । ଓଡ଼ିଆତ୍ୱ କେଉଁଠି ? ଏ ସବୁ ବିଷୟ ଆଜି ଆତ୍ମ ସମୀକ୍ଷାର ବିଷୟ ହେଉ ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସଚିବାଳୟଠାରେ ରାଜ୍ୟରେ ପର୍ଯ୍ୟଟନର ବିକାଶ ସମ୍ପର୍କରେ ସମୀକ୍ଷା କରୁଛନ୍ତି ।

# କଳାହାଣ୍ଡିର ଅର୍ଥନୈତିକ ଓ ସାମାଜିକ ଜୀବନ

● ଶ୍ରୀ ମୋହିତମୋହନ ମହାପାତ୍ର

ପ୍ରକୃତି ମହାର୍ଘ ଐଶ୍ୱର୍ଯ୍ୟ ଉଜାଡ଼ି ଦେଇଛି କଳାହାଣ୍ଡିର ସରଳ ନିରୀହ ଆଦିବାସୀଙ୍କ ପାଇଁ । ନିର୍ଝରିଣୀର କୁଳୁକୁଳୁ ନାଦ, ଅସଂଖ୍ୟ ନଦନଦୀର ଫେନାୟିତ ଲହରୀ, ତୁଙ୍ଗ ଶିଖରୀର ଇଙ୍ଗିତ, କାନନର ମୃଦୁମଧୁର ସ୍ପନ୍ଦନ କଳାହାଣ୍ଡିବାସୀଙ୍କ ହୃଦୟରେ ରୋମାଞ୍ଚ ଭରି ଦିଏ । ଏକ ନିର୍ମଳ ମାନବିକ ହୃଦୟରେ ପାରିବାରିକ ସ୍ନେହ ଓ ବାତ୍ସଲ୍ୟ ମମତାର ଅଙ୍କୁରୋଦ୍‌ଗମ ହୋଇ କଳାହାଣ୍ଡିବାସୀଙ୍କୁ ଦିବ୍ୟପ୍ରେମର ନିକଟତର କରେ । ତେଣୁ ଏ ଅଞ୍ଚଳବାସୀ ଅଭାବର ଚକ୍ରବ୍ୟୂହରେ ନିଃସଙ୍ଗ ପଦାତିକ ସାଜିଥିଲେ ସୁଦ୍ଧା ଦେଶଦଶ ତଥା ନିଜର ସନ୍ତାନସନ୍ତତି ପାଇଁ ନିବିଡ଼ ସ୍ନେହ ମମତା ନିଗାଡ଼ି ଦିଅନ୍ତି ନିଜର ସ୍ୱେଦ ଓ ରକ୍ତ କଣିକାରେ ।

## ପିଲପୋଷ :

ପିଲା ଦିନରୁ ପାଳନ ପୋଷଣ କରିଥିବା ପିଲା । ମାବାପ ଛେଉଣ୍ଡ କିମ୍ବା ସାଧାରଣ ଅବସ୍ଥାରେ ହସ୍ତାନ୍ତରିତ ପିଲା ପୁତ୍ରତୁଲ୍ୟ ପାଳିତ ହୁଏ । ଏହା ପୋଷ୍ୟ ପୁତ୍ର ପ୍ରଥା ନୁହେଁ । ସୁଅବସ୍ଥିତ ଥିବା ଲୋକ ମଧ ନିଜ ସୁବିଧା ଓ ସମ୍ମାନ ବୃଦ୍ଧି ପାଇଁ ଅଚଳ ଅବସ୍ଥାରେ ଥିବା ଲୋକର ପିଲାକୁ ପାଳନ ପୋଷଣ କରନ୍ତି । ଏମାନେ ଭୁଲ କଲେ, କୌଣସି ଦୋଷ କଲେ, ପାଳୁଥିବା ମାବାପ କଠିନ ଦଣ୍ଡ ଦିଅନ୍ତି ନାହିଁ । ତେଣୁ କଥାରେ ଅଛି, 'ପରର ପୁଅ ଭାତେ, ଆପଣାର ପୁଅ ଲାତେ' । ଯେ କୌଣସି ଜାତିର ଲୋକ ପିଲପୋଷ ରଖନ୍ତି । ତାକୁ ନିଜ ଧନ୍ଦା ଅନୁଯାୟୀ କାମ କରାନ୍ତି । ବିବାହ ବୟସ ହେଲେ ବିବାହ ବନ୍ଦୋବସ୍ତ କରିଦେଇ ଥିଲାଲୋକ ଜମିବାଡ଼ି ବି ଦିଅନ୍ତି । ସେ ଧର୍ମ ମାବାପଙ୍କ କାମ ଧନ୍ଦା ନ କଲେ ବାଧବାଧକତା କିଛି ନାହିଁ । ସେ ନିଜ ଇଚ୍ଛାନୁଯାୟୀ କୌଣସି କାମଧନ୍ଦା କରିପାରେ ଓ ସ୍ୱତନ୍ତ୍ର ଭାବରେ ଚଳେ ।

## ପରଜା:

ଯିଏ ଜଣେ ମାଲିକ, ଧନୀ ଲୋକର ଆନୁଗତ୍ୟ ସ୍ୱୀକାର ପୂର୍ବକ ବିବାହ ବ୍ରତ, ପ୍ରତାହ କର୍ମ, କୃଷି କର୍ମାଦିରେ ସହଯୋଗ କରେ, ସମ୍ପାଦନ କରେ । ଯିଏ ଜଣେ, ଜଣେ ମାଲିକର ପ୍ରଜାତ୍ୱ ଗ୍ରହଣ କଲେ, ପୁରୁଷାନୁକ୍ରମିକ ଏ ଭାବ ଥାଏ । ଜଣେ ପ୍ରଜାର ପୁଅ ସେହି ମାଲିକ (ପିତା ଯାହାର ପ୍ରଜା ହୋଇଥିଲା) ସହ ମଧ୍ୟ ପ୍ରଜା ଭାବ ନ ରଖିଲେ ମଧ କିଛି ଯାଏ ଆସେ ନାହିଁ । ତାର ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଅଛି । ଏମାନେ ବନ୍ଧୁଆ ମଜଦୁର ନୁହନ୍ତି । ପ୍ରଜାମାନେ ଉଲ୍ଲିଖିତ କର୍ମ ସମୟରେ ମହାଜନଠାରେ ଉପସ୍ଥିତ ହୋଇ ବିଶ୍ୱସ୍ତ ବ୍ୟକ୍ତି ଭାବରେ କର୍ମ କରନ୍ତି । ଯେତେ ଜଣ (ସ୍ତ୍ରୀ ପୁରୁଷ) ଆସିଥିବେ ମହାଜନ କାର୍ଯ୍ୟ ଶେଷ ହେବା ଦିନ ପର୍ଯ୍ୟନ୍ତ ଖାଇବା ପିଇବାକୁ ଦେବା ବ୍ୟତୀତ ଅନ୍ନବସ୍ତ୍ର ଦେଇ ବିଦାୟ କରିବା ତ ସାଧାରଣ କଥା । ସେମାନେ ଦିନ ମଜୁରିଆଠାରୁ ଅନେକ ଗୁଣ ବେଶୀ ବିଦାକି ପାଆନ୍ତି । କେତେକ କ୍ଷେତ୍ରରେ ଅର୍ଥର ଅଭାବ ଦୃଷ୍ଟିରୁ ମହାଜନ ସେମାନଙ୍କ ଦାବୀ ପୂରଣ କରିବାକୁ ଅନିଚ୍ଛା ପ୍ରକାଶ କଲେ ଗାଇ ବା ବଳଦ ବି ମାଗି ନିଅନ୍ତି । ମହାଜନଠାରୁ ପରଜା ଜମି ମଧ ପାଏ । ଅନ୍ୟ ପକ୍ଷରେ ପରଜାମାନେ ଭେଟି ଧରି ଆସୁଥିଲେ । ସମସ୍ତ ପରଜା ସବୁ କାମରେ ଉପସ୍ଥିତ ହେବେ, ଏହାର କୌଣସି ଧରାବନ୍ଧା ନିୟମ ନ ଥିଲା, ମାତ୍ର ପରଜା ମାତ୍ରକେ ମହାଜନର କାର୍ଯ୍ୟ ସମ୍ପାଦନ କରିବା ସେମାନଙ୍କ ପବିତ୍ର କର୍ତ୍ତବ୍ୟ ବୋଲି ଭାବୁ ଥିଲେ ।

ସମ୍ପ୍ରତି ସହୀସ ସଂଜ୍ଞାଧାରୀ ପ୍ରଜାମାନେ ଘୋଡ଼ା, ଆସଡୋଲି ଜଗିବା କାମ କରୁଥିଲେ । ଆଜିକାଲି ବୁଲେଟ୍ ରାଜଦୂତ ଯୁଗରେ ଘୋଡ଼ା ଚିଡ଼ିଆଖାନାର ଜୀବ ହେଲାଣି, ମାତ୍ର ଆସଡୋଲା ଉପରେ ସେମାନଙ୍କର ଅଧିକାର ଅଛି–ମଜୁରି ନ ନେଇ ଆସ ଉଠେଇ ନେବା । କୌଣସି ମହାଜନର ଆସ ଡୋଲାକୁ ଅନ୍ୟ ମହାଜନର ପରଜା ଜଗି ପାରିବ ନାହିଁ । ଏ ବ୍ୟତିକ୍ରମ ଘଟିଲେ ପରଜା ପରଜା ଭିତରେ ଭୀଷଣ ସଂଘର୍ଷ ଘଟେ ଏବଂ ମହାଜନ ହିଁ ତାର ମୀମାଂସା କରନ୍ତି । ହରିଜନ ପରଜାର ସ୍ତ୍ରୀ ଦାଣ୍ଡ ସୁନ୍ଦର ସଫେଇ ଓ ଅନ୍ୟାନ୍ୟ କାମ କରୁଥିଲେ । ଏ ଅଞ୍ଚଳରେ ଗୋଟିଏ ସୁନ୍ଦର ଶବ୍ଦ 'ଦାଣ୍ଡ ସୁନ୍ଦରୀ' 'ଦାଣ୍ଡସୁନ୍ଦରୀ' (ଦାଣ୍ଡକୁ ସୁନ୍ଦର କରେ ଯେ) ସଂକ୍ଷେପରେ 'ଦାଣ୍ଡ' ପ୍ରଚଳିତ ଅଛି । ଏହା 'ଦାଣ୍ଡ ଶୋଧନୀ' (ଦାଣ୍ଡକୁ ଶୋଧନ କରେ ଯେ)ର ଅପଭ୍ରଂଶ ।

## ଚକ ଘୂରୁଛି :

ଗରିବ ଧନୀ ହେଉଛି । ଏହି ପରିପ୍ରେକ୍ଷୀରେ କେତେ ପୁରୁଷ ପରେ ମାଲିକ ଘରକୁ ପ୍ରଜାର ଯିବାଆସିବା ହୁଏ ନାହିଁ । ଯିଏ

ପୁରୁଷର ଜଣେ ପ୍ରଜା ଖୋଜତଲାସ କରି ଆସିଲା । ଏ ଅପରିଚିତ ବ୍ୟକ୍ତିଟିକୁ ଲେଖକ ପରିବାରର କେହି ଜାଣି ନ ଥିଲେ । ସେ ବିନମ୍ର ପ୍ରଣତି ପୂର୍ବକ ଆପଣଙ୍କ ପ୍ରଜା ବୋଲି ପରିଚୟ ଦେଲା । ସେ ଦୁଇ ଦିନ ଅତିଥି ଭାବରେ ରହି ଯିବା ଦିନ ଟୋକୀ ମାଗି କହିଲା, 'ଆପଣଙ୍କ ଆଶୀର୍ବାଦରୁ ମୋର ବର୍ଷେ ଚଳିବା ମାଫିକ ଖଞ୍ଜା ଅଛି, ପୁଅ ସ୍କୁଲରେ ମାଷ୍ଟର ହୋଇଛି । ଗାଈଗୋରୁ ଛେଳି ମେଣ୍ଢା କେତେ ପଟ ବି ଅଛି । ମୋର ଲୋଡ଼ା ଆପଣଙ୍କ ଲୁଣ ଟିକିଏ' । କାହିଁକି ଏ ପ୍ରଜାତ୍ୱ ଗ୍ରହଣ ? ତା'ର ବିଶ୍ୱାସ ଯେ ମାଲିକର ଆଶୀର୍ବାଦରୁ ତା'ର ବଂଶଧରମାନଙ୍କ ଭବିଷ୍ୟତ ଉଜ୍ଜଳ ହେବ । ପୂର୍ବେ ପାଇଥିବା ସୁବିଧା ସୁଯୋଗ ପାଇବେ । ଧର୍ମ ବିଶ୍ୱାସ ହିଁ ଏ ସମ୍ପର୍କର ସଂଯୋଗ ସୂତ୍ର ।

ପରଜା ସଂପ୍ରତି ଭୋଗୁଥିବା ଦୁଃଖଦୁର୍ଦ୍ଦଶାକୁ, ନିଃସନ୍ତାନ ହେବାକୁ ମାଲିକର ଅସନ୍ତୋଷର କାରଣ ବୋଲି ଭାବେ । କେତେକଙ୍କର ବିଶ୍ୱାସ, 'ମାଲିକର ଅସନ୍ତୋଷରେ ବଂଶ ବୁଡ଼ିଯାଏ' । ଅବାଧ, ମାଲିକଠାରୁ ଦୂରେଇ ଯାଇଥିବା ପରଜା ଜଣେ ନିଃସନ୍ତାନ ହେବାରୁ ମାଲିକ ପ୍ରତି ଅବମାନନା ଏହାର କାରଣ ବୋଲି ନିଦାନ କରି ମାଲିକର ଶରଣାପନ୍ନ ହେଲା । ପରେ ପରେ ତା'ର ପୁଅଝିଅ ହେଲା । ଏ ବିଜ୍ଞାନ ଯୁଗରେ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହାଯାଇ ପାରେ ମାତ୍ର ଶାସ୍ତ୍ର କହେ, 'ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା' । ପିତାର ସ୍ଥାନ ଗ୍ରହଣ କରିଛି ପ୍ରଭୁ ମାଲିକ । ଅନ୍ୟ ଜଣେ ପରଜା ଛିଡ଼ିଭାଙ୍ଗି ଯିବାରୁ ଜୟପୁର ଚାଲିଗଲା । ତା'ର ଜଣେ ନାତି ସ୍ତ୍ରୀ ସହ ରାୟପୁର ଯିବା ବାଟରେ ଖଡ଼ିଆଳରେ ନିଜ ବଂଶର ସାହାଁକାର (ମାଲିକ) ଘରକୁ ଖୋଜିଲୋଡ଼ି ଆସିଲା । ତା'ର ପତ୍ନୀ ଦୁଇସରା ସୁନାମାଳୀ ପିନ୍ଧି ଥାଏ । ଧନୀ ଘରର ଲୋକ ପରି ଜଣା ପଡୁଥିଲା । ଧନୀ ପରଜାମାନେ ମଧ୍ୟ ମାଲିକର ଆନୁଗତ୍ୟ ସ୍ୱୀକାର କରନ୍ତି । ଏ ଏକ ଗଭୀର ଆତ୍ମୀୟତାର ପରିଚାୟକ ।

## ଘରଖିଆ:

ମାଲିକ ଘରରେ ଖାଇପିଇ ପିନ୍ଧିଓଢ଼ି ଅସୁଖ ବିସୁଖ ସମୟରେ ଚିକିତ୍ସିତ ହୋଇ ବର୍ଷକର ପାଉଣା ଧାନ ବା ଟଙ୍କା ଚୁକ୍ତି କରି ରହୁଥିଲେ ବାଳକ ବା ଯୁବକ ଶ୍ରମିକ । ଏ ଅଞ୍ଚଳରେ ପୌଷ ପୂର୍ଣ୍ଣିମାଠାରୁ ଆସନ୍ତା ପୌଷ ପୂର୍ଣ୍ଣିମା ପର୍ଯ୍ୟନ୍ତ ବର୍ଷର ହିସାବ କରାଯାଏ । ବର୍ଷ ପୂରିଗଲେ ତାକୁ ମାବାପ ବା ଅଭିଭାବକ ନେଇ ଯାଆନ୍ତି ନହେଲେ ପୁଣି ଏକ ବର୍ଷ ପାଇଁ ଚୁକ୍ତି କରିଦିଏ । ଏ ନୂଆ ଚୁକ୍ତି ସମୟରେ ମାଲିକ ତା'ର ପାଉଣା ବଢ଼ାଇବେ ନାହିଁ, ତେବେ ଅନ୍ୟ ମହାଜନ ଘରେ ଘରଖିଆ ରହେ । ଘରଖିଆ ଓ କିଣା ଗୁଲାମ ମଧ୍ୟରେ ଏ ପାର୍ଥକ୍ୟ ଅଛି । କାମରେ ଅବହେଳା କଲେ ତାକୁ ଘରୁ ବାହାର କରି ଦିଆଯାଏ । ମାଲିକ ରାଗିଗଲେ କହନ୍ତି, 'ତୋର ପୁସ୍‌ପୁନି ପୂରେଇ ଦେବି' (ପୌଷ ପୂର୍ଣ୍ଣିମା ପୂରେଇ ଦେବି) ଅର୍ଥାତ୍ ଘରୁ ବାହାର କରି ଦେବି' । ଅବାଧ ଘରଖିଆକୁ ବର୍ଷକର ପାଉଣା ଅଗ୍ରୀମ ଦିଆ ଯାଇଥିଲେ, କାମ କରିଥିବା ' ଦିନକର ପାଉଣା କାଟି ବାକୀତକ ପାଉଣା ମା ବାପଠାରୁ ଫେରନ୍ତ ନେଇ ଘରୁ ଅନ୍ତର କରି ଦିଅନ୍ତି । ଶୂଦ୍ର ଜାତି ସ୍ୱଜାତିର ପିଲାକୁ ଘରଖିଆ ରଖୁଥିଲେ ଏବଂ କେତେବର୍ଷ ରହିବା ପରେ ତା'ର କାମକୁ ପସନ୍ଦ କଲେ ନିଜ ଝିଅ ସହିତ ବିବାହ ମଧ୍ୟ କରି ଦିଅନ୍ତି । ଜମିଦାରମାନେ ପଇସାଉଣ୍ଟ ଘରଖିଆକୁ ଉପଯୁକ୍ତ ପାତ୍ରୀସହ ବିବାହ କରି ଦେଇ ତାଙ୍କ କାମଧନ୍ଦା ବୁଝିବା ପାଇଁ ଜମି ବା ବେତନ ସ୍ୱରୂପ ଧାନ ଦେଇ ଅଲଗା ଘରଡ଼ିହ ରହିବା ପାଇଁ ଦିଅନ୍ତି । ସେ ଘରଡ଼ିହ ତା'ର ହୋଇ ଯାଏ ଏବଂ ତା'ର ପୁଅଝିଅମାନେ ମାଲିକର ଅଧୀନରେ ରହି କାମ କରିବା ବାଧ୍ୟତାମୂଳକ ନୁହେଁ । ତେଣୁ କଥାରେ ଅଛି, 'ଘରଖିଆ ତ ଘରଖିଆ' ।

ଚାଷୀର ଶୁଭକାର୍ଯ୍ୟ କିମ୍ବା ବିବାହବ୍ରତ ପାଇଁ ଧାନ, ଟଙ୍କା ଆବଶ୍ୟକ ହେଲେ ବ୍ୟାଙ୍କର ଆଶ୍ରୟ ନ ନେଇ ପରିଚିତ ମହାଜନ ଘରେ ଜାମିନ ସ୍ୱରୂପ ପିଲାକୁ ଘରଖିଆ ରଖି ଦିଏ ଏବଂ ଯାହା ନେଇଥାଏ ବର୍ଷକ କିମ୍ବା ଦୁଇବର୍ଷ ପରେ ଫେରାଇ ପିଲାକୁ ନେଇ ଯାଏ । ଏ ପିଲା ମାଲିକ ଘରେ ଭଲ ଖାଦ୍ୟ ବସ୍ତ୍ର ଓ ଭଲ ବ୍ୟବହାର ପାଇ ରହିଥିଲେ ନିଜ ଘରେ ଆଉ ରହିବାକୁ ଚାହେଁ ନାହିଁ । ଆଠନଅ ବର୍ଷର ଝିଅଟିଏ ବାପ ଘର ଛାଡ଼ି ପୁଣି ମାଲିକ ଘରକୁ ଫେରି ଆସିଥିଲା । ଯେଉଁ ଘରେ ଘରଖିଆ ପିଲା ଲାଞ୍ଛିତ ଦଣ୍ଡିତ ହୁଏ ସେ ଘରେ ସେ ନ ରହି ଚାଲି ଆସେ ଓ ତା' ବାପ ନେଇଥିବା ଧାନ/ଟଙ୍କା ଫେରେଇବାକୁ ବାଧ୍ୟ ହୁଏ ।

## ଘରକରା:

ବିଧବା କିମ୍ବା ପରିତ୍ୟକ୍ତା ନାରୀ ବିପତ୍ନିକ ପୁରୁଷ । ଅବିବାହିତ ପୁରୁଷ ସହ ବାସକଲେ ଘରକରା କୁହାଯାଏ । ବିଗତ ଧବ ଔରସ ଜାତ ଦୁହିତା ପୁତ୍ରକୁ ସେ ମୃତ ସ୍ୱାମୀର ଆତ୍ମୀୟ ସ୍ୱଜନଙ୍କଠାରେ ଛାଡ଼ିଯାଏ । ସେମାନେ ରଖିବାକୁ ଅମଙ୍ଗ ହେଲେ ନିଜ ସଙ୍ଗେ ନୂତନ ସ୍ୱାମୀ ଘରକୁ ନିଏ ନତୁବା ପାଳନପୋଷଣ ଇଚ୍ଛୁକ ବ୍ୟକ୍ତିଙ୍କୁ ଅର୍ପଣ କରେ । ଏ ଗୃହୀତା ସହ ତା'ର ଆଜୀବନ ସମ୍ପର୍କ ରହେ । କେବେ ତାଙ୍କଘରୁ ଲୁଗା ଖଣ୍ଡେ, କେବେ କୌଣସି ଦ୍ରବ୍ୟ ନେଇ ଯାଏ । କେତେକ କ୍ଷେତ୍ରରେ, ସ୍ୱାମୀ ଶାଶୁ ଶ୍ୱଶୁରଙ୍କ ଅନ୍ୟାୟ ଅତ୍ୟାଚାର ସହି ନ ପାରି ବିବାହିତ ସ୍ୱାମୀକୁ ତ୍ୟାଗ କରି ନାରୀ ଅନ୍ୟ ପୁରୁଷ ସହ ଘର କରିଥାଏ । ତେଣୁ କଥାରେ ଅଛି, 'ବାହାଲେ ତନା ମୁସରି, ତୁଇ ନାଇଁ ହେଲେ ଦୁସରି' । କେତେକ ଆଦିବାସୀ ସମାଜରେ ବିଧବା ତଥା ପରିତ୍ୟକ୍ତା ନାରୀ ସମାଜର ଝିଅ ହୋଇଯାନ୍ତି, ପିତା ମାତାଙ୍କ କୌଣସି ଅଧିକାର ରହେ ନାହିଁ । ଏପରି ଝିଅକୁ ସମାଜ ପତି ନାଏକ ପୁଚା ଯେ ଦୁଧପାଣି ଢାଳେ ବା ପ୍ରାୟଶ୍ଚିତ କରେ। ବିବାହ କରାନ୍ତି, ବିଧବା ହୋଇଥିଲେ କୁହାଯାଏ, 'ଚୁଡ଼ି ପିନ୍ଧେଇ ଆଣିଲା' । ଏ ପ୍ରଥାରେ ନାରୀ ପୁରୁଷର ସାଂସାରିକ ଜୀବନ ଗଢ଼ିବାର ପ୍ରାଧାନ୍ୟ ଅଛି ।

## ଘରଜୁଆଁ :

ପୁତ୍ରହୀନ ବ୍ୟକ୍ତିର ଗୃହରେ ରହି ତାଙ୍କ ଦୁହିତା ସହ ବିବାହ କରେ ଯୁବକ । ସେ ଶ୍ୱଶୁରଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ଭୋଗଦଖଲ କରେ ମାତ୍ର ଘରଡ଼ିହ ଜମିବାଡ଼ିର ପଟ୍ଟା ବା ଉଇଲନାମା ତା'ର ସ୍ତ୍ରୀ ନାମରେ ଥାଏ । କେତେକ ମା ବାପା

ନିଜ ପୁଅ ନାମରେ କିଛି ଜମି ଲେଖାଇ ନେଇ ପୁଅକୁ ଘରକୁଆଁ ରୂପେ ଦେଇ ସାମାଜିକ ବିଧି ଅନୁଯାୟୀ ବିବାହ କରନ୍ତି ଯେହେତୁ, କୌଣସି କାରଣବଶତଃ ସେ ବିବାହିତା ପତ୍ନୀକୁ ଛାଡି ଅନ୍ୟ ସ୍ତ୍ରୀ ସହିତ ବିବାହ କରେ, ତେବେ ପୂର୍ବ ବିବାହିତା ପତ୍ନୀର ପିତାଙ୍କ ସମ୍ପତ୍ତିରେ କୌଣସି ହକ୍ ରହେ ନାହିଁ ମାତ୍ର ଦାନ ଜମିରେ ହକ୍ ରହେ ।

ସଭ୍ୟତାର ଅଗ୍ରଗତି ସହିତ ତାଳ ଦେଇ ଏ ଅଞ୍ଚଳବାସୀ ଉନ୍ନତିର ପାହଚରେ ଆଗେଇ ଚାଲିଛନ୍ତି । ଅତୀତର କେତେକ ପ୍ରଥା ଓ ପରମ୍ପରା କ୍ରମଶଃ ନିସ୍ତେଜ ହୋଇ ପଡ଼ିଛି । ଏକ ଜନମଙ୍ଗଳ ରାଷ୍ଟ୍ରର ନାଗରିକ ଭାବେ ନୂତନ ଅର୍ଥନୈତିକ କାର୍ଯ୍ୟକ୍ରମର ଅଂଶୀଦାର ଭାବେ ପ୍ରଗତିର ଆଲୋକ ଯେତେବେଳେ ଜିଲ୍ଲାବାସୀ ସତତ ଧାବିତ ତଥାପି ରୀତିନୀତି, ପରମ୍ପରା ଓ ଅନ୍ଧ ବିଧି ବିସ୍ମୃତ ନୁହେ କାରଣ ପ୍ରକୃତି ପ୍ରତି ଗଭୀର ବିଶ୍ୱାସ ଓ ଆସ୍ତିକତା ହେଉଛି ଏହାର ଭିତ୍ତିଭୂମି ।

ଉପ ସଭାପତି,
ଖଡ଼ିଆଳ ସାହିତ୍ୟ ସମିତି,
ସା/ପୋ: ଖଡ଼ିଆଳ,
ଜି : କଳାହାଣ୍ଡି,
ପିନ୍– ୭୬୬୧୦୭ ।

»»»»»»»»»»»



ଢେଙ୍କାନାଳଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ପୂର୍ତ୍ତ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ପାଣିଗ୍ରାହୀଙ୍କୁ ତାମ୍ର ଫଳକ ପ୍ରଦାନ କରୁଛନ୍ତି ।

# ଭାରତୀୟ ରାଜନୀତିରେ ଡକ୍ଟର ଆମ୍ବେଦକରଙ୍କ ଭୂମିକା

● ଡକ୍ଟର ଅତୁଲଚନ୍ଦ୍ର ପ୍ରଧାନ

ଗାନ୍ଧୀ ଯୁଗର ଭାରତୀୟ ରାଜନୀତିରେ ତିନିଜଣ ମୁଖ୍ୟ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ହେଲେ ମହାତ୍ମା ଗାନ୍ଧୀ, ମହମ୍ମଦ ଅଲିଜିନ୍ନା ଏବଂ ଡ଼ଃ ଭୀମରାଓ ରାମଜୀ ଆମ୍ବେଦକର । ଗାନ୍ଧୀ ଥିଲେ କଂଗ୍ରେସର ତୁଙ୍ଗ ନେତା, ଜିନ୍ନା ଥିଲେ ବିଚ୍ଛିନ୍ନତାବାଦୀ ମୁସଲମାନ ଗୋଷ୍ଠୀର ନେତା ଏବଂ ଆମ୍ବେଦକର ଥିଲେ ଦଳିତ ଜାତିର ମୁଖ୍ୟ ମୁଖପାତ୍ର । ଗାନ୍ଧୀ ଓ ଆମ୍ବେଦକର ଉଭୟେ ଦଳିତ ଜାତିର କର୍ଣ୍ଣଧାର ଥିଲେ । କିନ୍ତୁ ଉଭୟଙ୍କ ମଧ୍ୟରେ ବିଭିନ୍ନ ଦୃଷ୍ଟିରୁ ମୌଳିକ ପାର୍ଥକ୍ୟ ଥିଲା ।ସମାଜର ସବୁ ପ୍ରକାର ଦୀନ, ଦଳିତମାନଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବାପନ୍ନ ହୋଇଥିଲେ ହେଁ ଗାନ୍ଧୀ ଥିଲେ ଜଣେ ସବର୍ଣ୍ଣ ହିନ୍ଦୁ ଏବଂ ସମଗ୍ର ଭାରତ ବାସୀଙ୍କର ବିଶେଷତଃ ହିନ୍ଦୁ ସମାଜର ଗୌରବ ଓ ଗର୍ବର ମୂର୍ତ୍ତିମାନ ପ୍ରତୀକ । କିନ୍ତୁ ଆମ୍ବେଦକର ଜନ୍ମ ହୋଇଥିଲେ ଦଳିତ ସମାଜରେ ଏବଂ ସେଥିପାଇଁ ଲାଞ୍ଛିତ ହୋଇଥିଲେ । ନିଜର ବଳିଷ୍ଠ ସାଧନା ଓ ଅଧ୍ୟବସାୟ ବଳରେ ସେ ନିଜକୁ ଦଳିତ ଜାତିର ଅପ୍ରତି ଦ୍ୱନ୍ଦ୍ୱୀ ନେତା ତଥା ଭାରତୀୟ ରାଜନୀତିରେ ଏକ ଅନୁପମ ବ୍ୟକ୍ତି ହିସାବରେ ପ୍ରତିଷ୍ଠିତ କରି ପାରିଥିଲେ । ତେଣୁ ଆମ୍ବେଦକରଙ୍କ ପାଇଁ ଦଳିତ ଜାତିର ଲୋକମାନେ ବିଶେଷ ଭାବରେ ଗର୍ବ ଅନୁଭବ କରିବାର ଯଥାର୍ଥତା ରହିଛି ।

ଦେଶର ସ୍ୱାଧୀନତା ପରେ ଚାରି ଦଶନ୍ଧିର ଅଧିକ ସମୟ ବିତି ଗଲାଣି । ଆମ୍ବେଦକର ବର୍ତ୍ତମାନ ଏକ ଐତିହାସିକ ଅନୁଷ୍ଠାନରେ ପରିଣତ ହେଲେଣି । ତାଙ୍କ ଜୀବଦ୍ଦଶାରେ ଯେଉଁସବୁ ପ୍ରଶ୍ନନେଇ ସେ ଜଣେ ବିବଦମାନ ବ୍ୟକ୍ତି ବୋଲି ପରିଗଣିତ ହୋଇଥିଲେ, ଏବେ ସେସବୁର ଉପଯୁକ୍ତ ସମୀକ୍ଷା କରିବାର ଠିକଣା ବେଳ ଆସିଛି ।

ଆମ୍ବେଦକର କଂଗ୍ରେସ ନେତୃତ୍ୱରେ ପରିଚାଳିତ ଜାତୀୟ ସ୍ରୋତରୁ ଦୂରରେ ରହି କାର୍ଯ୍ୟ କରୁଥିଲେ । ଇଂରେଜ ସରକାରଙ୍କ ରାଜନୈତିକ ତଥା ସାମ୍ବିଧାନିକ ଢାଞ୍ଚା ଭିତରେ ରହି ଦଳିତ ଜାତିର ସ୍ୱାର୍ଥ ସଂରକ୍ଷଣ ପାଇଁ ସେ ଚେଷ୍ଟା କରୁଥିଲେ । ଏହା ପଛରେ ଏକ ଯୁକ୍ତିଯୁକ୍ତ ସାମାଜିକ ତଥା ମନସ୍ତାତ୍ତ୍ୱିକ କାରଣ ଥିଲାପରି ମନେହୁଏ । ସେ ଦୃଢ଼ ଭାବରେ ଅନୁଭବ କରୁଥିଲେ ଯେ ସମାଜିକ ସ୍ତରରେ ଏକ "ଦଳିତ" ବ୍ୟକ୍ତି ହିସାବରେ ଘୃଣିତ ଓ ନିଷେଧିତ ହୋଇ କଂଗ୍ରେସ ରାଜନୀତିରେ ସେ ସବର୍ଣ୍ଣ ହିନ୍ଦୁ ରାଜନୀତିଜ୍ଞମାନଙ୍କ ସହିତ ସମମର୍ଯ୍ୟାଦା ଲାଭ କରିପାରିବେ ନାହିଁ । ଗାନ୍ଧୀ ଆମ୍ବେଦକରଙ୍କର ଏହି ମନୋଭାବକୁ ଉପଲବ୍ଧି କରି କହିଥିଲେ:-

"He is pronounced as belonging to the Depressed Classes and as being un-touchable. Intellectually he is superior to thousands of intelligent and educated caste Hindus. His personal cleanliness is as high as that of any of us. Today he is an eminent lecturer in law. Tomorrow you may find him a judge of the High Court. In other words, there is no position in the Government of this country to which he may not aspire or rise and to which an orthodox Brahmin can rise. But that orthodox Brahmins will be defiled by the touch of Dr Ambedkar and that because of his unpardonable sin that he was born a Mahar (untouchable)".

## ଶ୍ରଦ୍ଧାହୀନ ସମର୍ଥନ

ଆମ୍ବେଦକରଙ୍କ ମତରେ କଂଗ୍ରେସ ନେତାମାନେ ରାଜନୈତିକ କ୍ଷେତ୍ରରେ ବୈପ୍ଳବିକ ମନୋଭାବ ପୋଷଣ କଲେ ମଧ୍ୟ ସାମାଜିକ ଦୃଷ୍ଟିଭଙ୍ଗୀ ଥିଲା ପାରମ୍ପରିକ ଏବଂ ସାମାଜିକ ସମତାର ପରିପନ୍ଥୀ । ଗାନ୍ଧୀ ମଧ୍ୟ ଅନୁଭବ କରୁଥିଲେ ଯେ, ବହୁ କଂଗ୍ରେସ ଲୋକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ତାଙ୍କ ଅସ୍ପୃଶ୍ୟତା ବିରୋଧୀ କାର୍ଯ୍ୟକ୍ରମକୁ ସମର୍ଥନ କରୁଛନ୍ତି, କିନ୍ତୁ ସେଥିପ୍ରତି ସେମାନଙ୍କର ପ୍ରକୃତ ହାର୍ଦ୍ଦିକ ସମର୍ଥନ ନାହିଁ ।

ଆମ୍ବେଦକର ଜାତୀୟ କଂଗ୍ରେସରୁ ରାଜନୈତିକ କାର୍ଯ୍ୟକଳାପରୁ ନିଜକୁ ଅଲଗା ରଖୁଥିଲେ ମଧ୍ୟ ସେ ଇଂରେଜ ସରକାରଙ୍କର ସମର୍ଥକ ସ୍ୱୀକାର ନଥିଲେ। ଇଂରେଜ ସରକାରଙ୍କ ଦୋଷତ୍ରୁଟିକୁ ସେ ନିର୍ଭୀକ ଭାବରେ ସମାଲୋଚନା କରୁଥିଲେ। ସେ କହୁଥିଲେ ଯେ ଇଂରେଜ ସରକାର ଦଳିତ ଜାତି ସମସ୍ୟାକୁ କେବଳ ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରୁଛନ୍ତି ଏବଂ ହିନ୍ଦୁ ସମାଜର ନ୍ୟସ୍ତସ୍ୱାର୍ଥ ଏବଂ ରକ୍ଷଣଶୀଳ ବ୍ୟକ୍ତିମାନଙ୍କର ମତାମତକୁ ସମ୍ମାନ ଦେଉଛନ୍ତି।

ଆମ୍ବେଦକର କହିଥିଲେ ଯେ ଦଳିତ ଜାତିର ସ୍ୱାର୍ଥକୁ ସୁରକ୍ଷା କରିବା ତାଙ୍କ ଜୀବନର ମୂଳ ଲକ୍ଷ୍ୟ। ଏକ ଜାତିସ୍ୱତାବାଦୀ ରାଜନୈତିକ ନେତାର ମର୍ଯ୍ୟାଦା ଲାଭ କରିବା ପାଇଁ ସେ ଲାଳାୟିତ ନଥିଲେ। ତେଣୁ ଦଳିତ ଜାତିର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସେ ନିର୍ଭୀକ ଭାବରେ ନିଜର ମତକୁ ବ୍ୟକ୍ତ କରୁଥିଲେ ଏବଂ ଏପରିକି ଗାନ୍ଧୀଙ୍କ ମତକୁ ବିରୋଧ କରୁଥିଲେ। ୧୯୩୨ ମସିହା ସେପ୍ଟେମ୍ବର ମାସରେ ବ୍ରିଟିଶ ସରକାରଙ୍କର ଅଛୁଆମାନଙ୍କୁ ପୃଥକ୍ ସାମ୍ପ୍ରଦାୟିକ ପ୍ରତିନିଧିତ୍ୱ ଦାନ ବ୍ୟବସ୍ଥା ବିରୋଧରେ ଯେତେବେଳେ ମହାତ୍ମା ଗାନ୍ଧୀ ଆମରଣ ଅନଶନ କରିଥିଲେ ଏବଂ ସାରା ଦେଶରେ ଲୋକେ ତାଙ୍କୁ ସମର୍ଥନ କରିଥିଲେ, ସେତେବେଳେ ଆମ୍ବେଦକର ନିର୍ଭୀକ ଭାବରେ ଗାନ୍ଧୀଙ୍କର ଅନଶନ ବିରୋଧରେ ନିଜର ମତ ବ୍ୟକ୍ତ କରିଥିଲେ। ଗାନ୍ଧୀ ମଧ୍ୟ ଆମ୍ବେଦକରଙ୍କ ମତକୁ ଗୁରୁତ୍ୱ ଦେଇଥିଲେ ଏବଂ ସାଧାରଣ ନିର୍ବାଚନ ମଣ୍ଡଳୀରେ ଅଛୁଆମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ଗ୍ରହଣ କରିଥିଲେ।

## ଅନନ୍ୟ ବିପ୍ଳବୀ

ଆମ୍ବେଦକର ଏକ ସାମାଜିକ ବିପ୍ଳବୀ ଥିଲେ। ଅଛୁଆ ଜାତିର ଲୋକମାନଙ୍କ ମଧ୍ୟରେ ଆତ୍ମସଚେତନତା ଏବଂ ଆତ୍ମସମ୍ମାନ ବୋଧ ଜାଗ୍ରତ କରିବା ପାଇଁ ସେ ଚାହୁଁଥିଲେ। ସେ ସେମାନଙ୍କୁ କହୁଥିଲେ, "ସିଂହପରି ସାହାସୀ ହୁଅ, ଛାଗଳ ପରି ନିରୀହ ହୁଅ ନାହିଁ, କାରଣ ନିରୀହମାନେ ହିଁ ସବୁ ଅତ୍ୟାଚାରର ଶିକାର ହୁଅନ୍ତି"। ହିନ୍ଦୁ ସମାଜକୁ ବର୍ଣ୍ଣ ବୈଷମ୍ୟ ଓ ଜାତିଆଣ ଭେଦକୁ ବିଦୂରିତ କରି ସ୍ୱାଧୀନତା, ସାମ୍ୟ ଏବଂ ଭ୍ରାତୃତ୍ୱ ଭିତ୍ତିରେ ଏକ ନୂତନ ସମାଜ ଗଠନ ତାଙ୍କର କାମନା ଥିଲା। ଏଥିପାଇଁ ଜୀବନର ଶେଷ ଅବସ୍ଥାରେ ହିନ୍ଦୁଧର୍ମ ପରିତ୍ୟାଗ କରି ସେ ତାଙ୍କର ଅନୁଗାମୀମାନଙ୍କ ସହିତ ବୌଦ୍ଧଧର୍ମ ଗ୍ରହଣ କରିଥିଲେ।

କଂଗ୍ରେସ ବାହାରେ ରହି ଅଛୁଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ନିର୍ଭୀକ ଭାବରେ ନିଜର ମତକୁ ବ୍ୟକ୍ତ କରୁଥିବାରୁ ତାଙ୍କୁ ଅନେକେ ଜାତୀୟ ସ୍ରୋତର ବିରୋଧୀ ତଥା ଇଂରେଜ ସମର୍ଥକ ବୋଲି ଭାବୁଥିଲେ। କିନ୍ତୁ ଦେଶ ପ୍ରତି ତାଙ୍କର ଅନୁରକ୍ତି ଅତୁଟ ଥିଲା। ସେ କହୁଥିଲେ ଯେ ଦେଶ ଭକ୍ତି କଂଗ୍ରେସର ଏକଚାଟିଆ ଅଧିକାର ନୁହେଁ, କଂଗ୍ରେସରେ ନ ରହି ମଧ୍ୟ ଜଣେ ଦେଶକୁ ଭଲ ପାଇ ପାରେ। ଦେଶର ସ୍ୱାର୍ଥଠାରୁ ଦଳିତ ଜାତିର ଲୋକମାନଙ୍କର ସ୍ୱାର୍ଥରକ୍ଷାକୁ ସେ ବଡ଼ ମନେ କରୁଥିଲେ। ଏହାର ଯଥାର୍ଥ ଅର୍ଥ ହେଲା ସମାଜର ଦଳିତ ଓ ନିପେଷିତ ଲୋକମାନଙ୍କ ଅଭ୍ୟୁଦୟ ବ୍ୟତିରେକ ସ୍ୱାଧୀନତା ହେବ ଅର୍ଥହୀନ। ଗାନ୍ଧୀ ମଧ୍ୟ ଏହି ପ୍ରକାର ମତ ପୋଷଣ କରୁଥିଲେ।

## ସମ୍ବିଧାନ ପ୍ରଣୟନ

ଜାତୀୟ କଂଗ୍ରେସ ତଥା ଗାନ୍ଧୀଙ୍କ ସହିତ ତାଙ୍କର ତୀବ୍ର ମତପାର୍ଥକ୍ୟ ରହିଥିଲେ ମଧ୍ୟ ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଜାତି ଗଠନ ପାଇଁ କଂଗ୍ରେସର ଆହ୍ୱାନକୁ ସେ ଗ୍ରହଣ କରିଥିଲେ। ନୂତନ ସମ୍ବିଧାନ ପ୍ରଣୟନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କଂଗ୍ରେସ ଦଳର ପ୍ରଗତିଶୀଳ ଚିନ୍ତାଧାରାକୁ ସେ ସାମ୍ବିଧାନିକ ରୂପରେଖ ପ୍ରଦାନ କରିଥିଲେ। ଡ଼ଃ କେ: ଭି: ରାଓଙ୍କ ମତରେ ସେ ସମ୍ବିଧାନର ପିତା ନୁହନ୍ତି, ସେ ହେଉଛନ୍ତି ସମ୍ବିଧାନର ଜନନୀ। ସ୍ୱାଧୀନ ଭାରତର ପ୍ରଥମ ମନ୍ତ୍ରୀମଣ୍ଡଳରେ ଆଇନମନ୍ତ୍ରୀ ଥିଲେ ମଧ୍ୟ କଂଗ୍ରେସ ତଥା ନେହେରୁଙ୍କ ସହିତ ତାଙ୍କର ମତଭେଦକୁ ସେ ସାହସର ସହିତ ବ୍ୟକ୍ତ କରୁଥିଲେ ଏବଂ ଶେଷରେ ସ୍ୱେଚ୍ଛାରେ ଇସ୍ତଫା ଦେଇଥିଲେ।

ଭାରତୀୟ ରାଜନୀତିରେ ଆମ୍ବେଦକର ଏକ ବିରଳ ବ୍ୟକ୍ତିତ୍ୱ। ଏକାଧାରରେ ସେ ଜଣେ ଅର୍ଥନୀତିଜ୍ଞ, ଆଇନଜ୍ଞ, ସାମାଜିକ ବିପ୍ଳବୀ ଓ ପ୍ରତିଭାଶାଳୀ ରାଷ୍ଟ୍ରନୀତିଜ୍ଞ ଥିଲେ। କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଡକ୍ଟରେଟ୍, ଲଣ୍ଡନ ସ୍କୁଲ ଅଫ୍ ଇକନମିକ୍ସରୁ ଡି: ଏସ୍: ସି ଏବଂ ଗ୍ରେଜ୍ ଇନ୍‌ରୁ ବାର-ଏଟ୍-ଲ ଲାଭ କରି ସେ ସାଧାରଣ ଜୀବନରେ ଜଣେ ସୁସଜ୍ଜିତ ସୈନିକ ଭାବରେ ପ୍ରବେଶ କରିଥିଲେ। ଘୃଣିତ ଓ ଅବହେଳିତ ଅଛୁଆ ସମାଜରେ ଜନ୍ମ ଲାଭ କରି ପ୍ରତିଭା ତଥା ଅଧ୍ୟବସାୟ ବଳରେ ସେ ନିଜକୁ ଜାତୀୟ ରାଜନୀତିରେ ଏକ ବିରାଟ ବ୍ୟକ୍ତିତ୍ୱରୂପେ ପ୍ରତିଷ୍ଠିତ କରି ପାରିଥିଲେ। ତାଙ୍କର ଜୀବନ ସଂଗ୍ରାମ ସମାଜର ସବୁଶ୍ରେଣୀର ଲୋକ ବିଶେଷତଃ ଦଳିତ ସମାଜ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

ପ୍ରାଧ୍ୟାପକ, ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର-୪।

# ଉତ୍କଳ ଗୌରବ ମଧୁସୂଦନ ଓ ଓଡ଼ିଶା

● ଶ୍ରୀ ଉପେନ୍ଦ୍ରନାଥ ଦୋରା

ଉତ୍କଳକୁ ଭାରତବର୍ଷର ଏକ ଆଦର୍ଶ ରାଜ୍ୟ ରୂପେ ପ୍ରତିଷ୍ଠା କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିବା ଦେଶ ସେବକମାନଙ୍କ ମଧ୍ୟରେ ମଧୁସୂଦନ ଦାସ ଅନ୍ୟତମ । ଦେଶ ପାଇଁ ତାଙ୍କର ତ୍ୟାଗ ଅବିସ୍ମରଣୀୟ । ଭାରତରେ କୃଷକ ସଙ୍ଗଠନ ଭଳି ଏକ ଶକ୍ତିଶାଳୀ ଅନୁଷ୍ଠାନ ଗଠନ କରିବାରେ ସେ ହେଉଛନ୍ତି ସର୍ବ ପ୍ରଥମ ବ୍ୟକ୍ତି । ସେ ଥିଲେ ଏକାଧାରରେ ଜଣେ ବିଚକ୍ଷଣ ବୁଦ୍ଧିସମ୍ପନ୍ନ ଆଇନଜ୍ଞ, ବାଗ୍ମୀ, ସଙ୍ଗଠକ, କର୍ମଯୋଗୀ, ଶିଳ୍ପ ଉଦ୍ୟୋଗୀ, ରାଜନୀତିଜ୍ଞ, ଦାର୍ଶନିକ ଓ ସମାଜ ସଂସ୍କାରକ । କଟକ ସହରର ଉତ୍ତର ପୂର୍ବ ଦିଗକୁ ପ୍ରାୟ ୨୦ କିଲୋମିଟର ଦୂରରେ ଥିବା ସତ୍ୟଭାମାପୁର ଗ୍ରାମ ତାଙ୍କର ଜନ୍ମ ସ୍ଥାନ ରୂପେ ସୁପ୍ରସିଦ୍ଧ । ଷୋଡ଼ଶ ଶତାବ୍ଦୀରେ ସୂର୍ଯ୍ୟବଂଶୀୟ ରାଜା ପୁରୁଷୋତ୍ତମ ଦେବଙ୍କର ରାଣୀ ସତ୍ୟଭାମା ଦେବୀ ଏହି ଗ୍ରାମ ସ୍ଥାପନ କରିଥିବାରୁ ତାଙ୍କରି ନାମାନୁସାରେ ଏହି ଗ୍ରାମଟିର ନାମ ସତ୍ୟଭାମାପୁର ରଖାଯାଇଥିଲା । ଏହି ଗ୍ରାମରେ ଥିବା ଏକ ସମ୍ଭ୍ରାନ୍ତ ଚୌଧୁରୀ ପରିବାରରେ ମଧୁସୂଦନ ଦାସ ୧୮୪୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଚୌଧୁରୀ ରଘୁନାଥ ଦାସ ଥିଲେ ଜଣେ ଛୋଟକାଟର ଆଇନଜୀବୀ ଓ ମାତା ପାର୍ବତୀ ଦେବୀ ଥିଲେ ଜଣେ ଅତ୍ୟନ୍ତ ଧର୍ମପରାୟଣା ମହିଳା । ତାଙ୍କ ମାତା ହିଁ ମଧୁସୂଦନଙ୍କର ଆଦର୍ଶ ଜୀବନ ଗଠନରେ ବିଶେଷ ସହାୟିକା ଥିଲେ । ମଧୁସୂଦନଙ୍କର ବାଲ୍ୟଶିକ୍ଷା ଗ୍ରାମ୍ୟ ଚାଟଶାଳୀରେ ହିଁ ହୋଇଥିଲା । ତାଙ୍କ ପ୍ରପିତାମହୀ ସତୀ ହୋଇଥିବାର ଅନ୍ୟ ଏକ ଘଟଣା ତାଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ର ଗଠନରେ ପ୍ରଭାବ ପକାଇଥିଲା ବୋଲି କୁହାଯାଏ । ଗ୍ରାମ୍ୟ ପାଠଶାଳାରୁ ପାଠ ଶେଷ କରି ସେ ନିକଟବର୍ତ୍ତୀ ମହାସିଂପୁର ଗ୍ରାମର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ ଓ ଏହାପରେ କଟକରେ ଥିବା ଏକମାତ୍ର ଉଚ୍ଚ ବିଦ୍ୟାଳୟରେ (ପରବର୍ତ୍ତୀ କାଳରେ "ରେଭେନ୍‌ସା କଲିଜିଏଟ୍ ସ୍କୁଲ" ନାମରେ ପରିଚିତ) ଅଧ୍ୟୟନ କରିଥିଲେ । ସେ ୧୮୬୪ ଖ୍ରୀଷ୍ଟାବ୍ଦରେ କଟକରୁ ଏନ୍‌ଟ୍ରାନ୍‌ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେତେବେଳେ ତାଙ୍କୁ ଷୋଳବର୍ଷ ବୟସ ହୋଇଥିଲା । ସେତେବେଳକୁ ତାଙ୍କର ପାରିବାରିକ ଅବସ୍ଥା ସେତେ ସ୍ୱଚ୍ଛଳ ନଥିବାରୁ ତାଙ୍କ ପିତା ସୁଦୂର କଲିକତାରେ ତାଙ୍କୁ କଲେଜରେ ପଢ଼ାଇବା ପାଇଁ ସାହସ କରି ପାରି ନଥିଲେ । କିନ୍ତୁ ମଧୁସୂଦନ ଉଚ୍ଚଶିକ୍ଷା ଲାଭ କରିବାକୁ ଅତ୍ୟନ୍ତ ଆଗ୍ରହୀ ଥିଲେ । ସେତେବେଳେ ଓଡ଼ିଶାରେ କଣେହେଲେ ଗ୍ରାଜୁଏଟ୍ ନଥିଲେ । ପ୍ରଥମେ ସେ କଲେଜରେ ପଢ଼ିବାର ଉପାୟ ନ ପାଇ କିଛି ଅର୍ଥ ସଂଗ୍ରହ ହେଲେ କଲିକତା ଯିବା ପାଇଁ ବ୍ୟବସ୍ଥା କରିବାକୁ ସଂକଳ୍ପ କଲେ ଓ ବାଲେଶ୍ୱର ଜିଲ୍ଲା ସ୍କୁଲରେ ତୃତୀୟ ଶିକ୍ଷକ ରୂପେ ଅସ୍ଥାୟୀ ଭାବରେ କିଛିଦିନ ଚାକିରି କଲେ । ଏହାପରେ ସେ ଉଚ୍ଚଶିକ୍ଷା ଲାଭ କରିବାକୁ କଲିକତା ଯାତ୍ରା କଲେ । ତାଙ୍କର ପ୍ରତିଜ୍ଞା ଥିଲା, ସେ ଗ୍ରାଜୁଏଟ୍ ନ ହେବା ପର୍ଯ୍ୟନ୍ତ ଓଡ଼ିଶା ଫେରିବେ ନାହିଁ ।

୧୮୭୦ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ବି: ଏ: ପାଶ୍ କରିଥିଲେ । ସେ ହେଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ । କିଛି ଦିନ ପାଇଁ ସେ ଘରକୁ ଯାଇ ରହିଥିଲେ ଓ ଏହି ସମୟ ମଧ୍ୟରେ ସେ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହେବାରୁ ଆଉ ତାଙ୍କୁ ନିଜ ଘରେ ପାଦ ପକାଇବାର ଅଧିକାର ମିଳିଲା ନାହିଁ । ସେ କଲିକତା ଯାଇ ପୁନଶ୍ଚ ସେଠାରେ ଅଧ୍ୟୟନରେ ମନୋନିବେଶ କଲେ । ୧୮୭୩ ଖ୍ରୀଷ୍ଟାବ୍ଦରେ ସେ ଏମ: ଏ: ପାଶ୍ କଲେ ଓ କିଛିଦିନ ପରେ ଜଣେ ବଙ୍ଗାଳୀ ଖ୍ରୀଷ୍ଟାନ୍ ଧର୍ମଯାଜକଙ୍କ କନ୍ୟା ସୌଦାମିନୀଙ୍କୁ ବିବାହ କରିଥିଲେ । ଏମ: ଏ: ପାଶ୍ କରିବା ପରେ ସେ ଓଡ଼ିଶାର ପ୍ରଥମ ଏମ: ଏ: ହେଲେ । ଏହାପରେ ତାଙ୍କୁ ଶ୍ରୀରାମପୁର ମିଶନାରୀ କଲେଜର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା, କିନ୍ତୁ ଖୁବ୍ କମ୍ ବେତନ ଥିବା ଦୃଷ୍ଟିରୁ ସେ ସେହି କଲେଜ ଛାଡ଼ି ଚାଲି ଆସି ଅନ୍ୟତ୍ର ଗାର୍ଡ଼େନ୍‌ରିଚ୍ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତି ପାଇଥିଲେ । କିଛି ଦିନ ପରେ ସେ ଉକ୍ତ ଚାକିରି ଛାଡ଼ି ବିଶ୍ୱବିଦ୍ୟାଳୟର ଆଇନ୍ କ୍ଲାସରେ ଆଇନ୍ ଶିକ୍ଷା କଲେ । ସେଠାରୁ ଲ' ପାଶ୍ କରି ସେ ଓଡ଼ିଶାର ପ୍ରଥମ ଓଡ଼ିଆ ଆଡ଼ଭୋକେଟ୍ ହୋଇଥିଲେ । ଆଇନ୍ ପଢୁଥିବା ସମୟରେ ସେ ସାର୍ ଆଶୁତୋଷ ମୁଖାର୍ଜୀଙ୍କୁ ବାଲ୍ୟକାଳରେ ଗୃହ ଶିକ୍ଷକ ଭାବରେ ଇଂରାଜୀ ପଢ଼ାଉ ଥିଲେ । ସେ ଆଲିପୁର କୋର୍ଟରେ ମଧ୍ୟ କିଛିଦିନ ଆଇନଜୀବୀ ହିସାବରେ ପ୍ରାକ୍ଟିସ୍ କରିଥିଲେ । ଇତି ମଧ୍ୟରେ ତାଙ୍କର ପତ୍ନୀଙ୍କର ବିୟୋଗ ଘଟିବାରୁ କଲିକତା ପ୍ରତି ତାଙ୍କର ସମସ୍ତ ଆକର୍ଷଣ ତୁଟିଗଲା । ଦୀର୍ଘ ପନ୍ଦର ବର୍ଷ ପରେ

ସେ ପୁନଶ୍ଚ କଟକ ଫେରି ଆସିଲେ । ସେ ହିନ୍ଦୁ ସମାଜଚ୍ୟୁତ ହୋଇଥିବାରୁ ସେତେବେଳେ ଓଡ଼ିଶାବାସୀଙ୍କର ସେ ଏକପ୍ରକାର ଚକ୍ଷୁଶୂଳ ହୋଇ ପଡ଼ିଥିଲେ । ୧୮୮୦ ମସିହାରେ ସେ କଲିକତାରୁ ଆସି କଟକରେ ଆଇନଜୀବୀ ଭାବରେ କାର୍ଯ୍ୟ କରୁଥିଲେ ଓ ୧୮୮୨ ଖ୍ରୀଷ୍ଟାବ୍ଦରେ ସେ ଓଡ଼ିଆଭାଷୀ ଅଞ୍ଚଳର ପ୍ରଥମ ସଙ୍ଗଠିତ ସଂସ୍ଥା "ଉତ୍କଳ ସଭା"ରେ ସହଯୋଗୀ ସଭ୍ୟ ରୂପେ କାର୍ଯ୍ୟ କଲେ । ପରେ ସେ ଏହି ସଙ୍ଗଠନର ନେତୃତ୍ୱ ନେଇ ଏହାକୁ ପୁନର୍ଗଠନ କଲେ । ୧୮୮୫ ମସିହାରେ ଓଡ଼ିଶାରେ ଜାତୀୟ କଂଗ୍ରେସ ସ୍ଥାପିତ ହେଲା । ଏହି ବର୍ଷ ତାଙ୍କ ନେତୃତ୍ୱରେ ଉତ୍କଳ ସଭା ପକ୍ଷରୁ ଏକ ପ୍ରତିନିଧି ଦଳ ବଙ୍ଗଳାର ଲାଟଙ୍କୁ ତାଙ୍କ ଓଡ଼ିଶା ପରିଦର୍ଶନ କାଳରେ ସାକ୍ଷାତ କରି ଏକ ସ୍ମାରକ ପତ୍ର ଦେଇଥିଲେ । ଏହି ଉତ୍କଳ ସଭା ୨୦ ବର୍ଷ କାଳ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ଓଡ଼ିଶାର ରାଜନୈତିକ ଓ ଅର୍ଥନୈତିକ ବିକାଶ ପାଇଁ ଓଡ଼ିଆଭାଷୀ ଅଞ୍ଚଳରେ ସଙ୍ଗଠନ ରୂପେ କାର୍ଯ୍ୟ କରିଥିଲା ।

୧୮୯୫ ଖ୍ରୀଷ୍ଟାବ୍ଦରେ ସମ୍ବଲପୁରୀ ଭାଷା ଆନ୍ଦୋଳନକୁ ସମର୍ଥନ କରି ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଯେଉଁ ଆନ୍ଦୋଳନ ହୋଇଥିଲା ଶେଷକୁ ତାହା ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ରୂପାୟିତ ହୋଇଥିଲା । ୧୯୦୨ ମସିହାରେ ବ୍ରହ୍ମପୁରଠାରେ ଓଡ଼ିଆ ଜାତୀୟ ସମିତି ଗଠନ କରାଯାଇ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ପାଇଁ ଆନ୍ଦୋଳନ ହୋଇଥିଲା ଏବଂ ତତ୍କାଳୀନ ବଡ଼ଲାଟ ଲର୍ଡ଼ କର୍ଜନଙ୍କ ନିକଟକୁ ଏକ ସ୍ମାରକ ପତ୍ର ପଠାଯାଇଥିଲା । ୧୯୦୩ ମସିହାରେ "ଗଞ୍ଜାମ ଜାତୀୟ ସମିତି" କେତେକ ପ୍ରତିନିଧିଙ୍କୁ ନେଇ ଗଠିତ ହୋଇ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ପ୍ରତିନିଧିମାନେ ଏକ ସମ୍ମିଳନୀରେ ଯୋଗ ଦେଇଥିଲେ । ପ୍ରତିନିଧିମାନଙ୍କ ମଧ୍ୟରେ ମଧୁସୂଦନ ଦାସ, ବିଶ୍ୱନାଥ କର, ନନ୍ଦକିଶୋର ବଳ, ଗୋପାଳଚନ୍ଦ୍ର ପ୍ରହରାଜ, କୃଷ୍ଣପ୍ରସାଦ ଚୌଧୁରୀ ପ୍ରଭୃତି ମୁଖ୍ୟ ଥିଲେ । ସେତେବେଳକୁ ମଧୁସୂଦନ ଦାସ ଖ୍ୟାତନାମା ଆଇନଜୀବୀ, ଉଚ୍ଚକୋଟିର ବକ୍ତା ଓ ସୁଦକ୍ଷ ସଙ୍ଗଠନ ରୂପେ ପ୍ରତିଷ୍ଠିତ ହୋଇ ସାରିଥିଲେ । ଏହି ସମିତିରେ ସେ ଥିଲେ ଅଭ୍ୟର୍ଥନା କମିଟିର ସମ୍ପାଦକ ଓ ମୟୂରଭଞ୍ଜର ରାଜା ରାମଚନ୍ଦ୍ର ଭଞ୍ଜଦେଓ ସଭାପତି । ଉତ୍କଳମଣି ଗୋପବନ୍ଧୁ ମଧ୍ୟ ଏହି ସମ୍ମିଳନୀର ଜଣେ ସ୍ୱେଚ୍ଛାସେବକ ଭାବରେ କାର୍ଯ୍ୟ କରିଥିଲେ । ଏହିବର୍ଷ ଲର୍ଡ଼ କର୍ଜନ କେତେକ ଅଞ୍ଚଳରେ ସୀମା ଅଦଳ ବଦଳ କରିବା ପାଇଁ ଆଦେଶ ପ୍ରଦାନ କରିଥିଲେ । ୧୯୦୫ ଖ୍ରୀଷ୍ଟାବ୍ଦରେ ବଙ୍ଗପ୍ରଦେଶ ଦୁଇ ଭାଗ ହେବା ଫଳରେ ବଙ୍ଗ ଭଙ୍ଗ ଆନ୍ଦୋଳନ ହୋଇଥିଲା । ଏହାର ଛଅବର୍ଷ ପରେ ଏହା ଆଉ ଭାଗଭାଗ ନ କରିବା ପାଇଁ ଆଦେଶ ହେଲା ଓ ଓଡ଼ିଶାକୁ ବିହାର ସହିତ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଗଲା । ୧୯୧୨ ମସିହା ଅପ୍ରେଲ ପହିଲା ଦିନ ଏହି ବିହାର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ଏହି ବର୍ଷ ବାଲେଶ୍ୱରଠାରେ ଉତ୍କଳ ସମ୍ମିଳନୀ ଆୟୋଜନ କରାଯାଇ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଏକ ସାତଜଣିଆ କମିଟି ଗଠନ କରାଯାଇଥିଲା । ୧୯୧୭ ମସିହାରେ ଭାରତର ମନ୍ତ୍ରୀ ମଣ୍ଟେଗୁ ଓ ବଡ଼ଲାଟ୍ ଚେମ୍ସଫୋର୍ଡଙ୍କୁ ଓଡ଼ିଶାବାସୀଙ୍କ ଦାବୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଜନମତ ସୃଷ୍ଟି କରି ଜଣାଇ ଦିଆଯାଇଥିଲା । ୧୯୧୮ ମସିହା ଜୁଲାଇ ମାସରେ ଭାଷା ସୂତ୍ରରେ ଅଞ୍ଚଳ ଗଠନର ପ୍ରସ୍ତାବକୁ ସରକାର ସ୍ୱୀକାର କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କଲେ ନାହିଁ । ଏହି ଆନ୍ଦୋଳନ ସମୟରେ ପଣ୍ଡିତ ଗୋପବନ୍ଧୁଙ୍କର ନିଃସ୍ୱାର୍ଥପର ସେବାଭାବ ଦେଖି ମଧୁସୂଦନ ତାଙ୍କୁ ଜଣେ ବିଶ୍ୱସ୍ତ କର୍ମୀ ରୂପେ ଗ୍ରହଣ କରିଥିଲେ । ୧୯୨୦ ମସିହା ଡିସେମ୍ବର ମାସରେ ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ୧୯୨୮ ମସିହାରେ ଅଟ୍ଲି କମିଟି ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ବିହାର-ଓଡ଼ିଶା ପ୍ରଦେଶର ଓଡ଼ିଶା ଡିଭିଜନ ସହିତ ମିଶାଇଦେବା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ସୁପାରିଶ କରି ବ୍ରିଟିଶ୍ ଶାସନକର୍ତ୍ତାଙ୍କ ନିକଟରେ ଉପସ୍ଥାପିତ କରିଥିଲେ । ୧୯୩୨ ମସିହାରେ ସରକାର ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ କରାଯିବା ପାଇଁ ଘୋଷଣା କଲେ ଓ ୧୯୩୩ ମସିହା ମାର୍ଚ୍ଚ ମାସରେ ଏକ ଶ୍ୱେତପତ୍ରରେ ପ୍ରକାଶ କରାଗଲା ଯେ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇ ଲାଟ ଶାସିତ ପ୍ରଦେଶ ରୂପେ ଗଠିତ ହେବ । ଏଥିରେ ଓଡ଼ିଶାର ଭାଷାଭିତ୍ତିକ ସୀମା ନିର୍ଦ୍ଧାରଣରେ ତ୍ରୁଟି ରହିବାରୁ ଓଡ଼ିଶାବାସୀ ଏହାର ପ୍ରତିବାଦ କଲେ । ୧୯୩୪ ମସିହା ନଭେମ୍ବର ମାସରେ ନୂତନ ଓଡ଼ିଶା ପ୍ରଦେଶର ସୀମା ଆୟତନ ୩୨,୬୯୫ ବର୍ଗମାଇଲ ରଖାଯାଇ ସୀମା ନିର୍ଦ୍ଧାରଣ କରାଗଲା ଓ ୧୯୩୬ ମସିହା ମାର୍ଚ୍ଚ ୩ ତାରିଖରେ ତାହା ପ୍ରକାଶ ପାଇଲା । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମଧୁସୂଦନ ଦାସ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଲଢ଼ିଥିଲେ, କିନ୍ତୁ ଅର୍ଦ୍ଧଶତାବ୍ଦୀ ଧରି ସଂଗ୍ରାମ କରି ଆସିଥିବା ବୀର ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ବେଳକୁ ଇହଧାମରେ ନଥିଲେ । ୧୯୩୪ ମସିହା ଫେବ୍ରୁଆରୀ ମାସରେ ସେ ଇହଲୀଳା ସମ୍ବରଣ କରିଥିଲେ । ସେତେବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ଏବେ ଭାରତବର୍ଷରେ ଭାଷାଭିତ୍ତିକ ରାଜ୍ୟ ଗଠନର ଯେଉଁ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି, ତାହାର ଭିତ୍ତି ସ୍ଥାପନ କରିଥିଲେ ଉତ୍କଳ ଗୌରବ ମଧୁସୂଦନ । ଭାରତୀୟଙ୍କ ରାଜନୈତିକ ଚିନ୍ତାଧାରାକୁ ଏହା ମଧୁସୂଦନଙ୍କର ବିଶେଷ ଅବଦାନ । ସେ କେବଳ ଉତ୍କଳ ଗୌରବ ନୁହଁନ୍ତି ତାଙ୍କୁ ଜାତୀୟ ଗୌରବ ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ସମାଧିପୀଠ କଟକର ଉତ୍ତର ଦିଗରେ ଅବସ୍ଥିତ ଗୋରା କବର ଏକ ଇତିହାସ ପ୍ରସିଦ୍ଧ ସ୍ଥାନ ରୂପେ ଆଜି ପରିଗଣିତ ହେଉଅଛି ।

ନବ ଉତ୍କଳ ଗଠନ ସଙ୍ଗେ ସଙ୍ଗେ ଉତ୍କଳ ଭିତ୍ତିରେ ଭାରତ ଗଢ଼ିବାର ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ପାଇଁ ମଧୁବାବୁ ସଂଗ୍ରାମ କରିଥିଲେ । କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଓ ନୈତିକ ଉନ୍ନତିମୂଳକ ବୃହତ୍ତର ଜାତୀୟ ଚେତନାରେ ଉତ୍କଳବାସୀ ତଥା ଭାରତବାସୀଙ୍କୁ ସେ ଉଦ୍‌ବୁଦ୍ଧ କରିଥିଲେ । ଆଧ୍ୟାତ୍ମିକ ଭାବନା ଥିଲା ତାଙ୍କର ବିଶ୍ୱାସବୋଧର ମାପକାଠି । ଦେଶ ମାତୃକାର ସେବାରେ ସେ ନିଜକୁ ନିୟୋଜିତ କରି "ମାତୃଭୂମି"ର ସେବା କରି ଚାଲିଥିଲେ । ଜାତିକୁ ଐକ୍ୟବଦ୍ଧ କରିବାର ସଙ୍କଳ୍ପ ନେଇ ସେ ନବୋତ୍କଳ ଗଠନ ଦିଗରେ ଅଗ୍ରସର ହୋଇଥିଲେ । ଭାରତରେ ରାଜନୈତିକ ଚିନ୍ତାଧାରାକୁ ସେ ନୂତନ ଦିଗ୍‌ଦର୍ଶନ ଦେଇଥିଲେ । ସେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥିଲେ ମଧ୍ୟ ନିଜ ସ୍ୱାର୍ଥରୁ

କଳାଓଁଳି ଦେଇ ଜାତିର କଲ୍ୟାଣ ପାଇଁ ତାହା ବ୍ୟସ୍ତ କରୁଥିଲେ । ସେ ମୁକ୍ତ କଣ୍ଠରେ ଗାଉଥିଲେ :–

"ଜାତି ନନ୍ଦିଘୋଷ ଚଳିବ କି ଭାଇ
　　　　ସ୍ୱାର୍ଥକୁ ସାରଥି କଲେ ?
ଟାଣେକିରେ ଗାଡ଼ି ଦାନାର ତୋବଡ଼ା
　　　　ଘୋଡ଼ା ମୁହେଁ ବନ୍ଧା ଥିଲେ ?
ସ୍ୱାର୍ଥର ବନିତା ଅଟେ ତୋଷାମଦ
　　　　ଭଣ୍ଡ ମିଥ୍ୟା ତାଙ୍କପୁତ୍ର ।
ରାଜ୍ୟରେ ବିପ୍ଳବ ନିଶ୍ଚୟ ଘଟିବ
　　　　ଏମାନେ ହେଲେ ଏକତ୍ର ।

ଉତ୍କଳ ଗୌରବ ମଧୁସୂଦନ ଜଣେ ଆଇନଜ୍ଞ, ରାଜନୀତିଜ୍ଞ ଓ ରାଷ୍ଟ୍ରନୀତିଜ୍ଞ ଭାବରେ ମଧ୍ୟ ସୁଖ୍ୟାତି ଅର୍ଜନ କରିଥିଲେ । ଓଡ଼ିଶାର ଅର୍ଥନୈତିକ ଉନ୍ନତି ପାଇଁ ସେ "ଓଡ଼ିଶା ଆର୍ଟ ଓ୍ୱାରସ୍ ବା ଓଡ଼ିଶା ତାରକସି ଶିଳ୍ପ ଓ ଉତ୍କଳ ଟ୍ୟାନେରୀ ଆଦି ଶିଳ୍ପାନୁଷ୍ଠାନ ଗଠନ କରିଥିଲେ । ଉତ୍କଳ ଟ୍ୟାନେରୀରୁ ତ୍ରୁଟିପୂର୍ଣ୍ଣ ଜୋତା ବା ଚପଲ ଉତ୍ପାଦନ ହେଉଥିବା ତାଙ୍କ ଦୃଷ୍ଟି ଗୋଚର ହେଲେ ତାହା ନଷ୍ଟ କରି ଦେଉଥିଲେ । ଏଥିପାଇଁ ତାଙ୍କୁ ଆର୍ଥିକ ଅନାଟନ ପଡ଼ିଥିଲା । ଏହି ଅନୁଷ୍ଠାନମାନଙ୍କରୁ ଉତ୍ତମ ତାରକସି କାମ ଓ ଲ୍ୟାନିଟ୍ ବ୍ୟାଗ, ଜୋତା ଏବଂ ଚପଲ ଆଦି ବିଦେଶରେ ଯାଇ ବିକ୍ରୟ ହେଉଥିଲା ଓ ୟୁରୋପର ମାର୍କେଟମାନଙ୍କରେ ତାହାର ଆଦର ବଢ଼ିଥିଲା । ଏହିପରି ସେ କୁଟୀର ଶିଳ୍ପ ମାଧ୍ୟମରେ ଓଡ଼ିଶାର ଉନ୍ନତି କରି ପାରିଥିଲେ । ଓଡ଼ିଶାର ଅଭ୍ୟୁଦୟରେ ଜାତୀୟ ସ୍ୱାଭିମାନ ପ୍ରତିଷ୍ଠା ହୋଇ ପାରିଥିଲା । କୃଷିର ଉନ୍ନତି ପାଇଁ ମଧ୍ୟ ସେ ଆପ୍ରାଣ ଉଦ୍ୟମ କରି ଉତ୍କଳବାସୀଙ୍କୁ ସ୍ୱାବଲମ୍ବନଶୀଳ କରିପାରିଥିଲେ । ତାଙ୍କର ଜୀବନ ଓଡ଼ିଆ ଜାତିର ସ୍ୱାର୍ଥ ଓ ସମ୍ମାନ ପାଇଁ ଉଦ୍ଦିଷ୍ଟ ଥିଲା । ତେଣୁ ସେ କହୁଥିଲେ:–

"ଜାତିର ଉନ୍ନତି ସେ କାହିଁ କରିବ
　　　　ସ୍ୱାର୍ଥେ ଯାର ନ୍ୟସ୍ତ ମନ ।
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
　　　　ଶବ କି ପାଇବ ପ୍ରାଣ ?"

ପରିସ୍ଥିତିର ତାଡ଼ନାରେ ପଡ଼ି ସେ ଖ୍ରୀଷ୍ଟିୟାନ୍ ହୋଇଥିଲେ । ଏହା ଓଡ଼ିଶାବାସୀ ପରେ ହୃଦୟଙ୍ଗମ କରି ତାଙ୍କୁ ତାଙ୍କର ନିଃସ୍ୱାର୍ଥପର ଦେଶ ସେବା ପାଇଁ ଉତ୍କଳ ଗୌରବ, କୁଳବୃଦ୍ଧ ଓ ଉତ୍କଳ ସିଂହ ଆଦି ଆଖ୍ୟା ଦେଇଥିଲେ । ଏଥିପାଇଁ କବି ରାଧାମୋହନ ଗଡ଼ନାୟକ ଲେଖିଛନ୍ତି:–

"ମଧୁସୂଦନ ସେ ଉତ୍କଳ ସିଂହ
　　　　ଗୋପବନ୍ଧୁ ସେ ଦରଦୀ ପ୍ରାଣ ।
ସରକାର ପାଶେ ଜଣାଇଥିଲେ
　　　　ଜନତାର ଦାବୀ, ଦେଶର ମାନ ।"

ସେ ଯାହାହେଉ ମଧୁସୂଦନ ଦାସ "ମଧୁବାବୁ" ନାମରେ ସର୍ବତ୍ର ପରିଚିତ । ଉତ୍କଳର ଆବାଳ ବୃଦ୍ଧ ବନିତା ତାଙ୍କୁ ମଧୁ ବାରିଷ୍ଟର ରୂପେ ଜାଣନ୍ତି । ସେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ । ପ୍ରଥମ ଏମ୍ଃ ଏଃ ଓ ପ୍ରଥମ ଓଡ଼ିଆ ବାରିଷ୍ଟର ହିସାବରେ ପ୍ରତିଷ୍ଠିତ ହୋଇଥିବାରୁ ଓଡ଼ିଆ ଜାତି ଆଜି ଗର୍ବିତ । ସେ କାଳରେ ଗାଡ଼ି ମଟର ନ ଥିବାରୁ ସେ ଏକ କଳା ଘୋଡ଼ା ଚଢ଼ି କଚେରିକୁ ଯାଉଥିଲେ । ଏଥିପାଇଁ ପିଲାମାନେ ଗାଇ ଥାଆନ୍ତି:–

"ପାଠ ପଢ଼ିବି ପାଠ ପଢ଼ିବି
　　　　କାଳିଆ ଘୋଡ଼ାରେ ଚଢ଼ିବି
　　　　ମଧୁବାବୁ ସଙ୍ଗେ ଲଢ଼ିବି ।"

ପୁନଶ୍ଚ ଜଣେ ଉତ୍କଳୀୟ କବି ତାଙ୍କ ଗୁଣରେ ମୁଗ୍ଧ ହୋଇ ଗାଇଥିଲେ–

"ଓଜନରେ ହେବୁ ମଧୁ ଅଢ଼େଇ ସମୁରୀ,
କେମନ୍ତେ ତୋ ଦେହେ ଅଛି
　　　　ଏତେ ଗୁଣଭରି ?"

କେବଳ ମଧୁବାବୁ ଯେ ବିଦ୍ୱାନ୍, ଦେଶ ସେବକ ଓ ଧର୍ମପ୍ରାଣ ଥିଲେ ତାହା ନୁହେଁ ସେ ଆଇନ୍ କ୍ଷେତ୍ରରେ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ମଧ୍ୟ ଥିଲେ । ସେତେବେଳେ ବିଦେଶରେ କୋଠାଘର ଉପରେ ଜାଗା ବିକ୍ରୟ ହେଉଥିଲା ଓ ଭୂମି ମାଲିକ ଗ୍ରାହକଙ୍କଠାରୁ କୋଠା ଉପରେ ଘର କରିବା ପାଇଁ କୋଠା ଘରର ମାଲିକ ବ୍ୟତୀତ ଅନ୍ୟ ଲୋକଙ୍କୁ ଜମି ବିକ୍ରୀ କରୁଥିଲେ । ଗୋଟିଏ କେସ୍‌ରେ ମଧୁବାବୁ ରାୟ ଦେଇଥିଲେ, କୋଠା ଉପରୁ ଦୁଇଫୁଟ ଛାଡ଼ି ଜମି ମାଲିକ ଜମି ବିକ୍ରୀ କରି ପାରେ । ଏହି ରାୟରେ ଇଂଲଣ୍ଡବାସୀଙ୍କୁ ସେ ବୁଦ୍ଧି ଶିଖାଇ ଥିଲେ । ବାରିଷ୍ଟର ହିସାବରେ ଓଡ଼ିଶାରେ ସେ ବହୁତ ଜଟିଳ କେସ୍ ଫଇସଲା କରି ନ୍ୟାୟୋଚିତ ରାୟ ଦେଇଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ମାମଲା ଓ ବିଭିନ୍ନ ମଠ ମାମଲା ତନ୍ମଧ୍ୟରୁ ଅନ୍ୟତମ । ୧୯୨୧ ମସିହାରେ ସେ ବିହାର–ଓଡ଼ିଶାର ମନ୍ତ୍ରୀ ହୋଇଥିଲେ । ଦୁଇବର୍ଷ ମନ୍ତ୍ରୀ ହେବା ପରେ ସେ ଏକ ନୀତିଗତ କାରଣରୁ ମନ୍ତ୍ରୀପଦ ତ୍ୟାଗ କରିଥିଲେ । ସେତେବେଳେ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା । ଉତ୍କଳବାସୀଙ୍କୁ ଜାଗ୍ରତ କରାଇ ବିଭିନ୍ନ କର୍ମ ପ୍ରେରଣା ଦେଇ ସେ ଆତ୍ମ ସନ୍ତୋଷ ଲାଭ କରିଥିଲେ । ଆମେ କେବଳ ଆଜି ତାଙ୍କର ସ୍ମୃତିରକ୍ଷା ପାଇଁ ସଭା ସମିତି କରୁଛୁ, ପ୍ରତିକୃତିରେ ପୁଷ୍ପମାଲ୍ୟ ଦେଉଛୁ, କିନ୍ତୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉତ୍କଳର ପ୍ରତି କ୍ଷେତ୍ରରେ ଯେପରି ଅଗ୍ରଗତି ହେବ ସେଥିପାଇଁ ଚେଷ୍ଟା କରିବା ଉଚିତ ।

ସମ୍ପାଦକ,
ବିଶ୍ୱ ସଂସ୍କୃତ ପ୍ରତିଷ୍ଠାନମ୍,
କ୍ୱାଟର ନଂ ଆଇଃ ଭିଃ ୩/୪,
ୟୁନିଟ୍ ୧,
ଭୁବନେଶ୍ୱର–୯ ।

# କଳିଙ୍ଗର ଗୌରବମୟ ଐତିହ୍ୟ

● ଅଧ୍ୟାପକ ବସନ୍ତ କୁମାର ମଲ୍ଲିକ

ଓଡ଼ିଶାର ପ୍ରାଚୀନ ଇତିହାସ କଳିଙ୍ଗର ଇତିହାସ ବୋଲି ବୁଝିବାକୁ ହେବ। ଓଡ଼ିଶାର ପ୍ରାଚୀନ ନାମ ଥିଲା କଳିଙ୍ଗ। କଳିଙ୍ଗର ଇତିହାସ, ଭୌଗୋଳିକ ପରିସୀମା, କଳିଙ୍ଗବାସୀମାନଙ୍କର ବୀରତ୍ୱର ପରାକାଷ୍ଠା ଓ କଳିଙ୍ଗର ଅର୍ଥନୈତିକ ସମୃଦ୍ଧି ଆପଣମାନଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହୋଇ ରହିଅଛି।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତବର୍ଷରେ ଯେତେବେଳେ ରାଜନୈତିକ ବ୍ୟବସ୍ଥାର ଆରମ୍ଭ ହେଲା ଓ ଷୋହଳଟି ଜନପଦ କ୍ରମଶଃ ପ୍ରତିଷ୍ଠା ହେଲା, ସେହି ସମୟରେ ବଙ୍ଗୋପସାଗର କୂଳରେ ଭାରତର ପୂର୍ବ ଭୂଖଣ୍ଡରେ ଏକ ରାଜ୍ୟର ବିକାଶ ଘଟିଲା। ତାହାହିଁ କଳିଙ୍ଗ ନାମରେ ସୁବିଦିତ। କଳିଙ୍ଗ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ବୋଲି ପୁରାଣ, ମହାଭାରତ, ଓ ଗ୍ରୀକ୍ ଐତିହାସିକମାନଙ୍କ ଦ୍ୱାରା ସ୍ୱୀକୃତ ହୋଇଛି।

ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଭାରତ ବର୍ଷରେ ପ୍ରଥମେ ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ସେହି ସମୟରେ କଳିଙ୍ଗର ବୀରମାନେ ଅପରାଜେୟ ଥିଲେ ଏବଂ କଳିଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟର ଏକ ପଡ଼ୋଶୀ ରାଜ୍ୟ ହୋଇଥିଲେ ହେଁ, ଏହା ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ହୋଇ ନ ଥିଲା। ମେଗାସ୍ଥିନିସଙ୍କ ମତରେ କଳିଙ୍ଗର ବିଶାଳ ଗଜବାହିନୀ ଥିଲା। ତେଣୁ ବୈଦେଶିକ ଶତ୍ରୁମାନେ କଳିଙ୍ଗ ଆକ୍ରମଣ କରିବା ପାଇଁ ଭୟଭୀତ ହେଉଥିଲେ। ମୌର୍ଯ୍ୟ ସମ୍ରାଟ୍ ଚନ୍ଦ୍ରଗୁପ୍ତ ଗ୍ରୀକ୍ ସେନାପତି ସେଲ୍ୟୁକସଙ୍କୁ ପରାସ୍ତ କରି କାବୁଲ, କାନ୍ଦାହାର, ହେରାଟ୍ ଓ ବେଲୁଚିସ୍ଥାନ ଇତ୍ୟାଦି ଉତ୍ତର-ପଶ୍ଚିମାଞ୍ଚଳ ଭାରତବର୍ଷ ସହିତ ସାମିଲ କରି ଦକ୍ଷିଣ ଭାରତରେ ଆଭ୍ୟନ୍ତରୀଣ ପ୍ରଦେଶଗୁଡ଼ିକ ଦଖଲ କରିଥିବା ସମୟରେ ମଗଧର ସୀମାନ୍ତକୁ ଲାଗି ରହିଥିବା କଳିଙ୍ଗ ରାଜ୍ୟ ସ୍ୱାଧୀନ ରହିବା କଳିଙ୍ଗବାସୀମାନଙ୍କ ପାଇଁ ଗର୍ବର ବିଷୟ ନୁହେଁ ତ ଆଉ କ'ଣ? ଚନ୍ଦ୍ରଗୁପ୍ତଙ୍କ ପୁତ୍ର ଅମିତ୍ରଘାତ ବିନ୍ଦୁସାର ମହା ପରାକ୍ରମୀ ଥିଲେ ମଧ୍ୟ ସେ କେବେହେଲେ କଳିଙ୍ଗ ଆକ୍ରମଣ କରିବାକୁ ସାହାସ କରି ନ ଥିଲେ।

## କଳିଙ୍ଗ ଯୁଦ୍ଧ

ମୌର୍ଯ୍ୟ ବଂଶର ତୃତୀୟ ସମ୍ରାଟ ଅଶୋକ ଖ୍ରୀ:ପୂ: ୨୭୩ରେ ସିଂହାସନ ଆରୋହଣ କରିଥିଲେ। ସିଂହାସନ ଆରୋ[...] କରିବାର ଆଠ ବର୍ଷ ପରେ ଅର୍ଥାତ୍ ଖ୍ରୀ:ପୂ: ୨୬୧ରେ ସେ କଳିଙ୍ଗ ଆକ୍ରମଣ କଲେ। ସେହି ସମୟରେ କଳିଙ୍ଗ ସେନା ବାହିନୀରେ ୬୦,୦୦୦ ପଦାତିକ, ୧,୦୦୦ ଅଶ୍ୱାରୋହୀ ଓ ୭୦୦ ଗଜାରୋ[...] ଥିଲେ ବୋଲି ମେଗାସ୍ଥିନିସ ବର୍ଣ୍ଣନା କରିଛନ୍ତି। ଚନ୍ଦ୍ରଗୁପ୍ତଙ୍କ ସେହି ସମୟରେ ଗଜାରୋହୀ ଓ ଅଶ୍ୱାରୋହୀ [...] ୬,୦୦,୦୦୦ ପଦାତିକ ଥିଲେ। ଅଶୋକଙ୍କ ସମୟରେ ମୌର୍ଯ୍ୟ ବାହିନୀ ଯଥେଷ୍ଟ ବିଶାଳ ହୋଇଥିଲା ଏବଂ ଅଶୋକ ସିଂହାସନ ଆରୋହଣ କରିବାଠାରୁ କଳିଙ୍ଗ ଆକ୍ରମଣ କରିବା ନିମନ୍ତେ ଦୀର୍ଘ ଆଠ ବର୍ଷ ସାମରିକ ପ୍ରସ୍ତୁତି କରିଥିଲେ। ଖ୍ରୀ: ପୂ: ୨୬୧ରେ ଧଉଳି ନିକଟସ୍ଥ ଦୟାନଦୀ କୂଳରେ ମୌର୍ଯ୍ୟ ବାହିନୀ ଓ କଳିଙ୍ଗ ସେନାଙ୍କ ମଧ୍ୟରେ ପୃଥିବୀ ପ୍ରସିଦ୍ଧ ଆତଙ୍କପୂର୍ଣ୍ଣ ଯୁଦ୍ଧ ହୋଇ। ଦେଶପ୍ରେମୀ କଳିଙ୍ଗ ବୀରମାନେ ପ୍ରାଣମୂର୍ଚ୍ଛା ଯୁଦ୍ଧ କଲେ। ଦୟାନଦୀରେ ରକ୍ତର ସ୍ରୋତ ବହିଗଲା। ଅଶୋକଙ୍କ ଶିଳାଲିପିରୁ ଜଣାଯାଏ, କଳିଙ୍ଗ ଯୁଦ୍ଧରେ କଳିଙ୍ଗର ଦେଢ଼ ଲକ୍ଷ ସୈନ୍ୟ ବନ୍ଦୀ ହେଲେ, ଏକ ଲକ୍ଷ ସୈନ୍ୟ ଆହତ ହେଲେ ଓ ଏହାଠାରୁ ସଂଖ୍ୟାଧିକ ସୈନ୍ୟମାନେ ମୃତ୍ୟୁ ବରଣ କଲେ।

କଳିଙ୍ଗ ଯୁଦ୍ଧ ଭାରତ ଇତିହାସ ତଥା ଅଶୋକଙ୍କ ଜୀବନ [...] ଥିଲା ଏକ ଅଭୂତପୂର୍ବ ସନ୍ଧିକ୍ଷଣ। କଳିଙ୍ଗର ସୈନ୍ୟମାନେ ଗୋଟିଏ ସୀମିତ ରାଜ୍ୟର [...] ହୋଇ ଅଶୋକଙ୍କ ନିର୍ଦ୍ଦେଶରେ ଥିବା ସାରା ଭାରତବର୍ଷର [...]ନ୍ୟମାନଙ୍କ ସହିତ ଯୁଦ୍ଧ କରି ପରାଜିତ ହେବା ସେମାନଙ୍କ ପ[...] କମ୍ ଗୌରବର କଥା ନୁହେଁ। ଅଶୋକ କଳିଙ୍ଗ ଜୟ କଲେ ସ[...], କିନ୍ତୁ କଳିଙ୍ଗବାସୀଙ୍କୁ [...] କରି ପାରିଲେ ନାହିଁ। ବରଂ କଳିଙ୍ଗବାସୀ ଅଶୋକଙ୍କୁ [...] ପାରିଲେ। ଦୟାନଦୀ କୂଳରେ [...]ରକ୍ତର ନଦୀ ଦେଖି [...] ହୃଦୟରେ ଅଭୂତପୂର୍ବ ପରିବର୍ତ୍ତନ ଆସିଲା ଏବଂ ଏହି ପରିବର୍ତ୍ତନ ତାଙ୍କୁ ପୃଥିବୀ ପ୍ରସିଦ୍ଧ କରି[...]ର ସତତ ସାହାଯ୍ୟ [...] ଏହାଥିଲା ତତ୍କାଳୀନ କଳିଙ୍ଗ ବୀରମାନଙ୍କର [...]

ଅବଦାନ । ଅଶୋକ ହୃଦୟଙ୍ଗମ କଲେ "ରକ୍ତ ଓ ତରବାରୀର ଜୟ ଜୟ ନୁହେଁ, ହୃଦୟର ଜୟ ହିଁ ପ୍ରକୃତ ଜୟ ।"

## ମହାମେଘବାହନ ଖାରବେଳ

ମୌର୍ଯ୍ୟ ଶାସନ ପରେ ପରେ କଳିଙ୍ଗରେ ଜଣେ ଦିଗ୍‌ବିଜୟୀ ସମ୍ରାଟ ଅବତୀର୍ଣ୍ଣ ହେଲେ । ସେ ହେଉଛନ୍ତି ମହାମେଘବାହନ ଖାରବେଳ (ପ୍ରଥମ ଶତାବ୍ଦୀ) । ଖାରବେଳଙ୍କର ବୀରତ୍ୱ, ରାଜ୍ୟ ଜୟ ଓ ପରାକ୍ରମ ପାଇଁ ତାଙ୍କୁ ପରମ ଶକ୍ତିଶାଳୀ ଇନ୍ଦ୍ରଙ୍କ ସହିତ ତୁଳନା କରାଯାଏ । ତେଣୁ ସେ ମହାମେଘବାହନ ଉପାଧି ଧାରଣ କରିଥିଲେ । ଖଣ୍ଡଗିରିର ହାତୀ ଗୁମ୍ଫା ଶିଳାଲିପିରେ ତାଙ୍କର ବିସ୍ତୃତ ବିଜୟ କାହାଣୀ ବର୍ଣ୍ଣିତ ହୋଇଛି । ଖାରବେଳଙ୍କର ବିଶାଳ ସେନାବାହିନୀ ଥିଲା ଏବଂ ସେ ଦକ୍ଷିଣ ଭାରତରେ ସାତବାହନ ରାଜା ସାତକର୍ଣ୍ଣି, ରଥିକ ଓ ଭୋଜକଙ୍କୁ ସମ୍ପୂର୍ଣ୍ଣ ପରାସ୍ତ କରିଥିଲେ । ଖାରବେଳଙ୍କୁ ପରାଜୟ କରିବା ପାଇଁ ଦାକ୍ଷିଣାତ୍ୟର ଚୋଳ, ପାଣ୍ଡ୍ୟ, ସତ୍ୟପୁତ୍ର, କେରଳପୁତ୍ର ଓ ତାମ୍ରପର୍ଣ୍ଣିର ରାଜା ଏକ ମହାସଂଘ ପ୍ରତିଷ୍ଠା କରି ଥିଲେ ମଧ୍ୟ ଖାରବେଳଙ୍କ ସାମ୍ରାଜ୍ୟ ଆକ୍ରମଣ କରିବାକୁ ସାହସ କରି ନ ଥିଲେ ।

ଖାରବେଳ ତାଙ୍କ ରାଜତ୍ୱର ଅଷ୍ଟମ ବର୍ଷରେ ଉତ୍ତର ଭାରତ ଅଭିଯାନ ଆରମ୍ଭ କରିଥିଲେ । ସେହି ବର୍ଷ ସେ ରାଜ ଗୃହ ଆକ୍ରମଣ କରି ବିଜୟ ଲାଭ କଲେ । ସେହି ସମୟରେ ଗ୍ରୀକ୍ ସୈନ୍ୟମାନେ ଭାରତରେ ପ୍ରବେଶ କରି ମଥୁରା ପର୍ଯ୍ୟନ୍ତ ଚାଲି ଆସିଥିବାରୁ, ଖାରବେଳ ଜଣେ ନିଷ୍ଠାପର ଦେଶ ପ୍ରେମୀ ଭାବେ ସୈନ୍ୟମାନଙ୍କୁ ମଥୁରା ଯାତ୍ରା କରି ଗ୍ରୀକ୍ ସୈନ୍ୟମାନଙ୍କୁ ବିତାଡ଼ିତ କରିଥିଲେ । ତାଙ୍କ ରାଜତ୍ୱର ଦ୍ୱାଦଶ ବର୍ଷରେ ମଗଧ ଆକ୍ରମଣ କରି ବୃହସ୍ପତି ମିତ୍ରଙ୍କୁ ପରାସ୍ତ କଲେ ଓ କଳିଙ୍ଗର ଅପହୃତ ଜୈନମୂର୍ତ୍ତି ମଗଧରୁ ଫେରାଇ ଆଣିଥିଲେ ।

## କିଛୁ ନାହିଁ କାହିଁ ବୋଇତ ଚାଲା :

ସାମରିକ ଗୌରବ ବ୍ୟତୀତ କଳିଙ୍ଗର ନୌବାଣିଜ୍ୟ ଆମମାନଙ୍କ ପାଇଁ ଏକ ଗୌରବର ବିଷୟ । ବହୁ ପୁରାତନ କାଳରୁ କଳିଙ୍ଗର ବଣିକମାନେ ଜଳପଥ ଦେଇ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ସିଂହଳ ଓ ଚୀନ୍ ଦେଶମାନଙ୍କୁ ବାଣିଜ୍ୟ କରିବାକୁ ଯାଉଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଦିନ କଳିଙ୍ଗର ସାଧବ ପୁଅମାନେ ବିଦେଶର ପ୍ରତି ଯାତ୍ରା ଆରମ୍ଭ କରୁଥିଲେ ବୋଲି ସେହି ଦିନକୁ ଆମମାନେ ଆଜି ଏକ ପବିତ୍ର ପର୍ବ ରୂପେ ପାଳନ କରୁଛେ । ନଦୀ, ନାଳ, ପୋଖରୀରେ ଝିଅ ବୋହୂମାନେ ବନ୍ଦାପନା କରି ରଙ୍ଗ ବେରଙ୍ଗର ସୋଲ ଓ କାଗଜ ଡ଼ଙ୍ଗା ଭସାଉଛନ୍ତି । ନୌବାଣିଜ୍ୟର ବିକାଶ ପାଇଁ କଳିଙ୍ଗର ରାଜାଙ୍କୁ ମହା କବି କାଳିଦାସ ତାଙ୍କ 'ରଘୁବଂଶ' କାବ୍ୟରେ "ମହୋଦଧିପତି" ଅର୍ଥାତ୍ ସମୁଦ୍ରର ମାଲିକ ରୂପେ ବର୍ଣ୍ଣନା କରିଛନ୍ତି ।

ତାମ୍ରଲିପ୍ତି, ଚେଲିତାଲୋ, ପାଲୋରା–ଦନ୍ତପୁର ଓ ପିଥୁଣ୍ଡ ଇତ୍ୟାଦି କଳିଙ୍ଗର ବନ୍ଦରମାନଙ୍କ ମଧ୍ୟରୁ ଅନ୍ୟତମ । The Periplus of the Erythraean Sea (1st century A. D.)ରୁ କଳିଙ୍ଗର ରୋମ୍ ଇତ୍ୟାଦି ପାଶ୍ଚାତ୍ୟ ଦେଶମାନଙ୍କ ସହିତ ବାଣିଜ୍ୟ ସମ୍ପର୍କ ଥିଲା ବୋଲି ଜଣାଯାଏ । ଭୁବନେଶ୍ୱରସ୍ଥ ଶିଶୁପାଳ ଗଡ଼ରୁ ଓ ମୟୂରଭଞ୍ଜର ବାମନଘାଟୀରୁ ରୋମୀୟ ମୁଦ୍ରାର ଆବିଷ୍କାର ହୋଇଥିବାରୁ ରୋମ୍ ସହିତ କଳିଙ୍ଗର ବାଣିଜ୍ୟ ସମ୍ପର୍କ ଥିଲା ବୋଲି ମଧ୍ୟ ଜଣାପଡ଼େ । କଳିଙ୍ଗର ବଣିକମାନେ ରୋମକୁ ମସଲା, ହୀରା ଓ ଅନ୍ୟାନ୍ୟ ମୂଲ୍ୟବାନ ପଥର; ସିଂହଳକୁ ହାତୀ; ଚୀନକୁ ମୂଲ୍ୟବାନ ପଥର, ହାତୀ ଦାନ୍ତ, ଅଳଙ୍କାର, ଗୁଆ, ବେରମ୍ଭଲ, ସୂକ୍ଷ୍ମ ଓ ସୁନ୍ଦର ବସ୍ତ୍ର ରପ୍ତାନୀ କରୁଥିଲେ । ସେହିପରି ସେମାନେ ସିଂହଳରୁ ମୁକ୍ତା, ରୁପା ଏବଂ ଚୀନ୍‌ରୁ ରେଶମ ବସ୍ତ୍ର ଇତ୍ୟାଦି ଆମଦାନୀ କରୁଥିଲେ ।

ଏହି ଆନ୍ତର୍ଜାତୀୟ ନୌବାଣିଜ୍ୟର ବିକାଶ ଦ୍ୱାରା କଳିଙ୍ଗ ଅଧିବାସୀମାନେ ଯେ କେବଳ ଅର୍ଥନୈତିକଭାବେ ସମୃଦ୍ଧିଶାଳୀ ହୋଇଥିଲେ ତାହା ନୁହେଁ, ଏହା ଦ୍ୱାରା ବିଭିନ୍ନ ଦେଶମାନଙ୍କ ମଧ୍ୟରେ ସଂସ୍କୃତିର ଏକ ଆଦାନ ପ୍ରଦାନ ହୋଇଥିଲା । ବଣିକମାନଙ୍କ ଦ୍ୱାରା କ୍ରମଶଃ ଭାରତର ସଂସ୍କୃତି, ଜୈନ ଧର୍ମ ଓ ବୌଦ୍ଧ ଧର୍ମ ଇତ୍ୟାଦି ମଧ୍ୟ ବିଦେଶରେ ପ୍ରଚାରିତ ହୋଇ ଆଦର ଲାଭ କରିଥିଲା । କଳିଙ୍ଗର ସାମରିକ ଗୌରବ ଓ ବାଣିଜ୍ୟିକ ପ୍ରତିଷ୍ଠା ଆମମାନଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହୋଇ ରହିଛି । ଏହି ଲୁପ୍ତ ଗୌରବ ଆମେମାନେ ଯଦି ଆମ ସମୟରେ ଫେରାଇ ଆଣି ପାରିବା ତାହେଲେ ଆଗାମୀ ବଂଶଧରମାନଙ୍କ ପାଇଁ ଆଜିର ଇତିହାସଠାରୁ ଅଧିକ ଆଦର୍ଶ ପୂର୍ଣ୍ଣ ଇତିହାସ ସୃଷ୍ଟି ହୋଇ ପାରିବ । କାରଣ କଳିଙ୍ଗର ଇତିହାସ ସାମରିକ ସିଦ୍ଧି ଓ ବାଣିଜ୍ୟିକ ପରାକାଷ୍ଠାରେ ଗୌରବ ମଣ୍ଡିତ । ଆଜିର ବଂଶଧରମାନଙ୍କ ପାଇଁ ଏହା ଜାତି ଗଠନ ନିମନ୍ତେ ପ୍ରେରଣାର ଅଫୁରନ୍ତ ଉତ୍ସ ।

ପ୍ଲଟ ନଂ ୫୦, ବୁଦ୍ଧ ନଗର,
ଭୁବନେଶ୍ୱର - ୭୫୧୦୦୬ ।

### ବ୍ୟକ୍ତି, ବ୍ୟକ୍ତିତ୍ୱ ଓ ଭଗବାନ

ବ୍ୟକ୍ତିତ୍ୱର ବିକାଶ କର । ମାତ୍ର ବ୍ୟକ୍ତି ବାଦର ବିକାଶରେ ଲାଗି ପଡ଼ ନାହିଁ । ଆକାଶରୁ ଯେଉଁ ବର୍ଷା ବିନ୍ଦୁ ପଡ଼େ, ତାହା ନଦୀରେ ମିଶି ଯାଏ । ନଦୀ ନିକଟତମ ସମୁଦ୍ରକୁ ବହି ଯାଏ । ସେହିଠି ସାରେ, ଏହା ଜମି, ପଶୁ କିମ୍ବା ମଣିଷମାନଙ୍କର ଉପକାର ସାଧନ କରେ । ଏହି ଦୋଷ ଜାତି ପାଉଛନ୍ତି, ଯେ ଅନ୍ୟ ଜାତିର ମଙ୍ଗଳ ବିଧାନ କରନ୍ତି । ସମୁଦ୍ର କହେ—"ତୁମର ବର୍ଣ୍ଣ-ସମ୍ମାନ ବୋଧ ପରିତ୍ୟାଗ କର । ମୋର ଉପଦେଶ ହେଉଛି ଯେ ଧର୍ମ ଉପରେ ପ୍ରତିଷ୍ଠିତ ଭାରତର ପ୍ରାଚୀନ ଅନୁଷ୍ଠାନଗୁଡ଼ିକର ପୁନର୍ଗଠନ କର । .......... ଭାରତୀୟ ଭଗବାନଙ୍କୁ ପ୍ରେମ କରେ । ଭଗବତ୍ ବିଶ୍ୱାସରେ ସେ ଗତି କରେ । ହିନ୍ଦୁ ଧର୍ମ ଭାବରେ ଖାଏ । ସ୍ନାନ କରେ । ସ୍ୱପ୍ନ ଦେଖେ । ଯଦି ସମସ୍ତ ଲୋକଙ୍କ ସହଯୋଗ ନାହିଁ, ତେବେ ଭଗବାନଙ୍କ ନାମରେ ସେମାନଙ୍କୁ ନିବେଦନ କର ।

ମଧୁସୂଦନ

# ଉତ୍କଳ ଲକ୍ଷ୍ମୀରେ ଜାତୀୟ ଭାବଧାରାର ସାର୍ଥକ ଦିଗ୍‌ଦର୍ଶନ

● ଶ୍ରୀ ରାଜାରାମ ମେହେର

ସେ ସମୟର ଭାରତ ମାନଚିତ୍ରରେ ଓଡ଼ିଶାର ସତ୍ତା ନଥିଲା । ଓଡ଼ିଆ ଏକାବେଳକେ ହେୟ, ଅନାଦୃତ ଥିଲା । ଓଡ଼ିଆ ଭାଷାଞ୍ଚଳ (ଓଡ଼ିଶା) ଖଣ୍ଡ ଖଣ୍ଡ ଆକାରରେ ପଡ଼ୋଶୀ ପ୍ରଦେଶମାନଙ୍କ ଅଧୀନରେ ରହିଥିଲା । ମାତୃଭୂମିର ଏହି ଦୁର୍ଦ୍ଦଶା ସମୟରେ ସମସ୍ତ ନାଗରିକ, ରାଜନୀତିଜ୍ଞ, କବି, ସାହିତ୍ୟିକ, ଶିକ୍ଷକ, ଛାତ୍ର ପ୍ରଭୃତିଙ୍କୁ କିଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିବ ତାହା ସହଜରେ ଅନୁମେୟ ।

ଖ୍ରୀ: ୧୮୮୦ରୁ ଉତ୍କଳ ମିଶ୍ରଣ ସକାଶେ ଓଡ଼ିଶାର ଖ୍ୟାତନାମା ସଚେତନ ବ୍ୟକ୍ତିବୃନ୍ଦ ସ୍ୱର ଉତ୍ତୋଳନ କଲେ । କ୍ରମେ ଏହା ଆନ୍ଦୋଳନରେ ପର୍ଯ୍ୟବସିତ ହେଲା । ଏହିଭଳି ସମୟ ମଧ୍ୟରେ ଖ୍ରୀ: ୧୯୧୪ରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ "ଉତ୍କଳ-ଲକ୍ଷ୍ମୀ" କାବ୍ୟ ପ୍ରକାଶିତ । ଉତ୍କଳ ଇତିବୃତ୍ତର ଯଶୋଗ୍ରୀମ, ଶ୍ରୀସମ୍ପଦ, ଗୌରବ ଓ ମହତ୍ତ୍ୱ ପ୍ରତିପାଦନ ତଥା ଉତ୍କଳର ସୀମା ନିର୍ଦ୍ଧାରଣ ଉଦ୍ଦେଶ୍ୟରେ କାବ୍ୟଟି ରଚିତ । କାବ୍ୟାରମ୍ଭରେ ଲେଖିଲେ :

"ଜୟ ଗୋ ଉତ୍କଳ-ଲକ୍ଷ୍ମୀ ଏକମାତ୍ର -
ସୁନ୍ଦରୀ ତୁ ବସୁଧାରେ,
ପ୍ରାକୃତିକ ଶୋଭାରାଶି ରହିଅଛନ୍ତି
ତୋ ଅଙ୍ଗରେ ଏକାଧାରେ ।"

ପଦଟିର ପରେ ପରେ କବିଙ୍କ ଉତ୍କଳ ପ୍ରକୃତିର କେତେକ ବର୍ଣ୍ଣନା, ନୀଳାଚଳ ନାୟକ ଜଗନ୍ନାଥ, ବିଶ୍ୱନାଥ ମହାଦେବ, ଚିତ୍ରୋତ୍ପଳା ନାମରେ କୈବର୍ତ୍ତ ବେଶଧାରିଣୀ ଜାହ୍ନବୀଙ୍କର ଓଡ଼ିଶାକୁ ଆଗମନ, ପଥ ମଧ୍ୟରେ ଜାହ୍ନବୀଙ୍କ ପ୍ରତି ସମଲପୁର ଅଧିଷ୍ଠାତ୍ରୀ ଦେବୀ ସମଲାଇଙ୍କ ଆଲିଙ୍ଗନ ଫଳରେ ସମଲାଇଙ୍କର କର ଲାଗି ଜାହ୍ନବୀଙ୍କ ହୃଦହାର ପତନ ଓ ତାହା ଖୋଜିବାରେ ପ୍ରଶାନ୍ତ ଜାହ୍ନବୀଙ୍କ ସଖୀ – ହୀରାକୁଦର ଜନ୍ମ । ତା'ପରେ ରଜନୀଭୂଷଣ ଚନ୍ଦ୍ରଙ୍କ ମୁଖରୁ ତଦୀୟ ପ୍ରିୟତମା ପତ୍ନୀ ରୋହିଣୀଙ୍କ ସମ୍ମୁଖରେ ପର୍ଣ୍ଣନ ଉତ୍କଳ ଭୂମିର ରୂପ ଓ ଗୁଣରେ ମୁଗ୍ଧ ହୋଇ ମନୁଷ୍ୟ ରୂପ ଧାରଣ ପୂର୍ବକ ଦେବବୃନ୍ଦ ଏଠାରେ ଜନ୍ମଗ୍ରହଣ କରୁଥିବା ଓ ନିଜେ ଚନ୍ଦ୍ର ମଧ୍ୟ ଏ ଉତ୍କଳରେ ନରରୂପ ଧାରଣ ପୂର୍ବକ ଜନ୍ମଗ୍ରହଣ କରିବାର ଲାଳସା ପ୍ରକାଶ କରିଛନ୍ତି । ଶଙ୍ଖ, ଚକ୍ର, ଗଦା, ପଦ୍ମ ଏହି ଚତୁଃକ୍ଷେତ୍ର (ପୁରୀ, ଭୁବନେଶ୍ୱର, ଯାଜପୁର, କୋଣାର୍କ) ଧାରିଣୀ ଉତ୍କଳ, ଯା'ର ଦକ୍ଷିଣ ପାର୍ଶ୍ୱରେ ବଙ୍ଗୀୟ, ବାମ ପାର୍ଶ୍ୱରେ ତୈଲଙ୍ଗୀୟ ଓ ପାଦ ଦେଶରେ ଲାଗିଥିବା ଭୂଷଣ ତଦୀୟ ଶୋଭା ସମ୍ପାଦନ କରୁଥିବା (ସୀମାରେଖା ନିର୍ଦ୍ଧାରଣ) କହି ସାରିବା ପରେ କବିବର ରାଧାନାଥଙ୍କୁ ସ୍ୱର୍ଗ–କବି ଭାରବିଙ୍କ ଅବତାର ରୂପେ ଏହି ଉତ୍କଳରେ ଜନ୍ମଗ୍ରହଣ କରିଥିବାର ସୂଚନା ଦେଇ ତଦୀୟ ଗ୍ରନ୍ଥାବଳୀ ଉଲ୍ଲିଖିତ ରାଜନ୍ୟମଣ୍ଡଳୀ, ଦେବଦେବୀ, ନରନାରୀ, ବଣପାହାଡ଼ ଓ ଓଡ଼ିଶାର ଅନ୍ୟାନ୍ୟ ବଣପାହାଡ଼, ନଈନାଳ, ଗିରିଗହ୍ୱର ତଥା ଗଡ଼ଜାତ ଅଞ୍ଚଳ ଓ ଅନେକ ଦେବଦେବୀଙ୍କ ନାମ ଉଲ୍ଲେଖ କରି ଉତ୍କଳ–ଲକ୍ଷ୍ମୀଙ୍କ ଅଭିଷେକ ଉତ୍ସବରେ ଯୋଗଦାନ କରିବା ସକାଶେ ସେମାନେ କିଭଳି ସମ୍ମିଳିତ ହେଇଥିବା ଚିତ୍ର ପ୍ରଦାନ କରିଅଛନ୍ତି । ଏମାନଙ୍କ ମଧ୍ୟରୁ ଅନେକଙ୍କ ମୁଖରୁ "ଜୟ ଉତ୍କଳ–ଲକ୍ଷ୍ମୀ" ନାଦ ଉଚ୍ଚାରଣ କରୁଥିବାର ମଧ୍ୟ ଉଲ୍ଲେଖ କରିଅଛନ୍ତି । ମୁନି, ମହାକବି, ବୌଦ୍ଧ, ନରପତିବୃନ୍ଦଙ୍କ ନାମ ଓ ବୈଷ୍ଣବଗଣଙ୍କ ବିଷୟ ଉଲ୍ଲେଖ ପରେ ଆକାଶରେ ଥାଇ ଦିବ୍ୟ ରଥମାନଙ୍କରେ ବସି ଉତ୍କଳ–ଲକ୍ଷ୍ମୀଙ୍କ ଅଭିଷେକୋତ୍ସବରେ ପୁଷ୍ପ ବୃଷ୍ଟି କରୁଥିବା, ଉତ୍କଳର ପ୍ରସିଦ୍ଧ କବି ଜଗନ୍ନାଥ ଦାସ ଆଦି ଆଠ ଜଣଙ୍କ ନାମ ଉଲ୍ଲେଖ ପରେ :

"ବନ୍ଧୁ ରଥ ଥିଲା ଚିହ୍ନିବାକୁ ତହିଁ ହେଉଥିଲି ହରବର,
ରୁଦ୍ଧ କରି ନେଲା ନୟନ ଯୁଗଳ ଆନନ୍ଦ ଲୋତକ ଝର ।
ସେ ଜଳେ ପ୍ଲାବିତ ହେଲା ବକ୍ଷସ୍ଥଳ ପ୍ରାଣ ହେଲା ପୁଲକିତ,
ମନେ ହେଲା ତହିଁ ନଷ୍ଟ ନାକଯାଏ ହୋଇଅଛି ନିମଜ୍ଜିତ ।"

ଲେଖିସାରି କବି ନୀରବ ରହିଛନ୍ତି । ଅର୍ଥାତ୍ କାବ୍ୟଟି ସେତିକିରେ ହିଁ ରହିଯାଇଛି । ମାତ୍ର ଏତିକିରେ କାବ୍ୟ ଖଣ୍ଡିକର ଲେଖା ଶେଷ ହୋଇଗଲା ବୋଲି କୁହାଯାଇ ନପାରେ । ଏଥି ପ୍ରତୀୟମାନ ହୁଏ ଯେ, ଉକ୍ତ ପଦ ଦୁଇଟି କାବ୍ୟର ଶେଷ ପଦ ନୁହେଁ, କାରଣ କାବ୍ୟ ଶେଷରେ ଯେଉଁଭଳି ପୂର୍ଣ୍ଣତା ଆସିବାର କଥା ଏହା ସେଉଳି ହୋଇ ନାହିଁ, ବରଂ ଆହୁରି ଲେଖିବା ସକାଶେ କବି

ମାନସ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ "ଆନନ୍ଦ-ଲୋତକ-ଝର" କବିଙ୍କ ନୟନ ଯୁଗଳକୁ ରୁଦ୍ଧ କରି ଦେଇଛି ଓ ସେହି ଝର ଜଳରେ କବିଙ୍କ ବକ୍ଷ ପ୍ଲାବିତ ଓ ପ୍ରାଣ ପୁଲକିତ ହୋଇ ଉଠିଛି । ଯହିଁରେ ନଖରୁ ନାକଯାଏ ନିମଜ୍ଜିତ ହୋଇଯାଇଥିବା ଭଳି କବିଙ୍କ ମନେହୁଏ । ଏହାଦ୍ୱାରା ସେ ଆହୁରି ଲେଖିବା ସକାଶେ ଆଉ ସୁବିଧା ସୁଯୋଗ ଲାଭ କରି କରି ନପାରି ବାଧ ହୋଇ ଅଟକି ଯାଇଥିବା ସୁସ୍ପଷ୍ଟ । ସୁତରାଂ କାବ୍ୟ ଖଣ୍ଡିକ ଯେ ଅପୂର୍ଣ୍ଣ ରହିଗଲା ଏ କଥା ନିଶ୍ଚିତ ଭାବରେ କୁହାଯାଇପାରେ । କାବ୍ୟଟି ପୂର୍ଣ୍ଣାଙ୍ଗିନୀ ହେଲା ବୋଲି କବି "ଉତ୍କଳ-ଲକ୍ଷ୍ମୀ"ର ଭୂମିକାରେ ମତ ପ୍ରକାଶ କରିଥିଲେ ମଧ୍ୟ ଏହା ଅସମ୍ପୂର୍ଣ୍ଣ ।

ଏହାର ପ୍ରଥମ ସଂସ୍କରଣ ଅସମ୍ପୂର୍ଣ୍ଣ ଆକାରରେ (ବର୍ତ୍ତମାନ କଳେବରର ଅର୍ଦ୍ଧାଂଶ ପ୍ରାୟ) ପ୍ରକାଶିତ ହୋଇଥିଲା ଖ୍ରୀ: ୧୮୯୪ରେ ଓ ତହିଁର ପରିବର୍ତ୍ତିତ ଓ ପରିବର୍ଦ୍ଧିତ କଳେବର ଏହି ଉତ୍କଳ-ଲକ୍ଷ୍ମୀ ପୁଣି ପ୍ରକାଶିତ ହେଲା ଖ୍ରୀ: ୧୯୧୪ରେ — ଦୀର୍ଘ କୋଡ଼ିଏ ବର୍ଷ ପରେ । ତଥାପି କାବ୍ୟ ଖଣ୍ଡିକୁ କବି ଅପୂର୍ଣ୍ଣ ଭାବରେ ରହିଲା ଭଳି ଛାଡ଼ିଦେଲେ । କବିଙ୍କ ଜୀବଦ୍ଦଶାରେ ଅର୍ଥାତ୍ ଆହୁରି ଦଶବର୍ଷ ଖ୍ରୀ: ୧୯୨୪ ପର୍ଯ୍ୟନ୍ତ କାବ୍ୟଟି ସେଇପରି ଅପୂର୍ଣ୍ଣ ରହିଲା । ଏହାର କାରଣ କ'ଣ ? ଏଥିରେ ଏହିପରି ଏକ କାରଣ ରହିଛି ଯାହାକି ଗଭୀର ପ୍ରଣିଧାନଯୋଗ୍ୟ ଓ ତା'ର ଯଥାର୍ଥତା ଅନୁଶୀଳନ ସାପେକ୍ଷ ଓ ଆଲୋଚ୍ୟ ।

ଗଙ୍ଗାଧର ଥିଲେ ଆଶାବାଦୀ କବି । "ଅମୃତମୟ ଅମୃତରସ ମନ୍ଥନ ଦେଉଛି ଜୀବନ" କହି ନିଜ ଜୀବନକୁ ଆହ୍ଲାଦ ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଶା ଓ ଆଶ୍ୱାସନା ଯୋଗାଇଛନ୍ତି । ଦ୍ୱିତୀୟତଃ ମଣିଷ ଆଶାର ଦାସ — ଏ କଥା ଜଗତ କହେ । ପ୍ରକୃତରେ ଆଶାରେ ମଣିଷ ବଞ୍ଚେ । ଆମ ଆଖି ଆଗରେ ଚିରଦିନ ସକାଶେ "ଉତ୍କଳ-ଲକ୍ଷ୍ମୀ" କାବ୍ୟକୁ ଯେଉଁଥି ପାଇଁ ଅସମ୍ପୂର୍ଣ୍ଣ ଆକାରରେ ରଖିଲେ, ତା'ହେଉଛି ତାଙ୍କ ହୃଦୟ ମଧ୍ୟରେ ଅବିରତ ନୃତ୍ୟ କରି ଆସୁଥିବାର ଏକ ମହାନ ଆଶାର ସୁନେଲି ସ୍ୱପ୍ନ — ସେ ଏକ ଜାଗ୍ରତ ସ୍ୱପ୍ନ । ଯାହାକି ମଣିଷର ଜାଗ୍ରତାବସ୍ଥାରେ ଆଖି ଆଗରେ ଜୀବନ୍ତ ରୂପ ପ୍ରକାଶ କରି ହଠାତ୍ ଲିଭିଯାଏ । ମୋର ମନେହୁଏ ଏ କାବ୍ୟଟିର ଶେଷାଂଶ ରଚିତ ହେବା ସମୟରେ ଏ ସୁନେଲି ସ୍ୱପ୍ନ ହଠାତ୍ ଆସି କବିଙ୍କୁ ଆତ୍ମ ବିଭୋର କରି ପକାଇଛି ଏବଂ ପୂର୍ବ କଥିତ "ଆନନ୍ଦ ଲୋତକ ଝର" କବିଙ୍କ ନୟନ ଯୁଗଳକୁ ରୁଦ୍ଧ ଓ ଦେହ, ମନ, ପ୍ରାଣକୁ ନିମଜ୍ଜିତ କରି ଦେଇଛି, ଯଦ୍ଦ୍ୱାରା କାବ୍ୟଟିକୁ ସେ ଆଉ ଆଗକୁ ବଢ଼ାଇ ନାହାନ୍ତି । ମନେହୁଏ ଏ ସ୍ୱପ୍ନ ହେଉଛି ଉତ୍କଳ-ଲକ୍ଷ୍ମୀ ରଚନା ପୂର୍ବରୁ ଚାଲି ଆସୁଥିବା ଉତ୍କଳ ମିଶ୍ରଣ ଆନ୍ଦୋଳନର ସଫଳ ସ୍ୱପ୍ନ । ଯାହାକି କବିଙ୍କୁ ଏ କାବ୍ୟ ରଚନା ଦିଗରେ ଉତ୍ସାହ ଓ ପ୍ରେରଣାର ଖୋରାକ୍ ଯୋଗାଇଛି । ଖ୍ରୀ: ୧୮୯୪ ବେଳକୁ ଏ ଆନ୍ଦୋଳନ ଦୀର୍ଘ ୧୪ ବର୍ଷ ମଧ୍ୟରେ ସୁଦ୍ଧା ଆଶାନୁରୂପ ଉନ୍ନତି କରିପାରି ନଥିଲା । ତା'ପରେ ପରେ ୧୮୯୬ରୁ ୧୯୦୫ ପର୍ଯ୍ୟନ୍ତ ଚାଲିଲା ସମ୍ବଲପୁର "ଭାଷା ଆନ୍ଦୋଳନ" । ୧୯୦୫ ଖ୍ରୀ: ଜୁନ୍ ୯ ତାରିଖରେ ଯହିଁର ସଫଳତା ସରକାର ଘୋଷଣା କରିଥିଲେ । ଫଳତଃ, ପାଟଣା, କଳାହାଣ୍ଡି, ସୋନପୁର, ବାମଣ୍ଡା, ରେଢ଼ାଖୋଲ ଓ ସମ୍ବଲପୁର ଓଡ଼ିଶା ଡିଭିଜନରେ ଏକତ୍ରିତ ହେଲା ଓ ଓଡ଼ିଆ ଭାଷା ସମ୍ବଲପୁରରେ ସାଧାରଣ ସରକାରୀ ଭାଷା ରୂପେ ସ୍ଥାନ ପାଇଲା । ୧୯୧୪ରେ "ଉତ୍କଳ-ଲକ୍ଷ୍ମୀ"ର ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ପ୍ରକାଶ । ପାଇବା ସମୟରେ ସମ୍ବଲପୁର ଭାଷା ଆନ୍ଦୋଳନର ସଫଳତା ଦେଖି ତାଙ୍କ ସୁନେଲି ସ୍ୱପ୍ନ ଯେ ଅଦୂର ଭବିଷ୍ୟତରେ ନିଶ୍ଚୟ ସଫଳ ହେବ — ଏ ବିଶ୍ୱାସରୁ ସେ ବିଚ୍ୟୁତ ହୋଇ ନଥିଲେ । ସେହି ସ୍ୱପ୍ନର ବାସ୍ତବ ରୂପ ପ୍ରକାଶ ନପାଇବା ଯାଏଁ ଏହା ହିଁ ପୂର୍ଣ୍ଣାଙ୍ଗ ରୂପ — ଏଭଳି ମନୋଭାବ ରଖି ଚତୁରତାର ସହିତ କାବ୍ୟ ସମାପ୍ତି କରିଥିବା ଲକ୍ଷ୍ୟଣୀୟ ଏବଂ ୧୮୯୪ରୁ ୧୯୧୪ ଦୀର୍ଘ କୋଡ଼ିଏ ବର୍ଷର ବ୍ୟବଧାନ ପରେ ପୁଣି ଥରେ ପରିବର୍ଦ୍ଧିତ କାବ୍ୟଟିକୁ ଅପୂର୍ଣ୍ଣ ବୋଲି କହିବା ଅନୁଚିତ ମନେକରି କାବ୍ୟଟି ପୂର୍ଣ୍ଣାଙ୍ଗିନୀ ହେଲା ବୋଲି କବି କହିଥିବା ଅନୁମେୟ ।

କବିଙ୍କ ଜୀବଦ୍ଦଶାରେ ଉତ୍କଳ ମିଶ୍ରଣ ଆନ୍ଦୋଳନ ଯଦି ତା'ର ସଫଳ ରୂପ ପ୍ରଦାନ କରିପାରିଥାନ୍ତା, "ଉତ୍କଳ-ଲକ୍ଷ୍ମୀ" କାବ୍ୟଟିକୁ ପୂର୍ଣ୍ଣାଙ୍ଗିନୀ ହେଲାଭଳି ରୂପ ପ୍ରଦାନ କରିବା ମେହେରଙ୍କ ପକ୍ଷେ ଅତି ସାମାନ୍ୟ କଥା ଥିଲା । ଓଡ଼ିଆ ଅଞ୍ଚଳ ସମୂହର ଏକତ୍ରୀକରଣ ଉଦ୍ଦେଶ୍ୟରେ କାବ୍ୟର ଆରମ୍ଭରୁ ହିଁ ଉତ୍କଳ-ଲକ୍ଷ୍ମୀଙ୍କ ପ୍ରତି ଜୟ କାମନା କରି ପୁଣି କାବ୍ୟ ଉଲ୍ଲିଖିତ ଅନେକଙ୍କ ମୁଖରୁ "ଜୟ ଉତ୍କଳ-ଲକ୍ଷ୍ମୀ" ନାଦ ଉଚ୍ଚାରଣ କରାଇ ନିଜର ଆନ୍ତରିକ ମନୋଭାବ ପରିସ୍ଫୁଟ କରି "ଉତ୍କଳ-ଲକ୍ଷ୍ମୀ"ଙ୍କ ଅଭିଷେକ ଉତ୍ସବ ପର୍ଯ୍ୟନ୍ତ କବି ସିଧାସଳଖ ଚାଲି ଯାଇଛନ୍ତି ଏବଂ ତଦ୍ଦ୍ୱାରା କାବ୍ୟ ଖଣ୍ଡିକ ଉପଭୋଗ୍ୟ ମଧ୍ୟ ହୋଇପାରିଛି । ଏଥିରୁ ଉତ୍କଳ ମିଶ୍ରଣକୁ କବି ଅତି ଉତ୍କଣ୍ଠାର ସହିତ ଅନାଇ ରହିଥିବାର ସୂଚନା ସୁସ୍ପଷ୍ଟ । ଏହା ହିଁ ତାଙ୍କ ମହତ୍ ବ୍ୟକ୍ତିତ୍ୱ ଏବଂ ତୀବ୍ର ଜାତୀୟତାବୋଧର ନିଦର୍ଶନ । ଏଣୁ କାବ୍ୟ ସମାପ୍ତିରେ ପ୍ରଯୁକ୍ତ କବି ଚତୁରୀ ମଧ୍ୟ ବିଶେଷ ଗୁରୁତ୍ୱପୂର୍ଣ୍ଣ ଏବଂ ଲକ୍ଷ୍ୟଣୀୟ ।

ଟିକିଏ ଅନୁଧ୍ୟାନ କଲେ ଏ ଅସମ୍ପୂର୍ଣ୍ଣ "ଉତ୍କଳ-ଲକ୍ଷ୍ମୀ" ଆଉ ଏକ ଇଙ୍ଗିତ ଦେଉଥିବାର ଜଣାପଡ଼େ । କବିଙ୍କ ଜୀବଦ୍ଦଶାରେ କବି ସ୍ୱପ୍ନ ଯଦି ସଫଳ ରୂପ ଗ୍ରହଣ କରିଥାନ୍ତା ତେବେ କାବ୍ୟର ପରିସମାପ୍ତି ସଙ୍ଗେ ସଙ୍ଗେ କବି ସେ ସମ୍ପର୍କରେ ନବୋତ୍କଳ ବା ସ୍ୱତନ୍ତ୍ର ଉତ୍କଳ କିମ୍ବା ସଫଳ ସ୍ୱପ୍ନ — ଏହିପରି ଏକ ଶିରୋନାମାରେ ଆଉ ଏକ ଅଭିନବ କାବ୍ୟ ରଚନା କରିଥାନ୍ତେ ।

ଆମମାନଙ୍କ ଦୁର୍ଭାଗ୍ୟ କବି ଉତ୍କଳ ମିଶ୍ରଣ ପୂର୍ବରୁ ସ୍ୱର୍ଗଗାମୀ ହେଲେ । ନଚେତ୍ ଏ କାବ୍ୟଟି ରଚନା କରିବା ସକାଶେ ସେ ଯଦି ସୁବିଧା ସୁଯୋଗ ପାଇ ପାରିଥାନ୍ତେ ତଦ୍ଦ୍ୱାରା କବି ଯେଉଁ ବିପୁଳ ଆନନ୍ଦ ଲାଭ କରିଥାନ୍ତେ, ସେହି ଆନନ୍ଦ ରସ ଧାରା ତାଙ୍କର ସେହି ମାନସ କାବ୍ୟର ଛନ୍ଦେ ଛନ୍ଦେ ନିସ୍ରୁତ ହୋଇ ପାଠକ ସମାଜକୁ ଯେ ଆହୁରି ଅଧିକ ଆନନ୍ଦ ପ୍ରଦାନ କରିଥାନ୍ତା ଏଥିରେ ସନ୍ଦେହ ନାହିଁ ।

---

ଲାଡମୁଣ୍ଡା,
ସମ୍ବଲପୁର-୭୬୮ ୦୪୮ ।

# ସକାଳ ଗାଡ଼ିରୁ ତୁମେ ଓହ୍ଲାଇବା ପରେ

ସୁରେନ୍ଦ୍ର ମହାନ୍ତିଙ୍କୁ

● ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସକାଳ ଗାଡ଼ିରୁ ତୁମେ ଓହ୍ଲାଇବା ପରେ
ସୂର୍ଯ୍ୟପରି ଜଳୁଥିଲା ତୁମ ଆଖି
ଷ୍ଟେସନରେ ସ୍ୱାଗତ ମିଳନ, ବାନ୍ଧିନାହିଁ ଫୁଲମାଳ
ମଣିବନ୍ଧେ ଅଦ୍ଭୁତ ମମତା......ମଣିଷ ପାଇଁକି ଚେଷ୍ଟା
ଅଭିପ୍ସା ବିଷଣ । ପ୍ରତ୍ୟୟରେ ଦୃଢ଼ ହେବା
ସତ୍ୟ ଚିରନ୍ତନ, ତା'ଠାରୁ ଅଧିକ ସତ୍ୟ ସମ୍ବେଦନା
ନିତ୍ୟ ଶୁଭଙ୍କର ଜଳି ଜଳି ଜଳିଯିବା ପରେ
ଡମ୍ଫୁ ହୁଏ ଶେଷାର୍ଦ୍ଧର ସ୍ୱର୍ଣ୍ଣିମ ପଟଳ

ପ୍ରଥମାର୍ଦ୍ଧ କେହି ଖୋଜେ ନାହିଁ, ଜ୍ଞାତି ବନ୍ଧୁ ସ୍ୱଜନ ବ୍ୟତୀତ
ଗାଆଁ ଗୋହିରୀରେ ଦେଖା, ପିଣ୍ଡାରେ ବସନ୍ତ
ବୌକା ପାଗି ବସିପଡ଼େ
ନ କହିବା ସତ୍ତ୍ୱେ ଦସ୍ତଖତ ଅଭ୍ୟାସ କରନ୍ତି ଥୋକେ
ତୁମ ଦର୍ପଣରେ ବିଧୃତ ସୌନ୍ଦର୍ଯ୍ୟ, ଶ୍ରେଷ୍ଠ, ଗରିଷ୍ଠ ଚେତନା
ମୋ ଜାତିର ଇତିହାସ ମୋଡ଼ଦିଏ ନୂଆ ସମ୍ଭାବନା ।

କିଛି କଷ୍ଟ ଶବ୍ଦର ତାତ୍ପର୍ଯ୍ୟ ଶବ୍ଦରେ ବୁଝାଇଦେବା
ଅସମ୍ଭବ ମନର ତୀବ୍ରତା, କିଛି କଷ୍ଟ ସ୍ପଷ୍ଟ କହି କଥା
ପ୍ରତୀକ ମିଶାଇ ଦେବା ଖଞ୍ଜଣି ବାଗଡ଼ା
ଦଂସକୁ ଅଜଣା ନୁହେଁ ହେତୁକୁ ଦାମ୍ଭଣା
କିଛି ବନ୍ୟାମଦକ ବର୍ଣ୍ଣନା, ଧୂମାଳ କରଞ୍ଜ ଛାୟା
ନଗ୍ନ ଉନ୍ମାଦନା, କିଛି ସ୍ପଷ୍ଟ କହିବାର ମୋହ
ତୁମକୁ ବସାଇଥିଲା ବନ୍ଧୁଗଣେ ପ୍ରଜ୍ଞା ଓ ନିର୍ମୋହ

ଇତିହାସ ଜାତି ଗଢ଼େ : ଜାତି ଭାଙ୍ଗି ନିଜର ପ୍ରାଚୀର
ଅଣିମାଇସିମା ଶୈଳୀ ଅଭ୍ୟାସ ବ୍ୟତୀତ
ନିଜ ଭାବମୂର୍ତ୍ତି ଗଢ଼େ ଶାଣିତ ନଷ୍ଠାରେ
ଚକ୍ରଧାର ପରି କାଟେ ସମୟର ବେକ,
ମୋ ସାଥେ ଚାଲିବ ଯଦି ଦିକ ନାହିଁ ବୁଦ୍ଧି ଓ ବିବେକ
ନୂଆ ପୀଢ଼ି, ନୂଆ ସମ୍ଭାବନା
ତୁମ ପାଇଁ କେବେ ନୁହେଁ
ମୋ ବାଞ୍ଛିତ ଲକ୍ଷ୍ୟ ସମ୍ଭାବନା ।

ନିବେଶି ନୟନ ତୁଚ୍ଛେ ଖୋଜିଥିଲ ଶୈଳର ପ୍ରତିମା
ଇତିହାସ ମାପି ପାରେ ନାହିଁ ଯା'ର ସୀମା,
ସାଗରର ଉତ୍ଥାନ ପତନ
ଭିନ୍ନ କରେ ନାହିଁ ଜମା ତା'ମନରୁ ସତ୍ତା ଚିରନ୍ତନ।

ତୁମର ବିଶ୍ୱରବତ୍ତା, ନଶ୍ୱରରୁ ଖୋଜିବା ବିଦ୍ୱତ୍ତା
ଜ୍ଞାନର ମାର୍ଜନ ମନ୍ତ୍ର, ତରନ୍ତ୍ୱେ ମଧୁ ଆକୁଳତା
ଅବଶିଷ୍ଟ ମନୀଷର ଦୁଃଖେ ତଥାପି ପଶ୍ଚରେ ପ୍ରଶ୍ନ ଖାଡ଼ି ବାରଟାରେ
'ଛଅ ମାଣ ଆଠଗୁଣ୍ଠ' ପାଇଁ କାହାର ଦାୟରେ ସ୍ରଷ୍ଟା
ନେତା, ଉପଦେଷ୍ଟା ଅବା ଦାତା ଓ ଗ୍ରହୀତା।

ଶେଷ ଉଲ୍କାପରେ ପୁଣି ଜଗିବା ଚେତନା
ଯାହାଆଣେ ରୂପାନ୍ତର ନୂତନ ଯୋଜନା
ଦିନେ ସୁନାସାହି/ଅବଶିଷ୍ଟ ପ୍ରଜ୍ଞା ତୁମ
କରିବ ପ୍ରାଚୀନ, ଚିହ୍ନ ଯା'ର କେବେ ଲିଭେ ନାହିଁ/
ଏ ମାଟିରେ ତୁମର ସର୍ଜକ/ଭାବ ଓ ଆହ୍ନିକ
ସ୍ପନ୍ଦନ ଯୋଡ଼ିବ ବିନ୍ଦୁ ବିନ୍ଦୁ ପ୍ରଥବ ଚେତନା
ପ୍ରଥମ ସାକ୍ଷାତ ମୋର କାଳ କାଳ ଧରେ ସମ୍ଭାବନା।

ସକାଳ ଗାଡ଼ିରୁ ଓହ୍ଲାଇବା ପରେ
ଅନେକ ସକାଳ ଅସ୍ତ ହେଲାଣି ଆଖିରେ
ତୁମ ସୂର୍ଯ୍ୟବିତା ଲିଭିଯିବା ପରେ
ଅମ୍ଳାନ କବିତା ଫୁଟେ ପୀଢ଼ିରେ, ପୀଢ଼ିରେ।

ପ୍ରାଣ ପ୍ରତିନିଧି ରୂପ ଆଉଥରେ ଆସେ ପୁନର୍ବିମ୍ବ
ଜାତିର ଜାଗ୍ରତି ପଥେ ଉନ୍ମୀଳିତ ହାତ ମୋର ନିମ୍ନ ।।
(*୧୯୭୭ରେ ଫକୀର ମୋହନ ସାହିତ୍ୟ ପରିଷଦ
ଆନୁକୂଲ୍ୟରେ ଆୟୋଜିତ ଉତ୍ସବର ସ୍ମୃତିଚାରଣ।)



# ଉତ୍କଳମଣି

● ଜୀବନକୃଷ୍ଣ ପାଢ଼ୀ

ବ୍ରିଟିଶ୍ ଅମଳର କଥା । ଯେତେବେଳେ ଭାରତୀୟମାନେ ଇଂରେଜମାନଙ୍କ ଦ୍ୱାରା ଶାସିତ ଓ ଶୋଷିତ ହେଉଥାନ୍ତି । ସ୍ୱାଧୀନତାର ଅଗଷ୍ଟ ପନ୍ଦର ବାର୍ତ୍ତା ବହି ନଥାଏ । ସାରା ଭାରତରେ ଥିବା ମହାପୁରୁଷମାନଙ୍କ ପରି ଆମ ଉତ୍କଳ-ଓଡ଼ିଶାର ଯୋଗ୍ୟ ସନ୍ତାନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ବା କିଏ ନ ଜାଣେ ? ବାସ୍ତବରେ ସେ ହେଉଛନ୍ତି ଗରିବର ବନ୍ଧୁ ଗୋପବନ୍ଧୁ । ନିଜର ସମସ୍ତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସେ ଉତ୍କଳ ମାତାର ସେବାରେ ନିଜକୁ ନିୟୋଜିତ କରିଦେଲେ । ପ୍ରକୃତରେ ସେ ତାଙ୍କର ମହନୀୟ କାର୍ଯ୍ୟ ପାଇଁ ସେ ସର୍ବତ୍ର ପୂଜିତ । ପ୍ରକୃତରେ ସେ ଦିନଦୁଃଖୀମାନଙ୍କର ଦୁଃଖ ଦୁର୍ଦ୍ଦଶା ବୁଝୁଥିଲେ । ସେଥିପାଇଁ ନିଜର ଜୀବନକୁ ବିଳାସପୂର୍ଣ୍ଣ ଚଳଣିଠୁଁ ଦୂରେଇ ରଖିଥିଲେ । ତାଙ୍କର ଜୀବନର ଗୋଟିଏ ଘଟଣା । ଦିନେ ସକାଳୁ ସତ୍ୟବାଦୀରେ ଗୋପବନ୍ଧୁ ଚିନ୍ତାମଗ୍ନ ଭାବରେ ପଦଚାରଣ କରୁଥାନ୍ତି । ହଠାତ୍ ତାଙ୍କର ଜଣେ ଆତ୍ମୀୟ ଲୋକକୁ ଡାକି କହିଲେ, "ଭବଗ୍ରାହୀ, ମୋର ଆଉ ଲୁଗା ନାହିଁ । ମୋଲାଗି ଖଣ୍ଡିଏ ଲୁଗା କିଣି ଆଣି ରଖ ! ମୁଁ ସ୍ନାନ କରିବାକୁ ଯାଉଛି ।"

ସେଦିନୁ ଭାବଗ୍ରାହୀ "ଆଜ୍ଞା" କହି ଦୋକାନକୁ ଚାଲିଗଲେ । ଗୋପବନ୍ଧୁ ମଧ୍ୟ ସ୍ନାନ କରିବା ନିମିତ୍ତ କୁଟୀର ମଧ୍ୟରୁ ବାହାରି ଗଲେ । ତାଙ୍କ ଯିବାର ଅଳ୍ପସମୟ ପରେ ଭାବଗ୍ରାହୀ ଖଣ୍ଡିଏ ଲୁଗା ଆଣି ବଉଳି ଉପରେ ରଖିଦେଲେ । ଗୋପବନ୍ଧୁ ସ୍ନାନ ଶେଷ କରି ଘରକୁ ଫେରିଲେ । ହଠାତ୍ ଲୁଗାଉପରେ ତାଙ୍କ ଆଖି ପଡ଼ିଗଲା : "ଏ ଏକଣ ?" ହଠାତ୍ ତାଙ୍କ ମୁଖ ମଣ୍ଡଳରେ ବିଷାଦର ଛାୟା ଖେଳିଗଲା । ସେ ଥର ଥର ସ୍ୱରରେ କହିଲେ-"ଭାବଗ୍ରାହୀ ମୋର ଏତେ ବଡ଼ ପତଳା ଲୁଗା ଚଳିବ ନାହିଁ ।"....ମୁଖମଣ୍ଡଳରେ ତାଙ୍କର ସହସ୍ର ପ୍ରଶ୍ନବାଚୀର ନର୍ତ୍ତନ । ଭାବଗ୍ରାହୀ ଗୋପବନ୍ଧୁଙ୍କର ମୁହଁକୁ ପିଲାଟି ଭଳି ଚାହିଁ ରହିଥାନ୍ତି । ଗୋପବନ୍ଧୁଙ୍କର କରୁଣସ୍ୱରରେ ଭାବଗ୍ରାହୀ ଚକିତ ହୋଇପଡ଼ିଲେ । ଗୋପବନ୍ଧୁ କହିଲେ : "ଏ ଅଭିଶପ୍ତ ଗରିବ ଭାରତରେ ମୁଁ ଜନ୍ମ ହୋଇ ମୁଁ ମଧ୍ୟ ଜଣେ ଗରିବ-ଅଭିଶପ୍ତ ! ଏ ଲୁଗାହେଉଛି ଧନୀ ଲୋକମାନଙ୍କର ପିନ୍ଧିବା ଲୁଗା । ମୁଁ ଦୁଃଖ ଅକିଞ୍ଚନ ଏଡ଼େ ପତଳା ଧୋବ ଫର ଫର ଲୁଗା ଲମ୍ବା ଧୋତି ପିନ୍ଧିବାର ପାତ୍ର ନୁହେଁ...... ।"

ଯେଉଁ ରାଇଜରେ ମଣିଷ ଦି'ବେଳା ମୁଠେ ପେଟପୁରା ଖାଇବାକୁ ପାଏନା, ମାଘମାସର କଲିଜା ଥରା ଶୀତରେ ଯେଉଁ ଦେଶରେ ଲୋକମାନେ ଖଣ୍ଡିଏ କରିଆ ଘୋଡ଼ା ପାଆନ୍ତି ନାହିଁ, ବରଷାର ବାରି ଛାଳଭେଦି କୁଡ଼ିଆରେ ଭରି ଦିଏ ମେଞ୍ଚା ମେଞ୍ଚା କାଦୁଅ, ସେହି ଘରେ......" କହୁଁ କହୁଁ ଲୁହରେ ଆଖିବୁଡ଼ି ହୋଇଗଲା-କଣ୍ଠ ରୁଦ୍ଧ ହୋଇଗଲା । ଶୋକାଶ୍ରୁକୁ ସଂଯତ କରୁକରୁ ସେ କହିଲେ "ପୁଣି.....ଦୂର ପଲ୍ଲୀ ଗାଁର ନବ ଯୌବନ ପ୍ରାପ୍ତ ଅନୂଢ଼ା ଯୁବତୀଗୁଡ଼ିକ ସେମାନଙ୍କର ମୁକୁଳିତ ଯୌବନକୁ ଘୋଡ଼ାଇ ରଖିବା ପାଇଁ ଖଣ୍ଡେ କନ୍ଥା ପାଆନ୍ତି ନାହିଁ । ପୁଣି ଭାତ ମୁଠାକ ଅଭାବରେ ସେମାନଙ୍କର ସଦ୍ୟପ୍ରସ୍ଫୁଟିତ ରୂପର ମାଧୁରିମା ଝଡ଼ିପଡ଼େ ଠିକ୍ ବନର ମାଳତୀ ପରି । ବରଷ ବରଷ ନଇବଢ଼ି ହେବା ଫଳରେ ଏହି ରାଇଜରେ ସନ୍ତାନ ହୁଏ ବାସ ହରା, କାଙ୍ଗାଳ, ନିରାଶ୍ରୟ, ନିରନ୍ନ ଆଉ ଅମାନିଆ ସର୍ବ ଗ୍ରାସୀ ବନ୍ୟା ଉପାଡ଼ି ନିଏ ତା'ର ଡାଳ ବରଡ଼ା ଘେରା କୁଡ଼ିଆଟି । ଜଳ ପ୍ରବାହରେ ଭାସିଯାଏ ମୂଲିଆ ମୁଥର ସମ୍ବଳ । ଚିରବାଞ୍ଛିତ ସବୁଜ ଶସ୍ୟ କେଦାର.....ପୁଣି ବରଷାର ଅଭାବରେ ହାହାକାର !! ଗ୍ରାମେ ଗ୍ରାମେ ଜଳିଉଠେ ନିଆଁ-ବରଷାର ଅଭାବରେ ଧରଣୀ ମାଆର ବୁକୁ ଫାଟି ଉଠେ ଆଉ ପ୍ରଚଣ୍ଡ ରୌଦ୍ରତାପରେ ଜଳିଯାଏ ଶସ୍ୟରାଶି ଆଉ ସେହି ଶସ୍ୟ କ୍ଷେତ ମଧ୍ୟରେ ମିଳାଇ ଯାଏ ଚାଷୀର ସୁନେଲୀ ଝିଲି ମିଲି ଆଶା । ଜୀବନ ପ୍ରବାହରେ ସୃଷ୍ଟି ହୁଏ ଆତଙ୍କ.....ଚାଷୀ ଛାଡ଼େ ଆଉ ହାହାକାର...... । କେବଳ ଏତିକି ନୁହେଁ ଭାବଗ୍ରାହୀ ! ମହାମାରୀ ମଧ୍ୟ ଆଜି ଏ ଦୀନ ଦୁର୍ବଳମାନଙ୍କରେ ଦାଉ ସାଧିବାରେ ଲାଗିଛି ଏହି ହତଭାଗ୍ୟ ମେରୁଦଣ୍ଡ ଭାଙ୍ଗି ଯାଇଥିବା ଲୋକମାନଙ୍କ ଉପରେ ।"

"ହଇଜା ରୋଗରେ ପୋକମାଛି ପରି ମଣିଷ ସମାଜ ଆଜି ହଜିଯାଏ ମଶାଣି ଭୂଇଁରେ । ଔଷଧ ଟିକକ ବିନା, ପଥ୍ୟଟିକକ ବିନା ଏ ଦେଶର ଭୋଗେ ଯୁଗପତ ମୃତ୍ୟୁ । ଦେଶରେ ଏଭଳି ସଙ୍କଟାପନ୍ନ ଅବସ୍ଥାରେ ମୁଁ ଅବୋଧ ଲମ୍ବା ଧୋତି ପିନ୍ଧି ଚାଲି ପାରିବି


ନାହିଁ । ଏ ଲୁଗାଟି ପିନ୍ଧିଲେ ଯେ ମୁଁ ଏ ଦେଶର ଶହ ଶହ ଅର୍ଦ୍ଧନଗ୍ନ ଓ ଅନାହାର ପ୍ରପୀଡ଼ିତ ଭାଇ ଭଉଣୀମାନଙ୍କୁ ଅଙ୍ଗୀ କରିବି, ତୁ କ'ଣ ଏହାକୁ ଅନୁଭବ କରିପାରୁ ନାହୁଁ, ଭାବଗ୍ରାହୀ !" ଦୁଃଖାଶ୍ରୁର ବନ୍ୟାରେ ତାଙ୍କ ଚକ୍ଷୁ ଯୋଡ଼ିକ ଛଳ ଛଳ ହୋଇଉଠିଲା । ସ୍ପନ୍ଦନର ପ୍ରାଣ ପ୍ରାଚୁର୍ଯ୍ୟପୂର୍ଣ୍ଣ ଆବେଗରେ ଆଉ ଅଧିକ କହି ନ ପାରି ସେ ଲୁଗାଟିକୁ ଚଉକି ଉପରେ ରଖିଦେଇ ସେ ତଳେ ବସି ପଡ଼ିଲେ । ଗୋପବନ୍ଧୁଙ୍କର ମନୋଭାବକୁ ଉତ୍ତମରୂପେ ଲକ୍ଷ୍ୟକରି ଭାବଗ୍ରାହୀ ପୁଣି ଲୁଗାଟିକୁ ଧରି ଚାଲିଗଲେ । କିଛି ସମୟ ପରେ ପୁଣି ଏକ ଧୋତି ଧରି ଫେରି ଆସି ଗୋପବନ୍ଧୁଙ୍କ ନିକଟରେ ଠିଆହେଲେ । ଗୋପବନ୍ଧୁଙ୍କର ଦେବ ଆରାଧନା ସରିଲା । ନୟନ ଦୁଇଟିରୁ ଅଶ୍ରୁ ପୋଛି ଛିଡ଼ା ହେଲେ । ଲୁଗାଟିକୁ ଦେଖି ଖୁସି ହୋଇଗଲେ । ଲୁଗାଟି ଥିଲା ଖଦଡ଼-ଲମ୍ବା ବେଶୀ ନୁହେଁ । ପ୍ରଫୁଲ୍ଲଚିତ୍ତରେ ସେ ଲୁଗାଟିକୁ ପିନ୍ଧିଲେ । ଲୁଗାଟି ତାଙ୍କ ଆଣ୍ଠୁ ଲୁଚ୍ଚାଇ ପାରିନଥିଲା । କିନ୍ତୁ ତାହା ତାଙ୍କ ମନରେ ଆଣିଥିଲା ପରିତୃପ୍ତି ଓ ନିରୀହ ଆନନ୍ଦ...... ।

ବାସ୍ତବରେ ଉତ୍କଳର ମଣିରୂପେ ସେ ଏବେବି ପୂଜା ପାଉଛନ୍ତି ଓ ପାଇବେ ମଧ୍ୟ । ନିଜର ସମସ୍ତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସେ ଦେଶ ସେବାରେ ନିଜକୁ ନିଯୁକ୍ତ କରିଥିଲେ । ସବୁଦିନ ସମାନ ଯାଏନା । ଇଂରେଜମାନଙ୍କର ସମସ୍ତ ଶକ୍ତି ଭାରତୀୟମାନଙ୍କ ଅହିଂସା ଅସ୍ତ୍ର ନିକଟରେ ହାର ମାନିଲା । ଶେଷରେ ସେମାନେ ସ୍ୱଦେଶକୁ ବାହୁଡ଼ିଲେ । ଗୋପବନ୍ଧୁଙ୍କ ଆଦର୍ଶର ବିଜୟ ଘଟିଲା ।

---

ସମ୍ପାଦକ,
ଇଲେଭେନ୍ ଷ୍ଟାର କ୍ଲବ୍,
ଗ୍ରା/ପୋ-ଲକ୍ଷ୍ମୀନଗର,
ଯାଜପୁର ରୋଡ଼,
ଜି: କଟକ,
ପିନ୍-୭୫୫୦୧୯ ।

//////////



ଢେଙ୍କାନାଳଠାରେ ଅନୁଷ୍ଠିତ ଉତ୍କଳ ପ୍ରସଙ୍ଗ ପାଠକ ସମାବେଶରେ ଉତ୍କଳ ପ୍ରସଙ୍ଗ ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାଢ଼ି

# ନୂଆ ସରକାର — ନୂଆ ଯୋଜନା

● ଶୁଭଲକ୍ଷ୍ମୀ ମହାନ୍ତି

ଗତବର୍ଷ ଫେବୃଆରୀ ୨୭ ତାରିଖରେ ବିଧାନସଭା ସାଧାରଣ ନିର୍ବାଚନ ହୋଇଥିଲା। ବିପୁଳ ଜନସମର୍ଥନ ମଧ୍ୟରେ ଓଡ଼ିଶାର ବରେଣ୍ୟ ବର୍ଷୀୟାନ ଲୋକପ୍ରିୟ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ନୂଆ ମନ୍ତ୍ରିମଣ୍ଡଳ ୨୦୦୦ ମସିହା ମାର୍ଚ୍ଚ ୫ ତାରିଖରେ ଶପଥ ଗ୍ରହଣ କଲେ। ନବୀନବାବୁ ଶାସନଭାର ଗ୍ରହଣ କରିବା ପରେ ଏକ ଜନକଲ୍ୟାଣାଭିମୁଖୀ ନୂତନ ସରକାର ଗଠନ କରି ପ୍ରଥମେ ସେ ଗରିବ ଲୋକମାନଙ୍କର ଅଭାବ ଅସୁବିଧାକୁ ଦୂର କରିବା ପାଇଁ ସଂକଳ୍ପ ନେଇଛନ୍ତି। ଏହି ଲୋକପ୍ରିୟ ସରକାର ଗରିବର ହିତୈଷୀ ଭାବରେ ପ୍ରତ୍ୟେକ ପୁରପଲ୍ଲୀରେ ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇ ପାରିଛନ୍ତି, ସେଥିରେ ଦ୍ୱିମତ ହେବାର ନୁହେଁ।

ରାଜ୍ୟର ଅର୍ଥନୀତି କୃଷିଭିତ୍ତିକ ହୋଇଥିବାରୁ ବର୍ତ୍ତମାନର ସରକାର କୃଷି ଉତ୍ପାଦନ ବୃଦ୍ଧି ଦିଗରେ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି। ସେଥି ନିମନ୍ତେ ଗତବର୍ଷଠାରୁ ଶତକଡ଼ା ୪୩ ଭାଗ ଅଧିକ ଅର୍ଥ କୃଷି ବିକାଶ ନିମନ୍ତେ ବିନିଯୋଗ କରାଯାଇଛି। ଉନ୍ନତ ଧରଣ ବିହନ, ସାର, ଖତ ତଥା କୀଟନାଶକ ଔଷଧ ଯୋଗାଇ ଦିଆଯାଇଛି। ଗତ ମାର୍ଚ୍ଚ ମାସଠାରୁ ଜୁନ୍ ମାସ ମଧ୍ୟରେ ସମବାୟ ଭଣ୍ଡାର ମାଧ୍ୟମରେ ୫ କୋଟି ୪୨ ଲକ୍ଷ ଟଙ୍କା ମୂଲ୍ୟର ସାର କୃଷୀମାନଙ୍କୁ ଯୋଗାଇ ଦିଆଯାଇଛି ଏବଂ ୮୯ କୋଟି ୫୬ ଲକ୍ଷ ଟଙ୍କାର କୃଷିଜାତ ଦ୍ରବ୍ୟ ବିକ୍ରୟ କରାଯାଇଛି। ଏହି ୪ ମାସ ମଧ୍ୟରେ ସମବାୟ ଖାଉଟୀ ଭଣ୍ଡାରଗୁଡ଼ିକ ମାଧ୍ୟମରେ ୨୦ କୋଟି ଟଙ୍କାର ଖାଉଟୀ ସାମଗ୍ରୀ ବିକ୍ରୟ କରାଯାଇଛି। ଏହା ବ୍ୟତୀତ ବୈଷୟିକ ଜ୍ଞାନ ପ୍ରୟୋଗ ତଥା ସମ୍ପ୍ରସାରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଉନ୍ନତ ବିହନ ଓ ସାର ଯୋଗାଣ ନିମନ୍ତେ ଦୁର୍ଗମ ଅଞ୍ଚଳରେ ବହୁ ସଂଖ୍ୟକ ବିକ୍ରୟ କେନ୍ଦ୍ର ଖୋଲାଯାଇଛି। କୃଷି ତଥା କୃଷକ, ଉଭୟର ଉନ୍ନତି ନିମନ୍ତେ ଆମ ସରକାର ଏକ ନୂତନ କୃଷିନୀତି ପ୍ରଣୟନ କରୁଛନ୍ତି। ଏହା ବ୍ୟତୀତ କୃଷି ଋଣ ମଧ୍ୟ ଆବଶ୍ୟକତା ଅନୁଯାୟୀ କୃଷୀମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ବ୍ଲକରେ ୨ଟି କରି ହିସାବରେ ସମୁଦାୟ ୬୨୮ଟି ବିଭାଗୀୟ ବିକ୍ରୟ କେନ୍ଦ୍ର ଖୋଲା ଯାଇଛି। ଏଠାରେ କୃଷୀମାନଙ୍କୁ ରିହାତି ଦରରେ ବିହନ ସାର ଇତ୍ୟାଦି ଯୋଗାଇ ଦିଆଯାଇଥାଏ। ଏହି ବ୍ୟବସ୍ଥା ଅନୁସାରେ ଗତ ଖରିଫ୍ ଋତୁରେ ୬୧ ହଜାର ୫ ଶହ କ୍ୟୁଣ୍ଟାଲ୍ ଧାନ ବିହନ, ୯ ଶହ ୩୫ କ୍ୟୁଣ୍ଟାଲ୍ ଅନ୍ୟାନ୍ୟ ଶସ୍ୟ ଜାତୀୟ ବିହନ, ୫ ହଜାର ୫ ଶହ ଡାଲିଜାତୀୟ ବିହନ, ୨୦ ହଜାର ୪ ଶହ ୪୦ କ୍ୟୁଣ୍ଟାଲ୍ ତୈଳବୀଜ, ୧ ହଜାର ୯୧ କ୍ୟୁଣ୍ଟାଲ୍ ଝୋଟ ବିହନ, ୨ ଶହ ୯୯ କ୍ୟୁଣ୍ଟାଲ୍ ତୁଳା ବିହନ ଓ ୫ ଶହ ୫୦ କ୍ୟୁଣ୍ଟାଲ୍ ଧନିଆ ବିହନ କୃଷୀମାନଙ୍କୁ ଯୋଗାଇ ଦିଆଯାଇଛି। ଗତ ବର୍ଷ ଅପେକ୍ଷା ଶତକଡ଼ା ୫୬ ଭାଗ ଅଧିକ ଅର୍ଥାତ୍ ୧ ଲକ୍ଷ ୨୦ ହଜାର ମେଟ୍ରିକ୍‌ଟନ୍ ସାର କୃଷୀମାନଙ୍କୁ ଯୋଗାଇ ଦିଆଯାଇଛି। ଗତବର୍ଷ ଅପେକ୍ଷା ଶତକଡ଼ା ୫୬ ଭାଗ ଅଧିକ।

କୃଷିର ଉନ୍ନତି ନିମନ୍ତେ ମୃତ୍ତିକା ସଂରକ୍ଷଣ ଅପରିହାର୍ଯ୍ୟ। କୃଷିର ଉନ୍ନତି କରିବାକୁ ଅଧିକ ଉତ୍ପାଦନ ବୃଦ୍ଧି କରିବାକୁ ହେଲେ ମୃତ୍ତିକା ପ୍ରତି ସଚେତନ ହେବା ଅତ୍ୟନ୍ତ ଜରୁରୀ। ଚଳିତ ବର୍ଷ ଯୋଜନା ବଜେଟରେ ଏଥିପାଇଁ ୫ କୋଟି ୩୩ ଲକ୍ଷ ଟଙ୍କା ବରାଦ କରାଯାଇଛି। ରାଜ୍ୟରେ ଥିବା ୪୯ଟି ଛୋଟ ଛୋଟ ଜଳ ପ୍ରକଳ୍ପର ବିକାଶ ନିମନ୍ତେ ଏହି ଅର୍ଥ ବିନିଯୋଗ କରାଯିବ। ଏହା ବ୍ୟତୀତ ରାଜ୍ୟର ବ୍ୟାପକ ଅଞ୍ଚଳରେ ଫଳଚାଷ ନିମନ୍ତେ ଚଳିତ ବର୍ଷ ବଜେଟ୍‌ରେ ୫ କୋଟି ୫୩ ଲକ୍ଷ ଟଙ୍କାର ବ୍ୟୟବରାଦ ବ୍ୟବସ୍ଥା ହୋଇଛି। ରାଜ୍ୟରେ ଫଳର ଚାହିଦା ପୂରଣ ହେବା ସଙ୍ଗେ ସଙ୍ଗେ କୃଷୀମାନଙ୍କର ଆର୍ଥିକ ଉନ୍ନତି ଉଦ୍ଦେଶ୍ୟରେ ଚଳିତ ବର୍ଷ ୨,୦୦୦ ହେକ୍ଟର ଜମିରେ କଦଳୀ ଚାଷ ପାଇଁ ଲକ୍ଷ୍ୟ ରଖା ଯାଇଛି। ଏହା ବ୍ୟତୀତ କୃଷୀମାନଙ୍କୁ ୧୫ ଲକ୍ଷ କଦଳୀ ଗଛ ପୁଆ ୨ ଲକ୍ଷ ୫୬ ହଜାର ଅନ୍ୟାନ୍ୟ ଫଳଗଛ ଚାରା ଯୋଗାଇ ଦିଆଯାଇଛି। ଗଞ୍ଜାମ ଏବଂ ଫୁଲବାଣୀ ଜିଲ୍ଲାର ଅଣଜଳସେଚିତ ଜମିରେ ବିଶ୍ୱ ବ୍ୟାଙ୍କ ସହାୟତାରେ ୫ କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗ କରି ଏକ ସମନ୍ୱିତ 'ଜଳ ଉନ୍ନୟନ ପ୍ରକଳ୍ପ' କାର୍ଯ୍ୟକାରୀ କରାଯାଉଛି। ଗତ ମାର୍ଚ୍ଚ ମାସରେ ୱାସିଂଟନ୍‌ଠାରେ ଏଥିପାଇଁ ଚୁକ୍ତି ପତ୍ର ସ୍ୱାକ୍ଷରିତ ହୋଇ ସାରିଛି। କୃଷିଜାତ ଦ୍ରବ୍ୟଗୁଡ଼ିକର ସହାୟକ ମୂଲ୍ୟବୃଦ୍ଧି ଦିଗରେ ଏ ସରକାର

ଅଧିକ ସ୍ୱଚ୍ଛଳ ହେଉଛନ୍ତି । ତେଣୁ ଏହା ଗରିବ ଚାଷୀମାନଙ୍କର ଅର୍ଥନୈତିକ ବିକାଶ ଦିଗରେ ଅଧିକ ସହାୟକ ହୋଇ ପାରିଛି ।

କୃଷକ, ଗ୍ରାମ୍ୟ କାରିଗର ଓ ଭୂମିହୀନ ଶ୍ରମିକମାନଙ୍କୁ ୧୯୮୯ ଅକ୍ଟୋବର ୨ ପୂର୍ବରୁ ନେଇଥିବା ବିଭିନ୍ନ ସମବାୟ ତଥା ଜାତୀୟକରଣ ବ୍ୟାଙ୍କରୁ '୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼' କରାଯିବାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ଲକ୍ଷ୍ୟ ନେଇ ସରକାର ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରି ସାରିଛନ୍ତି । ଏଥି ନିମନ୍ତେ ଚଳିତ ବର୍ଷ ବଜେଟ୍‌ରେ ଆବଶ୍ୟକୀୟ ଅର୍ଥ ମଞ୍ଜୁର ବ୍ୟବସ୍ଥା କରାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ନୀତି ନିୟମ ଅନୁସାରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଋଣଛାଡ଼ ସ୍ତରରେ ନୀତିଗତ ଭାବରେ ନିମ୍ନଲିଖିତ କ୍ଷେତ୍ରରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣଛାଡ଼ ନିଷ୍ପତ୍ତି ନେଲେ ।

(୧) ୧୯୮୬ ଅକ୍ଟୋବର ୨ ତାରିଖ ପୂର୍ବରୁ ଚାଷୀମାନଙ୍କ ଉପରେ ଥିବା ଖିଲାପି ଋଣ ।

(୨) ୧୯୮୬ ଅକ୍ଟୋବର ୨ ତାରିଖ ଓ ୧୯୮୯ ଅକ୍ଟୋବର ୨ ତାରିଖ ମଧ୍ୟରେ ଅନ୍ୟୁନ ୨ ବର୍ଷ ପାଇଁ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶତକଡ଼ା ୫୦ ଭାଗ ଫସଲ ହାନୀ ହୋଇଥିବା ଚାଷୀଙ୍କର ଖିଲାପି ଋଣ ।

(୩) ୧୯୮୯ ଅକ୍ଟୋବର ୨ ତାରିଖ ସୁଦ୍ଧା ହୋଇଯାଇଥିବା ମୃତ ବ୍ୟକ୍ତିଙ୍କର ଋଣ ।

(୪) ୧୯୮୯ ଅକ୍ଟୋବର ୨ ତାରିଖ ମଧ୍ୟରେ ଦେବାଳିଆ ହୋଇଥିବା ଅଥବା ସେଥିପାଇଁ ମକଦ୍ଦମା ଦାୟର ହୋଇଥିବା ଲୋକଙ୍କର ଋଣ ।

(୫) ଋଣରୁ ସୃଷ୍ଟି ହୋଇଥିବା ସମ୍ପତ୍ତିକୁ ସମ୍ପୂର୍ଣ୍ଣରୂପେ ହରାଇ ଥିବା ଗ୍ରାମ୍ୟ କାରିଗରଙ୍କର ଖିଲାପ ଋଣ ।

ଖିଲାପି ହୋଇଥିବା ଋଣର ପରିମାଣ ୧୦ ହଜାର ଟଙ୍କାରୁ ଅଧିକ ହୋଇଥିଲେ ସେହି ବ୍ୟକ୍ତି ୧୦ ହଜାର ଟଙ୍କା ସରକାରଙ୍କ ଠାରୁ ଛାଡ଼ ପାଇବେ । ୧୦ ହଜାର ଟଙ୍କା ଛାଡ଼ ହେବା ପରେ ସେହି ବ୍ୟକ୍ତିଙ୍କ ଉପରେ ଯାହାବାକି ଟଙ୍କା ରହିବ ସେ ସମସ୍ତ ଟଙ୍କା ସୁଧ ସହିତ ସେ ବ୍ୟକ୍ତି ଜମା ଦେଲେ ତାଙ୍କର ଋଣର ହିସାବ ପରିଷ୍କାର ହେବ ବୋଲି ସ୍ଥିର କରାଯାଇଛି ।

ଏହା ବ୍ୟତୀତ ସରକାର ଆଉ ଏକ ବୈପ୍ଳବିକ ନିଷ୍ପତ୍ତି ନେଇ ସ୍ଥିର କଲେ ଯେ ୧୯୮୬ ଏପ୍ରିଲ୍ ପହିଲା ଠାରୁ ୧୯୮୯ ଅକ୍ଟୋବର ୨ ତାରିଖ ମଧ୍ୟରେ ଯେଉଁ ଚାଷୀ ଓ ଭୂମିହୀନ କୃଷକମାନଙ୍କର ଯଦି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅନ୍ତତଃ ବର୍ଷକର ଫସଲହାନୀ ହୋଇଥିବ ସେମାନଙ୍କୁ ବାକିଥିବା ଋଣରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଛାଡ଼ କରି ଦିଆଯିବ ।

ପ୍ରଥମ ପର୍ଯ୍ୟାୟର ନିଷ୍ପତ୍ତି ଅନୁସାରେ ବର୍ତ୍ତମାନ ସୁଦ୍ଧା ବ୍ୟବସାୟିକ ବ୍ୟାଙ୍କମାନେ ୮ ଲକ୍ଷ ୯୯ ହଜାର ଜଣଙ୍କୁ ୨ ଶହ ୧ କୋଟି ୪୧ ଲକ୍ଷ ଟଙ୍କା ଏବଂ ସମବାୟ ବ୍ୟାଙ୍କମାନେ ୧୨ ଲକ୍ଷ ୩୩ ହଜାର ଚାଷୀଙ୍କୁ ୧ ଶହ ୯୨ କୋଟି ୫୦ ଲକ୍ଷ ଟଙ୍କାର ଋଣ ଛାଡ଼ କରିଛନ୍ତି । ତେଣୁ ଏହି ଯୋଜନା ଅନୁସାରେ ଗ୍ରାମ ଗୁଡ଼ିକରେ ବାସ କରୁଥିବା ୨୦ ଲକ୍ଷ ୨ ହଜାର ଗରିବ ଚାଷୀ ଓ ଗ୍ରାମ୍ୟ କାରିଗରମାନଙ୍କର ପରିବାର ଉପକୃତ ହୋଇଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ୧ ଲକ୍ଷ ୭୮ ହଜାର ଭୂମିହୀନ କୃଷକଙ୍କୁ ଋଣଛାଡ଼ କରିବାର ଯୋଜନା ରଖିଛନ୍ତି । ହିସାବରୁ ଜଣା ଯାଉଛି ଏହା ଦ୍ୱାରା ସରକାରଙ୍କୁ ମୋଟ ୩୮ କୋଟି ଟଙ୍କା ବହନ କରିବା ପାଇଁ ପଡ଼ିବ । ଏହା ବ୍ୟତୀତ ଚଳିତ ବର୍ଷ ଜୁନ୍ ମାସ ମଧ୍ୟରେ ବିଭିନ୍ନ ସମବାୟ ବ୍ୟାଙ୍କ୍ ପକ୍ଷରୁ ଚାଷୀମାନଙ୍କୁ ସ୍ୱଳ୍ପ ମିଆଦୀ, ମଧ୍ୟମ ମିଆଦୀ ଓ ଦୀର୍ଘ ମିଆଦୀ ଋଣ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ହିସାବରୁ ଦେଖାଯାଇଛି ବର୍ତ୍ତମାନ ସୁଦ୍ଧା ୯୩ ଲକ୍ଷ ୫୬ ହଜାର ଟଙ୍କା ସ୍ୱଳ୍ପ ମିଆଦୀ ଋଣ, ୧୬ ଲକ୍ଷ ଟଙ୍କା ମଧ୍ୟମ ମିଆଦୀ ଋଣ, ୨୬ ଲକ୍ଷ ଟଙ୍କା ଦୀର୍ଘ ମିଆଦୀ ଋଣ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି । ସମବାୟ ଭଣ୍ଡାର ମାଧ୍ୟମରେ ବହୁ ଚାଷୀ ଉପକୃତ ହୋଇ ପାରିଛନ୍ତି ।

ଗରିବ ଚାଷୀ ଭୂମିହୀନ କୃଷକ ଓ ଗ୍ରାମ୍ୟ କାରିଗରମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସରକାରଙ୍କର ଏହି ଯୁଗାନ୍ତକାରୀ ନିଷ୍ପତ୍ତି ଫଳରେ ସେମାନଙ୍କର ଦୈନନ୍ଦିନ ଜୀବନଯାତ୍ରା ସୁଖମୟ ହୋଇ ପାରିଛି । ଏହାଛଡ଼ା ଗ୍ରାମ୍ୟ ଅର୍ଥନୀତିର ବିକାଶ ଦିଗରେ ମଧ୍ୟ ସରକାରଙ୍କର ଏହି ଋଣ ଛାଡ଼ ଯୋଜନା ବିଶେଷ ସହାୟକ ହୋଇ ପାରିଛି ।

ସର୍ବନିମ୍ନ ମଜୁରି ବୃଦ୍ଧି ଏହି ସରକାରଙ୍କର ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ । ଗତ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ନିମନ୍ତେ ଗସ୍ତ ସମୟରେ ବିଜୁବାବୁଙ୍କର ବଲାଙ୍ଗୀର ଜିଲ୍ଲାର ଏକ କ୍ଷୁଦ୍ର ଗ୍ରାମରେ ସାକ୍ଷାତ ହୁଏ ଜଣେ ବୁଢ଼ୀ ସହିତ । ରାଜନୀତି ଠାରୁ ବହୁ ଦୂରରେ ଥିବା ଅଶିକ୍ଷିତା ଏହି ବୁଢ଼ୀ ଜଣଙ୍କ ଖଟିଖିଆ ମୂଲିଆ ପରିବାରର । ସେ ଯଦି ମୁଖ୍ୟମନ୍ତ୍ରୀ ହୁଅନ୍ତା ତେବେ ରାଜ୍ୟ ପାଇଁ କ'ଣ ପ୍ରଥମେ କରନ୍ତା ? ଶ୍ରୀ ପଟ୍ଟନାୟକଙ୍କ ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବୁଢ଼ୀଜଣଙ୍କ କହିଥିଲା ଜଣେ ଖଟିଖିଆ ଦିନ ମଜୁରିଆ ଅତି କମ୍‌ରେ ଦିନକୁ ୨୫ ଟଙ୍କା ଯେପରି ରୋଜଗାର କରି ପାରିବ ଏହାର ବ୍ୟବସ୍ଥା କରନ୍ତା । ବୁଢ଼ୀ ଜଣଙ୍କର ଗରିବ ଖଟିଖିଆଙ୍କ ପ୍ରତିଥିବା ସମ୍ବେଦନଶୀଳ ମନୋବୃତ୍ତି ବିଜୁବାବୁଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ରାଜ୍ୟରେ ଥିବା ଖଟିଖିଆ ଦିନ ମଜୁରିଆଙ୍କ ଏହି ଦୈନନ୍ଦିନ' ସମସ୍ୟାକୁ ସେ ହୃଦୟଙ୍ଗମ କରି ପାରିଥିଲେ । ନିର୍ବାଚନରେ ବିଜୟ ଲାଭ କରିବା ପରେ ସେ ବିଧାନ ସଭାରେ ପ୍ରଥମେ ସର୍ବନିମ୍ନ ମଜୁରି ୧୧ ଟଙ୍କାରୁ ୨୫ ଟଙ୍କାକୁ ବଢ଼ାଇବାର ନିଷ୍ପତ୍ତି ଘୋଷଣା କଲେ । ମୁଣ୍ଡ ଝାଳ ତୁଣ୍ଡରେ ମାରି ଦିନ ସାରା ହାଡ଼ଭଙ୍ଗା ପରିଶ୍ରମ କରି ଯେଉଁ ଖଟିଖିଆ ମଜୁରିଆମାନେ ଦେଶ ଗଠନ ତଥା ଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଅହରହ ସଂଗ୍ରାମ କରି ଚାଲିଛନ୍ତି ସେମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ନହେଲେ ରାଜ୍ୟର ସାମୁହିକ ଉନ୍ନତି ହେବା ସମ୍ଭବ ହେବନାହିଁ ଜଣେ

ମଜୁରିଆ ବର୍ଷକ ୩୬୫ ଦିନ ନୁଏତ କାମ ପାଇ ନପାରେ । ଏହା ବ୍ୟତୀତ ପ୍ରତି ଆର୍ଥିକ ବର୍ଷରେ ଖାଉଟୀ ମୂଲ୍ୟସୂଚୀ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ବର୍ଷକୁ ଦୁଇଥର ବର୍ଦ୍ଧିତ ମହଙ୍ଗାଭତ୍ତା ପାଉଥିବା ବେଳେ ସେମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିବା ଅତ୍ୟନ୍ତ ପରିତାପର ବିଷୟ । ରାଜ୍ୟର ଅର୍ଥନୈତିକ ବିକାଶ ହେବା ସହିତ ସେମାନଙ୍କର ପରିବାରର ଗୁଜୁରାଣ ମେଣ୍ଟାଇବାର ଆବଶ୍ୟକତା ପ୍ରତି ଆଖିବୁଜି ଦେଇ ହେବନି । ଦିନ ମଜୁରିଆଟିଏ ତାର ପିଲାମାନଙ୍କୁ ଦୁଇଓଳି ମୁଠାଏ ଖାଇବାକୁ ଦେବା ଏବଂ ଖଣ୍ଡେ ପିନ୍ଧିବାକୁ ଦେବା ଏକ ଜନପ୍ରିୟ ସରକାରର ଦାୟିତ୍ୱ । ମଜୁରି ପାଇବା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳା ଶ୍ରମିକମାନଙ୍କ ମଧ୍ୟରେ ଥିବା ତାରତମ୍ୟକୁ ଏ ସରକାର ଉଠାଇ ଦେଇଛନ୍ତି । ଜଣେ ପ୍ରାପ୍ତ ବୟସ୍କ ଶ୍ରମିକ ବା ଜଣେ ପ୍ରାପ୍ତ ବୟସ୍କା ମହିଳା ଶ୍ରମିକ ଦିନକୁ ୮ ଘଣ୍ଟା ଶ୍ରମ କରିବେ ଏବଂ ଅଧଘଣ୍ଟା ବିଶ୍ରାମ ପାଇବେ । ସପ୍ତାହ ସାରା କାମ କରିଥିଲେ ସପ୍ତାହର ଶେଷ ଦିନଟି ଘରେ ରହି ମଧ୍ୟ ମଜୁରି ପାଇବା ପାଇଁ ହକଦାର ହେବେ । ଏହି ସର୍ବ ନିମ୍ନ ମଜୁରି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଶ୍ରମ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କୁ ସରକାରଙ୍କ ତରଫରୁ କଡ଼ାକଡ଼ି ଭାବେ ନିର୍ଦ୍ଦେଶ ଦିଆଯାଇଛି । ଦୈନିକ ୨୫ ଟଙ୍କା ବର୍ଦ୍ଧିତ ମଜୁରି ଲାଗୁ କରାଯିବା ସଙ୍ଗେ ସଙ୍ଗେ ମଜୁରିଆମାନଙ୍କୁ ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତିକୁଶଳୀ ଭାବରେ ଏହିପରି ୩ ଭାଗରେ ଭାଗ କରାଯାଇଛି । ସେମାନଙ୍କର ମଜୁରି ମଧ୍ୟ ଯଥାକ୍ରମେ ୩୦,୩୫,୪୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

ଅସହାୟ, ଅନାଥ, ଶାରୀରିକ ଅକ୍ଷମମାନଙ୍କ ପାଇଁ ଭତ୍ତା ବୃଦ୍ଧି କରି ଏ ସରକାର ଦୀନ ଦରିଦ୍ରର ସରକାର ଭାବରେ ପରିଚିତ ହୋଇ ପାରିଛନ୍ତି । କ୍ଷମତାସୀନ ସରକାରଙ୍କ ସାହାଯ୍ୟ ବ୍ୟତୀତ ସାଧାରଣ ବ୍ୟକ୍ତି ବିଶେଷ ପକ୍ଷରେ ଏମାନଙ୍କର ଅବସ୍ଥାର ପରିବର୍ତ୍ତନ ଘଟାଇବା ସହଜସାଧ୍ୟ ନୁହେଁ । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଗରିବ ରାଜ୍ୟ । ଏ ରାଜ୍ୟରେ ବହୁ ଅସହାୟ ଲୋକ ରହିଛନ୍ତି । ସାହା ଭରସା ହୀନ ବୁଢ଼ା ବୁଢ଼ୀ ନିର୍ଯ୍ୟାତିତା ମହିଳା ଅନ୍ୟର ଦୟା ଉପରେ ନିର୍ଭରଶୀଳ ଶାରୀରିକ ବିକଳାଙ୍ଗ ଲୋକ, ଅନାଥ ଶିଶୁ ସାରା ଜୀବନ ଖଟି ଖାଉଥିବା ବ୍ୟକ୍ତିଙ୍କର ଅତିକ୍ରାନ୍ତ ବୟସରେ ପହଞ୍ଚି ଥିବା ଯୋଗୁଁ କାମ କରି ନ ପାରି ନିଃସ୍ୱ ଅସହାୟ ଅବସ୍ଥାରେ ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ ତଥା ଭୂମିହୀନ କୃଷି ଶ୍ରମିକମାନେ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ବର୍ତ୍ତମାନର ସରକାର ଗତ ୧୯୯୦ ମସିହା ମାର୍ଚ୍ଚ ମାସ ୫ ତାରିଖରେ ଶାସନ ଦାୟିତ୍ୱ ହାତକୁ ନେବା ପରେ ସମାଜରେ ମୁଷ୍ଟିମେୟ ଧନଶାଳୀ ବା ଥିଲାବାଲା ଲୋକଙ୍କ ଅପେକ୍ଷା ସଂଖ୍ୟାଧିକ ନଥିଲା ବାଲା ଲୋକଙ୍କର କଲ୍ୟାଣ ସାଧନ ପାଇଁ ଅଧିକ ଯତ୍ନଶୀଳ ହୋଇ ପାରିଛନ୍ତି । ପୂର୍ବରୁ ୬୫ ବର୍ଷରୁ ଅଧିକ ବୟସ ହୋଇଥିବା ବୁଢ଼ା ବୁଢ଼ୀଙ୍କୁ ବାର୍ଦ୍ଧକ୍ୟ ଭତ୍ତାଭାବରେ ମାସକୁ ୬୦ ଟଙ୍କା ଦିଆଯାଉଥିଲା । ଏ ସରକାର ଏହାକୁ ୬୦ରୁ ୧୦୦ କୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ୮୦ ହଜାର ବୃଦ୍ଧ ବୃଦ୍ଧାଙ୍କୁ ଏହି ଭତ୍ତା ଦେବାର ନିଷ୍ପତ୍ତି ଗ୍ରହଣ କଲେ । ପୂର୍ବରୁ ଏମାନଙ୍କର ଏହି ଭତ୍ତା ନିମନ୍ତେ ନିଷ୍ପତ୍ତି ନିଆ ଯାଇଥିଲେ ମଧ୍ୟ ଗତ ବଜେଟ୍‌ରେ କୌଣସି ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା ନଥିଲା । ବର୍ତ୍ତମାନର ସରକାର ଏହି ଭତ୍ତାର ଆବଶ୍ୟକତା ତଥା ଗୁରୁତ୍ୱ ଉପଲବ୍ଧି କରି ଚଳିତ ବଜେଟ୍‌ରେ ଆବଶ୍ୟକ ପରିମାଣର ଅର୍ଥର ବ୍ୟବସ୍ଥା କଲେ ।

ସମାଜରେ ନିର୍ଯ୍ୟାତିତା, ଅବହେଳିତା ଓ ନିରାଶ୍ରୟ ବିଧବାମାନଙ୍କର ମାସିକ ଭତ୍ତା ୬୦ ଟଙ୍କାରୁ ୧୦୦ ଟଙ୍କାକୁ ବୃଦ୍ଧି କରି ଦିଆଗଲା । ଯେହେତୁ ଖୁବ୍ କମ୍ ବୟସ୍କା ସ୍ତ୍ରୀମାନେ ବିବାହ ପରେ ବିଧବା ହୋଇ ଯାଉଥିବା ଦୃଷ୍ଟିରୁ ଏହି 'ବିଧବା ଭତ୍ତା' ନିମନ୍ତେ ପୂର୍ବରୁ ନିର୍ଦ୍ଧାରିତ ଥିବା ବୟସ ସୀମା ଉଠାଇ ଦିଆଯାଇଛି । ବୟସ ନିର୍ବିଶେଷରେ ୧ ଲକ୍ଷ ବିଧବାଙ୍କୁ ଏହି ବର୍ଦ୍ଧିତ ଭତ୍ତା ଯୋଗାଇ ଦିଆଯାଇଛି ।

ସମାଜରେ ଥିବା ବହୁ ଅସହାୟ ଦୃଷ୍ଟିହୀନ, ଅନ୍ୟର ଦୟା ଉପରେ ନିର୍ଭର କରୁଥିବା ଶାରୀରିକ ବିକଳାଙ୍ଗ ଲୋକମାନଙ୍କୁ ଭତ୍ତା ୬୦ରୁ ୧୦୦ ଟଙ୍କାକୁ ବୃଦ୍ଧି କରାଯିବା ସହିତ ୨୦ ହଜାର ଲୋକଙ୍କୁ ଏହି ଭତ୍ତା ଦେବାର ନିଷ୍ପତ୍ତି ନିଆଗଲା ।

କ୍ଷୁଦ୍ର ଚାଷୀ ଓ ଭୂମିହୀନ କୃଷି ଶ୍ରମିକମାନଙ୍କ ପାଇଁ ପୂର୍ବରୁ କୌଣସି ଭତ୍ତା ବ୍ୟବସ୍ଥା ନଥିଲା । ପରଘରେ ବିଲବାଡ଼ିରେ ସାରା ଜୀବନ ଖାଁ ଖାଁ ବୁଲି ଖଟି ଖାଉଥିବା ଶ୍ରମିକ ବୟସ ଗଡ଼ିଯିବା ପରେ କାମ କରି ନ ପାରି ନିଃସ୍ୱ ଅବସ୍ଥାରେ ଶେଷ ଜୀବନରେ ଘୋର ହତାଶରେ ଦିନ କାଟିବା ଛଡ଼ା ଅନ୍ୟ ଉପାୟ ନଥିଲା । ବୃଦ୍ଧ ଏପରି ଦୟନୀୟ ଅବସ୍ଥାରେ ସେମାନଙ୍କର ଶେଷ ଜୀବନ କଟୁଥିଲା । ସେମାନଙ୍କର ଏହି ଦୁରାବସ୍ଥାକୁ ଅନୁଭବ କରି ଜନ ଲୋକପ୍ରିୟ ସରକାର ସେମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଏକ ନୂତନ ଯୋଜନା ପ୍ରଣୟନ କଲେ । ଏହା ଫଳରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଏପରି ଲୋକମାନଙ୍କୁ ଯାହାଙ୍କର ବାର୍ଷିକ ଆୟ ୨ ହଜାର ୨ ଶହ ୬୫ ଟଙ୍କାରୁ କମ୍ ସେମାନଙ୍କୁ ମାସିକ ୧୦୦ ଟଙ୍କା ଲେଖାଏଁ ମାସିକ ଭତ୍ତା ଦିଆଯିବାର ବ୍ୟବସ୍ଥା ହୋଇଛି ।

ରାଜ୍ୟରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରିଚାଳିତ ୭୪ଟି ଅନାଥ ଆଶ୍ରମର ୫ ହଜାର ଅନ୍ତେବାସୀଙ୍କ ଜଣ ପିଛା ମାସକୁ ଅନୁଦାନ ୧୪୫ ଟଙ୍କାରୁ ୨୩୯ ଟଙ୍କାକୁ ବଢ଼ାଇବାର ନିଷ୍ପତ୍ତି ମଧ୍ୟ ଏ ସରକାର ନେଇଛନ୍ତି ।

ମୋଟାମୋଟି ଭାବରେ ସରକାରଙ୍କର ଏହି ବୈପ୍ଳବିକ ଚିନ୍ତାଧାରା ଓ ଐତିହାସିକ ପଦକ୍ଷେପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ବିଶେଷ ଫଳପ୍ରଦ ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ଜନସାଧାରଣଙ୍କର ଅଧିକ ଆସ୍ଥାଭାଜନ ହୋଇପାରିଛନ୍ତି ।

କ୍ୱାଟର ନଂ ୨ ଆର୍. ଏ:-୧୦୯,
ରୋଡ଼ ନଂ—୫, ୟୁନିଟ୍—୯,
ଭୁବନେଶ୍ୱର ।

# ଓଡ଼ିଶା

● ବିଜୟିନୀ ଦାସ

ଓତେ ଯିଏ ଯୋଉ ନାଁରେ ଡାକୁ
ଯୋଉ ରତ୍ନରେ ମଣ୍ଡି ଦେଉ ତୋ'ର ସର୍ବାଙ୍ଗ
ମୁଁ କିନ୍ତୁ ଜଣେ ଗୋଟିଏ ନାଁରେ ଜାଣେ
ଗୋଟିଏ ରତ୍ନରେ ଚିହ୍ନେ
ସେ ନାଁଟି "ମା"
ସେ ରତ୍ନଟି ଶରତ
ସ୍ନେହରେ/ଶ୍ୟାମଳିମାରେ ଯିଏ ଢାକି ରଖିଛି ଆଦିଗନ୍ତ ।

କୋଲ୍ଲୁଆଁ ଫୁଲର ବାସ୍ନାରେ
ଆମ୍ବ ପଣସର ମହକରେ
ଶିଶିର ଧୁଆ ଧାନ କେଣ୍ଡାରେ
"ଧନ ଅର୍ଜିଲେ ଧର୍ମ କରି" ବା'ର ଲହରରେ —
ତୁ ତ ଐଶ୍ୱର୍ଯ୍ୟମୟୀ ମା' !

ଓଡ଼ିଶା ! ମା' ମୋର
ତୁ କେବେ ଏ ଦେଶର ମାନଚିତ୍ରରେ
ଠିଆ ହେଉ ସର୍ବୋଚ୍ଚ ଠାଣିରେ
ଶସ୍ୟମୟୀ ଭାବେ ତ
କେବେ ଦୀନା ହୀନା ଅସ୍ଥିତା ଭାବରେ ।

ତୁ ସଙ୍କୁଚିତରେ ଠିଆ ହେଉ ମା'
ଅପାରଗ ସନ୍ତାନର ଜନନୀ ବୋଲି
ତୁ ନତ ମୁଖେ ଦରବାରରେ ବସୁ ମା'
ତୋ' ସନ୍ତାନ କାଲି ମାଟିରେ/ଆସାମରେ/ଶ୍ରୀନଗରରେ
କୁଲିଟାଏ ବୋଲି
ତୋ' ଧାଙ୍ଗଡ଼ିମାନଙ୍କୁ ନେଇ
ଆରବ୍ୟ ରଜନୀ ରଙ୍ଗୀନ ହୁଏ ବୋଲି ।

ମା' ! ସବୁ ଅନ୍ତ ହୋଇଗଲା ପରେ ବି
ଅବଶିଷ୍ଟ କିଛି ରହିଯାଏ
ସବୁ ଦ୍ୱାର ରୁଦ୍ଧ ହୋଇଗଲେ
କାହିଁ କେଉଁଠି ବି ଦ୍ୱାରଟିଏ ଆପେ ଖୋଲିଯାଏ
କର୍ପୁରର ବାସ୍ନା ଟିକେ —
କନାକୁ ବି ମହକିତ କରେ ।

ମଥା ଟେକି ଚାହିଁ ମା'
ଏଇ ଦେଖ୍ ନୀଳ ଆକାଶର ବକ୍ଷ ଚିରି
କେମିତି ଉଡୁଛି ତୋ' ବଡ଼ ଠାକୁରର
ଅଭୁତୋ ଭୟ ବାନା ପ୍ରତିଶ୍ରୁତିର/ମୁକ୍ତିର/ନିର୍ବାଣର

ପୃଥିବୀରେ ଏମିତି ଦିଅଁ କାହାର ଅଛି ?
ଯିଏ ଦାସିଆ ବାଉରୀ ହାତରୁ ନଡ଼ିଆ ନିଏ
ଦହି ବଦଳରେ ମାଣିକକୁ ରତ୍ନ ମୁଦି ଯାଚି ଦିଏ
ମାଟିରେ/ ପବନରେ/ଆକାଶରେ,
ଜୀବନରେ/ଆଶାରେ —
ତା'ର ଅକାତ କରୁଣାର କଣା ବୁଣି ଦେଇଥାଏ ।

ଦେଖ୍ ମା' —
ଭଗ୍ନ କୋଣାର୍କର ସ୍ତୂପରୁ
ଉଠି ଆସିଛି ଶାଳଭଞ୍ଜିକା
ସେ "ସଂଯୁକ୍ତା" ହେଉ କି "ସୋନାଲ" ହେଉ
ଚଳମାନ କୋଣାର୍କ କିଏ —
ଥାପି ପାରିଲାଣି ଦିଗ୍ ବିଦିଗରେ —
ସାରା ବିଶ୍ୱରେ ।

ମଥା ଟେକି ଚାହିଁ ମା'
କଳାହାଣ୍ଡିର ଆକାଶରେ
ଘେରି ଆସିଲାଣି କଳାହାଣ୍ଡିଆ ମେଘ
ବାଲିଆପାଳ ଠିଆ ହେଲାଣି —
ତୋ'ର ଦୁର୍ଗ ରକ୍ଷି ହାତରେ —
ପାରାଦ୍ୱୀପୁ ତୋ' ବୋଇତ ଯାଇ —
ଲାଗିଲାଣି ସିଂହଳ ଦ୍ୱୀପରେ —
ଜାଭା, ସୁମାତ୍ରାରେ ।

ଏମିତି ଐଶ୍ୱର୍ଯ୍ୟମୟୀ କିଏ ଅଛି ତୋ'ପରି
ଏ ବିଶ୍ୱରେ ? ସୋଦର ପଣରେ ?
ସିନ୍ଦୁର ଧାରେ ବୋଳିଦେଲେ ଯେଉଁଠି
ପଥର ଖଣ୍ଡେ ବି ପାଲଟିଯାଏ ଠାକୁର
ପରମ ବିଶ୍ୱାସରେ ।

ପାଦ ମା'ର ଧୋଇଦିଏ ନିତି
ମହୋଦଧି, ମହାନଦୀ,
ଲୋଟି ପଡୁଥିବା ଶ୍ୟାମଳ ଧାନର ପଣତରୁ
ଫିଟି ପଡୁଥାଏ ବଞ୍ଚିବାର ମହୌଷଧି
ଚଣ୍ଡାଶୋକ ବି ଧର୍ମାଶୋକ ହୁଏ,
କି ଦୁଃଖରେ ?

କେଉଁ ଅଭାବ ବୋଧରେ
ପଣତ ଭିଡାଇ ଆଜି ସେ ମା'ର କାନ୍ଦେ ?
ଓଡ଼ିଶା: ରାଜ ରାଜେଶ୍ୱରୀ ମା' ମୋର
ଅନିନ୍ଦିତା, ଅନ୍ନପୂର୍ଣ୍ଣା ମୋର:
ଯେଉଁ ରୂପେ ହେଉ ବରଂ
ତୋ' କୋଳରେ ଜନ୍ମ ମୁଁ ନେଉଥିବି
ବାରମ୍ବାର, ସହସ୍ରବାର ।

ଜୀବନ ରଙ୍ଗ,
ହୋନି ରୋଡ଼, କଟକ-୨ ।

# ମୋ ବେଳର କଟକ ଓ ମୁଁ

● ପ୍ରଫେସର ଡକ୍ଟର ଗୌରାଙ୍ଗ ଚରଣ ନାୟକ

ମୋ ଜନ୍ମ ଏଇ କଟକରେ, ମହାନଦୀ ଆଉ ତା'ର ଶାଖା ନଦୀ କାଠଯୋଡ଼ି । ଏହି ଉଭୟ ନଦୀର ମଧ୍ୟଭାଗ ଏକ କ୍ଷୁଦ୍ର ଭୂଖଣ୍ଡରେ । ଏହା ଅବଶ୍ୟ ମୋ ମତରେ ଏକ ଆକସ୍ମିକ ଘଟଣା । ଜଣେ କେଉଁଠି ଜନ୍ମ ହେଲା ବା ହେବ ଏହା କୌଣସି ବିଧି ନିୟମ ଦ୍ୱାରା ସୁନିୟନ୍ତ୍ରିତ ବୋଲି କହିବା ପଛରେ ସେପରି ଯଥେଷ୍ଟ କିଛି ପ୍ରମାଣ ନାହିଁ । ଅବଶ୍ୟ ପ୍ରତ୍ୟେକଙ୍କର ବ୍ୟକ୍ତିତ୍ୱ ତାଙ୍କ ଜନ୍ମସ୍ଥାନ ଦ୍ୱାରା ଅନେକ ପରିମାଣରେ ପ୍ରଭାବିତ ହୋଇଥାଏ ଏହାସତ । ଏ ଦୃଷ୍ଟିରୁ ବିଚାରିଲେ ମୋର ଜନ୍ମସ୍ଥାନ କଟକ ହେବା ଏକ ଆକସ୍ମିକ ଘଟଣା । ଏହା ଯେପରି ଠିକ୍, କଟକ ସହରର ପ୍ରଭାବ ଯେ ମୋ ବ୍ୟକ୍ତିତ୍ୱକୁ ବହୁଭାବେ ପ୍ରଭାବିତ କରିଛି । ଏହାମଧ୍ୟ ସେଭଳି ଠିକ୍ । ମାତ୍ର ଏଥିରେ ବାହାଦୁରୀ ନେବାର ବା ଗୌରାବାନ୍ୱିତ ମନେ କରିବାର କୌଣସି କାରଣ ଅଛି ବୋଲି ମୁଁ ବିଚାରୁ ନାହିଁ କିମ୍ବା କୌଣସି ପ୍ରଖ୍ୟାତ ନଗରୀ ଯଥା : ରୋମ୍, ପ୍ୟାରିସ୍ ପ୍ରଭୃତିରେ କାହିଁକି ଜନ୍ମ ହେଲିନାହିଁ ସେଥିଲାଗି ମୋର କୌଣସି ଅନୁଶୋଚନା ବା ଅବଶୋଷ ନାହିଁ । ତଥାପି କଟକ ସମ୍ପର୍କରେ ଏଠି ଦି'ପଦ କହିବାର କାରଣ ହେଲା—କଟକକୁ ଏବେ ହଜାର ବର୍ଷ ପୂରିଲା ଏବଂ ଏଥିପାଇଁ ବିରାଟ ଉତ୍ସବର ଆୟୋଜନ ମଧ୍ୟ ହେଲା । କଟକକୁ ପ୍ରକୃତରେ ୧୦୦୦ ବର୍ଷ ହୋଇଛି କି ନାଁ, ତାହା ଏଠାରେ ବଡ଼ କଥା ନୁହେଁ । ସହସ୍ର ବାର୍ଷିକୀ ପାଳନ ଅବସରରେ ହିଁ ଆମେ ସମସ୍ତେ ହଠାତ୍ କଟକ ସମ୍ପର୍କରେ ସଚେତନ ହୋଇ ପଡ଼ିଲୁ, ଏହା ଲକ୍ଷ କରିବା କଥା । ପୁଣି ଆଉ ଗୋଟାଏ କଥା, ହଜାର ବର୍ଷ ମାତ୍ର ମହାକାଳ ବକ୍ଷରେ ବା କେତିକି ? ଗୋଟାଏ ମାପକାଠି, ଗୋଟାଏ ମାନଦଣ୍ଡ, ଆମ ବିଚାରରେ, ଏହାଛଡ଼ା ଆଉ କ'ଣ ବା ହୋଇପାରେ ।

୧୦୦୦ ବର୍ଷର ଉତ୍ସବ, ୧୦୧୬, ୧୦୨୦, ୧୦୨୫ରେ ବା କାହିଁକି ନୁହେଁ ? ହଜାର ସଂଖ୍ୟାରୁ ଟିକିଏ କମିଗଲେ ବା କ୍ଷତି କ'ଣ ? ଦଶ, ଶହେ, ହଜାରେ, ଅଯୁତ ଏଭଳି ମାପ କରିବାରେ ଆମେ ଅଭ୍ୟସ୍ତ । ସମୟକୁ ମଧ୍ୟ ଆମେ ସେଇଭଳି ମାପ କରିଥାଉଁ, ଆଉ ମନେ କରୁଁ ଯେ ବିବାହର ଷାଠିଏ ବର୍ଷ ହେଲେ ଗୋଟାଏ ଉତ୍ସବ, ଷଷ୍ଠି ପୂର୍ତ୍ତି, ପାଳନ କରିବାର କଥା—ଠିକ୍ ସେଇଭଳି ଶହେବର୍ଷରେ ଶତବାର୍ଷିକୀ, ୧୦୦୦ ବର୍ଷ ହେଲେ ସହସ୍ରବାର୍ଷିକୀ ଆଦି ପାଳିବା କଥା—ମଣିଷ ଏଇ ଧାରଣାକୁ ଗଡ୍ଡଳିକା ନ୍ୟାୟରେ ମାନିନେଇ ଆୟୋଜନ କରେ ଯେତେ କିଛି ଉତ୍ସବ, ଆଡ଼ମ୍ବର, ବିଳାସବ୍ୟସନ ଆଦି । ଆଜି କଟକ ନଗରୀର ହଜାର ବର୍ଷ ପୂରିଲା । ଅନ୍ତତଃ ମାଦଳା ପାଞ୍ଜି ଅନୁସାରେ, ସେଇଟା ଐତିହାସିକ ତଥ୍ୟ ହେଉ ବା ନହେଉ, ଆଉ ସେଇ ମାଦଳା ପାଞ୍ଜି ଅନୁସାରେ ହିଁ ଯଦି ସହସ୍ରବାର୍ଷିକୀ ପାଳିତ ହେଲା, ସେଥିରେ କ୍ଷତି ବା କ'ଣ ? ଅବଶ୍ୟ କୌଣସି ଐତିହାସିକ ତଥ୍ୟ ନିର୍ଭୁଲ କି ନୁହେଁ ଏବଂ ଉକ୍ତ ତଥ୍ୟର ପ୍ରାମାଣିକତା ସମ୍ପର୍କରେ ଅନୁସନ୍ଧାନ ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ବୁଝାଇବାର ଆବଶ୍ୟକତା ନାହିଁ ।

କଟକର କାଜି ବଜାର, ଜଗନ୍ନାଥ ବଲ୍ଲଭ । ସେଠାକାର ଜଗନ୍ନାଥ ମନ୍ଦିରଟି ଏବେ ମଧ୍ୟ ଦୂରରୁ ରାସ୍ତା ଉପରୁ ଦେଖିବାକୁ ମିଳିବ । ସେଇଠି ଗୋଟିଏ ପୁରୁଣା ଖୁଲଘର, ଯେଉଁଠି ପରବର୍ତ୍ତୀ କାଳରେ ସ୍ୱନାମଧନ୍ୟ ସ୍ୱର୍ଗତ କାଳୀ ପଟ୍ଟନାୟକ ଆସି ରହିଲେ । ସେଇ ଗୋଟିଏ ଥିଲା ଆମର ଭଡ଼ାଘର । ଶୁଣିବା କଥା, ସେଇ ଘରେ ହିଁ ମୋର ଜନ୍ମ, ୧୯୩୬ ମସିହା ମାଘ ମାସ ଶୁକ୍ଳ ଏକାଦଶୀ ଗୁରୁବାର ଦିନ । ଏସବୁ ଦିନବାର ତିଥିର ବୈଶିଷ୍ଟ ଜ୍ୟୋତିର୍ବିଦ୍ୟା ଦୃଷ୍ଟିରୁ ଥାଇପାରେ, ମାତ୍ର ଜ୍ୟୋତିର୍ବିଦ୍ୟାକୁ ବାଦ୍ ଦେଲେ ମୋର ଏଇ ଜନ୍ମ, ଠିକ୍ ଯେମିତି କୋଟି କୋଟି ଲୋକ ଜନ୍ମ ନିଅନ୍ତି ଭିନ୍ନ ଭିନ୍ନ ସ୍ଥାନରେ, ବିଭିନ୍ନ ସମୟରେ, ଆମ ଜାଣିବାରେ କୌଣସି ଲକ୍ଷ୍ୟ ବା ଉଦ୍ଦେଶ୍ୟ ନଥାଇ । କାଜି ବଜାରର ସେହି ପୁରୁଣା ଖୁଲଘରେ ମୋର ଶୈଶବ ଏବଂ ବାଲ୍ୟାବସ୍ଥା ମଧ୍ୟ କଟିଛି, ତାପରେ କ୍ରମାନ୍ୱୟରେ ବିଭିନ୍ନ ସମୟରେ ଶେଖ ବଜାର, ମହମ୍ମଦିଆ ବଜାର, ଖଟ୍‌ବିନ୍ ସାହି, ଆଉ ଶେଷରେ ସୁତାହାଟ, ଏଇଭଳି ମୋର ହେତୁ ପାଇଲା ଦିନୁଁ କଟକର ବିଭିନ୍ନ ସାହିବସ୍ତିରେ ହିଁ ମତେ କାଟିବାକୁ ପଡ଼ିଛି, ମୋର ବାପା, ମାଆ, ଭାଇ ଓ ଭଉଣୀମାନଙ୍କ ସଙ୍ଗରେ, କେତେ ଖେଳର ସାଥୀ, ପାଠପଢ଼ା ସାଥୀ, ସାହି ଭାଇମାନଙ୍କୁ ନେଇ ।

ପିଲାଟି ଦିନୁଁ ଆମ ଓଡ଼ିଆ ପାଠ୍ୟ ପୁସ୍ତକ, ଯେତେଦୂର ମନେହୁଏ ଚତୁର୍ଥ ଶ୍ରେଣୀର ସାହିତ୍ୟ ସୋପାନ ବହିରେ କଟକ

ସହର ବିଷୟରେ ପଢ଼ା ହେଉଥିଲା, ସେଥିରୁ ଦି'ପଦ ଏବେବି ମନରେ ଅଛି– "ଗାଁଆ ଗୁଟଶାଳୀ ପାଠ ଦେଲି ସାରି ବାପା ଯାଚିଦେଲେ ବର, ବୋଇଲେ ରାଜୀବ ଇଂରାଜୀ ପଢ଼ିବ କଟକରେ ଏଥର। କଟକକୁ ଯିବି, ଇଂରାଜୀ ପଢ଼ିବି କେଜାଣି ହେବି ମୁଁ କିସ, ଏ ଭାବ ଭାବନା ହେଲା ଅତିଶୟ ଗାଁଆଟା ଲାଗିଲା ବିଷ।.........କଟକ ସହର କେଡ଼େ ମନୋହର ବାଟେ ଭାବୁଥାଏ ମୁହିଁ" ଇତ୍ୟାଦି ଇତ୍ୟାଦି। ଏତ ହେଲା କଟକର ସହର ପଣିଆ, ସହରିଆ ଢଙ୍ଗର କଥା–ସ୍କୁଲ, କଲେଜ୍, କଚେରୀ, ଇଂରାଜୀ ପାଠ, ଏପରି କେତେ କ'ଣ! ତା'ସଙ୍ଗେ ସଙ୍ଗେ ଗାଁ ଗଣ୍ଡାଭଳି ବିଭିନ୍ନ ସାହି ବସ୍ତିରେ ପରସ୍ପର ସ୍ନେହ ପ୍ରୀତି। ପରସ୍ପର ସୁଖ ଦୁଃଖରେ ଭାଗୀ ହେବା, କେହି ରୋଗବାଧିକାରେ ପଡ଼ିଲେ ସାହି ପଡ଼ିଶାର ସାଙ୍ଗସୁଖ ତା'ପାଇଁ ରାତି ରାତି ଅନିଦ୍ରା ହୋଇ ଜାଗି ରହିବା–ଯାହା କିଛି ଆଜି କାଲିର ସହର ଜୀବନରେ ସ୍ୱପ୍ନ, କଳ୍ପନା କରି ହେବ ନାହିଁ, ଏସବୁ ମଧ୍ୟ ଥିଲା କଟକରେ। ଏହାହିଁ କଟକର ବୈଶିଷ୍ଟ୍ୟ, ଅନ୍ତତଃ ମୋ ବେଳର କଟକରେ ଏ ସବୁର ଏକ ଅପୂର୍ବ ସମନ୍ୱୟ, ଏକ ଅପରୂପ ସମ୍ମିଶ୍ରଣ ଲକ୍ଷ୍ୟ କରିବାର କଥା। କାଜି ବଜାର ଜଗନ୍ନାଥ ବଲ୍ଲଭର ସେଇ ଆମ କ୍ଷୁଦ୍ର ସ୍ୱଳ୍ପ ଘରଟିକୁ ଲାଗି ରହୁଥିଲେ ଯେଉଁ ବଙ୍ଗାଳୀ ଘର ଝିଅ, ସେମାନେ ରାତି ରାତି ଅନିଦ୍ରା ରହି ମତେ ଜଗି ବସନ୍ତି। ମୋ ଦେହ ଅସୁସ୍ଥ ହେଲେ, ଜ୍ୱରର ଉତ୍ତାପ କମ୍ କରିବା ଲାଗି ରାତି ଅଧରେ ମୁଣ୍ଡରେ ପାଣି ପଟି ଦେବା କାମ ଥିଲା ତାଙ୍କର। ସେମାନେ ଆମର କୌଣସି ରକ୍ତ ସମ୍ପର୍କୀୟ ନଥିଲେ ସତ, ହେଲେ ସେମାନଙ୍କୁ ଆଦରରେ, ଅତି ସ୍ନେହରେ ଆମେ ମାଉସୀ ବୋଲି ଡାକୁଥିଲୁ, ହାଲି ମାଉସୀ, ଗୁଲୁ ମାଉସୀ। ବଡ଼ ହେବା ପରେ ମଧ୍ୟ ଦୈବାତ୍ ପୁଣି ଯେତେବେଳେ ଭେଟ ହୋଇଛି, ମୋ ପ୍ରତି ସେମାନଙ୍କର ସେଇ ସ୍ନେହ, ସେଇ ଆଦର ଅତୁଟ ରହିଥିବାର ଲକ୍ଷ୍ୟ କରିଛି। ଜନ୍ମଦାତ୍ରୀ ମାଆଙ୍କ ପରେ ଏଇ କଟକୀ ମାଉସୀମାନଙ୍କର ଏତେ ଦରଦ ତଥା ସେବା ସୁଶ୍ରୂଷା ଜୀବନ ଥିବା ଯାଏ ଭୁଲିବା ସମ୍ଭବ ନୁହେଁ, ଋଣ ପରିଶୋଧର ପ୍ରଶ୍ନ ଉଠୁନାହିଁ। କିଛି ପାଇବାର ଆଶା ନରଖି ଏତେ ସେବା, ଏତେ ସ୍ନେହ ଆଉ କେଉଁଠି ଦେଖିବାକୁ ମିଳିବା ଏତେ ସହଜ କି? ଏହାହିଁ ଥିଲା କଟକ ସହରର ବୈଶିଷ୍ଟ୍ୟ। ବଙ୍ଗାଳୀ, ଓଡ଼ିଆ, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ସମସ୍ତେ ଏକ ସୂତ୍ରରେ ବନ୍ଧା ହୋଇଥିଲେ ସତେ ଯେପରି; କି କମନୀୟ, କି ଲୋଭନୀୟ ସେ ବନ୍ଧନ! ଖଟ୍‌ବିନ୍ ସାହିରେ ମୁସଲମାନ ପିଲା ଫେଜୁ ଓ ସାନିଙ୍କ ସଙ୍ଗେ ଆମର ଖରାବେଳିଆ ଖେଳ, ସୁତାହାଟରେ ଥିଲାବେଳେ ମୁସଲମାନ୍ ବନ୍ଧୁମାନଙ୍କ ଘରେ ବିରିୟାନୀ ଭୋଜିକୁ ଡାକରା, ଖ୍ରୀଷ୍ଟମାସ ଓ ନୂଆ ବର୍ଷରେ ଖ୍ରୀଷ୍ଟିଆନ ବନ୍ଧୁମାନଙ୍କ ସଙ୍ଗେ ବନ୍ଧୁ ମିଳନ ତଥା ତାଙ୍କ ଘରକୁ ନିମନ୍ତ୍ରଣ, ମହରମର ତାଜିଆ ଦେଖିବାକୁ ଯିବାଲାଗି ଆମଘରେ ଅଦମ୍ୟ ଉତ୍ସାହ ଏବଂ ଅପର ପକ୍ଷରେ ହିନ୍ଦୁ ପର୍ବ ପର୍ବାଣୀ ଦଶହରା ଆଦିରେ ମୁସଲମାନ ବନ୍ଧୁମାନଙ୍କର ମନଖୋଲା ଯୋଗଦାନ–ଏ ସବୁକୁ ଯେତେବେଳେ ଯଦି କେହି ଲକ୍ଷ୍ୟ କରିଥାନ୍ତି, ତାହେଲେ ସେ ମୋ କଥାର ତାତ୍ପର୍ଯ୍ୟ ଅବଶ୍ୟ ବୁଝିପାରିବେ। କଟକରେ ଦଶହରା ମେଢ଼ ସଙ୍ଗେ ମହରମ ବେଳର ସୁନ୍ଦର ସୁନ୍ଦର ତାଜିଆ ଆମେ ସମସ୍ତେ ମିଳିମିଶି ବୁଲି ଦେଖିବା କଥା କେବଳ ନୁହେଁ, ଏଠାରେ ଉଲ୍ଲେଖନୀୟ ଯେ ଅନେକ ମୁସଲମାନ ସନ୍ଥ, ପୀରଙ୍କ ଆସ୍ଥାନ ମଧ୍ୟ ଏଇ କଟକରେ। ପ୍ରତି ଗୁରୁବାର ବୋଖାରୀ ସାହେବଙ୍କ ପାଖରେ ଟଙ୍କା ଟିକର ଭୋଗ ହୋଇ ଆମ ଘରକୁ ଆସେ ଆଉ ଆମେ ସେଇ ଭୋଗଲାଗି ପ୍ରତ୍ୟେକ ଗୁରୁବାର ଦିନ ଅନାଇଁ ରହିଥାଉଁ, ଏକଥା ଏବେବି ମୋର ସ୍ପଷ୍ଟ ମନେ ଅଛି।

ଏଇ ଯେ ନାନା ପ୍ରକାର ପର୍ବ ପର୍ବାଣି କଥା ଉଠିଲା, ଏ ପ୍ରସଙ୍ଗରେ ଉଲ୍ଲେଖ ଯୋଗ୍ୟ ଯେ ଏବ ଭଳି ସେତେବେଳେ ମଧ୍ୟ କଟକର ସବୁଠୁଁ ବଡ଼ପର୍ବ ଥିଲା ଦଶହରା। ଗୁଜନୀ ଚୌକରେ ସେ ଯେଉଁ ଚକି ଖେଳ; ତଳ ଉପର ଚକିରେ ଆମଭଳି ଛୋଟ ପିଲା ବସିବାକୁ ଭୟ ଲାଗେ। ଆମେ ସାଧାରଣତଃ ସେ ଗୋଲେଇ ଚକିରେ ବସି ଖେଳୁଁ। ହେଲେ ସେଇଥିପାଇଁ ପଇସାଟିଏ ଯୋଗାଡ଼କରି ଘରୁ ଆସିବା ଆମଭଳି ପିଲାଙ୍କ ପକ୍ଷେ କାଠିକର ପାଠ, ଆଉ ପଇସାଟିଏ ମିଳିଗଲେ କି ଆନନ୍ଦ! ଖରାବେଳିଆ ଦେ ଦୌଡ଼ ଗୁଜନୀ ଚୌକ ଚକି ଖେଳ ପାଖକୁ। ମାତ୍ର, ଯେଉଁ ଚକିରେ ତଳଉପର ହେବାକୁ ଆମର ଏତେ ଭୟ ସେଥିରେ ଚକି ତଳଉପର ହେଉଥିବା ବେଳେ ଆମଠୁଁ ବୟସରେ ସାମାନ୍ୟ ବଡ଼ ଟୋକାଟିଏ (ସେ ଦେଖିବାକୁ ମଢ଼ିଆ, ଚେମଡ଼ ଟୋକାଟିଏ ହେଉ ବା ମେଣ୍ଢଡ଼ଟିଏ ହେଉ, କିଛି ଯାଏ ଆସେ ନାହିଁ) ତା ଗ୍ରୁମାଲ୍‌ଟିକୁ ତଳେ ପକାଇ ଦେଇ ପୁଣି ଆଉଥରେ ବୁଲି ଆସିଲା ବେଳକୁ ନିଜ ମୁହଁରେ କି ଷ୍ଟାଇଲରେ ଆଉ କେଡ଼େ ସାହସିକତାର ସହିତ ଉଠାଇ ନେଇ ଯାଏ ସତେ! ତାକୁ ଆମେ ସେତେବେଳେ ଦେହ ଛିଡ଼ାହୋଇ କେବଳ ଅବାକ୍ ଓ ବିସ୍ମିତ ହୋଇ ଅନାଇ ରହିଥାଉଁ। ସେଇ ଅଜ୍ଞାତ, ଅନାମଧେୟ ତରୁଣଟି ସେତେବେଳେ ଆମ ଆଖିରେ ଜଣେ ହିରୋ ସତେ ଯେପରି! ତା'ଛଡ଼ା ଦଶହରା ସନ୍ଧ୍ୟାରେ, ମା ବାପାଙ୍କ ସଙ୍ଗେ ଘୋଡ଼ା ଗାଡ଼ିରେ ହେଉ କିମ୍ବା ସାଙ୍ଗ ସାଥିରେ, ସାଇକେଲରେ ବା ଚାଲିକରି ହେଉ, ସାହି ସାହିରେ ଦୁର୍ଗାମେଢ଼ ବୁଲି ଦେଖିବାର ମଜା କିଏ ଭୁଲି ପାରିବ ଭଲା! ଆଉ ସବା ଶେଷ –ଭସାଣି ଦିନ ଯେ କୌଣସି ବନ୍ଧୁବାନ୍ଧବଙ୍କ କୋଠାଉପରେ ଥାଇ ହେଉ କିମ୍ବା କୌଣସି ଦୋକାନରେ ବସି ହେଉ, ନହେଲେ ବୁଲି ବୁଲିକରି ହେଉ ପଛେ, ଗୋଟିକ ପରେ ଗୋଟିଏ ନାନା ଚିତ୍ର ବିଚିତ୍ର ମେଢ଼ ଆସିବାର ସେ ଦୃଶ୍ୟ ଉପଭୋଗ କରିବା କଟକର ଆଉଏକ ବିଶେଷତ୍ୱ। ଆଜିକାଲିତ ସବୁ ଭିତରେ ଝଗଡ଼ା ଝାଟି, ବାଡ଼ିଆପିଟା, ଭଙ୍ଗାରୁଜା, ଲହୁଲୁହାଣ ହେବାଟା ହିଁ ମୁଖ୍ୟକଥା, ସେତେବେଳେ ଏ ସବୁ ଟାଁ ଟାଁ ହୁଏତ ହେଉଥିଲା, ମାତ୍ର ଏହା କେବେ ମୁଖ୍ୟ ହୋଇ ନଥିଲା, ଏତିକି ମୁଁ ହୋଚେଇ କହି ପାରେଁ। ଦଶହରା ପରେ ଦୀପାବଳୀରେ ଗୋଟ ଦୋକାନମାନଙ୍କରେ ଭିଡ଼ ଦେଖିବାର କଥା। ବାପା ଆମର ଦୋକାନୀ ପାଖରେ ଆମକୁ ବସାଇଦେଇ ମନଇଚ୍ଛା ବାଣ କିଣିବାର୍ ଅନୁମତି ଦେଇଗଲେ ଆମର କି ଆନନ୍ଦ! ସନ୍ଧ୍ୟା ହେବାର ବହୁ ପୂର୍ବରୁ ତ ବାଣଫୁଟା ଆରମ୍ଭ ହୋଇଯାଇଥାଏ। ସନ୍ଧ୍ୟାହେଲେ ଦୀପଗୁଡ଼ିକୁ ସଜାଇ ତହିଁରେ ତେଲ ବଳିତା ଦେବା କାମରେ ଆମେ ନିଜକୁ ହଜାଇ ଦେଉଁ, ସତେ ଯେପରି, ସନ୍ଧ୍ୟା ହେବା ମାତ୍ରେ ଦୀପାବଳୀର ଆଲୋକରେ ସମଗ୍ର କଟକ ସହର ଯେଉଁଳି ଉଦ୍ଭାସିତ ହୋଇଉଠେ, ତାହା ଦେଖିବାର କଥା। ଏବଂ ସେ ରାତିରେ ଅନେକବେଳ ଯାଏଁ ବାଣଫୁଟା ଚାଲିଥିବ

ସମୟରେ ରାସ୍ତାକୁ ବାହାରିବା କଷ୍ଟ, ଅନେକ ସମୟରେ ବିପଜ୍ଜନକ ମଧ୍ୟ। ତା'ରି ଭିତରେ କାଳୀମନ୍ଦିରରେ ମା କାଳୀଙ୍କର ଭକ୍ତମାନଙ୍କର ଭିଡ଼ ମଧ୍ୟ କହିଲେ ନ ସରେ। "ଆରେ ଛତରା, ଦଶହରା ଗଲା, ଦିଆଲି ଗଲା, ଆଉ ଅଛି ବାଲିଯାତ୍ରା", କଟକରେ ଏଇ ଢଗ ଢ଼ମାଳିମାନଙ୍କ ସଙ୍ଗେ ମୋର ପରିଚୟ ବହୁତ ପୁରୁଣା। ଦଶହରା, ଦୀପାବଳୀପରେ ବାସ୍ତବରେ ସବୁଠୁଁ ବଡ଼ ଯାତ୍ରା ହେଲା କଟକର ବାଲିଯାତ୍ରା। ତାକୁଇ ଟାକି ରହନ୍ତି ଦଶହରା ଦୀଆଲି ପରେ ସବୁ କଟକୀଆ, ମୁଁ ମଧ୍ୟ ତାଙ୍କରି ଭିତରୁ ଜଣେ। ମହାନଦୀ କୂଳରେ (ଗଡ଼େଗଡ଼େଶ୍ୱର) ଗଡ଼ଗଡ଼ିଆ ମହାଦେବ ମନ୍ଦିର ନିକଟରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାଦିନ ଆୟୋଜିତ ହୁଏ ଏଇ ବାଲିଯାତ୍ରା। ସେଇଦିନ ଭୋର ପାହାନ୍ତାରେ ଆମେ ପିଲାଏ ଛୋଟ ଛୋଟ ସୋଲଡ଼ଙ୍ଗା ମହାନଦୀ ପାଣିରେ ଭସାଇ ସାରି ଜାଡ଼ ଯୋଗୁଁ ଶୀଘ୍ର ଶୀଘ୍ର ବୁଡ଼ ଦେଇ ଉଠିଆସି ମା ବାପାଙ୍କ ସଙ୍ଗେ ଗଡ଼ଗଡ଼ିଆ (ଗଡ଼ ଗଡ଼େଶ୍ୱର) ମହାଦେବଙ୍କୁ ଦର୍ଶନ କରୁଁ। ତା'ପରେ ବଡ଼ିଭୋରଟାରୁ ଦହିବରା ଦୋକାନରେ ଭିଡ଼ କରିବା, ଖରାବେଳେ ଥାଉ ଗାଡ଼ିରେ ଯାତ୍ରାବୁଲି ଦେଖୁବା, ଠୋଲାପୁରୀ, ଛେନା ଜେଲାପୀ, ବିରାଟ ରାଜଭୋଗ ଏ ସବୁହେଲା ବାଲିଯାତ୍ରାର ପ୍ରଧାନ ଆକର୍ଷଣ। ବାଲିଯାତ୍ରା ପରେ କଟକରେ ବହୁଦିନ ଧରି ଆଉ ସାହିଭାଇ ସମସ୍ତଙ୍କୁ ସଙ୍ଗରେ ସେମିତି କୌଣସି ପ୍ରଧାନ ଯାତ୍ରା ଅନୁଷ୍ଠିତ ହେବାର ମନେ ହୁଏନାହିଁ। ଯଦି ସର୍କସ ପାର୍ଟି ଆସିଲା, ତା'ହେଲେ କିଛି ଦିନ ଧରି ସେଥିରେ ମନ ମଜିଯାଏ, ଏହାସତ। ପ୍ରଥମାଷ୍ଟମୀର ଏଣ୍ଡୁରି, ଶାମ୍ବ ଦଶମୀରେ ସୂର୍ଯ୍ୟଙ୍କୁ ବଢ଼ା ହୋଇଥିବା ଭୋଗରାଗ, ରସାବଳୀ, ସୀତାଭୋଗ ଆଦି ପ୍ରାୟ ନିଜ ନିଜ ଘର, ବନ୍ଧୁବାନ୍ଧବଙ୍କ ମଧ୍ୟରେ ସୀମାବଦ୍ଧ। ତା'ପରେ ଦିନେ ଆସେ ହୋଲିପର୍ବ, ରଙ୍ଗ ଖେଳଦିନ ଦୁଇଟା କି ତିନିଟା ଯାଏ ସେ ଖେଳ ଶେଷ ହୁଏ ନାହିଁ, ରଙ୍ଗ ଖେଳ ପରେ ଦଳଦଳ ହୋଇ ମହାନଦୀ ଆଉ କାଠଯୋଡ଼ିକୁ ଗାଧୋଇଯିବା, ସେବି ଗୋଟାଏ ଦୃଶ୍ୟ। ଯାହାର ରଙ୍ଗ ଛାଡ଼ିବାକୁ ଯେତେକଷ୍ଟ, ଯେତେ ଡେରି, ଲାଗେ, ତାର ସେତେ ବାହାଦୁରୀ, କାରଣ ସେ ସେତିକି ପକ୍କାରଙ୍ଗର ହୋଲି ଖେଳିଛି, ଆଉ ଖୁବ୍ ଜମାଣିଆ ଖେଳ ଖେଳିଛି ମଧ୍ୟ। ସେଣିକି ପାଣିରେ ଘଷି ଘଷି ରଙ୍ଗ ଛଡ଼େଇବାକୁ ଯାଇ ଦେହରୁ, ନାକରୁ, ମୁହଁରୁ ଖଣ୍ଡେ ଛେଲି ହୋଇଗଲେ କିଛି ଯାଏ ଆସେ ନାହିଁ। ଆଉ ଗୋଟାଏ ଅନୁଭୂତି ଭୁଲିବାର ନୁହେଁ, ଖଟ୍‌ବିନ୍ ସାହିରେ ଥିଲାବେଳେ, ପିଲାବେଳର ସେଇ ସୁଖଦ ଅନୁଭୂତି ଟିକକ। ଆମେ ଖଟ୍‌ବିନ୍ ସାହିରେ ଭଡ଼ାଘରେ ହିଁ ରହୁଥିଲୁଁ। ଖଟ୍‌ବିନ୍ ସାହି ଘରର ମାଲିକ ହାଲ୍‌ଦାରବାବୁ ସବୁ ଭଡ଼ାଟିଆଙ୍କ ଘରେ ବୁଲିବୁଲି ସମସ୍ତଙ୍କୁ ରଙ୍ଗ କରନ୍ତି ବୋଲି, ସେ ନ ଆସିବା ଯାଏ ଆମ ରଙ୍ଗଖେଳ ଶେଷ ହେଲାବୋଲି ଧରାଯାଏ ନାହିଁ। ତାଙ୍କ ଆସିବା ବାଟକୁ ଚାହିଁ ଆମ ବାପା, ଆମେ ସମସ୍ତେ ଅପେକ୍ଷା କରି ବସିଥାଉଁ। ଆଗରୁ ଗାଧୋଇ ପଡ଼ିବାର ଜୁ ନାହିଁ, କାରଣ ହାଲ୍‌ଦାରବାବୁ ଆସିଲେ ଆଉ ଛାଡ଼ିବେ ନାହିଁ, ହସହସ ମୁହଁରେ ଆମ ସଭିଙ୍କି ପୁଣିଥରେ ରଙ୍ଗ ଜୁବୁବୁରୁ କରିଦେବେ। ଏବକାର ଘର ମାଲିକ ଆଉ ଭଡ଼ାଟିଆ ଭିତରେ ଏପରି ସମ୍ପର୍କ କଳ୍ପନା କରିବା ସମ୍ଭବ କି ?

ସ୍ୱା ପରେ କଟକୀ ପିଲାଙ୍କର ଆଉ ତା ସଙ୍ଗେ ସଙ୍ଗେ ମୋର କେତେଗୁଡ଼ିଏ ସଉକ୍ ବିଷୟରେ ଏଠି କହିବାକୁ ଯାଉଛି। କଟକର ଗୁଡ଼ିଉଡ଼ା ପ୍ରତିଯୋଗିତାରେ ଭାଗନେବା ମୋ ଭଳି ଅନାଡ଼ି ପିଲା ପକ୍ଷରେ ସମ୍ଭବତଃ ନଥିଲା; ମାତ୍ର ଯେତେହେଲେ କଟକୀ ପିଲାତ ! ଗୁଡ଼ି ଉଡ଼ାରେ ହାତ ନ ଦେଇ ରହି ହେଉଛି କେଉଁଠି ? ଲଟେଇ କିଣ, ରଙ୍ଗ ବେରଙ୍ଗୀ ଗୁଡ଼ି କିଣ, ସୂତାରେ ମାଞ୍ଜା ଦିଅ, କେଉଁଠି ଗୁଡ଼ି କଟିଲା ତା ପଛେପଛେ ଗୋଡ଼ାଇ ଗୁଡ଼ିକି ଧର–ଏସବୁ କିଛି ହେଲା ସତ, ମାତ୍ର ଗୁଡ଼ିଟାକୁ ଟାଣି ଆକାଶକୁ ଛାଡ଼ିଦେବା, କାନି ମାରିବା ଆଦି ମୋ ଦେଇ କେବେବି ହୋଇପାରିଲା ନି। ଅଳ୍ପ ଉପରକୁ ଯାଇଁ ମୋ ଗୁଡ଼ିଟି ସବୁବେଳେ ଆସି ଲୋଟି ପଡ଼ିବ ଭୂଇଁ ଉପରେ। ହଉ ପଛକେ, ଗୁଡ଼ି ଉଡ଼ାଇବାର ଚେଷ୍ଟା ଜାରି ରହିଥିବ, ଏଇ ହେଲା କଟକ ସହରର ପ୍ରଭାବ–ଏବେ ମଧ୍ୟ ମକର ସଂକ୍ରାନ୍ତି ବେଳକୁ କଟକର ଗୁଡ଼ି ଉଡ଼ା ଯେ ଦେଖୁଛି, ସେ ଏ ସମ୍ପର୍କରେ କିଛିଟା ଠଉରାଇବା ସମ୍ଭବ। ଫୁଟବଲ୍ ଖେଳର କ୍ରେଜ୍ ସେତେବେଳେ କଟକରେ କମ୍ ନୁହେଁ, ଆମ ସ୍କୁଲ ପଡ଼ିଆ, ପୁଣି କିଲ୍ଲାମଇଦାନ ତ ଖୋଲା ସେଥିପାଇଁ। ହେଲେ, ମୋଭଳି ପିଲାଏ ଥିଲୁଁ ଦେଖଣାହାରୀ ମାତ୍ର; ନାମଜାଦା ଖେଳାଳୀଙ୍କ ଭିତରେ ନସିମ୍, ନିଖିଲ୍, ଏଇମାନେ ସବୁ ଫୁଟବଲ ଖେଳକୁ ଚାହିଁ ନେପଥ୍ୟେ କୋଳାହଳ କରିବା ଦଳ ଆମେ। ମାତ୍ର ଆଉଗୋଟେ ଖେଳ ଯାହାକି ଆମେ ଛୁଆମାନେ ଖେଳୁଥିଲୁଁ ସେତେବେଳେ, ତା'ନାଁ ହେଲା ଗୁଡିଡାଣ୍ଡୁ–ମିନି କ୍ରିକେଟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଦିଖଣ୍ଡ ବାଡ଼ି ନେଇ ଖେଳ–ଖଣ୍ଡେ ବଡ଼ ଓ ଖଣ୍ଡେ ଛୋଟ ବାଡ଼ି–ଉଦ୍‌ଉଦିଆ ଦିପହରେ ବିଚ୍ ରାସ୍ତାରେ ଖେଳ ହେବ। ଏ ହେଲା କଟକ ସହରର ପ୍ରଭାବ। କଟିକିଆ ଛୁଆ ହୋଇଥିବାରୁ ଭଲ ଖେଳାଳୀ ନ ହେଲେ ମଧ୍ୟ ଖେଳୁଆଡ଼ ମନୋବୃତ୍ତିର ପ୍ରଭାବ ଏଡ଼େଇବା ସମ୍ଭବ ହୋଇନାହିଁ ମୋ ପକ୍ଷରେ। ସବୁଥିରେ ହାତ ଦେଇଛି, ପାରେଁ ନ ପାରେଁ। କଟକିଆ ଛୁଆ କି ନାଁ ! ଦିନାକେତେ ସଉକ୍ ହେଲା ଗ୍ରାମୋଫୋନ୍ କିଣା ହେବ, କଳ ଗାଉଣା ଯାହାକୁ କହନ୍ତି, ହିଜ୍ ମାଷ୍ଟର୍‌ସ୍ ଭଏସ୍। ଗ୍ରାମୋଫୋନ୍ କିଣାହେଲା, ନୂଆ ନୂଆ ରେକର୍ଡ଼ମାନ ଅଣା ହେଲା, "ଆସ କିଏ ସେ ଯିବରେ.........ଆଜି ରାଜା ଘର ଖାନା", "ମେଘ ଲୋକେ ଯାଉ ଘର ଲୋ ସଜନୀ", ଦେ ମଦେ ବାଇସ୍ତା କରି ଆରେ ମୋର ବାଇସ୍ତା ରଜା", "ମନ କହୁଛିରେ ପୀରତି ପଥକୁ ଡେଇଁ", "ମନେ ପଡୁଛି ମା ସେଇ ଚନ୍ଦ୍ରମୁଖ ମନେ ପଡୁଛି", ଏପରି କେତେ କଣ ରେକର୍ଡ଼। ରେକର୍ଡ଼ ଗୋଟିକ ପରେ ଗୋଟିଏ ଭାଙ୍ଗିବ, ପୁଣି ନୂଆ ରେକର୍ଡ଼ କିଣାହେବ–ସେଇ କଳଗାଉଣା ଆଉ ରେକର୍ଡ଼କୁ ସାଙ୍ଗରେ ନେଇ ଗାଁ ଗଣ୍ଡାକୁ ଗଲାବେଳେ କଟକିଆ ଛୁଆର ମନରେ କେତେ ଆନନ୍ଦ, କେତେ ବାହାଦୁରୀ ସତେ ! ପୁଣି ଦିନା କେତେ (ବୋଧ ହୁଏ ଖଟ୍‌ବିନ୍ ସାହିଘରେ) ଛାତିରେ ରଖି ପାରା ପୋଷିବା ସଉକ୍ ହେଲା। ସେଥିପାଇଁ ମଧ୍ୟ କଟକର ସାହି ବସ୍ତିରୁ କମ୍ ପ୍ରେରଣା ମିଳୁ ନଥିଲା। ପାରା, ବିଭିନ୍ନ କିସମର ପାରା ଅଣା ହେଲା, ଆଉ ସେମାନଙ୍କୁ ଛାତିରେ ରଖି ପ୍ରତିଦିନ ସକାଳେ ସଞ୍ଜେ ଦାନାଦେବା, ଏଇ ହେଲା ସେତେବେଳେ ମୋ କାମ। ଏବେ ମହାକବି କାଳି ଦାସଙ୍କଠୁଁ ଯେତେବେଳେ ଶୁଣିବାକୁ ମିଳିଲା, ତାଙ୍କ ବିଶ୍ୱ ବିଶ୍ରୁତ କାବ୍ୟ ମେଘଦୂତରେ ଯେ ତାଙ୍କ ପ୍ରିୟ ନଗରୀ ଉଜ୍ଜୟିନୀର କୋଠା ଘରମାନଙ୍କରେ କିଭଳି ରାତିରେ ପାରାମାନେ ଆଶ୍ରୟ ନିଅନ୍ତି (ତାଂ କସ୍ୟା ଚିଦ୍ ଭବନ ବଲଭୌ ସୁପ୍ତ ପାରା ବତାୟାଂ.........ଇତ୍ୟାଦି), ସେତେବେଳେ ମନେହେଲା, ଆମ

କଟକ କେଉଁ କମ୍ କି ? କଟକର ଶଟ୍‌ବିନ୍ ସାହି ଘରେ ରାତିରେ ସାରାମାନଙ୍କର ସେଇ ଘୁମୁରିବା ଶବ୍ଦ, ଅନ୍ତତଃ ମୋ ପକ୍ଷେ ଭୁଲିବା ସମ୍ଭବ କି ?

ନିର୍ଧୂମ୍ ଖରାବେଳେ ତିନି ମିଠେଇବାଲା ଆମ ଭଳି ଛୁଆଙ୍କ ହାତରେ ଯେଉଁ ଚୁନି ଘଡ଼ି ସାଇଜ୍‌ର ତିନି ମିଠେଇଟିଏ ଗୁଡ଼େଇ ଦେଇଯାଏ, ସକାଳୁଆ କଚେରୀଦିନମାନଙ୍କରେ କିମ୍ବା ଗ୍ରୀଷ୍ମ ଛୁଟୀରେ ଗାଁରୁ ଆସିଥିବା ବୁଢ଼ାବାପାଙ୍କୁ ସାଙ୍ଗରେ ଧରି କୋର୍ଟ ଓ କିଲଚେରୀ କଚେରୀ ବୁଲା ଭିତରେ ଚୁଲାବିକାଳୀଠୁଁ ଯେଉଁ ବିରାଟ ସାଇଜ୍‌ର ପେଡ଼ା କିଣି ଖିଆ ହୁଏ, ଖରାଦିନେ ଆମ୍ବ ବିକାଳୀଠୁଁ ପାଚିଲା ଆମ୍ବ କିଣିବାକୁ ଯାଇ ରାସ୍ତା କଡ଼ରେ ସେଇ ଆମ୍ବରୁ ଆଗ ଯେଉଁ ଖଣ୍ଡିକ ଚାଖିବାକୁ ମିଳେ, ବରଫ ସର୍ବତ ବିକୁଥିବା ସେଇ ଠେଲାଗାଡ଼ିବାଲାଠୁଁ ପଟ ଠୋଲାରେ ଯେଉଁ ଚୁନି ଚୁନି ବରଫ ଉପରେ ଖାଲି ନାଲି ମିଠାପାଣି ଛିଞ୍ଚି ଖିଆ ହୁଏ । ଏସବୁ ସଙ୍ଗେ କୌଣସି ଫାଇଭ୍‌ଷ୍ଟାର୍ ହୋଟେଲ୍‌ର ବହୁମୂଲ୍ୟ ସୁଇଟ୍ ଡିସ୍ କିମ୍ବା ଡେଜର୍ଟ ପାସଙ୍ଗରେ ପଡ଼ିବ ବୋଲି ମୋର ମନେ ହୁଏନାଁ । ପୁଣି ଗୋପାଳଜୀଉ ମନ୍ଦିରର କଣ୍ଟା ଗୋଲା ନେଡ଼ିଆକୋରା ଭୋଗ ମୋର ହୁଏତ ଏତେ ପ୍ରିୟ ନଥିଲା, ମାତ୍ର ଅନ୍ୟମାନଙ୍କ ଲାଗି ପ୍ରିୟ ହୋଇଥାଇପାରେ। କଟକ ଚଣ୍ଡୀ ମନ୍ଦିରର ପେଡ଼ାଲଡୁ ଓ କାଳୀ ମନ୍ଦିରର ପାଣଡୁଆ, ଗୋଲାପଜାମୁ ଆଦି ଆମ ଭଳି ଛୁଆମାନଙ୍କ ଲାଗି ଅତ୍ୟନ୍ତ ଆକର୍ଷଣୀୟ ଥିଲା, ଏଥିରେ ସନ୍ଦେହ ନାହିଁ । ମୁଁ କହିବି ଯେ କଟକ ତିଆରି ଏସବୁ ଜିନିଷରେ ହିଁ ଥିଲା ବିଶେଷତ୍ବ, ଏଠାକାର ତାରକସି କାମଭଳି କେତେକାଂଶରେ, ଆଉ ବୁଢ଼ା ବାପା କେବେ କଟକ ଆସିଲେ ଥାଉ କିଛି ଲାଗି ନହେଉପଛେ, କେବଳ, ଏଥିଲାଗି ତାଙ୍କ ସଙ୍ଗେ ବାହାରକୁ ବୁଲି ଯିବାର, ଆଗ୍ରହ ଆମମାନଙ୍କର ଥିଲା ଦୁର୍ଦମନୀୟ । ତା'ଛଡ଼ା ଗଳିଆ ଦୋକାନର ସେଇ ସୁପ୍ରସିଦ୍ଧ ରାବିଡ଼ି ! ବାସ୍ତବରେ କଟକର ଆକର୍ଷଣ ଥିଲା ଅଲଘନୀୟ ।

ଏସବୁ ବର୍ଣ୍ଣନାରୁ ମନେ ହୋଇ ପାରେ ଯେ ମୁଁ ନିଜେ ସୁସ୍ୱାଦୁ ଜଣେ ଖାଦ୍ୟ ଲୋଭୀ–ହୁଏତ ଅନେକାଂଶରେ ଏହା ସତ୍ୟ ମଧ୍ୟ ହୋଇପାରେ । ମାତ୍ର ଏଠାରେ ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ କଟକରେ ଏଭଳି ଲୋଭନୀୟ ସୁସ୍ୱାଦୁ ଖାଦ୍ୟପେୟର ଆକର୍ଷଣତ ନିଶ୍ଚୟ ଥିଲା; ତା'ଛଡ଼ା ବହୁ ବିଭିନ୍ନ ଭାବରେ ମଧ୍ୟ କଟକ ଥିଲା ଆକର୍ଷଣୀୟ, ଲୋଭନୀୟ । ଏଇଠି ଥିଲା ଭିକାରୀବାବୁଙ୍କ କୁଟୀର ଶିଳ୍ପ ଯେଉଁଠି ଆମେ ପିଲାଏ ଅଭଙ୍ଗା କଣ୍ଢେଇ ଦେଖି ଆତ୍ମହରା ହୋଇ ପଡୁଥିଲୁ । ଏଇଠି ଟାଉନ୍‌ହଲ୍ ଆଉ ରାମଚନ୍ଦ୍ର ଭବନରେ ସଭାସମିତିମାନଙ୍କରେ କେତେବେଳେ ଶ୍ରୋତା ଅବା ବକ୍ତା ଭାବରେ ଯୋଗଦେଇ ଆମେ ଆମର ମାନସିକ ଓ କେତେକାଂଶରେ ଆଧ୍ୟାତ୍ମିକ କ୍ଷୁଧା ମଧ୍ୟ ନିବାରଣ କରିବାର ଅବସର ପାଉଥିଲୁ । ତା'ଛଡ଼ା ରାମାୟଣ ପ୍ରଚାରିଣୀ ସଭା, ରାମଲୀଳା ସମିତି, ଦିବ୍ୟଜୀବନ ସଂଘ, ହିତକାରୀ ସଂସଦ, କେତେକେତେ ସଭାସମିତି, ସଂସଦ ଆଦି ଆମରି ଜୀବନ କାଳ ମଧ୍ୟରେ ଗଢ଼ି ଉଠିଥିଲା ଏଇ କଟକ ସହରରେ । ବାପା, ମା ତଥା ଶିକ୍ଷକଙ୍କଠାରୁ ଆଧ୍ୟାତ୍ମିକତା ଶିକ୍ଷା କରିବା ସଙ୍ଗେ ସଙ୍ଗେ ଆମ ଲାଗି ସତ୍ୟ ନାରାୟଣ ମନ୍ଦିରରେ ଯେଉଁ ଦିବ୍ୟଜୀବନ ସଂଘର ଶାଖାଟି ଗଢ଼ି ଉଠିଥିଲା, ତାହାହିଁ ଥିଲା ଆମ କଲେଜ ଜୀବନରେ ଆଧ୍ୟାତ୍ମିକତା ଶିକ୍ଷାର କେନ୍ଦ୍ର । ନାନା ସଂସ୍କୃତିର କେନ୍ଦ୍ରଥିଲା ଏଇ ଆମ କଟକ ଏବଂ ଏବେ ମଧ୍ୟ ସାଂସ୍କୃତିକ ଦୃଷ୍ଟିରୁ ଏହାର ଗୁରୁତ୍ୱ ବଢ଼ିଛି ସିନା, କୌଣସି ଗୁଣରେ ଊଣା ହୋଇଛି ବୋଲି କହି ହେବନି । ଥିଏଟର ସିନେମାର ଆକର୍ଷଣ ମଧ୍ୟ କଟକରେ କମ୍ ନଥିଲା । ସିନେମା କହିଲେ ସେତେବେଳେ ମାତ୍ର କ୍ୟାପିଟେଲ ସିନେମା । ଆଗକାର ହଲ୍ ମୂକ ସିନେମା ହଲ୍ ତ ମୂକ ହୋଇସାରିଥିଲା । ପରବର୍ତ୍ତୀ ସମୟରେ ଯେତେବେଳେ ପ୍ରଭାତ ସିନେମା ଓ ତା'ପରେ ହିନ୍ଦ୍ ସିନେମା ଗୃହ ନିର୍ମିତ ହୁଏ, ସେମାନଙ୍କ ସାଜସଜ୍ଜା ଓ ଆଟ୍‌ବାଟ୍ ଦେଖି ସେତେବେଳେ ଆମମାନଙ୍କର ଆଖି ଖୋସି ହୋଇ ଯାଉଥିଲା ସତେ ଯେପରି । ଏଣୁ ପ୍ରଭାତ ସିନେମା ତିଆରି ହେବା ପୂର୍ବରୁ କ୍ୟାପିଟେଲ ସିନେମାହିଁ ଥିଲା ଆମର ପ୍ରଧାନ ଆକର୍ଷଣ । କ୍ୟାପିଟେଲ୍‌ର ବାଲ୍‌କୋନିରେ ବସିଲେ ମନେ ହେଉଥିଲା ସ୍ୱର୍ଗ ସୁଖ ମିଳିଗଲା ପରା ! ଆଉଯଦି ବାପା କେବେ ମତେ ଛାଡ଼ି ଏକଲା ସିନେମା ଚାଲିଯାଉଛନ୍ତି ସେଥିଲାଗି ଶଟ୍‌ବିନ୍ ସାହି ଘର ସାମ୍ନା ଦାଣ୍ଡ କଡ଼ ଘାସ ଅଗାଡ଼ ଉପରେ ଚିହିରା ଛାଡ଼ି କାନ୍ଦି କାନ୍ଦି ଗଡ଼ିବା ଏବେବି ସ୍ପଷ୍ଟ ମନେ ପଡ଼େ । କଟକିଆ ଛୁଆ କିନାଁ ! ଭାରି ଏକ୍ ଜିଦିଆ, ନ ଛୋଡ଼ ବନ୍ଧା ପରା । ପରେ ପୁଣି କେହି ଘରୁ ନେଇ ସିନେମା ହଲ୍‌ରେ ନଛାଡ଼ିବା ଯାଏ କାନ୍ଦଣା ବନ୍ଦ ହେବନି । ଏ ହେଲା କଟକରେ ସିନେମାର ଆକର୍ଷଣ । ଆଉ ଆମବେଳେ ପ୍ରତି ରାତିରେ ଥିଏଟର୍ ଅଭିନୀତ ହେଉଥିଲା । ଆମ ଏଠି, ବିଶ୍ୱାସ କରି ହେବନି। ଅନ୍ନପୂର୍ଣ୍ଣା ଥିଏଟର୍ 'ବି' ଗ୍ରୁପ୍‌ର ଯେଉଁ ପର୍ଦ୍ଦାରେ ନଟରାଜ ଶିବଙ୍କର ଛବିଟି ଅଙ୍କା ହୋଇଥିବ ସେଇ ପର୍ଦ୍ଦାଟି କେତେବେଳେ ଉଠିବ ତାକୁଇ ଆମେ ଚାହିଁ ବସିଥିବୁ ଚାତକ ମେଘକୁ ଚାହିଁଲା ଭଳି–କୌଣସି ଏକ ସଂଧ୍ୟାରେ, ସେ ସଂଧ୍ୟା କେତେ ଲୋଭନୀୟ, କେତେ ଆକର୍ଷଣୀୟ ନ ଥିଲା ସତେ ! ଅନ୍ନପୂର୍ଣ୍ଣା ଥିଏଟର୍‌ର ସ୍ୱନାମଧନ୍ୟ ଅଭିନେତା, ଅଭିନେତ୍ରୀ ବାବୀ, ପୀର, ଲକ୍ଷ୍ମୀ ଆଦିଙ୍କର ସେଇ ଅବିସ୍ମରଣୀୟ ଆକ୍ଟିଂ, ସତରେ ଭୁଲି ହୁଏନା। ଆଉଥିଲା ଜନତା ଥିଏଟର୍, ସେଇ ବାଙ୍କା ବଜାର ଗଳିରେ–ଏବେ ବି ମନେ ଅଛି 'ଚଣ୍ଡୀ' ଖେଳରେ ଦୁର୍ଲଭ ସିଂହ 'କୃଷ୍ଣ' ଆଉ ଅଧର 'ଅର୍ଜୁନ', ସେମାନଙ୍କର ସେଇ ଅଭିନୟ ଥରେ ଯେ ଦେଖିଛି, ସେ ଭୁଲିବ କିପରି ? ଏଇଥିରୁ ବୁଝିବେ, କଟକରେ ନଥିଲା କ'ଣ ? ସେଇଥିପାଇଁ ବୋଧ ହୁଏ ନବ ବିବାହିତ ଇଂରେଜୀ ପଢ଼ୁଆ ବାବୁ କେହି ନବବଧୂଟିକୁ ଗ୍ରାମରେ ଛାଡ଼ି ଯଦି ବହୁଦିନ ଧରି କଟକରେ ରହିଯାଉଥିଲେ, ତା'ହେଲେ ତାଙ୍କୁ ଓ ତାଙ୍କ ସଙ୍ଗେ ସଙ୍ଗେ କଟକକୁ ମଧ୍ୟ ବହୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଥିଲା–କଟକର ଛଇଳଛଟକରେ ବାବୁ ଆମର ଅଟକି ଗଲେ କି ଆଉ ! ଗାଁର ସେଇ ନବବଧୂଟିର ମଧ୍ୟ କଟକ ସମ୍ପର୍କରେ କିମ୍ଭୂତକିମାକାର ନାନାଢଙ୍ଗର ଧାରଣା ସଙ୍ଗେ ସଙ୍ଗେ କେତେ ଅଜଣା ଆଶଙ୍କା, ଭୟ ତଥା ଉଦ୍‌ବେଗ ! କଳନା କରି ହେବନି । ଅବଶେଷରେ କଟକୀ ବାବୁଙ୍କର ପତ୍ର କିମ୍ବା କୌଣସି ବାର୍ତ୍ତାବହ ମାଧ୍ୟମରେ ପ୍ରତିଶ୍ରୁତି ଯେ ସେ ଅତିଶୀଘ୍ର ନବବିବାହିତା ବଧୂଟିକୁ କଟକ ଆଣୁଛନ୍ତି, ଟିକେ ସବୁଆଡୁ ସୁବିଧା ହେବାପରେ, ଏହା ନିଶ୍ଚୟ–ଏଇ ପ୍ରତିଶ୍ରୁତି ଟିକକ ହୁଏ ସେଇ ବିରହ ବିଧୁରା ଗ୍ରାମ୍ୟବଧୂଟିର ଏକମାତ୍ର ଆଶା, ଭରସା ତଥା ଅବଲମ୍ବନ, ଠିକ୍ ବିରହୀ ଯକ୍ଷର ପ୍ରତିଶ୍ରୁତି ଭଳି–

"ଶାପାନ୍ତୋମେ ଭୁଜଗଶୟନାଦୁତ୍ଥିତେ ଶାର୍ଙ୍ଗପାଣୌ ।
ଶେଷାନ୍ ମାସାନ୍ ଗମୟ ଚତୁରୋ ଲୋଚନେ
ମୀଳୟିତ୍ୱା" ॥

("ଭଗବାନ ବିଷ୍ଣୁ ଅନନ୍ତ ଶୟନରୁ ଉଠିଲେ ଯାଇ ମୁଁ ଏ ଅଭିଶାପରୁ ମୁକ୍ତି ହେବି, ହେ ପ୍ରିୟେ ! ଆଉ ଚାରିଟା ମାତ୍ର ମାସ କୌଣସି ମତେ ଆଖିବୁଜି କଟାଇ ଦିଅନା !") ।ଗୋପବନ୍ଧୁ ମଧ୍ୟ ତାଙ୍କର 'ବନ୍ଦୀର ସ୍ୱଦେଶ ଚିନ୍ତା' ପଦ୍ୟରେ କଟକର ଏଇ ଅଟକ କରିବାର କ୍ଷମତା ଉପରେ ଗୁରୁତ୍ୱ ଆରୋପ କରିବାକୁ ଭୁଲି ନାହାନ୍ତି "ହାଟରେ ଅଟକ କଲାକି କଟକ ମହାନଦୀ ନୀଳ-ନୀର-ବସନା !"

ଏଇ ଯେ କଟକର ନୀଳ ବାସନା ମହାନଦୀ ଯୋଉଠିକି—ଯାହା ଲାଗି କବିବର ରାଧାନାଥଙ୍କ ପ୍ରାଣରେ ଥିଲା ଅସୀମ ଦରଦ, ଯେଉଁଥିପାଇଁ ସେ କହିଥିଲେ, "କ୍ଷୁଦ୍ର ଶିପ୍ରା ସ୍ରୋତ କିର୍ତ୍ତିତ ଜଗତେ, ମହାନଦୀ ନାମ ରହିଲା ଗୁପତେ"— ସେଇ ମହାନଦୀରେ ନୌକା ବିହାରର ଆକର୍ଷଣ କିଏ ଭଲା ଏଡ଼ାଇ ପାରିବ ! ବାଲିଯାତ୍ରା, ବଡ଼ଓଷା ଆଦି ପର୍ବ ପର୍ବାଣି ଦିନ କଥା ତ ଛାଡ଼ନ୍ତୁ, ଏମିତି ଖୁସିରେ ମନହେଲେ କୌଣସି ଛୁଟିଦିନ ଦେଖି କେବେ ବାସିନ୍ଦା ପିଲା ପିଲି ସାହିଭାଇ ସାଙ୍ଗରେ ନେଇ ଭିଡ଼ କରନ୍ତି କିଆନାଳି, ନହେଲେ ବହଟା ଘାଟରେ, ନୌକାରେ ମହାନଦୀ ପାରି ହୋଇ ଧବଳେଶ୍ୱର ମହାଦେବ ଦର୍ଶନ କରିବାକୁ ଯିବେ । ନୌକା କହିଲେ ଛୋଟ କାତିଆ ଡଙ୍ଗାଠୁଁ ଆରମ୍ଭକରି ଖୁବ୍ ବଡ଼, ବିରାଟ ସାରଙ୍ଗ ପର୍ଯ୍ୟନ୍ତ ଘାଟରେ ବନ୍ଧା ହୋଇ ରହିଥିବ । ଧବଳେଶ୍ୱର ଯିବାଆସିବା ଲାଗି କେତେ ଦେବାକୁ ହେବ, ତାହା ନାହାବେଲା ବା ନାଉରୀ ସଙ୍ଗେ ଆଗରୁ ମୂଲେଇ କରିବାକୁ ହେବ : କେତେ ଲୋକ ଯିବେ ଆଉ କେତେ ବଡ଼ ଡଙ୍ଗା ଦରକାର ହେବ ତାକୁ ନେଇ କଥା ଛିଣ୍ଡେ । ଆମେ ମଧ୍ୟ ପିଲା ବେଳେ କେତେଥର ଯାଇଛୁଁ, ମା, ବାପାଙ୍କ ସାଙ୍ଗରେ, ସେଇ ମହାନଦୀରେ ନୌକାରେ ବସି, ଧବଳେଶ୍ୱର ମହାଦେବଙ୍କ ଦର୍ଶନ ଲାଗି । ଆଉ ସେ ଯେଉଁ ନାହାବାଲା, ତା ସଙ୍ଗେ ଆମମାନଙ୍କର କି ଆତ୍ମୀୟତା ଥିଲା ସତେ ! ବର୍ଷରେ ଦୁଇ ତିନିଥର ସତେ ଯେପରି ଆମେ ଯିବୁ ବୋଲି ସେ ଆମ ବାଟ ଚାହିଁ ରହିଥିବ । ଆମକୁ ଧବଳେଶ୍ୱର ନେବ, ପୂଜା ଆଉ ଦର୍ଶନ ପରେ ପରେ ଆମ ସାଙ୍ଗରେ ସେ ପର୍ଯ୍ୟନ୍ତ ପଞ୍ଚାମୃତ ଭୋଗ ଖାଇବ, ପୁଣି ଫେରାବେଳକୁ ଖାଇବ ଆମ ସାଙ୍ଗରେ—ଏସବୁ ତା ମଜୁରୀ ବାହାରେ ଅବଶ୍ୟ, ସତେ ଯେପରି ସେ ଆମରି ପରିବାରର ଜଣେ । ବେଳ ଥିବାକେ ଶୀଘ୍ର ଫେରିବା ଲାଗି ଆମ ସମସ୍ତଙ୍କୁ ତାଗିଦ୍ କରିବ ସେ, କାରଣ ନଈ ମଝିରେ ଯଦି ଧୂମାଳି ହୁଏ । ଏବେ ବି ଯାଉ ଥିଲେ ଫେରିଲାବେଳେ ନାହାକୁ ନଈ ମଝିରେ ନ ନେଇ କୂଳେ କୂଳେ ନେବା ଲାଗି କେତେ ନେହୁରା, ପ୍ରାର୍ଥନା ସତ୍ତ୍ୱେ ସେ ଏ ଆଡ଼କୁ ଭ୍ରୂକ୍ଷେପ ନ କରି ତା ନିଜର ବାହୁ ତଥା ବୁଦ୍ଧି ବଳ ଉପରେ ଦୃଢ଼ ବିଶ୍ୱାସ ରଖି ନାହାଟିକୁ ବାହି ନେଇ ଯାଉଥିବ । ଆଉ ଆମେ ଥିବାବେଳେ ବେଳେ ଆଞ୍ଜୁଳା ମାରି, କେତେବେଳେ ଅବା ପାଣି କମ ଥିବା ଯାଗାରେ ତାଠୁଁ ବାଉନ୍ସା ନାମକୁ ମାତ୍ର ଶିଖି ଆମେ ଅଭିମାନ ଟିକେ ମେଣ୍ଟାଇ ନେଉ । କେବେକେବେ ଆମେ ପିଲାମାନେ ନାହାକୁ ହାତ ବଢ଼ାଇ ମହାନଦୀ ଜଳ ସ୍ପର୍ଶ କରିବାର ଅସଫଳ ପ୍ରୟାସ କରୁଁ, କେତେବେଳେ ବା ଜୋରରେ ଡଙ୍ଗା ଚାଲୁଥିବା ବେଳେ ଗିଲାସ ବା ଡାଟିଆଟିଏ ବୁଡ଼ାଇ ମହାନଦୀର ନିର୍ମଳ ଜଳପାନ କରିବାରେ ହଠାତ୍ ଆଗ୍ରହୀ ହୋଇ ପଡ଼ୁଁ, ଆଉ ସେଇଥି ଲାଗି ଗୁରୁଜନମାନଙ୍କର ତାଗିଦା, ଏପରିକି ସମସ୍ତେ ସମୟେ ଭର୍ତ୍ସିତ ହେବାକୁ ପଡ଼େ ମଧ୍ୟ—ଏ ସବୁ ଭିତରେ ଆମର ସେଇ ପରିଚିତ ଅତି ଆପଣାର ନାହାବାଲାଟି ଆମକୁ ଆଣି କୂଳରେ ଲଗାଇ ସାରିଥିବ । ବର୍ଷରେ ଅନ୍ତତଃ ଦୁଇ ତିନିଥର କିମ୍ବା ତା'ଠୁଁ ବେଶୀ ଏବଂ ଏଇଭଳି ବର୍ଷ ପରେ ବର୍ଷ—କେଡ଼େ ରୋମାଞ୍ଚକର ଅନୁଭୂତି ସତେ ! ନଈକୂଳିଆ ସହର କଟକ, ନଈ ସେପାରି ସୁପ୍ରସିଦ୍ଧ ଧବଳେଶ୍ୱର ମହାଦେବଙ୍କ ମନ୍ଦିର, ଆଉ କଟକିଆଙ୍କର ଧର୍ମ ପ୍ରାଣତା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନ ଦେଖିବାର ଏବଂ ଏକାଠି ମିଶି ଭୋଜି ଖାଇବା ଓ ଖୁଆଇବାର ଏକପ୍ରକାର ସୌଖିନ୍ ମନୋବୃତ୍ତି ଯୋଗୁଁ ଏହା ସମ୍ଭବ ହେଉଥିଲା ବୋଲି ମୁଁ କହିବି ।

ଶିକ୍ଷା କ୍ଷେତ୍ରରେ କଟକର ଅବଦାନ ଅବିସ୍ମରଣୀୟ । କଟକର ରେଭେନ୍ସା କଲେଜିଏଟ୍, ରେଭେନ୍ସା ଗାର୍ଲସ୍ ସ୍କୁଲ ଆଦିର ସେତେବେଳେ ଖୁବ୍ ନାଁ ଡାକ, ଆଉ ରେଭେନ୍ସା କଲେଜ ତ ସହଜେ ପ୍ରସିଦ୍ଧ । ସେତେବେଳକୁ ଗାଁ ଗଣ୍ଡାରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଏତେ ସଂଖ୍ୟାରେ ସ୍କୁଲ ନଥିଲା ଏବଂ ଯାହା ବା ଥିଲା ସେଗୁଡ଼ିକର ସେତେ ନାଁ ଡାକ ନଥିଲା । କଟକର ସ୍କୁଲ କଲେଜରେ ପାଠ ପଢ଼ିବା ସେଇଥିଲାଗି ସେତେବେଳେ ଏକ ସମ୍ମାନ ଜନକ କଥାଥିଲା । କାଠଯୋଡ଼ି ନଦୀକୂଳରେ ଯେଉଁଠି ପରେ ରାଧାନାଥ ଟ୍ରେନିଂ କଲେଜ ହେଲା, ସେଇଠି ଥିଲା ପ୍ରାକ୍ଟିସିଙ୍ଗ୍ ମିଡ଼ଲ୍ ସ୍କୁଲ, ମୁଁ ଓ ମୋ ସାଙ୍ଗମାନେ ସେଇଠି ଚତୁର୍ଥ ଶ୍ରେଣୀରୁ ସପ୍ତମ ପର୍ଯ୍ୟନ୍ତ ବେସିକ୍ ଇଂରାଜୀ ଶିକ୍ଷା ଲାଭ କରିଥିଲୁଁ । ଯେତେଦୂର ମନେ ପଡ଼େ ହେଡ଼ମାଷ୍ଟର ଅବଦୁଲ୍ ହାଇ ଆମକୁ ଇଂରାଜୀ ଶିକ୍ଷା ଦେଉଥିଲେ । ତା'ଛଡ଼ା ଅନ୍ୟାନ୍ୟ ବିଷୟ ଶିକ୍ଷା ଦେବାକୁ ବୈଦ୍ୟନାଥ ବାବୁ, ହରିବାବୁ ଆଦି ସେବକାର ସ୍ୱନାମଧନ୍ୟ ଶିକ୍ଷକ ବୃନ୍ଦ ମଧ୍ୟ ଥିଲେ । ଶ୍ୟାମବାବୁ ଆମକୁ ଧର୍ମଶିକ୍ଷା ଦେଉଥିଲେ ; ଏହା କୌଣସି ସାମ୍ପ୍ରଦାୟିକ ଧର୍ମଶିକ୍ଷା କ୍ଲାସ୍ ନ ଥିଲା, ବାସ୍ତବରେ ଏହା ଥିଲା ନୀତିଶିକ୍ଷା କ୍ଲାସ । କି ପ୍ରଭାବ ଥିଲା କେଜାଣି ଉକ୍ତ ଶିକ୍ଷାର ! ଏବେ ବିସ୍ମିତ ହେବାକୁ ହୁଏ ଯେ ପିଲାଟି ଦିନୁ ଯେଉଁ ଶିକ୍ଷା ଆମେ ପାଇଲୁଁ, ପରବର୍ତ୍ତୀ କାଳରେ ତା'ର ପ୍ରଭାବ ଏଡ଼ାଇଯିବା ଆମ ପକ୍ଷରେ ଆଉ ଆଦୌ ସମ୍ଭବ ହେଲା ନାହିଁ । ମାଟ୍ରିକ୍ ପଢ଼ିଲା ବେଳକୁ ଆମେ ଆସି ରହିଛୁଁ ଗୁଡ଼ାହାଟରେ; ଘର ପାଖରେ ପ୍ୟାରିମୋହନ ଏକାଡ଼େମୀ, ଏଣୁ ସେଇଠାରେ ହିଁ ଅଷ୍ଟମ ଶ୍ରେଣୀରେ ନାମ ଲେଖା ହେଲା । ଯେ କୌଣସି କାରଣରୁ ହେଉ ନାଁ କାହିଁକି, "ଏକାଡ଼ିମ୍, ପାଠ ପଢ଼ା ପଢ଼ି ଘୋଡ଼ାଡିମ୍" କଥାଟି ସେ ସମୟରେ ଅନ୍ତତଃ ଥଟ୍ଟା ତାମସାରେ ବେଶ୍ ପ୍ରଚଳିତ ଥିଲା । ମାତ୍ର ଅନ୍ତତଃ ମୋ ସମୟରେ ପ୍ୟାରୀମୋହନ ଏକାଡେମୀ ବାସ୍ତବରେ ଥିଲା ଏକ ଆଦର୍ଶ ଅନୁଷ୍ଠାନ, ଏବଂ ତା'ର ହେଡ୍‌ମାଷ୍ଟର ସ୍ୱର୍ଗତ ବସନ୍ତ କୁମାର ଦାସ ଥିଲେ ଜଣେ ଖୁବ୍ କଡ଼ା ଶାସକ ଏବଂ ଅନ୍ୟାନ୍ୟ ସାଧାରଣ ଶିକ୍ଷକ । କି ପିଲା, କି ଶିକ୍ଷକ ତାଙ୍କ ନିକଟରେ ଅଯଥାରେ ପଶି ପାରୁନଥିଲେ, ଏଭଳି ଥିଲା ତାଙ୍କର ତେଜୀୟାନ୍ ବ୍ୟକ୍ତିତ୍ୱ ।

ସେଇଠି ଆମେ ସଂସ୍ପର୍ଶରେ ଆସିଲୁଁ ସେକାଳର ସ୍ୱନାମଧନ୍ୟ ଶିକ୍ଷକ ଭୋଳି ପଣ୍ଡିତ, ଚିନ୍ତାମଣିବାବୁ, ପୀତାମ୍ବରବାବୁ ଆଦିଙ୍କ ସଙ୍ଗେ। ହେଡ୍‌ମାଷ୍ଟର ବସନ୍ତବାବୁ ଏତେ କଡ଼ା ଶାସକ ହୋଇଥିଲେ ହେଁ ନିଜର ଗୁରୁ ସଂସ୍କୃତ ଶିକ୍ଷକ ଭୋଳି ପଣ୍ଡିତଙ୍କୁ ତାଙ୍କ ନିଜ ଅଫିସ୍ କୋଠରୀରେ ବିଶେଷ ସମ୍ମାନ ସହକାରେ ଆମ ଚେୟାର୍‌ରେ ବସାଇ ରଖୁଥିଲେ ପଣ୍ଡିତଙ୍କର କ୍ଲାସ ନଥିବା ସମୟରେ ଅବଶ୍ୟ, ଏହା ଆମଭଳି ଅର୍ବାଚୀନ ବାଳକମାନଙ୍କ ମନରେ ବେଶ୍ ପ୍ରଭାବ ପକାଉଥିଲା। ମଝିରେ ମଝିରେ କେବେ କେମିତି କୌଣସି ଦୁଷ୍ଟ ପିଲା ଉପରେ ବେତ ବସିବା ଯୋଗୁଁ ଯେତେବେଳେ ହେଡ୍‌ମାଷ୍ଟରଙ୍କ କୋଠରୀ ପ୍ରକମ୍ପିତ ହୋଇ ଉଠୁଥିଲା, ଆମେ ସମସ୍ତେ "ବିରିମାଡ଼ ଦେଖି ବୋଲଥ ଶ୍ୱେପା" ହେବା ନ୍ୟାୟରେ ଆପଣାକୁ ସଂଯତ ତଥା ନିୟନ୍ତ୍ରିତ କରି ନେଉଥିଲୁଁ। ବାପାଙ୍କ କଠୋର ଶାସନକୁ ବାଦ୍ ଦେଲେ ବୋଧହୁଏ କଟକର ଏଇ ପ୍ୟାରୀମୋହନ ଏକାଡେମୀରୁ ହିଁ ମୋଭଳି ଅନେକଙ୍କୁ ପରବର୍ତ୍ତୀ କାଳରେ 'ମାତ୍ରାଧିକ' ସଂଯମ ତଥା ଆତ୍ମ ନିୟନ୍ତ୍ରଣର ପ୍ରେରଣା ମିଳିଥିଲା ବୋଲି କହିଲେ ଭୁଲ ହେବ ନାହିଁ। ଏଇଠାରୁ ମାଟ୍ରିକ୍ ପାଶ୍ କରି ଆମେ ସବୁ ଆସିଲୁଁ ରେଭେନ୍‌ସା କଲେଜକୁ। ସାଧାରଣତଃ କି ଛାତ୍ର ଛାତ୍ରୀ, କି ଅଧ୍ୟାପକ ଅଧ୍ୟାପିକା ସମସ୍ତଙ୍କ ଲାଗି ରେଭେନ୍‌ସା ଜୀବନ ଏକ ଗୌରବମୟ ଅଧ୍ୟାୟ। ରେଭେନ୍‌ସାର ଶ୍ରେଣୀଗୃହ, ବାରଣ୍ଡା, ଲାଇବ୍ରେରୀ, ଖେଳପଡ଼ିଆ, ପ୍ରିନ୍‌ସିପାଲଙ୍କ କୋଠରୀ, ଏସବୁ କିଛି ଥିଲା ଆମ ଲାଗି ରହସ୍ୟମୟ ଏବଂ ଆକର୍ଷଣର କେନ୍ଦ୍ରବିନ୍ଦୁ। ଆମର ଅଧ୍ୟାପକ ଅଧ୍ୟାପିକା; ସେମାନେ ଥିଲେ ଆମର ଆଦର୍ଶ, ପ୍ରତିଟି ଅଧ୍ୟାପକ ଅଧ୍ୟାପିକା ତାଙ୍କ ସ୍ୱକୀୟ ବିଷୟରେ ଥିଲେ ନିପୁଣ ଏବଂ ଧୁରୀଣ। ଆଉ ସଙ୍ଗୀମାନେ ସମସ୍ତେ ଥିଲେ କେତେ ଆପଣାର। ବିରାଟ ଶ୍ରେଣୀ ଗୃହରେ ସମସ୍ତେ ପରସ୍ପର ସଙ୍ଗେ ଆଳାପ କରିବା କିମ୍ବା ପରସ୍ପରକୁ ଚିହ୍ନି ରଖିବା ଏବଂ ଅନ୍ତରଙ୍ଗ ହେବା ହୁଏତ ସମ୍ଭବ ନଥିଲା, ଅଥଚ ସମସ୍ତେ 'ରେଭେନ୍‌ସାଭିଆନ୍' ହୋଇଥିବାରୁ ସତେ ଯେପରି ଏକ ଅଦୃଶ୍ୟ ବନ୍ଧନୀରେ ବାନ୍ଧି ହୋଇ ରହିଥିଲେ। ରେଭେନ୍‌ସାଭିଆନ୍‌ଙ୍କ ଭିତରେ ଜଣେ କେଉଁ ମସିହାରେ ବି. ଏ. ପାଶ୍ କଲେ କିମ୍ବା ଏମ୍. ଏ. ପାଶ୍ କଲେ ତଦନୁସାରେ ଭେଦ କରାଯାଇ କେହି ୧୯୫୦ରେ, କେହିବା ୧୯୫୫ର କିମ୍ବା ଅନ୍ୟଜଣେ ୧୯୬୦ରେ ବୋଲି ଯଦି କୁହାଯାଏ ଏବଂ ଏହା ଦ୍ୱାରା ଯଦି ପରସ୍ପର ପ୍ରୀତି, ସଂହତି ଆଦି କୌଣସି ମହତ୍ ଉଦ୍ଦେଶ୍ୟ ସାଧିତ ହୋଇପାରେ, ତାହେଲେ ମୁଁ ୧୯୫୪ ମସିହାରେ ରେଭେନ୍‌ସାଭିଆନ୍ ଭାବେ ନିଜର ପରିଚୟ ଦେବି କାରଣ ୧୯୫୪ ମସିହାରେ ହିଁ ମୁଁ କଟକ ରେଭେନ୍‌ସା କଲେଜରୁ ବି. ଏ. ପାଶ୍ କରିଥିଲି। ୧୯୫୪ ମସିହାରେ ରେଭେନ୍‌ସା ପାଠ ସାରି ଯେତେବେଳେ ପ୍ରଥମଥର ମୁଁ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ପଢ଼ିବା ଲାଗି କଟକ ରେଲ୍‌ୱେ ଷ୍ଟେସନ ଛାଡ଼େଁ ଏବଂ ମୋର ପ୍ରିୟ କଟକ ତଥା ବାପା ମା ଭାଇ ବନ୍ଧୁ ସମସ୍ତଙ୍କଠାରୁ ଲୋତକ ପୂର୍ଣ୍ଣ ଚକ୍ଷୁରେ ବିଦାୟ ନିଏ, ମତେ ସେତେବେଳେ ଆଦୌ ଜଣା ନଥିଲା ଯେ ଆରଥରକ ଫେରିଲା ବେଳକୁ ମୋ ବେଳର ସେ କଟକ ଆଉ ନଥିବ। ବାସ୍ତବରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଏମ୍. ଏ. ପଢ଼ିବା ଅବସ୍ଥାରେ ଏବଂ ତାପରେ ଯେତେବେଳେ ବି କଟକକୁ ଫେରିଛି ଏବଂ ଏବେ ମଧ୍ୟ ଯେତେବେଳେ କଟକକୁ ଯାଏଁ, ସେ ପୂର୍ବର କଟକକୁ ପାଇବା ଆଉ କେବେହେଲେ ମୋ ପକ୍ଷେ ସମ୍ଭବ ହୋଇନାହିଁ।

ଏଠାରେ କହି ରଖେଁ ଯେ କଟକର ନାଳ, ନର୍ଦ୍ଦମା, ବର୍ଷାଦିନର ବିଚ୍ ରାସ୍ତାରେ ସେଇ ପଚର ପଚର କାଦୁଅ। ଦିନ ପରେ ଦିନ କିଲଖାନାକୁ ଅଡ଼େଇ ନିଆ ଯାଉଥିବା ସେଇ ହତଭାଗା ହଡ଼ା ଗୋରୁପଲ, ଇଁ ଭଁ ସାହି ସାହି ଭିତରେ ସପର୍ଶ, ଦୁର୍ଦ୍ଦମନୀୟ ଓ ସତେ ଯେପରି 'ଚିରନ୍ତନ' ସେଇ କଟକୀ ମଶାଙ୍କ ଦୌରାତ୍ମ୍ୟ, ଆଉ ସେ ଯେଉଁ ପ୍ରସିଦ୍ଧ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ୍ ହସ୍‌ପିଟାଲ୍ ଯେଉଁ ଠିକି ଯିବା ଲାଗି ରୋଗୀର କୋକୁଆଭୟ, ଦୂରରୁ ଦେଖା ଯାଉଥିବା ସେ ଖାନନଗରର ଧୂଆଁ ଏବଂ ସତୀଚଉରା ବା ଗୋରାକବରର ସେଇ ମୂକ ସମାଧି—ଏସବୁ ମଧ୍ୟ ଆମ କଟକର ଅଂଶ ବିଶେଷ, ଏଥିରେ ସନ୍ଦେହ କ'ଣ ଥାଇପାରେ ? ଏ ସବୁକୁ ନେଇ ତ କଟକ !

କୁଳପତି,
ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ,
ଶ୍ରୀବିହାର, ପୁରୀ।



ଶିଳ୍ପ ମନ୍ତ୍ରୀ ଶ୍ରୀ ଦିଲିପ ରାୟ ସ୍ୱସ୍ତି ହୋଟେଲଠାରେ ଆୟୋଜିତ ପର୍ଯ୍ୟଟନ ଶୀର୍ଷକ ଏକ ଆଲୋଚନା ଚକ୍ରରେ ସଭାପତିତ୍ୱ କରୁଛନ୍ତି।




## ଢେଙ୍କାନାଳ ଜିଲ୍ଲାରେ ଦୁଗ୍ଧ ବନ୍ୟା ଯୋଜନାର ସଫଳତାର ଏକ ଝଲକ

ବିକାଶଶୀଳ ରାଷ୍ଟ୍ରମାନଙ୍କର ପ୍ରଧାନ ସମସ୍ୟା ହେଉଛି ଦାରିଦ୍ର୍ୟତା। ଆମ ଦେଶରେ ମଧ୍ୟ ଏହି ସମସ୍ୟାଟି ଉତ୍କଟ। ୫୦ ବର୍ଷ ତଳେ ଅନେକ ଯନ୍ତ୍ରଣା ଓ ଅନେକ ଲୁହ ଲହୁର କାହାଣୀ ଭିତରେ ଆମେ ରାଜନୈତିକ ସ୍ୱାଧୀନତା ଲାଭ କରିଥିଲୁ ଏବଂ ଏହି ସମୟ ଭିତରେ ଆମେ ଅନେକ କ୍ଷେତ୍ରରେ ଅର୍ଥନୈତିକ ସ୍ୱାଧୀନତା ପାଇପାରି ନାହୁଁ। ଲକ୍ଷ୍ୟ କରାଯାଇଛି ଯେ ସଂଖ୍ୟା ଗରିଷ୍ଠ ଗ୍ରାମାଞ୍ଚଳର ଲୋକମାନେ ଦାରିଦ୍ର୍ୟର ଶିକାର ହେଉଛନ୍ତି। ତେବେ ଏମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଉଠାଇବା ପାଇଁ ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରାଯାଉଛି ଏବଂ ଏହି ଲକ୍ଷ୍ୟ ଭିତରେ ଦୁଗ୍ଧ ବନ୍ୟା ଯୋଜନାର ପରିକଳ୍ପନା ହୋଇ ଦୁଗ୍ଧ ବନ୍ୟା ଯୋଜନା କାର୍ଯ୍ୟକାରୀ କରାଗଲା। ଏହି ଯୋଜନାଟିର ମୂଳ ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳରେ ରହିଥିବା ଗୋ ସମ୍ପଦର ବିକାଶ ଏବଂ ଏମାନଙ୍କଠାରୁ ଉତ୍ପାଦିତ ହେଉଥିବା ଦୁଗ୍ଧ ମାଧ୍ୟମରେ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ଅର୍ଥନୈତିକ ତଥା ସାମାଜିକ ପରିବର୍ତ୍ତନ ଆଣିବା। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଢେଙ୍କାନାଳ ଜିଲ୍ଲାକୁ ଦୁଗ୍ଧ ବନ୍ୟା ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା। ଢେଙ୍କାନାଳ ଜିଲ୍ଲାରେ ଏହି ଯୋଜନାଟିର ସଫଳତାର ଦିଗରେ ପ୍ରଚଣ୍ଡ ଉଦ୍ୟମ ଓ ନିରବଚ୍ଛିନ୍ନ ପ୍ରୟାସ ଓ ସର୍ବୋପରି ଦୁଗ୍ଧ ଉତ୍ପାଦନ ଚାଷୀମାନଙ୍କ ନିଷ୍ଠାପର ସହଯୋଗ ଫଳରେ ଦୁଗ୍ଧ ଉତ୍ପାଦନ, ଏହାର ମାନଭିତ୍ତିକ ମୂଲ୍ୟ ନିର୍ଦ୍ଧାରଣ, ସଂରକ୍ଷଣ ଓ ଶୀତଳୀକରଣ କାର୍ଯ୍ୟଗୁଡ଼ିକ ବେଶ୍ ସୁରୁଖୁରୁ ରୂପେ ସମ୍ପାଦନ କରାଯାଇ ପାରିଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଶୃଙ୍ଖଳିତ ପ୍ରଗତି ନିମନ୍ତେ ଏକ ଦୃଢ଼ ଭିତ୍ତି ସ୍ଥାପନ କରିବା ସଙ୍ଗେ ସଙ୍ଗେ ଜିଲ୍ଲାରେ ଗୋ ପାଳନ ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧି ଦିଗରେ ଢେଙ୍କାନାଳ ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ଏକ ପ୍ରଧାନ ଭୂମିକା ଗ୍ରହଣ କରିପାରିଛି।

## ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଗଠନ ଓ ଦୁଗ୍ଧ ଉତ୍ପାଦନ

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୯୯୯ ଫେବୃଆରୀ ମାସ ସୁଦ୍ଧା ଜିଲ୍ଲାର ସଦର, ହିନ୍ଦୋଳ, ଅନୁଗୁଳ, ତାଳଚେର ଓ ଆଠମଲ୍ଲିକ ସବ୍‌ଡିଭିଜନର ୧୦ଟି ବ୍ଲକ୍‌କୁ ସଂଯୋଗ କରାଯାଇଥିବା ୭ଟି ଦୁଗ୍ଧ ପଥର ମୋଟ୍ ୧୨୮ ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ସଙ୍ଗଠନ କରାଯାଇଥିଲା ଏବଂ ୧୯୯୯ ଫେବୃଆରୀ ସୁଦ୍ଧା ଏହି ସମିତିଗୁଡ଼ିକ ମାଧ୍ୟମରେ ମୋଟ୍ ୬୪୨ ଜଣ କ୍ଷୁଦ୍ର ନାମମାତ୍ର ଓ ଭୂମିହୀନ ଦୁଗ୍ଧ ଉତ୍ପାଦକ ଚାଷୀମାନଙ୍କୁ ସଭ୍ୟଭୁକ୍ତ କରାଯାଇଛି। ୧୯୯୯ ଫେବୃଆରୀ ସୁଦ୍ଧା ଏହି ସମିତି ମାଧ୍ୟମରେ ୭୬ ଲକ୍ଷ ୯୦ ହଜାର କି: ଗ୍ରା: ଦୁଗ୍ଧ ସଂଗ୍ରହ କରାଯାଇ ପାରିଛି।

### ସମ୍ପ୍ରସାରଣ ବ୍ୟବସ୍ଥା :

ଦୁଗ୍ଧ ବନ୍ୟା ଯୋଜନାର ଚାଷୀମାନେ କିପରି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ, ସେଥିପାଇଁ ସଂଘ ତରଫରୁ ବିସ୍ତୃତି ବ୍ୟବସ୍ଥା କରାଯାଇଛି। ସଂଘ ତରଫରୁ ସମ୍ପ୍ରସାରଣ ସେବା ବ୍ୟବସ୍ଥା ମାଧ୍ୟମରେ ସମିତିର ସଭ୍ୟଭୁକ୍ତ ଚାଷୀମାନଙ୍କୁ ଗୁଜୁରାଟ ପରିଭ୍ରମଣ, ପରିଚାଳନା ପରିଷଦ ସଭ୍ୟମାନଙ୍କୁ ସ୍ୱଳ୍ପ ସମୟ ଭିତ୍ତିକ ତାଲିମ ଦିଆଯାଉଛି। ଏହି ବ୍ୟବସ୍ଥା ଅନୁଯାୟୀ ବର୍ତ୍ତମାନ ସୁଧା ୧୬୫ ଜଣ ଚାଷୀ ଆନନ୍ଦ ପରିଭ୍ରମଣରେ ଯାଇଥିଲେ। ଏହାଛଡ଼ା ୬୪ ଜଣଙ୍କୁ ସଂଘ ତରଫରୁ କୃତ୍ରିମ ପ୍ରଜନନ ଓ ୨,୬୧୮ ଜଣ ଚାଷୀଙ୍କୁ ବିଭିନ୍ନ ପରିଚାଳନା ବିଷୟରେ ତାଲିମ ଦିଆଯାଇ ପାରିଛି।

ଏହାଛଡ଼ା ଚାଷୀମାନଙ୍କର ବୌଦ୍ଧିକ ଚେତନାର ଅଭ୍ୟୁଦୟ ପାଇଁ ଏକ ମାସିକ ଚାଷୀ ପତ୍ରିକା "ଶ୍ୱେତ ବାର୍ତ୍ତା" ମଧ୍ୟ ସଂଘ ତରଫରୁ ପ୍ରକାଶ କରାଯାଉଛି।

ଏହାଛଡ଼ା ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଅନୁଯାୟୀ ଚାଷୀମାନଙ୍କୁ ଗାଈ ଋଣ ଆକାରରେ ଯୋଗାଇ

ଦିଆଯିବାର ବିସ୍ତୃତ ବ୍ୟବସ୍ଥା କରାଯାଇଛି । ସଙ୍ଘ ତରଫରୁ କାଇମାଟିଠାରେ ଏକ ଛଡ଼ା ପାଳନ କେନ୍ଦ୍ର ସ୍ଥାପନ କରାଯାଇଥିଲା ଏବଂ ବର୍ତ୍ତମାନ ସୁଧା ଏହି କେନ୍ଦ୍ରରୁ ୧,୩୦୦ଟି ଉନ୍ନତ ମାନର ଗାଈ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି ।

ଦୁଗ୍ଧ ବନ୍ୟା ଯୋଜନାର ଏହି ସଫଳତା ଅନେକାଂଶରେ ଉତ୍ସାହପ୍ରଦ ହେଲେ ମଧ୍ୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ଆମକୁ ଆହୁରି ଅନେକ କିଛି କରିବାକୁ ପଡ଼ିବ । ଏଥିପାଇଁ ଦୁଗ୍ଧ ଉତ୍ପାଦକ ଚାଷୀମାନଙ୍କର ଆଗ୍ରହ ଓ ଦୃଢ଼ ମନୋବଳ ଦରକାର । ଏହି ଯୋଜନାଟିକୁ ସଫଳ ସହକାରେ କାର୍ଯ୍ୟକାରୀ କଲେ ଗରିବ ଚାଷୀମାନଙ୍କର ଅର୍ଥନୈତିକ ମାନଦଣ୍ଡରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଦେବ, ଏହା ନିଶ୍ଚିନ୍ତ ଭାବରେ କୁହାଯାଇ ପାରିବ ।

## ପଶୁ ପାଳନ ଯୋଜନା : ଏକ ବିହଙ୍ଗାବଲୋକନ

ଷୋହଳଟି ବ୍ଲକ୍ ବିଶିଷ୍ଟ ଢେଙ୍କାନାଳ ଜିଲ୍ଲାରେ ପଶୁ ପାଳନ ବିଗତ ୭ଟି ପଞ୍ଚବାର୍ଷିକ ଯୋଜନା ଦ୍ୱାରା ଯଥେଷ୍ଟ ଅଗ୍ରଗତି କରିପାରିଛି । ପ୍ରଥମ ଯୋଜନା ବେଳେ ଏ ଜିଲ୍ଲାରେ ଗୋଟିଏ ହେଲେ ଶଙ୍କର ଜାତୀୟ ଜର୍ସି ଗାଈ ନଥିବା ବେଳେ ବର୍ତ୍ତମାନ ଜିଲ୍ଲାର ଜର୍ସି ଗୋରୁଙ୍କ ସଂଖ୍ୟା ୩୧,୮୧୬ । ତହିଁରୁ ୧୨,୪୭୩ ଦୁଧିଆଳୀ ଗାଈ । ଏହା ସମ୍ଭବ ହୋଇଛି କୃତ୍ରିମ ପ୍ରଜନନ ଦ୍ୱାରା । ବର୍ତ୍ତମାନ ଜିଲ୍ଲାର ୩ ଗୋଟି କି' ଭିଲେଜ ସହିତ ଅନ୍ୟାନ୍ୟ ପଶୁ ଚିକିତ୍ସାଳୟ ଓ ପଶୁ ସହାୟକ କେନ୍ଦ୍ର ମିଶି ମୋଟ ୭୬ଟି କୃତ୍ରିମ ପ୍ରଜନନ କେନ୍ଦ୍ର ରହିଛି । ଏହି କେନ୍ଦ୍ରମାନଙ୍କରେ ପୃଥିବୀର ଅତ୍ୟାଧୁନିକ ପଦ୍ଧତି, ହିମୀକୃତ ଶୁକ୍ର ଦ୍ୱାରା ଗାଈମାନଙ୍କୁ ପ୍ରଜନନ କରାଯାଉଅଛି । ଲୋକଙ୍କର ପୁରାତନ ଅନ୍ଧ ବିଶ୍ୱାସ ସତ୍ତ୍ୱେ କୃତ୍ରିମ ପ୍ରଜନନକୁ ଲୋକପ୍ରିୟ କରାଯାଇଛି । ଏଥିପାଇଁ ଏ ଜିଲ୍ଲାରେ ମୁତୟନ ହୋଇଥିବା ୫୭ ଜଣ ପଶୁ ଚିକିତ୍ସକ, ୧୪୮ ଜଣ ପଶୁଧନ ନିରୀକ୍ଷକ, ୭ ଜଣ ଅନୁବିଭାଗୀୟ ପଶୁ ଚିକିତ୍ସା ଅଧିକାରୀ ତଥା ଜଣେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏ କାର୍ଯ୍ୟ ସମ୍ପାଦନ ହେଉଅଛି । ତଦ୍ୱାରା ୧୯୮୩ ମସିହାରେ ଏ ଜିଲ୍ଲାରେ ୭,୦୯୯ଟି କୃତ୍ରିମ ପ୍ରଜନନ ହେଉଥିବା ସ୍ଥଳେ ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧିପାଇ ୧୨,୫୯୭କୁ ବୃଦ୍ଧି ପାଇଅଛି ଓ ଚଳିତ ବର୍ଷ ଏହାର ଉନ୍ନତି ହେବା ଆଶା କରାଯାଏ ।

### ଶଙ୍କର ମାଈ ବାଛୁରୀ ପାଳନ ଯୋଜନା :

ଏହି ସ୍ୱତନ୍ତ୍ର ଯୋଜନା ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି । ୫୦୦ ଆଇ: ଆର୍: ଡି: ହିତାଧିକାରୀମାନଙ୍କର ଶଙ୍କର ଜାତୀୟ ମାଈ ବାଛୁରୀମାନଙ୍କୁ ଗାଈ ହେବା ପର୍ଯ୍ୟନ୍ତ ମାଗଣାରେ ଦାନା ଓ ଆନୁଷଙ୍ଗିକ ଚିକିତ୍ସା ଦିଆଯାଉଅଛି । ଏହାଦ୍ୱାରା ଶଙ୍କର ଜାତୀୟ ଗାଈ ସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ହିତାଧିକାରୀମାନଙ୍କର ଆର୍ଥିକ ଉନ୍ନତି ଘଟିଛି ।

୭୨୫ ଜଣ ଆଇ: ଆର୍: ଡି: ହିତାଧିକାରୀମାନଙ୍କୁ ଶଙ୍କର ଜାତୀୟ ଦୁଧିଆଳୀ ଗାଈ ଯୋଗାଇ ଦିଆଯାଇଛି । ସେଥିପାଇଁ ଅନୁଗୋଳ ଓ କାଇମାଟିରେ ଦୁଇଟି ଛଡ଼ା ପାଳନ କେନ୍ଦ୍ର ପ୍ରତିଷ୍ଠିତ ହୋଇଛି । ହିତାଧିକାରୀମାନଙ୍କର ଦୁଗ୍ଧକୁ ଉଚିତ ଦରରେ ବିକ୍ରିବଟା କରିବା ଓ ସେମାନଙ୍କ ଗାଈକୁ ସୁଷମ ଖାଦ୍ୟ ଯୋଗାଇବା ପାଇଁ ୪୬ଟି ଏମ: ପି: ସି: ଏସ୍: ଜରିଆରେ ଗୋଟିଏ "ଜିଲ୍ଲା ଦୁଗ୍ଧ ସଙ୍ଘ" ଗଢ଼ାଯାଇଛି । ଏହି ସଙ୍ଘର ଢେଙ୍କାନାଳରେ ଗୋଟିଏ ଓ ଅନୁଗୋଳରେ ଗୋଟିଏ ଶୀତଳୀକରଣ କେନ୍ଦ୍ର ପ୍ରତିଷ୍ଠିତ ହୋଇଅଛି । ଦୈନିକ ୨,୭୦୦ରୁ ୩,୦୦୦ ଲିଟର ଦୁଗ୍ଧ ସଂଗ୍ରହ କରାଯାଉଅଛି । ଏହି ଦୁଗ୍ଧ ବିଶୋଧନ କରାଯାଇ ଖାଉଟିଙ୍କୁ ବିକ୍ରି କରାଯାଉଅଛି ।

ଏତଦ୍ ବ୍ୟତୀତ ହରିଜନ ଆଦିବାସୀ ଅର୍ଥ ନିଗମ ସାହାଯ୍ୟରେ ୩୦ ଜଣ ହିତାଧିକାରୀମାନଙ୍କୁ ନେଇ ଗୋବରାଠାରେ ଗୋଟିଏ "ଡାଏରୀ କମ୍ପ୍ଲେକ୍ସ" ଗଠନ କରାଯାଇଅଛି । ପ୍ରଥମରେ ୩୦ଟି ଗାଈରୁ ବୃଦ୍ଧି ପାଇ ବର୍ତ୍ତମାନ ୫୬ଟି ଗାଈ ଅଛନ୍ତି । ଆହୁରି ରୋଜଗାର ପାଇଁ ୧୧ ଜଣ ଶିକ୍ଷିତ ବେକାରଙ୍କୁ ସାହାଯ୍ୟ ଦେଇ ଡାଏରୀ ଫାର୍ମ କରାଯାଇ ପାରିଛି ଓ ସେମାନଙ୍କୁ ଅନୁସରଣ କରି ୧୬୬ ଜଣ ବେକାର ଯୁବକ ଏହି ଧନ୍ଦାକୁ ବୃତ୍ତି ରୂପେ ଗ୍ରହଣ କରିବା ପାଇଁ ଦରଖାସ୍ତ କରିଛନ୍ତି । ଏହି ଦରଖାସ୍ତଗୁଡ଼ିକ ଋଣ ପାଇଁ ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ଶାଖାମାନଙ୍କରେ ଯାଞ୍ଚ କରାଯାଉଅଛି ।

ଏ ଜିଲ୍ଲାର ଘାସ ଚାଷ ପ୍ରସାର ପାଇଁ ଅନୁଗୋଳଠାରେ ଗୋଟିଏ ଘାସ ବିହନ ଫାର୍ମ ସ୍ଥାପନ କରାଯାଇ ବାର୍ଷିକ ପ୍ରାୟ ୫୦୦ କୁଇଣ୍ଟାଲ ବିହନ ଉତ୍ପାଦନ ହୋଇ ହିତାଧିକାରୀମାନଙ୍କୁ ମାଗଣାରେ ଯୋଗାଇ ଦିଆଯାଉଅଛି । ଗତବର୍ଷ ୨,୦୦୦ ହିତାଧିକାରୀମାନଙ୍କୁ ବିହନ ଯୋଗାଇ ଦିଆଯାଇଥିଲା ।

ଉନ୍ନତ ଗାଈଙ୍କ ସଂଖ୍ୟା ବଢ଼ାଇବା ପାଇଁ ଯେଉଁ ଅଞ୍ଚଳରେ କୃତ୍ରିମ ପ୍ରଜନନର ସୁବିଧା ଯୋଗାଇ ଦିଆଯାଇ ପାରିନାହିଁ, ସେହି ଅଞ୍ଚଳରେ ଉନ୍ନତ ଓ ଜର୍ସି ଜାତୀୟ ଷଣ୍ଢ ଯୋଗାଇ ଦିଆଯାଇଅଛି । ସେଥିପାଇଁ ୪୦ଟି ଷଣ୍ଢ ଓ ୬ଟି ଘୋଡ଼ା ଯୋଗାଇ ଦିଆଯାଉଅଛି ।

### ରାଜ୍ୟ ଗୋ-ସଦନ :

ରାଜ୍ୟରେ ଥିବା କେବଳ ଗୋଟିଏ ମାତ୍ର ଗୋ-ସଦନ ଏ ଜିଲ୍ଲାର ବାବନ୍ଧରେ ଅବସ୍ଥିତ । ଏହି ଗୋ-ସଦନରେ ଅକର୍ମଣ୍ୟ ଗୋରୁ ଗାଈମାନଙ୍କୁ ସେମାନଙ୍କ ସ୍ୱାଭାବିକ ମୃତ୍ୟୁ ପର୍ଯ୍ୟନ୍ତ ପାଳନ କରାଯାଏ । ସେଥିପାଇଁ ସରକାର ଏ ବିଭାଗକୁ ୩୭୯ ଏକର ଜମି ଦେଇଛନ୍ତି । ତହିଁରୁ ୬୬ ଏକରରେ ଘାସ ଚାଷ କରାଯାଇ ଗୋ-ସଦନରେ ଥିବା ଗୋରୁ ଗାଈମାନଙ୍କର ଖାଦ୍ୟ ରୂପେ ବ୍ୟବହାର କରାଯାଏ ।

### କୁକୁଡ଼ା ପାଳନ :

ରାଜ୍ୟ କୁକୁଡ଼ା ପାଳନ ଫାର୍ମ ଅନୁଗୋଳଠାରେ ପ୍ରତିଷ୍ଠିତ । ଏହି ଫାର୍ମରେ ୩,୦୦୦ ଅଣ୍ଡା ଦିଆ କୁକୁଡ଼ା ଅଛନ୍ତି ।

ତାଳଚେରଠାରେ ୧୦୦ ଅଣ୍ଡା ଦିଆ କୁକୁଡ଼ା ବିଶିଷ୍ଟ ଫାର୍ମ ଗୋଟିଏ କାର୍ଯ୍ୟ କରୁଅଛି । ବାରିଆଡେ କୁକୁଡ଼ା ପାଳନ ଯୋଜନା ଅନୁଯାୟୀ ପ୍ରତିବର୍ଷ ମାଗଣାରେ ୬୦୦ କୁକୁଡ଼ା ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯାଏ । ଏତଦ୍ ବ୍ୟତୀତ ଢେଙ୍କାନାଳ, ଅନୁଗୋଳ ଓ ତାଳଚେର ସବ୍‌ଡିଭିଜନର ୧୮ ଜଣ ଗୃହୀ କୁକୁଡ଼ା ଫାର୍ମ କରି ଏହାକୁ ବୃତ୍ତି ରୂପେ ଅବଲମ୍ବନ କରିଛନ୍ତି ।

ମାଂସାଳ କୁକୁଡ଼ା ପାଳନ ଏକ ଲାଭଜନକ ବ୍ୟବସାୟ ରୂପେ ଏ ଜିଲ୍ଲାର ଶିଳ୍ପାଞ୍ଚଳରେ ବେଶ୍ ପ୍ରସାର ଲାଭ କରିଛି । ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ୬୩ଟି ବ୍ରଏଲର୍ ଫାର୍ମ ପ୍ରତିଷ୍ଠା କରିବା ସମ୍ଭବପର ହୋଇଛି ।

ଉପରୋକ୍ତ ଦୁଇଟି ଯୋଜନା ଦ୍ୱାରା ଜିଲ୍ଲାର ଅଣ୍ଡା ଉତ୍ପାଦନ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇ ଯଥାକ୍ରମେ ୧୧.୪୦ ନିୟୁତ ଅଣ୍ଡା ଓ ୨୮.୧୧ ମେଟ୍ରିକ୍ ଟନ୍ ଦୁଗ୍ଧ ଚଳିତ ବର୍ଷ ଉତ୍ପାଦନ ହୋଇଅଛି ।

ଉତ୍ପାଦନ ବ୍ୟତୀତ ଗୃହ ପାଳିତ ପଶୁମାନଙ୍କର ଚିକିତ୍ସା ତଥା ପ୍ରତିଷେଧ ପାଇଁ ଜିଲ୍ଲାରେ ୩୩ ଗୋଟି ପଶୁ ଚିକିତ୍ସାଳୟ ଓ ୧୪୮ଟି ପଶୁ ସହାୟକ କେନ୍ଦ୍ର ଅଛି । ଏହି ଅନୁଷ୍ଠାନମାନଙ୍କରେ ୧୯୮୯-୯୦ ମସିହାରେ ୮,୭୬,୪୦୬ ଗୋ ମହିଷାଦିଙ୍କୁ ଚିକିତ୍ସା କରାଯାଇଥିଲା ଓ ୬,୦୩,୯୭୮ ଗୋରୁ ଗାଈଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ପାଇଁ ପ୍ରତିଷେଧ ବ୍ୟବସ୍ଥା କରାଯାଇଥିଲା ।

ସ୍ୱଦେଶ ଚନ୍ଦ୍ର ରାୟ,
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ ।



ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ମହାନନ୍ଦ ରେଢ଼ାଖୋଲଠାରେ ସୂଚନା କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।




## ଆଇ: ଆର୍: ଡି: ପି:ର ସଫଳତା

ଗତ ଡିସେମ୍ବର ମାସରେ ଓଡ଼ିଶାରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ (ଆଇ: ଆର୍: ଡି: ପି:) ଅଧୀନରେ ମୋଟ୍ ୧୩,୩୮୦ଟି ପରିବାର ଉପକୃତ ହୋଇଛନ୍ତି । ଏହାକୁ ମିଶାଇ ୧୯୯୦-୯୧ ଆର୍ଥିକ ବର୍ଷ ଆରମ୍ଭରୁ ଅର୍ଥାତ୍ ଗତ ଅପ୍ରେଲ ମାସରୁ ଡିସେମ୍ବର ମାସ ଶେଷ ସୁଦ୍ଧା ମୋଟ୍ ୬୭,୨୬୭ଟି ପରିବାର ଏହି କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି ବୋଲି ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ପ୍ରକାଶ ।

ଚଳିତ ଆର୍ଥିକ ବର୍ଷରେ ମୋଟ୍ ୧ ଲକ୍ଷ ୧୪ ହଜାର ୫୮୯ଟି ପରିବାରଙ୍କୁ ଏଥିରେ ସହାୟତା ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଗତ ଡିସେମ୍ବର ମାସ ଶେଷ ସୁଦ୍ଧା ଚଳିତ ବର୍ଷ ପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୫୮·୭୦ ଭାଗ ସଫଳତା ହାସଲ ହୋଇଛି ବୋଲି ଜଣାପଡ଼ିଛି ।

## ଜବାହର ରୋଜଗାର ଯୋଜନା

ଏକ ସମୀକ୍ଷାରୁ ଜଣାଯାଏ ଯେ ୧୯୯୦-୯୧ ମସିହାରେ ଯାଜପୁର ଉପଖଣ୍ଡର ୧୭୭ଟି ଗ୍ରାମ ପଞ୍ଚାୟତକୁ ଦୁଇ ଦଫାରେ ମୋଟ୍ ଏକ କୋଟି ସତେଇଶି ଲକ୍ଷ ଷ୍ଠଳିଶି ହଜାର ଦୁଇଶହ ଏକଷ୍ଠଳିଶି ଟଙ୍କା ମଞ୍ଜୁର କରାଯାଇଅଛି । ଉକ୍ତ ଯୋଜନାରେ ସମୁଦାୟ ୧୦ଟି ବ୍ଲକ୍‌ରେ ୩,୩୩୪ଟି ପ୍ରୋଜେକ୍ଟକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୧,୮୨୦ଟି ପ୍ରୋଜେକ୍ଟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ପାରିଛି । ଏଥିନିମନ୍ତେ ଏକ କୋଟି ବାର ଲକ୍ଷ ଛତିଶି ହଜାର ଛଅଶହ ଚଉତିରିଶି ଟଙ୍କା ଖର୍ଚ୍ଚ ହୋଇଅଛି। ଏଥିଯୋଗୁ ତିନି ଲକ୍ଷ ଛପନ ହଜାର ଏକଶହ ଷୋହଳ ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିଛି । ରାସ୍ତାଘାଟ, ପୋଲ, ବିଦ୍ୟାଳୟ ଗୃହ ନିର୍ମାଣ, କୂପ ଖନନ, ବୃକ୍ଷ ରୋପଣ ପ୍ରଭୃତି କାର୍ଯ୍ୟରେ ଏହା ବ୍ୟୟ କରାଯାଇଛି ।

## ଯାଜପୁର ସବ୍‌ଡିଭିଜନ୍‌ରେ ଭତ୍ତା ବ୍ୟବସ୍ଥା

ଯାଜପୁର ସବ୍‌ଡିଭିଜନ୍‌ରେ ୧,୪୬୨ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ୨,୩୯୨ ଜଣ ବ୍ୟକ୍ତିଙ୍କୁ ବୈଧବ୍ୟ ଭତ୍ତା ଏହିପରି ସମୁଦାୟ ୩,୮୫୪ ଜଣ ବ୍ୟକ୍ତିଙ୍କୁ ଭତ୍ତା ଦିଆଯାଇଅଛି । ପୂର୍ବରୁ ପ୍ରତ୍ୟେକଙ୍କୁ ମାସକୁ ୬୦ ଟଙ୍କା ହିସାବରେ ଭତ୍ତା ଯୋଗାଇ ଦିଆଯାଉଥିଲା । କିନ୍ତୁ ୧୯୯୦ ଅକ୍ଟୋବର ମାସ ୨ ତାରିଖଠାରୁ ଏହି ଭତ୍ତାର ପରିମାଣ ବଢ଼ାଯାଇ ପ୍ରତ୍ୟେକଙ୍କୁ ମାସିକ ୧୦୦ ଟଙ୍କା ହିସାବରେ ଦିଆଯାଉଅଛି ।

ସେହିପରି ଅକର୍ମଣ୍ୟ ଭତ୍ତା ଏହି ସବ୍‌ଡିଭିଜନ୍‌ର ୬୨୮ ଜଣ ବ୍ୟକ୍ତିଙ୍କୁ ଦିଆଯାଉଅଛି । ଏହି ଭତ୍ତା ପରିମାଣ ବଢ଼ାଯାଇ ୧୯୯୦ ଅକ୍ଟୋବର ୨ ତାରିଖଠାରୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାସିକ ୧୦୦ ଟଙ୍କା ଲେଖାଏଁ ଭତ୍ତା ଦିଆଯାଉଅଛି ।

## ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର ଅଗ୍ରଗତି

ଯାଜପୁର ଉପଖଣ୍ଡରେ ୟୁନିସେଫ୍ ଆର୍ଥିକ ସହାୟତାରେ ଦଶରଥପୁର, ବିଞ୍ଝାରପୁର, ସୁକିନ୍ଦା, ଧର୍ମଶାଳା ପଞ୍ଚାୟତ ସମିତିଗୁଡ଼ିକରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମ ଜରିଆରେ ୩,୨୨୯ ଜଣ ଗର୍ଭବତୀ ମହିଳା ଏବଂ ପ୍ରସୂତୀ ଓ ୧୭,୩୦୫ ଜଣ ଶିଶୁଙ୍କୁ ବାର୍ଷିକ ୩୦୦ ଦିନ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ୧୯୯୧ ଆର୍ଥିକ ବର୍ଷଠାରୁ ବିଶ୍ୱ ବ୍ୟାଙ୍କ୍ ସହାୟତାରେ ଦାନଗଦୀ ବ୍ଲକରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ ।

ଏହି କାର୍ଯ୍ୟକ୍ରମ ଜରିଆରେ ୫,୯୫୫ ଜଣ ଶିଶୁଙ୍କୁ ମିଳିମିଳା, ୮,୨୬୭ ଜଣଙ୍କୁ ପୋଲିଓ ଏବଂ ୬,୮୨୬ ଜଣଙ୍କୁ ଡିପ୍‌ଥେରିଆ, ଧନୁଷ୍ଟଙ୍କାର, ଯକ୍ଷ୍ମା ପ୍ରତିଷେଧକ ଟୀକା ଦିଆଯାଇଛି । ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ

ପ୍ରତି ଅଧିକାରୀମାନଙ୍କୁ ଉପଜିଲ୍ଲାପାଳ, ଯାଜପୁର ନିର୍ଦ୍ଦେଶ ଦେଇଛନ୍ତି ।

ଯାଜପୁର ଉପଖଣ୍ଡରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ନିମନ୍ତେ ୩ ଜଣ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ୨୩ ଜଣ ମୁଖ୍ୟ ସେବିକା, ୬୨୫ ଜଣ ମହିଳା ଅଙ୍ଗନବାଡ଼ି କର୍ମୀ ଓ ୬୨୫ ଜଣ ଅଙ୍ଗନବାଡ଼ି ସହାୟିକା ବର୍ତ୍ତମାନ କାର୍ଯ୍ୟ କରୁଅଛନ୍ତି । ଏହି ଉପଖଣ୍ଡର ବିଭିନ୍ନ ସ୍ଥାନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସମନ୍ୱିତ ଶିଶୁ ବିକାଶ ସଂସ୍ଥା ଦ୍ୱାରା ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇ ଜନ ଚେତନା ଜାଗ୍ରତ କରାଯାଉଛି ।

## ଭତ୍ତା ପ୍ରଦାନ

ଯାଜପୁର ଉପଖଣ୍ଡ ଅନ୍ତର୍ଗତ ୧୦ ଗୋଟି ବ୍ଲକ୍ ଓ ଗୋଟିଏ ମ୍ୟୁନିସିପାଲିଟି ଏବଂ ଗୋଟିଏ ବିଜ୍ଞାପିତ ଅଞ୍ଚଳରେ ୨,୩୯୨ ଜଣ ବିଧବା ଏବଂ ୧,୪୬୬ ଜଣ ବୃଦ୍ଧ ବ୍ୟକ୍ତି ସର୍ବମୋଟ୍ ୩,୮୫୮ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ବିଧବା ଭତ୍ତା ଦିଆଯାଉଛି । ୦୨-୧୦-୧୯୯୦ତାରିଖଠାରୁ ୧୦୦ ଟଙ୍କା ହାରରେ ଏହି ଭତ୍ତା ଦିଆଯାଉଛି ।

ସେହିପରି ୬୦୯ ଜଣଙ୍କୁ ଅକର୍ମଣ୍ୟ ଭତ୍ତା ମାସିକ ୧୦୦ ଟଙ୍କା ହାରରେ ଗତ ଅକ୍ଟୋବର ମାସ ୨ ତାରିଖଠାରୁ ଦିଆଯାଉଛି । ମୋଟ ୪,୧୩,୧୬୦ ଟଙ୍କା ଭତ୍ତା ଆକାରରେ ଏବଂ ୨୧,୨୨,୭୫୦ ଟଙ୍କା ମନିଅର୍ଡ଼ର ଖର୍ଚ୍ଚ ୧୦ ଗୋଟି ବ୍ଲକ୍, ଗୋଟିଏ ମ୍ୟୁନିସିପାଲିଟି ଏବଂ ଗୋଟିଏ ବିଜ୍ଞାପିତ ଅଞ୍ଚଳକୁ ପଠାଯାଉଛି ।

ଉପଜିଲ୍ଲାପାଳ, ଯାଜପୁରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତି ବ୍ଲକ୍‌ରେ ଅତି କମ୍‌ରେ ୧,୦୦୦ ଜଣ ଲୋଖାଏଁ ବ୍ୟକ୍ତିଙ୍କୁ ଭତ୍ତା ଦେବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଣୁ ଏଥିନିମନ୍ତେ ଆବଶ୍ୟକୀୟ ଫର୍ମ ବ୍ଲକ୍ ତରଫରୁ ମାଗଣାରେ ଜନସାଧାରଣଙ୍କୁ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଗ୍ରାମ ସେବକ, ଗ୍ରାମ ସେବୀକା ଓ ସମ୍ପ୍ରସାରଣ ଅଧିକାରୀମାନେ ପ୍ରତ୍ୟେକ ଗ୍ରାମ ପରିଦର୍ଶନ କରି ୧୯୯୧ ଫେବୃୟାରୀ ୫ ତାରିଖ ମଧ୍ୟରେ ଯୋଗ୍ୟ ବିବେଚିତ ବ୍ୟକ୍ତିମାନଙ୍କଠାରୁ ପାଇଥିବା ଦରଖାସ୍ତ ୧୯୯୧ ଫେବୃୟାରୀ ୫ ତାରିଖ ସୁଦ୍ଧା ଉପଜିଲ୍ଲାପାଳ ଯାଜପୁରଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

## କ୍ଷୁଦ୍ର ସଞ୍ଚୟ କାର୍ଯ୍ୟକ୍ରମ

୧୯୯୦-୯୧ ଆର୍ଥିକ ବର୍ଷରେ ଯାଜପୁର ଉପଖଣ୍ଡରେ ୫ କୋଟି ୨୫ ଲକ୍ଷ ଟଙ୍କା ସଞ୍ଚୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାରୁ ଡିସେମ୍ବର ୧୯୯୦ ସୁଦ୍ଧା ସମୁଦାୟ ୨ କୋଟି ୯୭ ଲକ୍ଷ ୧୧ ହଜାର ୮୬୬ ଟଙ୍କା ସଞ୍ଚୟ କରାଯାଇ ପାରିଛି ।

ଉପଖଣ୍ଡରେ ୧୧ ଗୋଟି ପେ' ରୋଲ୍ ସଞ୍ଚୟ ଯୋଜନା କାର୍ଯ୍ୟକାରୀ କରାଯାଉଛି ଏବଂ ୫ ଗୋଟି ବିଦ୍ୟାଳୟରେ ସଞ୍ଚୟିକା ଖୋଲାଯାଇଛି ।

ଇନ୍ଦିରା ବିକାଶ ପତ୍ର, କିଷାନ ବିକାଶ ପତ୍ର, ମାସିକ ଆୟ ଯୋଜନା, ଜାତୀୟ ସଞ୍ଚୟ ଯୋଜନା ଓ ଜାତୀୟ ସଞ୍ଚୟ ସାର୍ଟିଫିକେଟ୍, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ ଜମା ସକାଶେ ଜନସାଧାରଣଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ପାଇଁ ୪୨ ଜଣ ସଞ୍ଚୟ ଏଜେଣ୍ଟ ନିଯୁକ୍ତି କରାଯାଇଛି ।

## ପଞ୍ଚ ସଖାଙ୍କର ପ୍ରତିମୂର୍ତ୍ତି ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ

ସାକ୍ଷୀଗୋପାଳଠାରେ ଏକ ସୁଦୃଶ୍ୟ ନିର୍ମିତ ମଣ୍ଡପରେ ସତ୍ୟବାଦୀ ଯୁଗର ପଞ୍ଚ ସଖାଙ୍କର ଆବକ୍ଷ ପ୍ରତିମୂର୍ତ୍ତି ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ଉନ୍ମୋଚନ କରିଛନ୍ତି ।

ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଶ୍ରୀ ଶର୍ମା ସତ୍ୟବାଦୀ ଯୁଗର ପଞ୍ଚ ସଖା ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କୁ ଏକାଧାରରେ ଅସାଧାରଣ ବାଗ୍ମୀ କବି, ଲେଖକ, ଜନସେବକ, ରାଷ୍ଟ୍ରନୀତିଜ୍ଞ ଓ ମନିଷୀ ବୋଲି ବର୍ଣ୍ଣନା କରିଥିଲେ । ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଏହି ଅବହେଳିତ ଅଞ୍ଚଳର ଜନ ଜୀବନକୁ ଦୁଃଖ, ଦୁର୍ବିପାକ, ଅଜ୍ଞତା ଓ ପରାଧୀନତାର ଅମାବାସ୍ୟାର ଘୋର କାଳିମା ରାତ୍ରିରୁ ଉଦ୍ଧାର କରି ସ୍ୱତନ୍ତ୍ରତାର ଆଭାମୟୀ ପୂର୍ଣ୍ଣିମାର ଆଲୋକରେ ଆଲୋକିତ କରିବା ସହିତ ଜନ ମାନସକୁ ପ୍ରାଣବନ୍ତ ଓ ସଚେତନ କରିବା ନିମନ୍ତେ ଏହି ପଞ୍ଚ ବରପୁତ୍ର ସେମାନଙ୍କର ଜୀବନ, ଯୌବନ ଓ ଐଶ୍ୱର୍ଯ୍ୟକୁ ଏ ଦେଶମାତୃକାର ଯଜ୍ଞ ବେଦୀରେ ଆହୁତି ଦେଇଛନ୍ତି ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ । ଏହି ପୁଣ୍ୟାତ୍ମା ମହାମାନବମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ ବାସ୍ତବିକ ଏ ଜାତି ପାଇଁ ଏକ ଗୌରବର ଘଟଣା ବୋଲି ରାଜ୍ୟପାଳ ଶ୍ରୀ ଶର୍ମା କହିଥିଲେ । ଏହି ଅବସରରେ ଆମମାନଙ୍କ ମଧ୍ୟରେ ଥିବା ସମସ୍ତ ବିଭେଦକୁ ଭୁଲି ଦେଶର ଏହି ସୁଯୋଗ୍ୟ ସନ୍ତାନମାନଙ୍କ ପ୍ରତି ନିଷ୍ଠା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିପାରିଲେ, ସେହି ମନିଷୀମାନଙ୍କର ଶୁଭାଶିଷ ଆମମାନଙ୍କୁ ସମାଜର ସାମୂହିକ କଲ୍ୟାଣ ସାଧନ କରିବାକୁ ପ୍ରେରଣା ଯୋଗାଇ ଦେବ ବୋଲି ଶ୍ରୀ ଶର୍ମା ଯୁବ ସମାଜକୁ ଉଦ୍‌ବୋଧନ ଦେଇଥିଲେ ।

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ବର୍ମାଙ୍କର ସୁଯୋଗ୍ୟ ପିତା ଉତ୍କଳମଣି ଗୋପବନ୍ଧୁ ଓ ତାଙ୍କର ସହଯୋଗୀମାନଙ୍କ ସହ ଏହି ବନ ବିଦ୍ୟାଳୟରେ ଅଧ୍ୟାପନା କରିବାର ସୁଯୋଗ ପାଇଥିବାର ସ୍ମରଣ କରି ରାଜ୍ୟପାଳ ଶ୍ରୀ ଶର୍ମା ଏଥି ନିମନ୍ତେ ନିଜକୁ ଗୌରବାନ୍ୱିତ ଅନୁଭବ କରିବା ସ୍ୱାଭାବିକ ବୋଲି ଉଲ୍ଲେଖ କରିଥିଲେ ।

ଏହି ସମାରୋହରେ ରାଜସ୍ୱ କମିଶନର ଶ୍ରୀ କେ: ବି: ବର୍ମା ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ । ଜିଲ୍ଲାପାଳ ଶ୍ରୀ ପି: ସି: ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ବହୁ ସାମ୍ବାଦିକ ଯୋଗ ଦେଇଥିଲେ ।

# କ୍ଷେତ୍ର ପ୍ରଶାସନ ଉପରେ କଡ଼ା ନଜର ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ସରକାରଙ୍କ ନୀତି କ୍ଷେତ୍ର ପ୍ରଶାସନ ଦ୍ୱାରା ସଫଳ ଭାବେ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଶାସନ ସଚିବମାନଙ୍କୁ ଆହ୍ୱାନ କରିଛନ୍ତି ।

ସଚିବାଳୟ ସମ୍ମିଳନୀ କକ୍ଷରେ ବିଭାଗୀୟ ଶାସନ ସଚିବ ଓ ଅତିରିକ୍ତ ଶାସନ ସଚିବମାନଙ୍କ ବୈଠକରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ଶାସନ ସଚିବ ଓ ଅତିରିକ୍ତ ଶାସନ ସଚିବମାନେ ମାସରେ ଅନ୍ତତଃ ୪ ଦିନ ବିଭିନ୍ନ ଜିଲ୍ଲାରେ ଗସ୍ତ କରି ଯୋଜନା ଓ କାର୍ଯ୍ୟକ୍ରମର ରୂପାୟନ ସମ୍ପର୍କରେ ଟିକିନିଖି ଭାବେ ତଦାରଖ କରିବା ଉଚିତ । ବିଭିନ୍ନ କ୍ଷେତ୍ରରେ ରହିଥିବା ଦୁର୍ବଳତାଗୁଡ଼ିକୁ ଚିହ୍ନଟ କରାଯାଇ ଏହାକୁ ଦୂର କରିବା ପାଇଁ ବ୍ୟାପକ ପଦକ୍ଷେପ ନେବା ପାଇଁ ସେ କହିଥିଲେ । ଓଡ଼ିଶାର ଯୁବ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆମ ରାଜ୍ୟର ପିଲାମାନେ କାହିଁକି ଦୁଃସାହସୀ ହୋଇପାରୁ ନାହାନ୍ତି ଏବଂ ସବୁବେଳେ ଚାକିରି ମୁଖାପେକ୍ଷୀ ହୋଇ ରହିଛନ୍ତି, ଏ ସମ୍ପର୍କରେ ଆମକୁ ଅନୁଧ୍ୟାନ କରିବାକୁ ହେବ । ସେ କହିଲେ ଯେ ଆମର ଇଞ୍ଜିନିୟରିଂ ଗ୍ରାଜୁଏଟ୍‌ମାନଙ୍କର ଇଞ୍ଜିନିୟରିଂ ଜ୍ଞାନର ଅଭାବ ଆମ ଶିକ୍ଷା ବ୍ୟବସ୍ଥାର ଦୁର୍ବଳତା ସମ୍ପର୍କରେ ଯଥେଷ୍ଟ ସୂଚନା ଦେଉଛି ।

ଶ୍ରୀ ପଟ୍ଟନାୟକ ପୁଣି କହିଲେ ଯେ ରାଜ୍ୟର ଭୂସଂସ୍କାର କ୍ଷେତ୍ରରେ ବହୁତ କାମ ବାକୀ ପଡ଼ିଛି । ହଜାର ହଜାର ସଂଖ୍ୟାରେ ରାଜସ୍ୱ ମକଦ୍ଦମା ଫଇସଲା ନହୋଇ ପଡ଼ି ରହିଥିବାରୁ ଜିଲ୍ଲା ସ୍ତରରେ ରାଜସ୍ୱ ବୋର୍ଡ଼ର କ୍ଷମତା ଅର୍ପଣ କଲେ ମାମଲାଗୁଡ଼ିକ ତ୍ୱରାନ୍ୱିତ ହେବ ଓ ଦୂରଦୂରାନ୍ତରୁ ଲୋକମାନଙ୍କୁ କଟକ ଦୌଡ଼ିବାକୁ ପଡ଼ିବ ନାହିଁ । ଗରିବ ଲୋକମାନଙ୍କୁ ସାମାଜିକ ନ୍ୟାୟ ମିଳିବା ସମ୍ପର୍କରେ ଗୁରୁତ୍ୱ ଆରୋପ କରି ସେ ଅଫିସରମାନଙ୍କୁ ରାଜ୍ୟର ଗରିବ ଜନସାଧାରଣଙ୍କ ପ୍ରତି ସରକାରୀ କଳର ଦୃଷ୍ଟିଭଙ୍ଗୀ ବଦଳାଇବା ପାଇଁ ପରାମର୍ଶ ଦେଇଥିଲେ । ରାଜ୍ୟର ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଅନୁମୋଦନ ବାଧା ସୃଷ୍ଟି କରୁଥିବାରୁ ୨୦,୦୦୦ ହେକ୍ଟର ଅଣଜଙ୍ଗଲ ଜମି ଚିହ୍ନଟ କରାଯିବା ପାଇଁ ପ୍ରଶାସନିକ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ରାଜସ୍ୱ ଓ ଜଙ୍ଗଲ ବିଭାଗର ଶାସନ ସଚିବଙ୍କୁ କହିଥିଲେ । ବିଭିନ୍ନ ବିଭାଗ ଭିତରେ ଅଧିକ ସମନ୍ୱୟ ଆଣିବା ପାଇଁ ବିଭାଗୀୟ ଶାସନ ସଚିବମାନେ ପ୍ରତ୍ୟେକ ମାସରେ ଅନ୍ତତଃ ଥରେ ମିଳିତ ହେବା ପାଇଁ ସେ ପରାମର୍ଶ ଦେଇଥିଲେ ।

ଏହି ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର ଓ ବିଭିନ୍ନ ବିଭାଗର ଶାସନ ସଚିବ ଓ ଅତିରିକ୍ତ ଶାସନ ସଚିବମାନେ ଯୋଗ ଦେଇଥିଲେ ।

# ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ବିପୁଳ ସମ୍ଭାବନା ଥିବା ଦୃଷ୍ଟିରୁ ରାଜ୍ୟ ବାହାରୁ ଓ ରାଜ୍ୟ ଭିତରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନ କ୍ଷେତ୍ରମାନଙ୍କର ଉପଯୁକ୍ତ ବିକାଶ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି ।

ସଚିବାଳୟଠାରେ ପର୍ଯ୍ୟଟନ ବିକାଶ ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟରେ ବିପୁଳ ଜଳ ସମ୍ପଦ, ଜଳପ୍ରପାତ, ଉଷ୍ଣ ପ୍ରସ୍ରବଣ, ବେଳାଭୂମି, ବନ୍ୟଜନ୍ତୁ ଓ ଜଙ୍ଗଲ ବିହାର ସମନ୍ୱିତ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ଏକ ମାନଚିତ୍ର ପ୍ରସ୍ତୁତ କରି ସେଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପର୍ଯ୍ୟଟନ କ୍ଷେତ୍ରରେ ହରିୟାଣା ରାଜ୍ୟରେ ହୋଇଥିବା ପ୍ରଗତି ସମ୍ପର୍କରେ ଦୃଷ୍ଟାନ୍ତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ରାଜ୍ୟରେ ହଜାର ହଜାର ଲୋକେ ଛୁଟି ଉପଭୋଗ କରିବାକୁ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ପୀଠକୁ ଯାଉଥିବା ବେଳେ ଆମ ରାଜ୍ୟରେ ସେଥିପାଇଁ ଉତ୍ସାହର ଅଭାବ ପରିଲକ୍ଷିତ ହେଉଛି । ଜଳକ୍ରୀଡ଼ା ଓ ନୌକା ବିହାର ପାଇଁ ମହାନଦୀ ଓ ବ୍ରାହ୍ମଣୀ ନଦୀର ମୁହାଣ ଏବଂ ଚିଲିକାର ଜଳ ରାଶିକୁ ଉପଯୋଗ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ । ହୀରାକୁଦ ବନ୍ଧର ଦକ୍ଷିଣ ପାର୍ଶ୍ୱସ୍ଥ କେନାଲରେ ଚଳିତ ବର୍ଷ ନୌକା ବିହାର ପାଇଁ ବ୍ୟବସ୍ଥା କରାଯାଉଥିବାର କଥା ପ୍ରକାଶ ପାଇଥିଲା ।

ଚନ୍ଦ୍ରଭାଗାଠାରୁ ପାରାଦ୍ୱୀପ ମଧ୍ୟରେ କୋଣାର୍କ ନିକଟରେ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ଥାଇ ଏକ ଅତ୍ୟାଧୁନିକ ହୋଟେଲ୍ ନିର୍ମାଣ କରିବା ପାଇଁ ୩୦୦ ଏକର ଜମି ଠିକ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ପରାମର୍ଶଦାତା ସଂସ୍ଥାମାନଙ୍କର ସହାୟତା ନିଆଯାଇଛି । ପର୍ଯ୍ୟଟନ ବିଭାଗ ଅଧୀନସ୍ଥ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପାନ୍ଥ ନିବାସଗୁଡ଼ିକର ପରିଚାଳନାକୁ ଠିକ୍ ବାଟକୁ ଆଣି ଲାଭଦାୟକ ସଂସ୍ଥାରେ ପରିଣତ କରିବାକୁ ପଦକ୍ଷେପ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ଏହାଛଡ଼ା ବିଦେଶୀ ପର୍ଯ୍ୟଟକମାନଙ୍କ ସହାୟତା ଓ ନିରାପତ୍ତା ପାଇଁ ପୁରୀ ଓ ଗୋପାଳପୁରରେ ପୁଲିସ ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଏହି ସମୀକ୍ଷା ବୈଠକରେ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଅନଙ୍ଗ ଉଦୟ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ରନାଥ ନାୟକ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର, ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରବିନାରାୟଣ ଦାସ, ବିଭାଗୀୟ ଶାସନ ସଚିବ ଶ୍ରୀ ରାଜକିଶୋର ଭୁଜବଳ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ପ୍ୟାରୀମୋହନ ମହାପାତ୍ର, ରାଜସ୍ୱ ସଚିବ ଶ୍ରୀ ତାରତ ପଟ୍ଟନାୟକ ଓ ଅନ୍ୟାନ୍ୟ ବରିଷ୍ଠ ଅଫିସରଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ପ୍ରଯୁକ୍ତି ବିଦ୍ୟାର ଉପଯୁକ୍ତ ବିନିଯୋଗ ଦ୍ୱାରା ହିଁ ଓଡ଼ିଶା ଉପରକୁ ଉଠିପାରିବ

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଓଡ଼ିଶା ଆଇ: ଇ:ର ବାର୍ଷିକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରାଜ୍ୟ କ୍ରୀଡ଼ା, ସଂସ୍କୃତି, ଯୁବ କଲ୍ୟାଣ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର କହିଲେ ଯେ ଇଞ୍ଜିନିୟରିଂ ପାଠ୍ୟକ୍ରମ ଶେଷ କରି ସେମାନେ ନିଜର ପ୍ରଯୁକ୍ତି ବିଦ୍ୟାକୁ ଉପଯୁକ୍ତ ଭାବେ ବିନିଯୋଗ କରିପାରିଲେ, ଓଡ଼ିଶା ପ୍ରଗତି ପଥରେ ଆଗେଇ ପାରିବ। ଏହା ବ୍ୟତୀତ ପ୍ରଯୁକ୍ତି ବିଦ୍ୟା ହାସଲ କରିଥିବା ବ୍ୟକ୍ତି ବିଶେଷ ନିଜର ଚାକିରି ମନୋବୃତ୍ତିକୁ ପରିହାର କରି ସ୍ୱାବଲମ୍ବୀ ହେବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ଖଣିଜ ସମ୍ପଦ ଭଳି ଅନେକ ପ୍ରାକୃତିକ ସମ୍ପଦ ଓଡ଼ିଶାରେ ଭରପୂର ହୋଇ ରହିଥିବା ବେଳେ ତା'ର ସୁଯୋଗ ନେଇ ଇଞ୍ଜିନିୟରମାନେ ନିଜର ସ୍ୱାଧୀନ ପ୍ରକଳ୍ପ ପ୍ରତିଷ୍ଠା ଦ୍ୱାରା ସେମାନଙ୍କ ସମସ୍ୟାର ସମାଧାନ ସହ ରାଜ୍ୟର ଅର୍ଥନୈତିକ ପ୍ରଗତିରେ ସହାୟତା କରିବା ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ।

ରାଜ୍ୟର ପୂର୍ବ ସୂରୀମାନଙ୍କ ପ୍ରତିଭା ସମ୍ପର୍କରେ ସୂଚାଇ ମନ୍ତ୍ରୀ ଶ୍ରୀ କର କହିଲେ ଯେ ପୂର୍ବ କାଳରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ଘଟି ନଥିଲେ ହେଁ, ଓଡ଼ିଶା କାରିଗରମାନେ ପୃଥିବୀର ଆଶ୍ଚର୍ଯ୍ୟ "କୋଣାର୍କ" ଭଳି ମନ୍ଦିରକୁ ନିର୍ମାଣ କରିପାରିଥିଲେ। ସେହିଭଳି ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରତିଭାମାନଙ୍କ ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖରଙ୍କ ଜ୍ୟୋତିର୍ବିଜ୍ଞାନ, ସାଧବ ପୁଅମାନଙ୍କ ଜାହାଜ ନିର୍ମାଣ ଓ ବାଣିଜ୍ୟ ଏବଂ କଳିଙ୍ଗ ଯୁଦ୍ଧରେ ବୀର ଓଡ଼ିଆମାନଙ୍କ ଭୂମିକା ଓଡ଼ିଆଙ୍କ ମେଧା ଶକ୍ତିର ପରିପ୍ରକାଶ କରେ। ଓଡ଼ିଆ ପ୍ରତିଭାର ମୂଳରେ ଉପଯୁକ୍ତ ଭାବ ଧାରାକୁ ପୂରାଇ ଦିଆଗଲେ, ସେମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରନ୍ତି, ତା'ର ଜ୍ୱଳନ୍ତ ପ୍ରମାଣ ଦେଇ ଓଡ଼ିଶାର କେତେ ଆଦିବାସୀ କ୍ରୀଡ଼ାବିତ୍‌ଙ୍କ ସମେତ ଅନ୍ୟ ଯେଉଁ କେତେଜଣ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରି ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି, ତାହା ସେ କରି ଉଲ୍ଲେଖ କରିଥିଲେ।

ସେହିଭଳି ଓଡ଼ିଶା ନିର୍ମାଣ କ୍ଷେତ୍ରରେ ଇଞ୍ଜିନିୟରମାନେ ସେମାନଙ୍କ ଜ୍ଞାନ କୌଶଳ ପ୍ରୟୋଗ ଦ୍ୱାରା ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ନିଜେ ପ୍ରତିଷ୍ଠା ଲାଭ କରିବା ସହ ଅନ୍ୟମାନଙ୍କୁ ଉପରକୁ ଉଠାଇବା ଦିଗରେ ସହାୟତା କରିବା ପାଇଁ ଶ୍ରୀ କର ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ବିଭିନ୍ନ ଅଭାବ ଅସୁବିଧା ନେଇ ଏକ ପ୍ରତିନିଧି ଦଳ ସରକାରୀ ସ୍ତରରେ ଆଲୋଚନା ଆରମ୍ଭ କରିବା ନେଇ ସେ ପରାମର୍ଶ ଦେଇଥିଲେ।

ଏହି ଉତ୍ସବରେ ମୁଖ୍ୟ ବକ୍ତା ରୂପେ ଶ୍ରୀ ରମାବଲ୍ଲଭ ମିଶ୍ର ଯୋଗଦେଇ କହିଲେ ଯେ ଇଞ୍ଜିନିୟରିଂ ଛାତ୍ରମାନେ ଉପଯୁକ୍ତ ଶିକ୍ଷା ଲାଭ କରି କିଛି ନୂତନ ଉଦ୍ଭାବନ ଦ୍ୱାରା ନିଜର ତଥା ରାଜ୍ୟର ପ୍ରଗତି ସାଧନ କରିବା ଉଚିତ।

ଏହି ଉତ୍ସବରେ ଆଡ୍‌ଭୋକେଟ୍ ଶ୍ରୀ ଏମ୍: ଡି: ପ୍ରଧାନ ଅଧ୍ୟକ୍ଷତା କରିଥିଲେ ଏବଂ ଉପାଧ୍ୟକ୍ଷ ଶ୍ରୀ ପି: କେ: ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ଜଳସେଚନ ବିଭାଗର ଅଣଆନୁଷ୍ଠାନିକ ପରାମର୍ଶଦାତା କମିଟି ବୈଠକ

ଜଳସେଚନ ବିଭାଗ ପାଇଁ ଗଠିତ ଅଣଆନୁଷ୍ଠାନିକ ପରାମର୍ଶଦାତା କମିଟିର ପ୍ରଥମ ବୈଠକ ରାଜ୍ୟ ସଚିବାଳୟଠାରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜଳସେଚନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରଘୁନାଥ ହେମ୍ବ୍ରମ୍ ଏଥିରେ ଯୋଗ ଦେଇଥିଲେ।

ଜଳସେଚନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ସେଗୁଡ଼ିକର ଅବତାରଣା କରି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଲେ ଯେ ଚଳିତ ବର୍ଷ ପାଇଁ ଥିବା ଅର୍ଥକୁ ଯେପରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବିନିଯୋଗ କରାଯାଇ ପାରିବ, ସେଥିପାଇଁ ସମ୍ପୃକ୍ତ କର୍ମକର୍ତ୍ତାମାନେ ବିହିତ ପଦକ୍ଷେପ ଗ୍ରହଣ କରିବା ଉଚିତ। ପ୍ରକଳ୍ପଦ୍ୱାରୀ ଅଗ୍ରଗତିର ସମୀକ୍ଷା ଆସନ୍ତା ମାସରେ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ଆହୁରି ମଧ୍ୟ ସେ କହିଲେ ଯେ ନିର୍ମାଣାଧୀନ ସେଚ ପ୍ରକଳ୍ପଗୁଡ଼ିକ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ ହେବା ଉଚିତ। ସଭ୍ୟମାନେ ଏହି ବୈଠକରେ ଉତ୍ଥାପନ କରିଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନେ ତୁରନ୍ତ ଦୃଷ୍ଟି ଦେବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ। ହୀରାକୁଦ କେନାଲଗୁଡ଼ିକର ଉନ୍ନତି ବିଧାନ ପାଇଁ ସରକାର ଯେଉଁ ଅର୍ଥ ମଞ୍ଜୁର କରିଛନ୍ତି, ତା'ର ବିନିଯୋଗ ପାଇଁ ତୁରନ୍ତ ଧ୍ୟାନ ଦିଆଯିବା ଦରକାର।

ଏହି ବୈଠକରେ ଉପସ୍ଥିତ ଥିବା ସଭ୍ୟ ବିଧାୟକ ଶ୍ରୀ ପ୍ରଦୀପ କୁମାର ମହାରଥୀ, ଶ୍ରୀ ବ୍ରଜକିଶୋର ତ୍ରିପାଠୀ, ଶ୍ରୀ କୁମାର ବେହେରା ଓ ବିଧାୟିକା ଶ୍ରୀମତୀ ସୁଶ୍ରୀ ଦେବୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସେମାନଙ୍କର ଅଞ୍ଚଳର କେନାଲଗୁଡ଼ିକର ମରାମତି ତଥା ଉନ୍ନତି ବିଧାନ, ବନ୍ୟା ନିୟନ୍ତ୍ରଣ ତଥା ବନ୍ଧବାଡ଼ଗୁଡ଼ିକର ଉପଯୁକ୍ତ ରକ୍ଷଣା ବେକ୍ଷଣ, ଜଳ ନିଷ୍କାସନ ପ୍ରଭୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହା ବ୍ୟତୀତ ଇନ୍ଦ୍ରାବତୀ, ଅପର କୋଲାବ୍, ସୁବର୍ଣ୍ଣରେଖା ଓ ରେଙ୍ଗାଲି ପ୍ରଭୃତି ଜଳସେଚନ ଯୋଜନାଗୁଡ଼ିକ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

ବୈଠକରେ ପ୍ରକାଶ ପାଇଥିଲା ଯେ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା ନିମନ୍ତେ ଚଳିତ ବର୍ଷ ୨୭୭ କୋଟି ୫୨ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଗତ ଡିସେମ୍ବର ମାସ ସୁଦ୍ଧା ଏଥିରୁ ଶତକଡ଼ା ୪୯ ଭାଗ ଅର୍ଥ ଖର୍ଚ୍ଚ ହୋଇଯାଇଛି। ବନ୍ୟା ନିୟନ୍ତ୍ରଣ ପାଇଁ ଥିବା ଅର୍ଥର ଶତକଡ଼ା ୪୫ ଭାଗ ଉକ୍ତ ସମୟ ମଧ୍ୟରେ ବିନିଯୋଗ କରାଯାଇଛି ବୋଲି ମଧ୍ୟ ପ୍ରକାଶ

ପାରିଥିଲା । ଏପରି ରଙ୍ଗାବତୀ ପ୍ରକଳ୍ପ ସମ୍ପର୍କରେ ଜଣାପଡ଼ିଥିଲା ଯେ ଏହାର କାର୍ଯ୍ୟ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅଗ୍ରଗତି କରୁଛି ଏବଂ ୧୯୯୭ ମସିହା ସେପ୍ଟେମ୍ବର ମାସରେ ଏହାର ପ୍ରଥମ ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍ ସମ୍ପୂର୍ଣ୍ଣ ହେବ ।

ଓଡ଼ିଶା ନିର୍ମାଣ ନିଗମ ଯେପରି ଠିକ୍ ସମୟରେ ନିର୍ମାଣ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ କରିପାରିବ, ସେଥିପାଇଁ ଅଧିକ ସକ୍ରିୟ ହେବା ପାଇଁ ବୈଠକରେ ସଭ୍ୟମାନେ ମତ ପ୍ରକାଶ କରିଥିଲେ ।

## ସରକାରୀ ପ୍ରୋତ୍ସାହନ ଦ୍ୱାରା କ୍ରୀଡ଼ା କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ

—ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ

କଟକ ଜିଲ୍ଲା ନେମାଳସ୍ଥିତ ସିଦ୍ଧ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠରେ ଫ୍ରେଣ୍ଡସ୍ ୟୁନିୟନ୍ ଦ୍ୱାରା ଦିନିକିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍ ଉପଲକ୍ଷେ ଆୟୋଜିତ ଉତ୍ସବରେ ଉଦ୍‌ବୋଧନ ଦେଇ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସହରାଇ ଓରାମ୍ କହିଲେ ଯେ ବ୍ଲକ୍ ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ କ୍ରୀଡ଼ାପ୍ରେମୀଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ପ୍ରୋତ୍ସାହନ ରାଜ୍ୟର କ୍ରୀଡ଼ା କସରତ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବାରେ ବିଶେଷ ସହାୟକ ହେବ । ଜୟ ପରାଜୟ ପ୍ରତି ଗୁରୁତ୍ୱ ନଦେଇ ପ୍ରକୃତ ଖେଳୁଆଡ଼ ମନୋଭାବ ନେଇ କ୍ରୀଡ଼ା କ୍ଷେତ୍ରରେ ପ୍ରବେଶ କରିବା ପାଇଁ ସେ ଖେଳାଳୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଏହି ଉତ୍ସବରେ ପୌରହିତ୍ୟ କରି ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ କାଳିନ୍ଦୀଚରଣ ବେହେରା କହିଲେ ଯେ ଶାରୀରିକ ଓ ମାନସିକ ବିକାଶ ନିମନ୍ତେ କ୍ରୀଡ଼ା କସରତ ଏକାନ୍ତ ପ୍ରୟୋଜନ । ତେଣୁ ଆମର ଯୁବ ସମାଜ କ୍ରୀଡ଼ା କସରତ ପ୍ରତି ଯେପରି ଆକୃଷ୍ଟ ହୁଅନ୍ତି, ସେ ଦିଗରେ ଆମକୁ ଧ୍ୟାନ ଦେବାକୁ ପଡ଼ିବ ବୋଲି ସେ କହିଥିଲେ ।

ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିନାଥ ନାୟକ ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି କହିଲେ ଯେ ଚଳିତ ଶତାବ୍ଦୀ ସୁଦ୍ଧା ରାଜ୍ୟର ପ୍ରତି ପରିବାର ଯେପରି ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇପାରିବେ, ସେ ଦିଗରେ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେ କହିଲେ ଯେ ରାଜ୍ୟର ସର୍ବାଙ୍ଗୀନ ବିକାଶ ସାଧନ ଦିଗରେ ଯୁବ ସମାଜର ଭୂମିକା ନିତାନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷ କରି ବୃକ୍ଷ ରୋପଣ, ଜଙ୍ଗଲ ଓ ପରିବେଶ ସୁରକ୍ଷା, ଗ୍ରାମାଞ୍ଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଷମ ବଣ୍ଟନ, ପ୍ରୌଢ଼ଶିକ୍ଷାର ପ୍ରସାର, ବିଭିନ୍ନ ସାମାଜିକ କୁସଂସ୍କାରର ବିଲୋପ ଆଦି କ୍ଷେତ୍ରରେ ଆଜିର ଯୁବ ସମାଜ ସକ୍ରିୟ ଭୂମିକା ଗ୍ରହଣ କରନ୍ତୁ ବୋଲି ସେ କହିଥିଲେ । ଶ୍ରୀ ନାୟକ ବିଜେତା ଉଦ୍ଭିଦ ଦଳକୁ ରନିଂ ସିଲ୍‌ଡ୍ ଏବଂ ଆଇ: ଟି: ଆଇ: ଦଳକୁ ରନର୍ସ ଅପ୍ କପ୍ ପ୍ରଦାନ କରିଥିଲେ ।

କ୍ଲବ୍ ସଭାପତି ବିବରଣୀ ପାଠ କରିବା ସଙ୍ଗେ ସଙ୍ଗେ ନେମାଳଠାରେ ଏକ ମିନି ଷ୍ଟାଡିୟମ୍ ନିର୍ମାଣ, ହୋମିଓପାଥି ଡାକ୍ତରଖାନା ସ୍ଥାପନ ଏବଂ ଅଚ୍ୟୁତାନନ୍ଦ ପୀଠକୁ ଏକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ଦାବୀ କରିଥିଲେ ।

## ଗୋବର ଗ୍ୟାସ୍ ପ୍ଲାଣ୍ଟ୍ ସ୍ଥାପନ

ଚଳିତ ଆର୍ଥିକ ବର୍ଷର ଡିସେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟରେ ମୋଟ୍ ୨,୩୩୫ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ୍ ସ୍ଥାପନ କରାଯାଇଛି । ତନ୍ମଧ୍ୟରେ ଡିସେମ୍ବର ମାସରେ ସ୍ଥାପନ କରାଯାଇଥିବା ୯୭୦ଟି ପ୍ଲାଣ୍ଟ ଅନ୍ତର୍ଭୁକ୍ତ । ଏହି ମାସରେ କଟକ ଜିଲ୍ଲାରେ ସର୍ବାଧିକ ୨୩୭ଟି ପ୍ଲାଣ୍ଟ୍ ସ୍ଥାପିତ ହୋଇଥିବା ବେଳେ ତା'ପଛକୁ ସମ୍ବଲପୁର ଓ ପୁରୀ ଜିଲ୍ଲାରେ ଯଥାକ୍ରମେ ୭୩ଟି ଓ ୫୦ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ୍ ସ୍ଥାପନ କରାଯାଇଛି । ଅନ୍ୟ ଜିଲ୍ଲାମାନଙ୍କ ମଧ୍ୟରୁ ବଲାଙ୍ଗିର ଜିଲ୍ଲାରେ ୩୪ଟି, ଢେଙ୍କାନାଳ ଜିଲ୍ଲାରେ ୨୭ଟି, କୋରାପୁଟ ଜିଲ୍ଲାରେ ୨୩ଟି, ଫୁଲବାଣୀ ଜିଲ୍ଲାରେ ୧୦ଟି ଓ ବାଲେଶ୍ୱର ଜିଲ୍ଲାରେ ୫ଟି ବାୟୋଗ୍ୟାସ୍ ପ୍ଲାଣ୍ଟ୍ ସ୍ଥାପନ କରାଯାଇଛି ବୋଲି ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗରୁ ମିଳିଥିବା ବିବରଣୀରୁ ପ୍ରକାଶ ।

## ସୁସ୍ଥ ସମାଜ ଗଠନ ଲାଗି ନାରୀ ଶିକ୍ଷା ଅପରିହାର୍ଯ୍ୟ

ଦେଶ ଓ ଜାତିର ଐତିହ୍ୟ, ପରମ୍ପରା ଓ ମର୍ଯ୍ୟାଦା ବଜାୟ ରଖିବା ସଙ୍ଗେ ସଙ୍ଗେ ସୁସ୍ଥ ସମାଜ ଗଠନ ପାଇଁ ନାରୀ ଶିକ୍ଷା ଅପରିହାର୍ଯ୍ୟ ବୋଲି ରାଜ୍ୟ ଅବକାରୀ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି ।

କଟକ ଜିଲ୍ଲାର ବିରିଡ଼ି ବ୍ଲକ୍ ଅଧୀନସ୍ଥ ବାଗଲପୁର ବାଳିକା ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅବକାରୀ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ ଏହା ପ୍ରକାଶ କରିଥିଲେ । ପ୍ରାରମ୍ଭରେ ସେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କହିଲେ ଯେ ଆମର ପୂର୍ବସୂରୀ ସଂଗ୍ରାମୀ ତଥା ସମାଜସେବୀ ନେତାମାନଙ୍କ ନୀତି, ଆଦର୍ଶ ଓ ଦିଗ୍‌ଦର୍ଶନକୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରି ନିଜ ଚରିତ୍ରକୁ ଅନୁପ୍ରାଣିତ କରାଇବା ଆଜିର ସମାଜର ପ୍ରମୁଖ ଉଦ୍ଦେଶ୍ୟ ହେବା ଉଚିତ । ସେମାନେ ବ୍ରିଟିଶ୍ ସରକାରଙ୍କ ଅକଥନୀୟ ଅତ୍ୟାଚାରରେ ପ୍ରପୀଡ଼ିତ ହୋଇ ମଧ୍ୟ ଦେଶକୁ ସ୍ୱାଧୀନତା କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନିଜ ଚରିତ୍ରକୁ ଉତ୍ତମ ରୂପେ ଗଢ଼ିପାରିଲେ, ତାହା ହିଁ ହେବ ସେମାନଙ୍କ ପ୍ରତି ଯଥେଷ୍ଟ ସମ୍ମାନ । ବାଗଲପୁରର ସଂଗ୍ରାମୀ ନେତାମାନେ ସ୍ୱାଧୀନତାର ପରବର୍ତ୍ତୀ କାଳରେ ମଧ୍ୟ ଅର୍ଥନୈତିକ ଓ ସାମାଜିକ ସ୍ୱାଧୀନତା ପାଇଁ ତାଙ୍କର ଉଦ୍ୟମକୁ ଜାରି ରଖିଥିବାରୁ ଶ୍ରୀ ଆଚାର୍ଯ୍ୟ ବିଶେଷ ଆନନ୍ଦ ପ୍ରକାଶ କରିଥିଲେ ।

ଉପସ୍ଥିତ ଜନସାଧାରଣ ଓ ବିଦ୍ୟାଳୟର କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଆଚାର୍ଯ୍ୟ ପ୍ରକାଶ କରିଥିଲେ

ଯେ ନାରୀ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟକୁ ସମାଜର ସବୁ ଶ୍ରେଣୀର ଲୋକ ହୃଦୟଙ୍ଗମ କରିବା ଉଚିତ। ବର୍ତ୍ତମାନ ସମାଜରେ ଯେପରି ଭାବରେ ନାରୀ ନିର୍ଯ୍ୟାତନା ଚାଲିଛି, ସେଥିପାଇଁ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଥିଲେ।

ଉପସ୍ଥିତ ଜନସାଧାରଣ ଓ ବିଦ୍ୟାଳୟର କର୍ମକର୍ତ୍ତା ତଥା ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଆଚାର୍ଯ୍ୟ ପ୍ରକାଶ କରିଥିଲେ ଯେ ନାରୀ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟକୁ ସମାଜର ସବୁ ଶ୍ରେଣୀର ଲୋକ ହୃଦୟଙ୍ଗମ କରିବା ଉଚିତ। ବର୍ତ୍ତମାନ ସମାଜରେ ଯେପରି ଭାବରେ ନାରୀ ନିର୍ଯ୍ୟାତନା ଚାଲିଛି, ସେଥିପାଇଁ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଥିଲେ। ଦେଶର ବିଶିଷ୍ଟ ନେତା ତଥା ଯୁଗ ପ୍ରବର୍ତ୍ତକମାନଙ୍କ ସୁଯୋଗ୍ୟା ମାତା ହେବା ଗୌରବ ଏହି ନାରୀମାନେ ହିଁ ଅଧିକାର କରିଛନ୍ତି। ବିଶେଷ କରି ପୁରୁଷମାନଙ୍କ ସହିତ ଯୋଗ୍ୟା ହୋଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଆଦି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବତୀର୍ଣ୍ଣ ହୋଇପାରିଛନ୍ତି। ଏସବୁ ସତ୍ତ୍ୱେ, ଏହା ସାନ୍ତ୍ୱନାର ବିଷୟ ହେବନାହିଁ, ଯଦି ନାରୀ ନିର୍ଯ୍ୟାତନାର ବିଲୋପ ପାଇଁ ସାମାଜିକ ଆନ୍ଦୋଳନ ନହୁଏ। ଯେଉଁଠାରେ ମହିଳା କଲେଜ ବା ବାଳିକା ବିଦ୍ୟାଳୟ ସ୍ଥାପିତ ହେଉଛି, ସେଠାରେ ନାରୀ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟକୁ ଉଚିତ ମାର୍ଗରେ ପରିଚାଳନା କରିବା ପାଇଁ ଶ୍ରୀ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ଶେଷରେ ସେ ବାଗଲପୁର ଗ୍ରାମବାସୀଙ୍କର ସଂଗ୍ରାମୀ ମନୋଭାବ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାମାନଙ୍କର ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ଏହି ଉତ୍ସବ ପାଳନ ଅବସରରେ ଶ୍ରୀ ଆଚାର୍ଯ୍ୟ ଏକ "ରଜତ ଜୟନ୍ତୀ ବିଶେଷାଙ୍କ"କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ବିଧାୟକ ଶ୍ରୀ ବିଷ୍ଣୁ ଚରଣ ଦାସ ଏବଂ କଟକ ଆକାଶବାଣୀର ଡାକ୍ତର ହୃଷିକେଶ ପଣ୍ଡା ପ୍ରମୁଖ ଯୋଗଦେଇ ଭାଷଣ ଦେଇଥିଲେ।

## ମୃତ୍ତିକା ପରୀକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ମୃତ୍ତିକା ପରୀକ୍ଷା ପାଇଁ ରାଜ୍ୟର ସମସ୍ତ ହାଇସ୍କୁଲକୁ "ମୃତ୍ତିକା ପରୀକ୍ଷା ବାକ୍ସ" (Soil Testing Box) ଯୋଗାଇ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

ଜନରାଜ୍ୟ ଦିବସ ଉପଲକ୍ଷେ ରାଜଧାନୀସ୍ଥ ଆଦିବାସୀ ପଡ଼ିଆରେ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କୃଷି ବିଭାଗ ମଣ୍ଡପ ପରିଦର୍ଶନ କାଳରେ ରାଜ୍ୟ କୃଷି ନିର୍ଦ୍ଦେଶକଙ୍କୁ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଫଳରେ ହାଇସ୍କୁଲ ଛାତ୍ର ଛାତ୍ରୀମାନେ ମୃତ୍ତିକା ପରୀକ୍ଷା ସମ୍ବନ୍ଧୀୟ ସାଧାରଣ ଜ୍ଞାନ ଆହରଣ କରିପାରିବେ ଏବଂ ସେମାନଙ୍କ ଗାଁ ଗହଳିରେ ଲୋକମାନଙ୍କ ମଧ୍ୟରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଦିଗରେ ସହାୟକ ହେବେ ବୋଲି ମୁଖ୍ୟମନ୍ତ୍ରୀ ମତପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଓ ହରିଜନ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ, ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର ଏବଂ ଆଦିବାସୀ ଓ ହରିଜନ କଲ୍ୟାଣ ଶାସନ ସଚିବ ଶ୍ରୀ ରବିନ୍ଦ୍ର ମୋହନ ସେନାପତି ପ୍ରମୁଖ କୃଷି ମଣ୍ଡପ ପରିଦର୍ଶନ କରିଥିଲେ।

ଉପ କୃଷି ନିର୍ଦ୍ଦେଶକ (ସମ୍ବାଦ) ଶ୍ରୀ ବସନ୍ତ କୁମାର ଧଳଙ୍କ ତତ୍ତ୍ୱାବଧାନରେ ରାଜ୍ୟର କୃଷି ଉନ୍ନୟନ ସମ୍ପର୍କୀୟ ବିଭିନ୍ନ ତଥ୍ୟ ସହ ବିହନ ପରୀକ୍ଷାଗାର, ମୃତ୍ତିକା ପରୀକ୍ଷାଗାର, ରାଜ୍ୟ ଛତୁ ଉତ୍ପାଦନ କେନ୍ଦ୍ର, ଜୈବ ରସାୟନ ସାର, ଜୈବ ନିୟନ୍ତ୍ରଣ କେନ୍ଦ୍ର ଏବଂ କୃଷି ଯନ୍ତ୍ରପାତି ପ୍ରଭୃତି ସଂସ୍ଥାର ବିଶେଷ ପ୍ରକୋଷ୍ଠମାନ ଏହି କୃଷି ମଣ୍ଡପରେ ସ୍ଥାନ ପାଇଛି।

## ମାନବ ସେବା ହିଁ ଆମ ସମସ୍ତଙ୍କ ଧର୍ମ ହେଉ

—ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା

ଗ୍ରାମାଞ୍ଚଳରେ ବିଭିନ୍ନ ସୁଖ ସୁବିଧାରୁ ବଞ୍ଚିତ ହୋଇ ଅଭାବ ଅନଟନ ମଧ୍ୟରେ ଜୀବନ ଯାପନ କରୁଥିବା ଅବହେଳିତ ବର୍ଗଙ୍କ ସେବା ହିଁ ପ୍ରକୃତ ମାନବ ଧର୍ମ ଏବଂ ଏହା ହିଁ ପ୍ରତ୍ୟେକଙ୍କର ଲକ୍ଷ୍ୟ ହେବା ଉଚିତ ବୋଲି ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ପ୍ରକାଶ କରିଛନ୍ତି।

ଗତ ଜାନୁଆରୀ ମାସ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଫୁଲବାଣୀ ଜିଲ୍ଲା ଗସ୍ତ ଅବସରରେ ଖଜୁରୀପଡ଼ା ବ୍ଲକ୍‌ର ମୁଣ୍ଡୁକୁମା ଗ୍ରାମର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗଦାନ କରି ଶ୍ରୀ ବେହେରା କହିଲେ ଯେ ସମାଜର ଅବହେଳିତ ବର୍ଗଙ୍କ ଆର୍ଥିକ ସ୍ୱଚ୍ଛଳତା ବିନା ଗ୍ରାମ୍ୟ ଜୀବନକୁ ସୁଖୀ ଓ ସମୃଦ୍ଧ କରାଯାଇ ପାରିବ ନାହିଁ। ତେଣୁ ରାଜ୍ୟ ସରକାର ଦୁର୍ବଳ ଶ୍ରେଣୀଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ ଉଦ୍ଦେଶ୍ୟରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଗ୍ରାମାଞ୍ଚଳର ଜନସାଧାରଣ ଏ ସମସ୍ତ କାର୍ଯ୍ୟକ୍ରମର ସୁଯୋଗ ନେବା ପାଇଁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଶ୍ରୀ ବେହେରା ୬୮ ଜଣ ନିରାଶ୍ରୟ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ କୃଷକ ଭତ୍ତା ଏବଂ ୨୪ ଜଣ ଭୂମିହୀନ ଲୋକଙ୍କୁ ଜମି ପଟ୍ଟା ଓ ୩୦ ଜଣଙ୍କୁ ଋଣ ଛାଡ଼ ପତ୍ର ପ୍ରଦାନ କରିଥିଲେ।

ଏହି ଗସ୍ତ ଅବସରରେ ଶ୍ରୀ ବେହେରା ଖଜୁରୀପଡ଼ା, ଫୁଲବାଣୀ ଏବଂ ନୂଆଗାଁ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କ ଅଭାବ ଅସୁବିଧା ଏବଂ ସେ ସବୁର ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ।

ଜିଲ୍ଲା ପରିକ୍ରମା

# ଗଞ୍ଜାମ ବନ୍ୟାଞ୍ଚଳରେ ସାହାଯ୍ୟ ବଣ୍ଟନ

ଗତ ନଭେମ୍ବର ମାସ ୧ ଓ ୨ ତାରିଖ ଦିନ ଗୋପାଳପୁର ନିକଟ ବଙ୍ଗୋପ ସାଗରରେ ଲଘୁଚାପ ସୃଷ୍ଟି ହେବା ଫଳରେ ଦକ୍ଷିଣ ଓଡ଼ିଶାର ତୃତୀୟ ବୃହତ୍ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ୨-୧୧-୧୯୯୦ ତାରିଖଠାରୁ ୪-୧୧-୧୯୯୦ ତାରିଖ ମଧ୍ୟରେ କ୍ରମାଗତ ଓ ମୂଷଳ ଧାରାରେ ବୃଷ୍ଟିପାତ ହୋଇଥିଲା । ଏହି ତିନି ଦିନ ମଧ୍ୟରେ କୋଦଳା ବ୍ଲକ୍‌ରେ ୩୯୧ ମି: ମି: ଖଲ୍ଲିକୋଟ ବ୍ଲକ୍‌ରେ ୩୯୬ ମି: ମି:, ଭଞ୍ଜପୁରରେ ୩୨୨ ମି: ମି: ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ୩୯୦ ମି: ମି:, ଚିକିଟି ତହସିଲ ଅଞ୍ଚଳରେ ୪୬୬ ମି: ମି: ପାତ୍ରପୁର ବ୍ଲକ୍ ଅଞ୍ଚଳରେ ୩୬୪ ମି: ମି: ସାନଖେମୁଣ୍ଡି ବ୍ଲକ୍ ଅଞ୍ଚଳରେ ୪୩୨ ମି: ମି: ଓ ଦିଗପହଣ୍ଡି ବ୍ଲକ୍ ଅଞ୍ଚଳରେ ସର୍ବାଧିକ ୬୬୪ ମି: ମି: ବର୍ଷା ହେବା ଫଳରେ ଜିଲ୍ଲାରେ ଥିବା ଋଷିକୁଲ୍ୟା ନଦୀ, ଘୋଡ଼ାହାଡ଼ ନଦୀ, ବଡ଼ନଦୀ, ନନ୍ଦିନୀ ନଦୀ, ବାହୁଦା ନଦୀ ଏବଂ ଜରୋଉ ପ୍ରଭୃତି ନଦୀଗୁଡ଼ିକରେ ପ୍ରଳୟଙ୍କରୀ ବନ୍ୟା ହେଲା । ଜିଲ୍ଲାରେ ବିଗତ ୧୦୦ ବର୍ଷ ମଧ୍ୟରେ ଏହିପରି ବନ୍ୟା ହୋଇନଥିବା ବିଷୟ ସ୍ଥାନୀୟ ବୟୋବୃଦ୍ଧ ଲୋକମାନଙ୍କ ନିକଟରୁ ଶୁଣିବାକୁ ମିଳେ ।

ଏହି ପ୍ରଳୟଙ୍କରୀ ବନ୍ୟା ଦ୍ୱାରା ଜିଲ୍ଲାର ପ୍ରସିଦ୍ଧ ବ୍ୟବସାୟ କେନ୍ଦ୍ର ଆସ୍କା ସହର ସମେତ ୨୧ଟି ବ୍ଲକ୍ ୧୦ଟି ବିଜ୍ଞାପିତ ଅଞ୍ଚଳ ପରିଷଦ, ୨୧୦ଟି ଗ୍ରାମ ପଞ୍ଚାୟତ, ୧,୨୫୩ଟି ଗ୍ରାମ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଲା । ୯,୪୨,୮୯୬ଟି ପରିବାର ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ୧୫,୨୯୧ଟି ଗୃହପାଳିତ ପଶୁ ଓ ୯,୬୯୫ଟି ପକ୍ଷୀ ବନ୍ୟା ଜଳରେ ଭାସିଗଲେ । ୭୩ ଜଣ ବ୍ୟକ୍ତି ଏହି ପ୍ରଳୟଙ୍କରୀ ବନ୍ୟାର ଶିକାର ହେଲେ । ଜିଲ୍ଲାର ୪,୩୨,୭୭୧ ହେକ୍ଟର ଚାଷ ଜମି ମଧ୍ୟରୁ ୧,୫୦,୦୯୧ ହେକ୍ଟର ଜମିର ଧାନ, ୩୨,୬୭୦ ହେକ୍ଟର ଜମିରେ ଚାଷ କରା ଯାଇଥିବା ପନିପରିବା, ଆଖୁ ଓ ଡାଲିଜାତୀୟ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଗଲା । ୧୫,୩୨୦ ହେକ୍ଟର ଚାଷ ଜମି ବାଲିଚିରରେ ପରିଣତ ହେଲା । ଜାନିବିଲି ଆନିକଟ, କଲ୍ୟାଣଗଳା ଆନିକଟ, ହୀରାଧର ବାଟି ଜଳସେଚନ ପ୍ରକଳ୍ପ, ଘୋଡ଼ାହାଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପ, ଲୁହୁରାଖଣ୍ଡି ଜଳସେଚନ ପ୍ରକଳ୍ପ ସମେତ ୭୨୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ୭୪୦ଟି ଉଠାଜଳସେଚନ ପଏଣ୍ଟଗୁଡ଼ିକର ପ୍ରଚୁର କ୍ଷତି ଘଟିଲା । କାଳିସ୍ତମ୍ଭପୁର ନିକଟସ୍ଥ ଋଷିକୁଲ୍ୟା ନଦୀ ପୋଲ, ସୋରଡ଼ା ନିକଟସ୍ଥ ଜରୋଉ ନଦୀ ପୋଲ, ମଳାଭଞ୍ଜା ନିକଟସ୍ଥ ଘୋଡ଼ାହାଡ଼ ନଦୀ ପୋଲ ସମ୍ପୂର୍ଣ୍ଣ ଭାବରେ ଧୋଇ ହୋଇଗଲା । ୩୮୦ କି: ମି: ସଡ଼କ ଓ ୪୬୧ କି: ମି: ଗ୍ରାମ ରାସ୍ତା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବା ଦ୍ୱାରା ବନ୍ୟାଗ୍ରସ୍ତ ଅଞ୍ଚଳଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇ ପଡ଼ିଲା । ସୋରଡ଼ା ନିକଟରେ ଥିବା ୧୧ଟି ଟାୱାର ବନ୍ୟାଦ୍ୱାରା ଭାସିଯିବା ସଙ୍ଗେ ସଙ୍ଗେ, ୭୦୦ଟି ଗ୍ରାମର ବିଦ୍ୟୁତ୍ ସଂଯୋଗ ବ୍ୟାହତ ହେଲା ।

ଜିଲ୍ଲାର ବିସ୍ତୃତ ଅଞ୍ଚଳ ଜଳମଗ୍ନ ହେବା ଦ୍ୱାରା ହଜାର ହଜାର ଲୋକ ପାଣି ଘେର ମଧ୍ୟରେ ରହିଲେ । ବନ୍ୟା ଘେରରେ ଥିବା ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଗଲା ଓ ନିରାପଦ ସ୍ଥାନମାନଙ୍କରେ ବାସଗୃହମାନ ଯୋଗାଇ ଦିଆଯାଇଥିଲା । ପାୱାର ବୋଟ୍, ଦେଶୀ ଡଙ୍ଗା ଓ ରବର ବୋଟ୍ ସାହାଯ୍ୟରେ ଲୋକମାନଙ୍କୁ ନିରାପଦ ସ୍ଥାନକୁ ଅଣାଯିବାର ବ୍ୟବସ୍ଥା କରାଗଲା । ବନ୍ୟା ବିପନ୍ନ ଲୋକମାନଙ୍କର ଅସ୍ଥାୟୀ ନିମନ୍ତେ ୬,୦୧୯ଟି ଅସ୍ଥାୟୀ ବାସଗୃହ ନିର୍ମାଣ କରା ଯାଇଥିଲା । ଛତ୍ରପୁର ବ୍ଲକ୍, ଗଞ୍ଜାମ ବ୍ଲକ୍, ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ ବ୍ଲକ୍, ପୁରୁଷୋତ୍ତମପୁର ବ୍ଲକ୍, ହିଞ୍ଜିଳି ବ୍ଲକ୍, ଧରାକୋଟ, ସୋରଡ଼ା ଓ ଆସ୍କା ପ୍ରଭୃତି ବ୍ଲକ୍‌ରେ ମାଗଣା ଭୋଜନ କେନ୍ଦ୍ରମାନ ଖୋଲା ଯାଇ ୩୩,୧୭୬ ଜଣ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦିଆ ଯାଇଥିଲା ।

ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ୫-୧୧-୧୯୯୦ ତାରିଖ ଦିନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ରନାଥ ନାୟକ, ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ଓ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର ପ୍ରମୁଖ ହେଲିକପ୍ଟର ଯୋଗେ ଗସ୍ତ ଆକାଶ ମାର୍ଗରୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନ କରିଥିଲେ । ପାଣି ଘେରରେ ଥିବା ଲୋକମାନଙ୍କ ପାଇଁ ଆକାଶ ମାର୍ଗରୁ ଖାଦ୍ୟ ପୁଡ଼ିଆ ବିତରଣ କରା ଯାଇଥିଲା । ବନ୍ୟା ପ୍ରପୀଡ଼ିତ ଅଞ୍ଚଳ

ଲୋକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଏକମାସ ପର୍ଯ୍ୟନ୍ତ ଜରୁରୀକାଳୀନ ରିଲିଫ୍ ବ୍ୟବସ୍ଥା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୯-୧୧-୧୯୯୦ରେ ହେଲିକପ୍ଟରର ଯୋଗେ ଆସି ଆସିକା ସମେତ ଜିଲ୍ଲାର ଅନ୍ୟ ସମସ୍ତ କ୍ଷତିଗ୍ରସ୍ତ ଅଞ୍ଚଳକୁ ଆକାଶ ମାର୍ଗରୁ ପରିଦର୍ଶନ କରିଥିଲେ । ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ମତ୍ସ୍ୟ ଓ ପଶୁପାଳନ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ବନ୍ୟାଗ୍ରସ୍ତ ଅଞ୍ଚଳ ଗସ୍ତ କରି ଉଦ୍ଧାର ଓ ରିଲିଫ୍ ବିତରଣ ଆଦି କାର୍ଯ୍ୟକୁ ପ୍ରତ୍ୟକ୍ଷ ଭାବେ ତତ୍ତ୍ୱାବଧାନ କରିଥିଲେ । ଜଳସେଚନ ବିଭାଗ ମନ୍ତ୍ରୀ, କୃଷି ବିଭାଗ ମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ ପ୍ରମୁଖ ବିଭିନ୍ନ ସମୟରେ ବନ୍ୟାଞ୍ଚଳ ଗସ୍ତକରି ଲୋକମାନଙ୍କର ଅବସ୍ଥା ଓ ଥଇଥାନ ଆଦି ସମ୍ପର୍କରେ ବ୍ୟବସ୍ଥାମାନ ଗ୍ରହଣ କରିଥିଲେ । ଜରୁରୀ ରିଲିଫ୍ ଆକାରରେ ୨୨୨୦.୯୩ କ୍ୱିଣ୍ଟାଲ ଗୁଡ଼, ୯୩୮.୩୯ କ୍ୱିଣ୍ଟାଲ ଚୂଡ଼ା, ୨୬,୦୪୯.୫୮ କ୍ୱିଣ୍ଟାଲ ଚାଉଳ ଓ ୧୮,୧୮୫ କିଲୋଲିଟର କିରୋସିନ୍ ଲୋକମାନଙ୍କୁ ସରକାରଙ୍କ ତରଫରୁ ବିତରଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କ୍ରମେ, କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ, ନଭେମ୍ବର ମାସ ୧୪ ଓ ୧୫ ତାରିଖରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ବିଶ୍ୱ ବ୍ୟାଙ୍କରୁ ସାହାଯ୍ୟ ଆଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଅନୁରୋଧକ୍ରମେ ତା ୩-୧୨-୧୯୯୦ ରିଖରେ ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲ୍ଲା ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନ କରି ଯାଇଛନ୍ତି ।

ସରକାରଙ୍କ ତରଫରୁ ସ୍ୱଳ୍ପକାଳୀନ ଭିତ୍ତିରେ, କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ଜଳସେଚନ ପ୍ରକଳ୍ପ, ରାସ୍ତାଘାଟ, ନଳକୂପ, ଉଠାଜଳସେଚନ ପଏଣ୍ଟ ବିଦ୍ୟାଳୟ ଗୃହ ଓ ଡାକ୍ତରଖାନାଗୁଡ଼ିକର ମରାମତି କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦିଆ ଯାଉଛି । ବନ୍ୟାଦ୍ୱାରା ମୃତ୍ୟୁବରଣ କରିଥିବା ପ୍ରତ୍ୟେକ ବ୍ୟକ୍ତିର ପରିବାର ବର୍ଗଙ୍କୁ ଏକ୍ସଗ୍ରାସିଆ ରିଲିଫ୍ ପାଣ୍ଠିରୁ ୧୦,୦୦୦ ଟଙ୍କା ଏବଂ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିରୁ ୧୦,୦୦୦ ଟଙ୍କା କରି ପ୍ରଦାନ କରାଯାଇଛି । ବନ୍ୟା ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ୫୩ଟି ଗ୍ରାମକୁ ଅନ୍ୟତ୍ର ଥଇଥାନ କରାଯାଉଛି । ଇନ୍ଦିରା ଆବାସ ଯୋଜନା, ହୁଡ୍କୋ, ଟାଟା କମ୍ପାନୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ୨,୯୭୩ ବାସଗୃହ ନିର୍ମାଣ କରାଯାଉଛି । ମଳାଭଞ୍ଜା ନିକଟ ଘୋଡ଼ାହାଡ଼ ନଦୀ, କାଳିଶଙ୍ଖପୁର ନିକଟ ଋଷିକୂଲ୍ୟା ନଦୀ ପୋରଡ଼ା ନିକଟ ଜରୋଉ ନଦୀରେ ଭାଙ୍ଗି ଯାଇଥିବା ପୋଲ ନିକଟରେ ଅସ୍ଥାୟୀ ପୋଲମାନ ନିର୍ମାଣ କରାଯାଇଛି । ଗମନାଗମନର ବ୍ୟବସ୍ଥା ହୋଇ ପାରିଛି । କ୍ଷତିଗ୍ରସ୍ତ ହୋଇଥିବା ୭୪୦ଟି ଉଠା ଜଳସେଚନ ପଏଣ୍ଟ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୫୭୫ଟି ଉଠାଜଳସେଚନ ପଏଣ୍ଟ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ପାରିଛି । ୨,୭୪୦ଟି ନଳକୂପଗୁଡ଼ିକର ମରାମତି କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି । ଜାନିବିଲ୍ଲୀ, ଜୟମଙ୍ଗଳା, ହୀରାଧାର ବାଟି, ଲୁହୁରାଖଣ୍ଡି, ଋଷିକୂଲ୍ୟା କେନାଲ ସମେତ କ୍ଷତିଗ୍ରସ୍ତ ହୋଇଥିବା ଅନ୍ୟ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି । ରାଜ୍ୟ ସରକାରଙ୍କର ତତ୍ପରତା ଫଳରେ ବର୍ତ୍ତମାନ ୮୬,୨୫୫ଟି ଗୃହର କ୍ଷତିପୂରଣ ବାବଦରେ ୪,୦୯,୮୪,୪୧୫ ଟଙ୍କା ବିତରଣ କରାଯାଇଛି । ଶୁଷ୍କ ଜମିରୁ ବାଲି ଉଠାଇବା ପାଇଁ ୩୬,୯୮,୪୬୬ ଟଙ୍କା ସବ୍‌ସିଡ଼ି ଆକାରରେ ପ୍ରଦାନ କରାଯାଇଛି ।ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଥିବା ୩୯,୧୦୮ଟି କୂପ, ୫୫୨ଟି ପାଟ, ୭୮୯ଟି ବାସଗୃହକୁ ବିଶୋଧନ କରାଯାଇଛି । ଏହା ବ୍ୟତୀତ, ୩୦,୩,୨୧୮ ଜଣ ବ୍ୟକ୍ତିଙ୍କୁ ହଇଜା ପ୍ରତିଷେଧକ ଇଞ୍ଜେକସନ୍ ଦିଆ ଯିବା ସଙ୍ଗେ ସଙ୍ଗେ ୧୮,୮,୨୪୮ଟି ହାଲଜେନ୍ ବଟିକା ବିତରଣ କରାଯାଇଛି ।

ପୁନଶ୍ଚ ରାଜ୍ୟ ସରକାର ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଛାତ୍ର ଛାତ୍ରୀମାନଙ୍କର ଛଅ ମାସର ଦରମା ଛାଡ଼ କରିବା ସଙ୍ଗେ ସଙ୍ଗେ ପରୀକ୍ଷା ଫିସ୍ ଇତ୍ୟାଦି ମଧ୍ୟ ଛାଡ଼ କରିଛନ୍ତି ।



ଭାରତୀୟ ବିରଳ ମୃତ୍ତିକା ତରଫରୁ ଜେନେରାଲ୍ ମ୍ୟାନେଜର ଶ୍ରୀ ଏନ୍. ଆର୍. ନାୟାର ଏକଲକ୍ଷ ଟଙ୍କାର ଏକ ଚେକ୍ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ହାତରେ ପ୍ରଦାନ କରୁଛନ୍ତି ।

## STATEMENT ABOUT OWNERSHIP AND OTHER PARTICULARS ABOUT THE UTKAL PRASANGA

FORM - IV

(*See* Rule - 8)

| | | |
|---|---|---|
| 1 | Place of publication | Bhubaneswar |
| 2 | Periodicity of its publication | Monthly |
| 3 | Printer's Name | Shri M. M. Ratho, I.A.S. for and on behalf of the Government of Orissa. |
| | Nationality | Indian |
| | Address | Director of Printing, Stationery and Publication, Orissa, Cuttack, PIN—753010. |
| 4 | Publisher's Name | Shri T. N. Mohapatra, I.A.S. for and on behalf of the Government of Orissa. |
| | Nationality | Indian |
| | Address | Director of Information and Public Relations and Additional Secretary to Government of Orissa, Information and Public Relations Department, Bhubaneswar—751001. |
| 5 | Chief Editor's Name | Shri Satish Patro |
| | Nationality | Indian |
| | Address | Chief Editor, Information and Public Relations Department, Government of Orissa, Bhubaneswar—751001. |
| 6 | Editor's Name | Shri Biswajit Das |
| | Nationality | Indian |
| | Address | Editor, Utkal Prasanga, Information & Public Relations Department, Bhubaneswar—751001. |
| 7 | Name and address of Individuals who own newspaper and partners or shareholders holding more than one percent of the total capital. | Government of Orissa, Bhubaneswar. |

*I, Shri T. N. Mohapatra, I.A.S., Director of Information and Public Relations and Additional Secretary to Government, Information and Public Relations Department hereby declare that the particulars given above are true to the best of my knowledge and belief.*

(T. N. Mohapatra)
Signature of Publisher

# ଉତ୍କଳୀୟ ଲୋକନାଟ୍ୟ ପରମ୍ପରାରେ ଶ୍ରୀରାମଲୀଳା

● ଶ୍ରୀ ରାଧାନାଥ ଦାସ

ଉତ୍କଳୀୟ ଲୋକନାଟ୍ୟ ପରମ୍ପରାରେ ଶ୍ରୀରାମଲୀଳା ପର୍ଯ୍ୟାଲୋଚନା କଲାବେଳେ ପ୍ରଥମେ ଆମେ ଲୋକକଳା କ'ଣ ଏହାର ସୃଷ୍ଟି କେବେ ହୋଇଥିଲା ଏବଂ ଅଦ୍ୟାବଧି ଏହି ଲୋକକଳା ଏ ମାଟିରେ ମୃତ ନା ଜୀବିତ, ସେ ବିଷୟରେ ଆଲୋଚନା କରିବା ସର୍ବାଦୌ କର୍ତ୍ତବ୍ୟ ବୋଲି ମନେ କରାଯାଇ ପାରେ। ଲୋକକଳା କହିଲେ ଆମେ ସାଧାରଣତଃ ଲୋକମାନଙ୍କ ଦ୍ୱାରା ପରିବେଷିତ କଳାକୃତିକୁ ବୁଝିଥାଉ । କିନ୍ତୁ ଏହା କହିବା ବାହୁଲ୍ୟ ଯେ, ସୃଷ୍ଟିର ଆରମ୍ଭରୁ ରୂପ ନେଇଛି ଏ ଲୋକ କଳା । ଶାସ୍ତ୍ରୀୟ ନୀତି ନିୟମର ନିଗଡ଼ରେ ନରହି ମଧ୍ୟ ଏ ସମାଜରେ ଅଦ୍ୟାବଧି ବଞ୍ଚି ରହିଛି ।

ସୃଷ୍ଟିର ପ୍ରଥମ ମାନବ ଯେତେବେଳେ ମାତୃ ଗର୍ଭରୁ ଭୂମିଷ୍ଠ ହୁଏ, ସର୍ବାଗ୍ରେ ସେ ତା'ର ଅବୟବ ପ୍ରସାରଣ କରି ଆରମ୍ଭ କରେ ନୃତ୍ୟର ପହିଲି ମୁଦ୍ରା ଏବଂ ତା'ର କିଛି ସମୟ ପରେ ସୃଷ୍ଟିକରେ କୁଆଁ କୁଆଁ ଶବ୍ଦର ଗାନ-ସଙ୍ଗୀତ ଏବଂ ଖନି ଖନି କଥା କହି ମୂଳ ପକାଇ ଦିଏ ଜୀବନ ସାହିତ୍ୟର ସୌଧ ପାଇଁ । ନା ଥାଏ ନୃତ୍ୟରେ ତା'ର ମଙ୍ଗଳାଚରଣ, ନା ଥାଏ ସଙ୍ଗୀତରେ ତା'ର ଶାସ୍ତ୍ରୀୟତା, ନା ଥାଏ ସାହିତ୍ୟରେ ତା'ର ବିଭାଗୀକରଣ । ମନଖୋଲା ହସ ସାଙ୍ଗକୁ ବେପରୁଆ ବକ୍ତବ୍ୟ ଏବଂ ବ୍ୟାକରଣ ବିହୀନ ଭାଷା ସାଙ୍ଗକୁ ମୁକ୍ତ ମନର ନୃତ୍ୟ ଏଥିଲା ମାନବର ଚିରାଚରିତ ଅଭ୍ୟାସ । ଯେଉଁ କାଠ ବା ପଥର ଖଣ୍ଡିକରେ ମୋଠାଏ ସିନ୍ଦୁର ମାଖି ମୁଣ୍ଡିଆଟିଏ ମାରି ପୂଜା କରିଦେଇଛି ସେ ହୋଇଛି ତା'ର ଆରାଧ୍ୟ ଦେବତା ଏବଂ ଯାହା ସେ ଖିଆଲୀ ମନରେ ସୃଷ୍ଟିକରି ଦେଇଛି । ସେ ହୋଇଛି ତା'ର ସଂସ୍କୃତି ପରମ୍ପରା ଏବଂ ସର୍ବୋପରି ଦୈନନ୍ଦିନ ଚଳଣି । ଆଜିର ସମାଜରେ ଏହି ଲୋକ ସଂସ୍କୃତି ବା ଲୋକକଳା ସ୍ଥାନେ ସ୍ଥାନେ ଏ ପ୍ରାଚୀନ ପରମ୍ପରାର ବୃକ୍ଷଟି କେମିତି ବଞ୍ଚିବ, ତା'ର ଚାରି ପଟେ ବଣ୍ଡାବାଡ଼ ଘେରାଯାଇ ମୂଳରେ ନିୟମିତ ପାଣି ଢଳା ହୋଇ ଚାଲିଛି । ମୋଟା ମୋଟି କହିବାକୁ ଗଲେ ଯେଉଁ କଳା ଲୋକମାନଙ୍କ ଦ୍ୱାରା ସୃଷ୍ଟି ହୋଇ ଲୋକମାନଙ୍କ ଦ୍ୱାରା ସ୍ୱୀକୃତି ଲାଭ କରି, ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ରହେ, ତାହାହିଁ ହେଉଛି ପ୍ରକୃତ ଲୋକକଳା । ଏହି ଲୋକ କଳାରେ ରହିଥାଏ ମଣିଷ ମନର ଗଭୀରତମ ପ୍ରଦେଶର ନିଖୁଣ ପ୍ରତିଛବି । କେବଳ ନିତ୍ୟ ସଙ୍ଗୀତକୁ ଆମେ କଳା କହିଦେଲେ ହେବନାହିଁ । ଏହି ଲୋକକଳା ଭିତରେ ବିଭିନ୍ନ ବିଭାଗର କଳାକୃତି ହିଁ ପ୍ରତୀୟମାନ ହୋଇଥାଏ ଯଥା-ସାହିତ୍ୟ, ଚିତ୍ରାଙ୍କନ, ହସ୍ତଶିଳ୍ପ, ମୂର୍ତ୍ତିଗଠନ ଏବଂ କାରିଗରୀ କୌଶଳ ।

ବିଭିନ୍ନ ଅଞ୍ଚଳ ତଥା ବିଭିନ୍ନ ପାରିପାର୍ଶ୍ୱିକ ପରିବେଷ୍ଟନୀକୁ ଆଖି ଆଗରେ ରଖି ବିଭିନ୍ନ ପ୍ରକାର ଲୋକ କଳା ସୃଷ୍ଟି ହୋଇଥାଏ । ପ୍ରକାଶ ଥାଉକି, ଯେଉଁ ଦେଶ ବା ଯେଉଁ ଜାତିର ଲୋକକଳା ଯେତେ ଉତ୍କୃଷ୍ଟ, ସେ ଦେଶ ବା ସେହି ଜାତି ସେତିକି ପ୍ରଗତିଶୀଳ ବୋଲି ସାଧାରଣତଃ ଧରି ନିଆଯାଇଥାଏ । ଲୋକକଳା ଯେ କୌଣସି ଜାତିର ସମ୍ପୂର୍ଣ୍ଣ ନିଜସ୍ୱ ଏବଂ ଏହାକୁ ପରିବେଷଣ କରିବା ଜାତିର ଜନ୍ମଗତ ଅଧିକାର । ସୁତରାଂ ଯେ କୌଣସି ଜାତି ଗଠନରେ ଲୋକକଳାର ଭୂମିକା ଅନସ୍ୱୀକାର୍ଯ୍ୟ । ନିଜର ଲୋକକଳା ଏବଂ ନିଜର ଲୋକ ସଂସ୍କୃତିକୁ ଛାଡ଼ି ଏ ପର୍ଯ୍ୟନ୍ତ କୌଣସି ଜାତି ବଞ୍ଚି ପାରିନାହିଁ । ଅବଶ୍ୟ ପରିତାପର ବିଷୟ ଏହି ଯେ, ଆଜିର ଏହି ଶୁକବ୍ୟ ସମାଜରେ ଖାଦ୍ୟ ତଥା ଔଷଧରେ ଅପମିଶ୍ରଣ ଭଳି ଏହି ମହାନ୍ ଲୋକକଳାରେ ମଧ୍ୟ ଅପମିଶ୍ରଣ ଚାଲିଛି । ସମାଜରେ ଖାଣ୍ଟି ଲୋକକଳାର ସଙ୍କଟ ଦେଖା ଦେଇଛି ।

ଉତ୍କୃଷ୍ଟ କଳାରୁ ତ ଏରାଜ୍ୟର ନାମ ହୋଇଛି ଉତ୍କଳ । ଏରାଜ୍ୟ ସମଗ୍ର ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିଛି ନିଜର ସ୍ୱାତନ୍ତ୍ରତା ଏବଂ ମହାନୀୟତା ବଜାୟ ରଖି । ଏ ରାଜ୍ୟର ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି । ଏହି ସଂସ୍କୃତିକୁ କେନ୍ଦ୍ର କରି ସୃଷ୍ଟି ହୋଇଛି ବିଭିନ୍ନ ପ୍ରକାର ପର୍ବ ପର୍ବାଣି, ଓଷା, ବ୍ରତ, ଏବଂ ସର୍ବୋପରି ଲୋକ କଳା, ଲୋକ ସାହିତ୍ୟ, ଲୋକ ସଙ୍ଗୀତ, ଏବଂ ଲୋକ ନାଟକ । ଆମର ଏହି କଳା ସଂସ୍କୃତି ପୂର୍ଣ୍ଣ ଉତ୍କଳ ଭୂଖଣ୍ଡରେ ବିଭିନ୍ନ ପ୍ରକାର ଲୋକ ନାଟକ, ଲୋକ ଗୀତ, ଲୋକ ନୃତ୍ୟ ଦୃଷ୍ଟି ଗୋଚର ହୁଏ । ସେମାନଙ୍କ ମଧ୍ୟରୁ ଅପେରା, ଯାତ୍ରାଭିନୟ, ଲୀଳାଯାତ୍ରା, ସୁଆଙ୍ଗ, ପାଲା, ଦାସକାଠିଆ, ଦଣ୍ଡନୃତ୍ୟ, ଘୁମୁରା ନୃତ୍ୟ, ଚଇତିଘୋଡ଼ା ନୃତ୍ୟ, ଗୋଟିପୁଅ ନୃତ୍ୟ, ନବରଙ୍ଗ ନୃତ୍ୟ, ଚଢ଼େଇଆ ନୃତ୍ୟ, ପଟ ନୃତ୍ୟ, ରାବଣ ଛାୟାନାଟ, ଗଞ୍ଜାମ

ଅଞ୍ଚଳର ପ୍ରହ୍ଲାଦନାଟ, ମୟୁରଭଞ୍ଜ ଅଞ୍ଚଳର ଛଉନୃତ୍ୟ, ଆଦିବାସୀ ଅଞ୍ଚଳର ଦଣ୍ଡନାଟ... ନୃତ୍ୟ, ସମ୍ବଲପୁର ଅଞ୍ଚଳର ଡାଲଖାଇ ନୃତ୍ୟ, ଗଡ଼ଜାତ ଅଞ୍ଚଳର ପାଇକ ନୃତ୍ୟ, ରଣପା ନୃତ୍ୟ, ପୁରୀର ନାଗା ନୃତ୍ୟ ଏବଂ ଠିକ୍ ସେହିପରି ଓଡ଼ିଶୀ କୀର୍ତ୍ତନ, ସମ୍ପ୍ରଦା ନୃତ୍ୟ, ଖଞ୍ଜଣୀ ଭଜନ, ବାରିପଦାର ଝୁମର ଗୀତ, ରଣପୁରର ଢୁମ୍ପା ଗୀତ, ଯୋଗୀର ଏକତାରା ଭଜନ ଏବଂ କେନ୍ଦରା ଗୀତ, ଘଣ୍ଟ ବାଦ୍ୟ, ଯୋଡ଼ି ଶଙ୍ଖ ବାଦନ, ନାଗେଶ୍ୱର ବାଦ୍ୟ, ଯୋଡ଼ିନାଗରା ବାଦ୍ୟ, ଓଡ଼ିଶୀ ମୃଦଙ୍ଗ ବାଦ୍ୟ, ରଥଯାତ୍ରାରେ ଡାହୁକ ଗୀତ, ବିଶେଷ ଭାବରେ ଓଡ଼ିଶାର ଲୋକପ୍ରିୟ ଜଗନ୍ନାଥ ଭଜନ, ଜଣାଣ ତଥା ଢ଼ଗ, ଢ଼ମାଳି ବିଶିଷ୍ଟ ପଲ୍ଲୀସ୍ୱର ଗୀତ ଆମର ତନୁମନକୁ ଉଲ୍ଲସିତ କରିଥାନ୍ତି ।

ଗୀତର ସୁରେସୁରେ ଏବଂ ବାଦ୍ୟର ତାଳେତାଳେ ତଥା ନୃତ୍ୟର ବିଭିନ୍ନ ଭଙ୍ଗୀର ପାରମ୍ପରିକ ନୀତି ନିୟମକୁ ନିର୍ଦ୍ଧାରଣ କରି, ଏହି ଲୋକ କଳାଗୁଡ଼ିକ ପୁରୁଷାନୁକ୍ରମେ ଅପରିବର୍ତ୍ତିତ ରହିଛି । ପୂର୍ବରୁ ରାଜ ରାଜୁଡ଼ା ଶାସନରେ, ଓଡ଼ିଶାର ଗଡ଼ଜାତ ଅଞ୍ଚଳମାନଙ୍କରେ ଏହି ଲୋକ କଳାର ପ୍ରସାର ଏବଂ ପ୍ରସାର ଅତି ମାତ୍ରାରେ ବୃଦ୍ଧି ପାଇଥିଲା କିନ୍ତୁ ପରିତାପର ବିଷୟ ଏହିଯେ, ଆଜିର ଦର୍ଶକମାନେ ଲୋକ କଳାକୁ କ୍ରମଶଃ ଅନାଦର କରି ଚାଲିଛନ୍ତି, ଯଦ୍ୱାରାକି ଏହାର କଳାସବ କୃତି ବର୍ତ୍ତମାନର ଭି. ଡି: ଓ ଯୁଗରେ ଆଦୌ ଆଦରଣୀୟ ହୋଇ ରହିପାରୁ ନାହିଁ ବରଂ ଏହା କ୍ରମଶଃ ବିଳୟ ଭଜିବାକୁ ଯାଉଛି । କିନ୍ତୁ ଆଜିର ଦର୍ଶକ ମାନେ ଏକଥା ଭୁଲି ନଯିବା ଉଚିତ୍ ଯେ, ଏହି ପୁରାତନ ଲୋକ କଳାର ଭିତ୍ତି ଭୂମିକୁ ଆଧାର କରି ଆଜିର ରଙ୍ଗୀନ୍ ଚଳଚିତ୍ର ଏବଂ ଉଦ୍ଭଟ ନାଟକମାନ ଜୀବନ୍ୟାସ ପାଉଛନ୍ତି । ଏହା ନିଛକ ସତ ଯେ, ସେହି ପୁରାତନ ଶୈଳୀର ଗୀତିନାଟ୍ୟ ଏବେବି ମଣିଷ ମନରୁ ଲିଭି ନାହିଁ । ଏବେ ମଧ୍ୟ ଏହାର ପୂର୍ବ ପରିଚିତ ସ୍ୱର ଏବଂ ଶୈଳୀକୁ ରୋମନ୍ଥନ କରି ଅସଂଖ୍ୟ ନୂତନ ଗୀତିନାଟ ରଚିତ ହୋଇ, ଓଡ଼ିଶାର ବିଭିନ୍ନ ରଙ୍ଗ ମଞ୍ଚରେ ଅଭିନୀତ ହୋଇ ଚାଲିଛି ।

ଇଂରାଜୀରେ ଗୋଟିଏ ପ୍ରବାଦ ଅଛି ନାଟକ ହିଁ ହେଉଛି ସମାଜର ଦର୍ପଣ । ସୁତରାଂ ନାଟକ ଉଭୟ ଦୃଶ୍ୟ ଏବଂ ଶ୍ରାବ୍ୟ । ନାଟକର ବିଷୟ ବସ୍ତୁରେ ଯଦି ମୌଳିକତା ତଥା ଲୋକକଳା ନଥାଏ, ତାହା ଦର୍ଶକ ପ୍ରାଣରେ ଆବେଗ ସୃଷ୍ଟି କରିନପାରେ ବସ୍ତୁତଃ ଲୋକ କଳାକୁ ନେଇ ନାଟକ ରଚନା ଏବଂ ପରିବେଷଣ କରିବା ସର୍ବାଦୌ କର୍ତ୍ତବ୍ୟ ପରି ପ୍ରତୀତ ହୁଏ । ପୂର୍ବପରି ଆଜିକାଲି ଆଉ ନାଟକରେ ଲୋକ କଳାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳୁନାହିଁ । ନାଟକର ପୂର୍ବ ପରମ୍ପରା ଅନୁଯାୟୀ ଆଉ ସେ ନାଟକର ରଙ୍ଗ ମଞ୍ଚ ଉପରକୁ ନଟ, ନଟୀ, ନିୟତି, ଦୂତ, ରଙ୍ଗିଆ, ସୂତ୍ରଧାରୀ ଏବଂ ବିଦୂଷକମାନେ ଆସୁନାହାନ୍ତି । ଶୁଣାଯାଏ ସେମାନଙ୍କର ବଂଶ ପ୍ରାୟ ଲୋପ ପାଇବାକୁ ବସିଲାଣି । ଉଦ୍ଭଟ ନାମରେ ଆମେ କେବଳ ସ୍ଲୋଗାନ୍ ଦେଇଚାଲିଛୁ । ଫଳରେ ଦର୍ଶକ ମନରେ ଭାବ ସୃଷ୍ଟି ନହୋଇ, ଭାବର ଅଭାବ ପରିଲକ୍ଷିତ ହେଉଛି । ଦୁଃଖର ବିଷୟ ଆଜିକାଲି ନାଟ୍ୟ ବିଜ୍ଞାନୀମାନେ ଏସବୁକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି, ଅଧୁନା ଉଦ୍ଭଟ ନାଟକ ମାନଙ୍କରେ ଲୋକକଳାକୁ ପ୍ରଶୟ ଦେଉଥିବାରୁ ଏହା କ୍ରମଶଃ ଲୋକପ୍ରିୟ ହେବାକୁ ଯାଉଛି ।

ଗୀତିନାଟ୍ୟ ଏବଂ ଲୀଳା ଯାତ୍ରା କଥା ଆଲୋଚନା କରିବା ଓଡ଼ିଆ ପ୍ରାଚୀନ ଗୀତି ନାଟ୍ୟର ମୁଖ୍ୟ ପୁରୋଧା ଗଣକବି ବୈଷ୍ଣବ ପାଣିଙ୍କ ଯାତ୍ରାରେ କ'ଣ ନାହିଁ ? ସାହିତ୍ୟର ସମସ୍ତ ବିଭାଗ ମନ୍ଥନ କରି ଏହି ଗୀତିନାଟ୍ୟ ଆଜି ଗଣ ପ୍ରିୟ ହୋଇ, ଜନ ମାନସରେ ଗଣଚେତନା ସୃଷ୍ଟି କରି ଚାଲିଛି । ଗଣକବିଙ୍କର ଗୀତିନାଟ୍ୟରେ ସାମାଜିକ ଚାଲିଚଳଣଠାରୁ ଆରମ୍ଭ କରି ଶିକ୍ଷା, ସଂସ୍କୃତି, ସ୍ୱାସ୍ଥ୍ୟସେବା, ରାଜନୀତି ତଥା ଅର୍ଥନୀତିର ନିଛକ ରୂପ ପରିସ୍ଫୁଟ ହୋଇଥାଏ । ଯଥା:--

"କ୍ଷିତିକି ଭିତି ହେଲା ପ୍ରବଳ--
ପଇସାକୁ ପାନ ଗଣ୍ଡାଏ ଦି'ଗଣ୍ଡା
ଟଙ୍କାକୁ ଦି'ସେରେ ଅଧେ ଚାଉଳ ।"

କିମ୍ବା

"ରାଜାଘରେ ଚାକିରି ଖଟି
ବରଷକୁ ଜମା ଦି' ଦିନ ଛୁଟି"

କିମ୍ବା

"ଛିଛି ମଦ ଖାଇବି ନାହିଁରେ
କଳାପାଣି ପରି ଦିଶେ
ସେହି କଳାପାଣି ପେଟରେ ପଡ଼ିଲେ
ଚଉଦ ଭୁବନ ଦିଶେ"

ଚରିତ୍ରମାନଙ୍କ ମୁହଁରୁ ରଙ୍ଗ ଛାଡ଼ିଲା ପର୍ଯ୍ୟନ୍ତ ଦର୍ଶକ ମାନେ ସେମିତି ରାତି ସାରା ଉଜାଗର ରହି ସେ କାଳର ଯାତ୍ରା, ସୁଆଙ୍ଗକୁ ନିର୍ନିମେଷ ନୟନରେ ଚାହିଁ ରହୁଥିଲେ ।

ଲୀଳାଯାତ୍ରା କହିଲେ ଆମେ ସାଧାରଣତଃ ଶ୍ରୀରାମଲୀଳା ଏବଂ ଭଗବାନ ଶ୍ରୀକୃଷ୍ଣଙ୍କର ରାସଲୀଳାକୁ ହିଁ ବୁଝିଥାଉ । ଏହାର ପରିବେଷଣ ଶୈଳୀ ସ୍ୱତନ୍ତ୍ର ।

ଚଇତ୍ର ମାସର ଜ୍ୟୋତ୍ସ୍ନା ବିଧୌତ ରଜନୀର ସାନ୍ଧ୍ୟ ବାୟୁ ହିଲ୍ଲୋଳରେ ମନରେ ଶତ ଉତ୍କଣ୍ଠାର ରୂପ ରେଖ ବହନ କରି, ନିଛି ସରଳ ଗ୍ରାମ୍ୟ ଜୀବନକୁ ଶ୍ରୀରାମ ପ୍ରେମର ମଧୁ-ମନ୍ଦାକିନୀରେ ପ୍ଲାବିତ କରି, ପ୍ରତିଟି ପୁରପଲ୍ଲୀରେ ନିର୍ଦ୍ଦିଷ୍ଟ ତାଳରେ, ସ୍ୱତନ୍ତ୍ର ଶୈଳୀରେ ଏବଂ ପାରମ୍ପରିକ ସ୍ୱରରେ ଆରମ୍ଭ ହୁଏ ଲୋକନାଟ୍ୟ ରାମଲୀଳା । ଚଇତ୍ର ମାସର ଶୁକ୍ଳ ପକ୍ଷ ନବମୀ (ଶ୍ରୀରାମନବମୀ) ଠାରୁ ଲୀଳା ଯାତ୍ରାର ହୁଏ ଅଯମାରମ୍ଭ । ରାତି ରାତି ଧରି ମୁକ୍ତ ଆକାଶ ତଳେ, ମୁକ୍ତ ରଙ୍ଗମଞ୍ଚ ଉପରେ ଗ୍ରାମ୍ୟ କଳାକାର ମାନଙ୍କ ଦ୍ୱାରା ଏହା ଭକ୍ତି ଭାବନା ସହ ଅଭିନୀତ ହୁଏ । ଯଦିଓ ବେଶବିନ୍ୟାସରେ ଚାକଚକ୍ୟ ନଥାଏ ତଥାପି ଭାଷାରେ ରହି ରହିଥାଏ ମଧୁରତା ଏବଂ ଅଭିନୟରେ ପ୍ରକାଶ ପାଏ ଭକ୍ତିମତ୍ତାର ଅପୂର୍ବ ନିଦର୍ଶନ । ବିଶେଷ କରି ଦର୍ଶକମାନଙ୍କ ଅଟ୍ଟହାସ୍ୟ ସାଙ୍ଗକୁ ନାମରଭକ୍ତ ହନୁମାନର ନୃତ୍ୟ ଏବଂ ମଧ୍ୟ କୁରଙ୍ଗୀର ମନ ମତାଣିଆ ଗତି ସାଙ୍ଗକୁ ଶ୍ରୀରାମଙ୍କ ରୋଦନ ଏବଂ ହନୁମାନର ଲଙ୍କା ଦହନ ଦୃଶ୍ୟ ଯିଏ ମାତ୍ର ଥରେ ଦେଖିଛନ୍ତି

ଛନ୍ତି ଟାଁଗ ମାନସ ପଟରୁ ସହଜରେ ଲିଭି ପାରେ ନାହିଁ। ରାତି ରାତି ଧରି ଏହା ଅଭିନୀତ ହୋଇ ଗ୍ରାଲେ ତାଳ ପତ୍ର ଘେରା ମୁକ୍ତ ରଙ୍ଗମଞ୍ଚ ଉପରେ ପୁରାତନ ସଂସ୍କୃତିର ବାର୍ତ୍ତା ବହନ କରି। ଶ୍ରୀରାମ ଲୀଳାର ଆରମ୍ଭରୁ ପ୍ରାୟ ପରିସମାପ୍ତି ଘଟିବା ପର୍ଯ୍ୟନ୍ତ ରାମପ୍ରେମୀ ଦର୍ଶକମାନେ ରାତିସାରା ଉଜାଗର ରହି ନିର୍ନିମେଷ ନୟନରେ ଅବଲୋକନ କରିଥାନ୍ତି ଏହି ଭକ୍ତି ରସାପ୍ଲୁତ ଲୀଳା ଯାତ୍ରାକୁ।

କେବଳ ଓଡ଼ିଶା କାହିଁକି ସାରା ଭାରତବର୍ଷରେ ମଧ୍ୟ ଏହି ପାରମ୍ପରିକ ଲୋକ ନୃତ୍ୟ ଶ୍ରୀରାମଲୀଳା ଯଥା ବିଧି ଅନୁସାରେ ବିଭିନ୍ନ ଭାଷାରେ ଏବଂ ବିଭିନ୍ନ ଶୈଳୀରେ ମହା ସମାରୋହରେ ନିଷ୍ଠାର ସହିତ ପାଳନ କରାଯାଇଥାଏ। ଆମ ଓଡ଼ିଶାରେ ଏ ପ୍ରଥାର ପ୍ରଚଳନ ବହୁ ପ୍ରାଚୀନ କାଳରୁ ହୋଇ ଆସୁଛି। ଏହା ଉତ୍କଳର ଏକ ପାରମ୍ପରିକ ଲୋକ ସଂସ୍କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାଲ୍ମୀକି ରାମାୟଣକୁ ଅତି ପ୍ରାଞ୍ଜଳଭାବେ ନାଟକୀୟ ଶୈଳୀରେ ରାମଲୀଳାରେ ଚିତ୍ରଣ କରାଯାଇଥାଏ। ଚରିତ୍ରାନୁଯାୟୀ ଭାଷା (ବଚନୀକା) ର ସାବଲୀଳତା ଏବଂ ଅଭିନୟରେ ଭାବର ଆଦାନ ପ୍ରଦାନ ବେଶ୍ ଚମତ୍କାରିତା ସୃଷ୍ଟି କରିଥାଏ। ବିଶେଷ କରି ଓଡ଼ିଶାର ଗଡ଼ଜାତ ଅଞ୍ଚଳ ଯଥା:-ନୟାଗଡ଼, ଆଠଗଡ଼, ବଡ଼ାମ୍ବା, ନରସିଂହପୁର, ଦଶପଲ୍ଲା, ଖୋର୍ଦ୍ଧା, ରଣପୁର, ବାଙ୍କି, ଖଣ୍ଡପଡ଼ା ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳମାନଙ୍କରେ ବର୍ଣ୍ଣିତ ରାମଲୀଳାର ଅଭିନୟ ବହୁଳ ଭାବେ ପରିଲକ୍ଷିତ ହୁଏ। ସ୍ଥାନେ ସ୍ଥାନେ ଏହି ରାମଲୀଳା କେବଳ (ବଚନୀକା) ସଂଳାପ ମାଧ୍ୟମରେ ଅଭିନୟ ହେଉଥିବା ସ୍ଥଳେ, ସ୍ଥାନେ ସ୍ଥାନେ ଏହା ଗୀତିନାଟ୍ୟ ବା ଯାତ୍ରା ଶୈଳୀରେ ଅଭିନୀତ ହୋଇଥାଏ। ଅନେକ ସ୍ଥାନରେ ଏହା କେବଳ ଛାନ୍ଦ କିମ୍ବା ଚଉପଦୀ ଆକାରରେ ଗାନ କରାଯାଇ ନାଟକୀୟ ଶୈଳୀରେ ଅଭିନୟ କରାଯାଇଥାଏ। ଉଦାହରଣ ସ୍ୱରୂପ:-"ଏତେ ବୋଲି ହନୁମାନ ଘୋର ରଡ଼ିକଲା" ଏଠାରେ ନିଜେ ହନୁମାନ ଚରିତ୍ରରେ ଅଭିନୟ କରିଥିବା କଳାକାର ଜଣକ ଏହା ବୋଲି, ଘୋର ରଡ଼ି ଛାଡ଼ି ନୃତ୍ୟ କରେ। ବିଶେଷ କରି ଆମର ଓଡ଼ିଶାରେ ବୈଶ୍ୟ ସଦାଶିବ, ବିଶ୍ୱନାଥ ଖୁଣ୍ଟିଆ ଭଣିତ ରାମଲୀଳା ଏବଂ ଗଣକବି ବୈଷ୍ଣବ ପାଣି ଏବଂ ଜଗନ୍ନାଥ ପାଣିଙ୍କ ବିରଚିତ ଗୀତିନାଟ୍ୟ ଢଙ୍ଗର ରାମଲୀଳା ପରିବେଷଣ ହେଉଥିବା ସ୍ଥଳେ, ଅନେକ ଅଞ୍ଚଳରେ ସେ ଅଞ୍ଚଳର ରାଜା କିମ୍ବା ପଣ୍ଡିତ ତଥା ଅନ୍ୟାନ୍ୟ ନାଟ୍ୟ ଗୁରୁମାନଙ୍କ ଦ୍ୱାରା ନିଜସ୍ୱ ରଚିତ ରାମଲୀଳା ପରିବେଷଣ କରାଯାଇଥାଏ। ପ୍ରକୃତରେ କହିବାକୁ ଗଲେ ଏହି ପାରମ୍ପରିକ ଲୋକନୃତ୍ୟ ରାମଲୀଳାକୁ ଯଦି ସାହିତ୍ୟିକ ଦୃଷ୍ଟି କୋଣରୁ ବିଚାର କରାଯାଏ, ତେବେ ଏହାର ସାହିତ୍ୟିକ ମୂଲ୍ୟବୋଧ ନିଶ୍ଚିତ ଭାବେ ରହିଛି ଏହା ନିଃସନ୍ଦେହରେ କୁହାଯାଇ ପାରେ। କେବଳ ସାହିତ୍ୟ କାହିଁକି, ତାତ୍ତ୍ୱିକ ଦୃଷ୍ଟି କୋଣରୁ ମଧ୍ୟ ଏହାର ତାତ୍ପର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ସାହିତ୍ୟ, ସଙ୍ଗୀତ, ସଂସ୍କୃତି ଏବଂ ଧର୍ମ ତଥା ତତ୍ତ୍ୱର ଅପୂର୍ବ ସମନ୍ୱୟ ଘଟିଥାଏ ଏହି ଲୋକନାଟକ ପବିତ୍ର ରାମଲୀଳା ଯାତ୍ରାରେ।

ରାମଲୀଳା କହିଲେ ଯେ କେବଳ ବେଶ ବିନ୍ୟାସ ବହୁଳ ଲୋକନୃତ୍ୟକୁ ବୁଝାଏ ତା' ନୁହେଁ। ବାସ୍ତବିକ୍ ଏହା ଏକ ପ୍ରକାର ନିଷ୍ଠା ଏବଂ ସଂହତିର ପ୍ରତୀକ ଯେଉଁ ବ୍ୟକ୍ତି ବିଶେଷ ଏହି ଲୀଳା ଯାତ୍ରାରେ ଅଂଶ ଗ୍ରହଣ କରନ୍ତି ତାଙ୍କୁ କେତେ ଗୁଡ଼ିଏ ନୀତିନିୟମ ମାନି ଚଳିବାକୁ ପଡ଼ିଥାଏ। ପବିତ୍ର ଶ୍ରୀରାମନବମୀ ଦିନଠାରୁ ସେମାନେ ପବିତ୍ରତା ଏବଂ ନିଷ୍ଠା ସହ ଶୁଦ୍ଧ ପୂତ ଚିତ୍ତରେ ସ୍ନାନ ତର୍ପଣ ସାରି, ନବ ବସ୍ତ୍ର ପରିଧାନ ପୂର୍ବକ ପ୍ରଭୁ ରାଜୀବଲୋଚନ ଶ୍ରୀରଘୁନାଥଙ୍କ ଉଦ୍ଦେଶ୍ୟରେ ପୂଜା ଅର୍ଚ୍ଚନା କରି, ନବ ଉପବୀତ ଧାରଣ କରିଥାନ୍ତି ଶ୍ରୀରାମଲୀଳା ଉଦ୍‌ଯାପନ ହେବା ପର୍ଯ୍ୟନ୍ତ। ଏହି ସମୟତକ ସେମାନେ ନିରାମିଷ ରହି ପରସ୍ପର ସହିତ ଘନିଷ୍ଠ ସମ୍ପର୍କ ରଖି ଏକତ୍ର ଅନ୍ନଆନ୍ନ ଭୋଜନ ଏବଂ ରାମଲୀଳା ଆଖଡ଼ାଘରେ ଏକତ୍ର ଶୟନ କରିଥାନ୍ତି। ଏପରିକି ଗୃହ ସହିତ ସେମାନଙ୍କର ସମ୍ପର୍କ ନ ଥାଏ କହିଲେ ଚଳେ। କେବଳ ସାଧାରଣ ବ୍ୟକ୍ତି କାହିଁକି, ଏହି ଲୀଳା ଯାତ୍ରାରେ ପ୍ରତ୍ୟେକ ଶ୍ରେଣୀର ବ୍ୟକ୍ତି ନିର୍ବିକାର ଭାବେ ଅତି ଭକ୍ତି ପୂତ ଚିତ୍ତରେ ଅଂଶ ଗ୍ରହଣ କରିଥାନ୍ତି। ଭେଦା ଭେଦ ଏବଂ ବାଛ ବିଚାରର କୌଣସି ସାମାଜିକ ନିୟମ ଏଥି ପ୍ରତି ଲାଗୁ ହୋଇ ନ ଥାଏ। ସମସ୍ତ ବ୍ରତଚାରୀ ଏକ ବିଶ୍ୱ ମୈତ୍ରୀ ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଜୀବନଦର୍ଶନକୁ ଉପଲବ୍ଧି କରି ଆମେ ଗୋଟିଏ ମାଆର ସନ୍ତାନ ମନେ କରି ଜାତୀୟ ସଂହତିର ଦୀକ୍ଷା ଗ୍ରହଣ କରିଥାନ୍ତି।

ବର୍ଣ୍ଣିତ ଲୋକନୃତ୍ୟ ରାମଲୀଳାରେ ଅତ୍ୟାଧୁନିକ ବେଶ ପରିପାଟୀ ଏବଂ ଅତ୍ୟାଧୁନିକ ବାଦ୍ୟଯନ୍ତ୍ରର ଆବଶ୍ୟକତା ଆଦୌ ନ ଥାଏ। ଆଜିକାଲି ରାମଲୀଳାରେ ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ଏବଂ ବେଶ ବିନ୍ୟାସର ବ୍ୟବହାର ପ୍ରାୟ ଦେଖାଗଲାଣି କିନ୍ତୁ ପ୍ରାଚୀନ କାଳରେ ଏସବୁର ପ୍ରଚଳନ ଆଦୌ ନ ଥିଲା। କେବଳ ମୃଦଙ୍ଗ, ମର୍ଦ୍ଦଳ, ଝାଞ୍ଜ, ମଞ୍ଜିରାରେ ରାମଲୀଳା ସଙ୍ଗୀତ ଗାନ କରାଯାଉଥିଲା। ଏହାର ବହୁଦିନ ପରେ ରାମଲୀଳାରେ ହାରମୋନିୟମ୍, ତବଲା, ବେହେଲା, କର୍ଣ୍ଣେଟ୍ ଏବଂ ଢୋଲକ ଆଦି ବାଦ୍ୟଯନ୍ତ୍ରର ବ୍ୟବହାର ଦେଖିବାକୁ ମିଳିଲା। ପ୍ରାଚୀନ କାଳରେ ଯେତେବେଳେ ବିଦ୍ୟୁତ୍‌ର ବ୍ୟବହାର ହୋଇ ନ ଥିଲା ସେତେବେଳେ ମଧ୍ୟ ପୋଲାଙ୍ଗ ଏବଂ ଜଡ଼ା ତେଲର ମଶାଲ ପ୍ରସ୍ତୁତ କରି, ରଙ୍ଗମଞ୍ଚର ଚତୁଃକୋଣରେ ମଶାଲ ଜାଳି ରାତି ରାତି ଧରି ରାମଲୀଳା ପ୍ରଦର୍ଶିତ ହେଉଥିଲା ମୁକ୍ତ ଆକାଶ ତଳେ। ବେଶ ପରିପାଟୀ କହିଲେ ଥିଲା କେବଳ କେତେ ଖଣ୍ଡ କୁସପକା ତନ୍ତ ବୁଣା ଶାଢ଼ୀ ଏବଂ କେତେ ଖଣ୍ଡ ଧଳା, ଗେରୁଆ ଏବଂ ହଳଦୀ ରଙ୍ଗର ମରଦପିନ୍ଧା ଯୋଡ଼। ରଙ୍ଗ କହିଲେ କେବଳ ହାଣ୍ଡିକଳା, ଗେରୁ, ସିନ୍ଦୁର, ହଳଦୀଗୁଣ୍ଡ ଏବଂ ବିଭିନ୍ନ ରଙ୍ଗର ମାଟିକୁ ହିଁ ବୁଝା ପଡୁଥିଲା। ବାଉଁଶ ତିଆରି ଧନୁ ଏବଂ ଟିଣ ପାତିଆ ତିଆରି ଖଣ୍ଡାରେ ସେତେବେଳର ରାମରାବଣ ଯୁଦ୍ଧର ରଣ ଝଙ୍କାର ବେଶ୍ ଉଚ୍ଚାଟ କରୁଥିଲା।

ଶ୍ରୀରାମ ନବମୀ ଅମାବାସ୍ୟାରୁ ରାମଲୀଳା ପାଇଁ ଆରମ୍ଭ ହୁଏ ବ୍ୟାପକ ପ୍ରସ୍ତୁତି ଏବଂ ରୀତିମତ୍ ଆଖଡ଼ା ସେଥିପାଇଁ ବହୁ ଦିନ ପୂର୍ବରୁ ରାମଲୀଳାରେ ବ୍ୟବହାର ହେଉଥିବା ବାଦ୍ୟଯନ୍ତ୍ର, ଅସ୍ତ୍ର ଶସ୍ତ୍ର, ପୋଷାକ ପତ୍ର, ମୁଖା, ଅଙ୍ଗସଜ୍ଜା ପାଇଁ ଅଳଙ୍କାର ଇତ୍ୟାଦିରେ ମରାମତି କରାଯାଇ ନୂଆ ରୂପ ଦିଆଯାଇଥାଏ। ପ୍ରତ୍ୟେକ

ରାମଲୀଳା ଦଳ ପାଇଁ ଥାଆନ୍ତି ନିର୍ଦ୍ଦିଷ୍ଟ ଶିକ୍ଷାଗୁରୁ ବା ଓସ୍ତାଦ୍ । ଗାଁର ନିଜ ନିଜର ଦୈନନ୍ଦିନ କର୍ମରୁ ଅବସର ପାଇଲେ ସନ୍ଧ୍ୟାରେ ଗାଆଁର ଆଖଡ଼ା ଘରେ ପର୍ଯ୍ୟାୟ କ୍ରମେ ଶୁଣିଲେ ରାମଲୀଳା ଆଖଡ଼ା । ତାଙ୍କର ରାମଲୀଳାରେ ନାଟ୍ୟ ଗୁରୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତାଙ୍କର ବିନା ନିର୍ଦ୍ଦେଶରେ ରାମଲୀଳାରେ କୌଣସି କାମ ହୋଇପାରେ ନାହିଁ । ସାଧାରଣତଃ ଗାଆଁର ଭାଗବତ ଟୁଙ୍ଗୀ, ମନ୍ଦିର ପରିସର, ସହରମାନଙ୍କର ବିଭିନ୍ନ ମଣ୍ଡପ ଏବଂ ବସ୍ତିର ମଧ୍ୟ ଭାଗରେ ଏବଂ ଗଡ଼ଜାତ ଅଞ୍ଚଳରେ ବିଶେଷ କରି ରାଜନଗର ପରିସର ମଧ୍ୟରେ ରାମଲୀଳା ଯାତ୍ରା ଅନୁଷ୍ଠିତ ହୋଇଥାଏ । ରାମଲୀଳା ଚାଲିଥିବା ସମୟରେ ସାଧାରଣ ଦର୍ଶକମାନେ ନିଜ ନିଜର ଅଭିଷ୍ଟ ପୂରଣ ପାଇଁ ମାନସିକ କରି ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ରାମଲୀଳା ଅନୁଷ୍ଠାନକୁ ଅର୍ଥ କିମ୍ବା ବିଭିନ୍ନ ସାମଗ୍ରୀ ପ୍ରଦାନ କରିଥାନ୍ତି । ରାମଲୀଳାର ବିଭିନ୍ନ ବିଷୟବସ୍ତୁ ମଧ୍ୟରୁ ବିଶେଷ କରି ରାମଜନ୍ମ, ତାଡ଼କାବଧ, ସୀତା ବିବାହ, ପର୍ଶୁରାମ ଭେଟ, ରାମବନବାସ, ସୀତାଚୋରି, ମଧୁବନଧ୍ୱଂସ, ଲଙ୍କାପୋଡ଼ି, ଅଙ୍ଗଦବିବାଦ, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜୀତବଧ, ତରଣୀସେନ ବଧ, ମହୀରାବଣ ବଧ, ରାବଣ ବଧ ଏବଂ ରାମାଭିଷେକ ପର୍ବ ଅତ୍ୟନ୍ତ ଚିତ୍ତାକର୍ଷକ । ରାମଲୀଳାରେ ଅଭିନୟ କରୁଥିବା ପ୍ରତି ଚରିତ୍ରରୁ, ସ୍ଥାନେ ସ୍ଥାନେ ଦେଖାଯାଏ, ହନୁମାନ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବ୍ୟକ୍ତିଙ୍କର ଭୂମିକା ଅତ୍ୟନ୍ତ ଲୋମହର୍ଷଣ କାରୀ ଏବଂ ଭାବୋଦ୍ଦୀପକ । ହନୁମାନର ସମୁଦ୍ର ଲଙ୍ଘନ, ସୀତାଠାବ, ଲଙ୍କା ପୋଡ଼ି ଏବଂ ଗନ୍ଧମାର୍ଦ୍ଦନ ପର୍ବତ ଆଣିବା ଦୃଶ୍ୟରେ ଏହି ବ୍ୟକ୍ତିଙ୍କର ଭୂମିକା ଅତୀବ ଗୁରୁତ୍ୱ ପୂର୍ଣ୍ଣ । ନିଜର ଭାବ ପ୍ରବଣତାରୁ ହେଉ କି ଭକ୍ତିମତ୍ତାରୁ ହେଉ, ହନୁମାନ ଭୂମିକାରେ ଅଭିନୟ କରୁଥିବା କଳାକାର ଜଣକ ଏକ ଅଲୌକିକ ଶକ୍ତିର ବଶବର୍ତ୍ତୀ ହୋଇ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟ ଜନକ କାଣ୍ଡ ମାନ ଘଟାଇଥାନ୍ତି । ରାମଲୀଳାରେ ମୁଖାର ପ୍ରଚଳନ ବହୁଳଭାବେ ପରିଲକ୍ଷିତ ହୁଏ । ଅନେକ ସ୍ଥାନରେ ଚରିତ୍ରମାନେ କେବଳ ମୁଖା ପିନ୍ଧି ଅଭିନୟ କରିଥାନ୍ତି । ଆଜିକାଲି ମୁଖାର ବ୍ୟବହାର ପ୍ରାୟ ଲୋପ ପାଇବାକୁ ବସିଲାଣି । ସ୍ଥାନେ ସ୍ଥାନେ ଏହି ମୁଖାର ସ୍ୱରୂପ ରାମଭକ୍ତ ହନୁମାନଙ୍କର ମୁଖା ରାମଲୀଳା ଚାଲିଥିବା ସମୟରେ ରଙ୍ଗମଞ୍ଚ ଉପରେ ଆସୀନ ହୋଇ ପୂଜା ପାଉଛି ।

ବାସ୍ତବରେ କହିବାକୁ ଗଲେ ଶ୍ରୀରାମଲୀଳାର ପ୍ରତ୍ୟେକ ବିଷୟବସ୍ତୁ ମନୋମୁଗ୍ଧକର ଏବଂ ଭକ୍ତି ରସାଣିତ । ରାମଲୀଳାର ଅଧିବାସ ପର୍ବ ଯେତିକି ଆନନ୍ଦ ଦାୟକ ସେହିପରି ରାମାୟଣର ଉତ୍ତର କାଣ୍ଡର ଶ୍ରୀରାମଙ୍କର ସ୍ୱର୍ଗାରୋହଣ ବା ଉଦ୍‌ଯାପନୀ ଉତ୍ସବ ସେତିକି ଦୁଃଖ ଦାୟକ ।

ରାମଲୀଳାର ଉଦ୍‌ଯାପନ ଦିନ ପ୍ରତି ଦର୍ଶକର ନୟନ କୋଣରୁ ଝରିଯାଏ ଅବାରିତ ଅଶ୍ରୁଧାରା । କାରଣ ଏତେଦିନ ଧରି ଚାଲିଥିବା ଲୀଳା ଯାତ୍ରାର ଆଜି ପରି ସମାପ୍ତି ଘଟୁଛି । ଉଦ୍‌ଯାପନୀ ଉତ୍ସବ ଦିନ ରାମଲୀଳାର ରଙ୍ଗମଞ୍ଚ ଉପରେ ପ୍ରତିଷ୍ଠିତ ହୋଇଥିବା ପ୍ରଭୁ ରାମଚନ୍ଦ୍ରଙ୍କର ମାଟିର ମୂର୍ତ୍ତି ସମ୍ମୁଖରେ ବୈଦିକ ରୀତିରେ ଯଜ୍ଞ ପୂଜା ଅନୁଷ୍ଠିତ ହୁଏ । ରାମଲୀଳା ଦଳର ସମସ୍ତ ସଭ୍ୟ ସେଠାରେ ନିଜନିଜର ଚରିତ୍ରାନୁଯାୟୀ ବେଶରେ ମଞ୍ଚ ଉପରେ ଶିକ୍ଷାଗୁରୁଙ୍କ ସହ ମଞ୍ଚାସୀନ ହୋଇଥାନ୍ତି । ପୂଜା ଅର୍ଚ୍ଚନାପରେ ରାମଲୀଳାର ପ୍ରତ୍ୟେକ ସଭ୍ୟ, ପାଦରେ ଅଳତା ଲଗାଇ, ଶ୍ରୀରାମଙ୍କର ବିସର୍ଜିତ ପ୍ରତି ମୂର୍ତ୍ତି ସହ, ପୂର୍ଣ୍ଣକୁମ୍ଭ ମସ୍ତକରେ ଧାରଣ କରି, ନାମସଂକୀର୍ତ୍ତନ ସହ ନଗର ପରିକ୍ରମା କରିଥାନ୍ତି । ଏହି ନଗର ପରିକ୍ରମା ସମୟରେ ସ୍ଥାନେ ସ୍ଥାନେ ସୋମନାଥ ବନ୍ଧାପନା ମଧ୍ୟ କରାଯାଏ । ନଗର ପରିକ୍ରମା ପରେ ନିକଟସ୍ଥ ନଦୀ କିମ୍ବା ପୁଷ୍କରିଣୀରେ ପୂର୍ଣ୍ଣକୁମ୍ଭ ଏବଂ ମୂର୍ତ୍ତି ଗୁଡ଼ିକୁ ବିସର୍ଜନ କରି ପୂର୍ବରୁ ଧାରଣ କରିଥିବା ବ୍ରତ ଏବଂ ଉପବୀତକୁ ଜଳରେ ବିସର୍ଜନ ଦିଅନ୍ତି । ଏହିଠାରୁ ବର୍ଷକ ପାଇଁ ଲୀଳାଯାତ୍ରାର ପରିସମାପ୍ତି ଘଟେ ।

ଅବଶ୍ୟ ଆଜି ଦୂରଦର୍ଶନରେ ରାମାୟଣର ବିପୁଳ ଉପସ୍ଥାପନା ହେଉଥିବା ବେଳେ, ପୁଣି ମନ ଚାଲିଯାଏ ସେହି ଗାଆଁର ଅଶୋକ ଗଛ ମୂଳେ ପୁରିଆ ବେହେରାର ଢୋଲକ ମାଡ଼ ସାଙ୍ଗକୁ ଅନନ୍ତ ପଧାନର ହନୁମାନ ଡିଆଁ ଆଡ଼କୁ । ସତରେ ଏହା କେତେ ହୃଦୟସ୍ପର୍ଶୀ ମନ ଭୁଲାଣିଆ ଲୋକ ନାଟକ । ସେଥିପାଇଁ କବି ଦୂର ବିଦେଶରେ ଥାଇ ଆପହରା ହୋଇ ଭାବ ବିହ୍ୱଳ କଣ୍ଠରେ ଗାଇ ଉଠିଛନ୍ତି ।

"ଦୂର ବିଦେଶରେ ଥାଇ ମନେ ପଡ଼େ
ଦିନ ଦି' ପହରିଆ ଝାମୁରେ ଚଲା
ଚଇତି ମାସର ଜହ୍ନ ପୋଖ ରାତେ
ରାମଲୀଳା ଦେଖା ରାତୀରେ ବୁଲା" ।

---

ପଦ୍ମସାହି,
ଆଠଗଡ଼ ଟାଉନ୍, କଟକ ।

ଜାତିର ଉନ୍ନତି
ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ ?
ଶାସ୍ତୁଣା ବିଲୁଆ
ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?
—ଉତ୍କଳ ଗୌରବ ମଧୁସୂଦନ ଦାସ

OGP-MP-PTS(I&PR)66-6,000-20-3-1991




ବିଧାନସଭା ଚତ୍ୱର ମଧ୍ୟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।



Vol. XLVII No.5 [illegible] No. 0-05/91
Licence No. C. R. N. P. 5-Licensed to post without Pre-payment



ସୈନିକ ସ୍କୁଲର ୨୯ତମ ବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଯୋଗଦାନ କରି କୃତୀ ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରୁଛନ୍ତି ।




ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓରେଡ଼ା ଦ୍ୱାରା ଆୟୋଜିତ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି ।

PRINTED AT ORISSA GOVERNMENT PRESS, CUTTACK-10

# ଉତ୍କଳ ପ୍ରସଙ୍ଗ

ମଇ -୧୯୯୧

ଜୟଦେବ ବିଶେଷାଙ୍କ




ପ୍ରଳୟପୟୋଧିଜଳେ ଧୃତ ବାନସି ବେଦମ୍
ବିହିତ ବହିତ୍ର ଚରିତ୍ର ମଖେଦମ୍
କେଶବ ! ଧୃତ ମୀନ ଶରୀର, ଜୟ ଜଗଦୀଶ ହରେ...

କ୍ଷିତିରତି ବିପୁଳତରେ ତବ ତିଷ୍ଠତି ପୃଷ୍ଠେ
ଧରଣୀ ଧରଣ କିଣ ଚକ୍ର ଗରିଷ୍ଠେ
କେଶବ ! ଧୃତ କଚ୍ଛପରୂପ, ଜୟ ଜଗଦୀଶ ହରେ...

